

# ପ୍ରୀତିର ପୂଜାରିଣୀ

ପ୍ରସନ୍ନ କୁମାର ମହାପାତ୍ର

ପ୍ରକାଶକ—
ଓଡ଼ିଶା ଜଗନ୍ନାଥ କମ୍ପାନୀ
ବାଲୁବଜାର, କଟକ-୨

ପ୍ରକାଶ ଓ ପରିଚାଳନା—
ଶ୍ରୀ ରଣଜିତ୍ ସିଂହ ବି. ଏ. (ଅନର୍ସ) ଡି. ଇଡି.
ବାଲୁବଜାର, କଟକ

ଚତୁର୍ଥ ମୁଦ୍ରଣ
ଜାନୁୟାରୀ, ୧୯୬୭

ମୂଲ୍ୟ ଦୁଇଟଙ୍କା ମାତ୍ର

ମୁଦ୍ରାକର—
ମହାମାୟା ପ୍ରେସ
ବୁଧାମାଚୌକ
କଟକ-୨

ପଦେ —

……………………ଚଇତାଳି ଅଷ୍ଟମୀ ଜହ୍ନର ଭଙ୍ଗା ଆଲୁଅ

ସାଥିରେ ଯେ ମୋତେ ଟାଣି ଆଣିଛି ଏ ଝରର ଭଗ୍ନ

ବକ୍ଷକୁ…… ……ଲୁବ୍ଧ ଲମ୍ପଟର ବନ୍ଧନକୁ ନିବଦ୍ଧ କରିବା

ପାଇଁ ଯେ ମୋର ଅନ୍ତର ତଳେ ଲେଟି ଦେଇଛନ୍ତି

ଅନୁଭୂତିର ବିଭୂତି……………………ଦୁନିଆଁ

ଦାଣ୍ଡରେ ଦଳି ଝୁଲିବା ପାଇଁ ଯେ ମୋର ଛିନ୍ନ

ଜୀବନର ଛିନ୍ନ ତନ୍ତ୍ରୀକୁ ଯୋଡ଼ି ବସିଛି

ନୂତନତାର ସନ୍ଧାନ ଦେଇ………

ଆଜି, ସେ ମୋ ପାଇଁ ସାଉଁଟି

ଆଣିଛି ଅବାସ୍ତବ ଆଲୋଚିକା

ସୁପ୍ତିପୁରୁ ଏ ଧୂଳିର ଧରଣୀ

ଉପରୁ—ତା'ର ଚରଣ

ତଳେ ଦୁଇଟି ଭଙ୍ଗା

ଗଢ଼ା ଜୀବନକୁ

ଓ ଜେ ଇଁ

ଦେଲି…

※

ରଖୀ ପୂର୍ଣ୍ଣିମା, ୧୯୫୭

ଝୁଠଣି

କଟକ

'ଝାବୁ'

ତନ୍ଦ୍ରଳ ନିଶୀଥିନୀ·· ······

କଳା ପଥରର ବୁକୁ ଚିରି ରଞ୍ଜନ ମାନ୍ଦଟା କେନାଲ ଉପରକୁ ଉଠିଲା । ବାହାରେ କଟିମିଟିଆ ଅନ୍ଧାର । ରଞ୍ଜନ ଛାତି ଭିତରେ ପ୍ରବଳ ଝଞ୍ଜା । ମଫସଲ ଗାଁ—ଚାରିଆଡ଼େ ଶୂନ୍ ଶାନ୍ । କେନାଲର କଳା ମିଚ ମିଚ ପାଣି ଛୋଟ ଛୋଟ ଲହରୀ ଭାଙ୍ଗି ଆଗେଇ ଚାଲିଛି । ଅଦୂରରେ ମଶାଣିପଦାର ଲଙ୍ଗଳା ବୁକୁ ଉପରେ କେତେଟା ଡାହାଣୀ ଓ ପିଶାଚୁଣୀଙ୍କର ତାଣ୍ଡବ ଲୀଳା ।

ରଞ୍ଜନ କେନାଲ ଉପରେ ଘଡ଼ିଏ ଠିଆ ହେଲା । କଳା ମିଚ ମିଚ ପାଣି ଆଡ଼କୁ ଦଣ୍ଡେ ଚାହିଁଲା । ତାପରେ ନିଜ ଘର ଆଡ଼କୁ ଟିକିଏ ମୁହଁ ଫେରାଇଲା । ଆଖିରେ ତାର ଆଖିଏ ଲୁହ । ଏଇ ଜନ୍ମଭୂମି, ଯେଉଁଠି ସେ ମଣିଷ ହୋଇଛି, ତାକୁ ଆଜି ଛାଡ଼ି ଚାଲିଯାଉଛି । ଘରେ ବୁଢ଼ୀ ମା'ଟି ଓ ବୁଢ଼ା ବାପା ରକ୍ତ ଦେଇ ମଣିଷ କଲେ । ଯେତେବେଳେ ଶୁଣିବେ ସେ ଘର ଛାଡ଼ି ଚାଲି ଯାଇଛି, ତାଙ୍କର କ'ଣ ହେବ ଅବସ୍ଥା ? ନା; ସେ ଘରକୁ ନିଶ୍ଚୟ ଫେରି ଯିବ । ପୁଣି ସେଇ ବାପ ମା'ଙ୍କ ପାଦତଳେ ମୁଣ୍ଡ

ନୁଆଁଇ ଦିନ ଗୁଡ଼ାକ ସୁରୁଖୁରୁରେ କାଟି ନେବ । ଗରିବର ସୁନା-ସଂସାର ଆପେ ଆପେ ବିକଶି ଉଠିବ । ......ପଞ୍ଜରା ଦୋହଲାଇ ଗୋଟାଏ ଦୀର୍ଘ ନିଶ୍ୱାସ ବାହାରି ଆସି ମିଳାଇ ଗଲା ଅନ୍ଧାରିଆ ବାୟୁ ମଣ୍ଡଳରେ ।

ଆଖି ଆଗରେ ଝଲସି ଉଠିଲା ଭବିଷ୍ୟତର ସବୁଜ କଳ୍ପନା, ଉଚ୍ଚ ଅଭିଳାଷକୁ ଚରିତାର୍ଥ କରିବାପାଇଁ ମନଟା ଚଞ୍ଚଳ-ଉଦ୍‌ବେଗ ହୋଇ ଉଠିଲା.........

ନାଁ, ସେ ଘରକୁ ଫେରିବ ନାହିଁ । ଯୁକ୍ତିକୁ ପଥରଠାରୁ ଆହୁରି ଶକ୍ତ କରିବାକୁ ପଡ଼ିବ । ଘରକୁ ଫେରିବାଟା ନିଜର ଦୁର୍ବଳତା । ବାପା, ମା' ତାକୁ ଜନ୍ମ ଦେଇଛନ୍ତି କିନ୍ତୁ କର୍ମ ତ ଦେଇ ନାହାନ୍ତି ! ମନ ଦେବତାଙ୍କ ଇଙ୍ଗିତ ସେ ପାଇଛି । ସେହି ଇଙ୍ଗିତରେ ଆଗେଇ ଚାଲିବ । ସେ ନିଶ୍ଚୟ ଯିବ ।

ଗାଁ ଭୂଇଁକୁ ଦୁଇହାତ ଯୋଡ଼ି ଥରେ ନମସ୍କାର କଲା । ନିଜର ବୃଦ୍ଧ ପିତାମାତାଙ୍କର ଉଦ୍ଦେଶ୍ୟରେ ପୁଣି ଥରେ ମୁଣ୍ଡରେ ହାତ ଲଗାଇଲା । ତା ପରେ ଶେଷଥର ପାଇଁ ତାର ଚିର ପରିଚିତ କେନାଲ ଆଡ଼କୁ ମୁହଁ ଫେରାଇଲା । ପାଣି ଗୁଡ଼ାକ ତାକୁ ଆଶୀର୍ବାଦ କରି ଘୁ—ଘୁ ଶବ୍ଦରେ ବହି ଚାଲିଛନ୍ତି । ମଶାଣିପଦାର ଆଲୁଅ ଗୁଡ଼ାକ ଖୁବ୍ ଜୋରରେ ଦପ୍ ଦପ୍ କରି ଉଠୁଛି ।

ରଞ୍ଜନ ପୁଣି ଥରେ ଗାଁ ଭୂଇଁ ଆଡ଼କୁ କରୁଣ ଦୃଷ୍ଟିରେ ଚାହିଁ ଆଗେଇ ଚାଲିଲା । ହୃଦୟରେ ନୂଆ ଆଶା, ଦେହରେ ନୂଆ ବଳ, ଏତେ ବଡ଼ ରାଜପଥରେ ସେ ଏକା । ଡର ନାହିଁ, ଭୟ ନାହିଁ, ସବୁ ଗାଁ ଭୂଇଁରେ ଛାଡ଼ି ଦେଇ ଆସିଛି ।

ଲକ୍ଷ୍ୟହରା ସେ । କେଉଁଠିକି ଯିବ ଜାଣେନା । ଆଖି ଦୁଇଟି ତାକୁ ଯେତେ ଦୂର ଟାଣି ନେବ ସେ ସେତେଦୂର ଯିବ । ଗଜା ବୟସର କଅଁଳିଆ ଟୋକା, ଭୟ କାହାକୁ ।

ଗାଁ ମୁଣ୍ଡ, ଅସନା, କାଦୁଅ, କଣ୍ଟା ମାଡ଼ି ଅଣନିଃଶ୍ୱାସୀ ହୋଇ ସେ ଚାଲିଛି । ବାଟ ଅବାଟ ସବୁ ତା ପାଖରେ ସମାନ । ତା ହୃଦୟ ଭିତରେ ଯେଉଁ ଝଞ୍ଜା ଉଠିଛି, ତା ତୁଳନାରେ ବାହାରର ବାଧା କିଛି ନୁହେଁ ।

ନିଥର ନିଶୀଥିନୀ । ସେ ଏକା । ଏହି ସୁପ୍ତା ଯାମିନୀରେ ରଞ୍ଜନର ଦୁଃଖର ସାଥୀ ଖଦ୍ୟୋତଙ୍କର ଅସ୍ପଷ୍ଟ ଆଲୋକ ତାର ପଥ ପ୍ରଦର୍ଶକ...... .....ଦୁଃଖରେ ରଞ୍ଜନର ଆଖି ଓଦା ହୋଇ ଆସିଲା......

× × × ×

କଟକ ସହରର ନାମଜାଦା ଓକିଲଙ୍କର ଗୋଟାଏ ପ୍ରକାଣ୍ଡ ତିନିତାଲା କୋଠା ଠିକ୍ କାଠଯୋଡ଼ି କୂଳରେ । ଓକିଲ ଶ୍ରୀ ବନବିହାରୀ ମହାନ୍ତିଙ୍କ କ୍ଷୁଦ୍ର ପରିବାରଟି ପାଞ୍ଚୋଟି ପ୍ରାଣୀଙ୍କୁ ନେଇ ଗଠିତ । ଓକିଲ ନିଜେ ତାଙ୍କ ସ୍ତ୍ରୀ, ଦୁଇଟି ଝିଅ—ସୁପ୍ରିୟା ଓ ସୁଜାତା, ଆଉ କୋଡପୋଛା ପୁଅଟିଏ । ତା'ଛଡ଼ା ଚାକର ପୂଜାରୀ ବହୁତ । ଝିଅଦୁଇଟି ବୟସରେ ଅଳ୍ପ ସାନବଡ଼ ହେଲେ ମଧ୍ୟ ଠିକ୍ ଯାଆଁଳା ଭଉଣୀ ପରି ଦେଖାଯାଆନ୍ତି । ରୂପରେ କେହି କାହାକୁ ଊଣା ନୁହନ୍ତି । ଗୋରା ତକ୍ ତକ୍ ଚେହେରା ଉପରେ କୁଞ୍ଚିତ କେଶର ଗୁଚ୍ଛ ଓ ତା ସାଙ୍ଗକୁ ଆଧୁନିକ ଧରଣର ସାଲୁଆର ଫ୍ରକ୍ ଓ ବକ୍ଷ ବେଷ୍ଟନ କରି ଖଣ୍ଡେ ଲେଖା ଲାଲ୍-ଦୋ-ପଟ୍ଟା ।

ପାଦରେ ହାଇହିଲ୍ ଯୋତା । ବା ଟରେ ବାଟୋଇ ମଧ୍ୟ ସୌନ୍ଦର୍ଯ୍ୟରେ ଆତ୍ମବିଭୋର ହୋଇ ଉଠେ ।

ଗୁଣରେ ମଧ୍ୟ କେହି କାହାଁକୁ ଊଣା ନୁହନ୍ତି । ବଡ଼ଭଉଣୀ ସୁପ୍ରିୟା ରେଭେନ୍‌ସା କଲେଜର ପ୍ରଥମ ବାର୍ଷିକ ବିଜ୍ଞାନ ଛାତ୍ରୀ । ଆଉ ସାନ ସୁଜାତା ପଢ଼େ ଗାର୍ଲସ୍କୁଲର ଦଶମ ଶ୍ରେଣୀରେ । ବଡ଼ ଭଉଣୀର ସୌନ୍ଦର୍ଯ୍ୟ ଦେଖି କଲେଜ ଛାତ୍ରମାନେ ତାର ନାମ ଦେଇଥାନ୍ତି 'କଲେଜ କୁଇନ' । କେତେଟା ମାଟମନା ପିଲା ସୁପ୍ରିୟାର ସାମନା ସାମନି ମଧ୍ୟ 'କଲେଜ୍ କୁଇନ୍' ପଦଟା କହି ଦେବାକୁ ଭୁଲନ୍ତି ନାହିଁ ।

ଠିକ୍ ସନ୍ଧ୍ୟାହେଲେ କଲେଜ ଟୋକାମାନେ ଘଣ୍ଟି ଟିଂ...ଟିଂ କରି ସୁପ୍ରିୟା ଘର ସାମନା ଦେଇ କାଠଯୋଡ଼ି କୂଳ ଆଡ଼େ ସାଇକେଲ ଛୁଟାଇ ଦିଅନ୍ତି । ଆହୁରି ଅନେକ ରାସ୍ତା ଥିଲେ ମଧ୍ୟ ସେହି ରାସ୍ତା ଦେଇ କାଠଯୋଡ଼ି କୂଳକୁ ସବୁ ପିଲାମାନଙ୍କର ସାଇକେଲ୍ ଆଗାଏ । କାଠଯୋଡ଼ି ପବନ ଆବଶ୍ୟକ ନ ଥିଲେ ମଧ୍ୟ ସୁପ୍ରିୟା ଦେବୀଙ୍କର ଚରଣ ଯୁଗଳକୁ ଦେଖିବାର ବାସନା ହୃଦୟରେ ଧରି ବହୁତଗୁଡ଼ିଏ କଲେଜ ପିଲା କାଠଯୋଡ଼ି କୂଳରେ ଦୁଇ ତିନି ଘଣ୍ଟା ସମୟ ନଷ୍ଟ କରିବାକୁ ଭୁଲନ୍ତି ନାହିଁ । ସୁପ୍ରିୟା-ଦେବୀଙ୍କର ରୂପଶ୍ରୀ କଟକ ସହରଟାଯାକ ବିଷାକ୍ତ କରି ନ ପକାଇ ଥିଲେ ମଧ୍ୟ କେତେଟା ଷ୍ଟ୍ରେଟ ଷ୍ଟ୍ରେଟ ଗଳିକୁ ବାଦ୍ ଦେଲେ ବାକି ସବୁଆଡ଼େ ଚହଟି ଉଠିଥିଲା । ସକାଳୁ ଉଠି ହରିନାମ ବଦଳରେ ସମସ୍ତଙ୍କ ମୁହଁରୁ ନିଦୁଆ ହାଇ ସହିତ ବାହାରିଆସେ—'ହାଉ୍ମେର ଡାର୍ଲିଂ ସୁପ୍ରିୟା' । ସୁପ୍ରିୟା ଦେବୀଙ୍କ ମୁହଁରୁ ପଦେ କଥା ଶୁଣିବା ପାଇଁ କଲେଜ ପିଲାମାନଙ୍କ ମଧ୍ୟରେ ପ୍ରତିଯୋଗିତା ହୁଏ ।

ବନବିହାରୀ ବାବୁଙ୍କର ତିତାଲ କୋଠାକୁ ଲଗି ଖଣ୍ଡେ ଏକ ମହଲା ଛୋଟଘର । ଘରର ମାଲିକ ଘରଟିକୁ ଭଡ଼ାଦେବା ଉଦ୍ଦେଶ୍ୟରେ ଖଣ୍ଡେ ପଟା, ଘର ଆଗରେ ଝୁଲାଇ ଦେଇ ଥାଆନ୍ତି । ସେହି ଘରର ଅଗଣାରେ ଠିଆହେଲେ ବନବିହାରୀ ବାବୁଙ୍କ ତି-ତାଲ ଝରକାଟି ସ୍ପଷ୍ଟ ଦେଖାଯାଏ ।

ଦୁଇ ବର୍ଷ ହେବ ଜଣେ ବିଦେଶୀ ସେ ଘରକୁ ମାସିକ ଦଶଟଙ୍କା ଭଡ଼ାଦେଇ ରହୁଛନ୍ତି । ବିଦେଶୀ ବାବୁ ଜଣକ ଗୋଟିଏ ମାରୱାଡ଼ି ପାଖରେ ସତୁରି ଟଙ୍କାରେ ଗୁମାସ୍ତା କାମ କରନ୍ତି ଓ ସାଇନ୍‌ସ୍ କଲେଜରେ ନୂଆହୋଇ ନାମ ଲେଖାଇଛନ୍ତି । ବାବୁଟି ବଡ଼ ଗରିବ । ବାହାରର ଆଭିଜାତ୍ୟ ଭିତରେ ନିଜକୁ ସଜାଇବାଲାଗି ପାଖରେ ଟଙ୍କା ଅଭାବ । ତେଣୁ ସେ ଅଭାବର ଦାସ ହୋଇ ସାହେବୀ ପୋଷାକ ଛାଡ଼ି ଦେଶୀ ପୋଷାକ ପିନ୍ଧନ୍ତି । ଖଣ୍ଡେ ଧୋତି, ଖଣ୍ଡେ ପଞ୍ଜାବୀ ଓ ହଳେ ଚପଲରେ ସୁରୁଖୁରୁରେ କାମ ଚଳାଇ ନିଅନ୍ତି । ସମସ୍ତେ ତାଙ୍କୁ ନିରଞ୍ଜନ ବୋଲି ଡାକନ୍ତି । ଆଉ ଅଧିକା ତାଙ୍କ ବିଷୟରେ କେହି ଜାଣିନି ।

ନିରଞ୍ଜନ ବଡ଼ ମେଧାବୀ ଓ ଚରିତ୍ରବାନ୍ । ଦିନଯାକ ସେ ନିଜ କାମରେ ବ୍ୟସ୍ତ ଥାଏ । କର୍ମମୟ ଜୀବନରେ ଟିକିଏ ଅବସର ପାଇଲେ ନିଜର ଅବଶ ଶରୀରକୁ ବିଛଣା ଦେହରେ ମେଲେଇ ଦିଏ । ବାହାର ଦୁନିଆ ବିଷୟରେ କୌଣସି ଖବର ରଖିବାକୁ ସେ ସମୟ ଖୋଜି ପାଏନା ।

ତେହେରଷ୍ଠା ଗୋଟାଏ ରଜାଘରର ପୁଅ ପରି । ଗୋରା ତକ୍ ତକ୍ ବଳିଷ୍ଠ ଦେହ । ତା ସାଙ୍ଗକୁ ଧୋତି ଓ ପଞ୍ଜାବୀ ଖଣ୍ଡିକ ବଡ଼ ମନାଏ ତାକୁ । କଲେଜ ଯୁବକଙ୍କର ସୁପ୍ରିୟାକୁ ଦେଖିବାର ଝୁଙ୍କ

ଦେଖି ସେ ସେମାନଙ୍କୁ ଶିକ୍ଷା ଦିଏ । ସେ ନିଜେ ସୁପ୍ରିୟା ଦେବୀଙ୍କ ଘରପାଖରେ ରହି ମଧ୍ୟ ଦିନେ ହେଲେ ତାଙ୍କ କୋଠାଆଡ଼କୁ ନଜର ଦେଉନି—ଏହି ବିଷୟ ପିଲମାନଙ୍କୁ କୁହେ । ସାଥୀପିଲ-ମାନେ ନିରଞ୍ଜନର ଏପରି କଥା ଶୁଣି ମନ ପୁରେଇ ପରିହାସ କରି କୁହନ୍ତି ନିରଞ୍ଜନ ତ 'ଅଲେଖ ନିରଞ୍ଜନ' ଦୀକ୍ଷା ଗ୍ରହଣ କରି ହିମାଳୟକୁ ଯିବ । ସୁପ୍ରିୟା ପ୍ରତିଦିନ ନିରଞ୍ଜନକୁ ଦେଖେ କଲେଜରେ । କିନ୍ତୁ ଦିନେ ହେଲେ ତାଠାରୁ ଅଭଦ୍ର ବ୍ୟବହାର ସେ ପାଇନି । ତା'ର ସରଳ, ନିରାଡ଼ମ୍ବର ଜୀବନ ଗୋଟାଏ ବିରାଟ ଅନୁରାଗ ଲେପି ଦେଉଛି ସୁପ୍ରିୟାର ମାନସ ପଟରେ । ସେ ଆତ୍ମ-ବିଭୋର ହୋଇ ଉଠିଛି ନିରଞ୍ଜନର ବ୍ୟବହାର ଓ ରୂପରେ । ତାର ଅଜାଣତରେ କେତେବେଳେ ଯେ ତା ମନ ଗହନର ଚମ୍ବକ ପଥରରେ ନିରଞ୍ଜନର ଲୌହ ପ୍ରତିବିମ୍ବ ଲାଗି ରହି ଯାଇଛି, ତାହା ସେ ନିଜେ ମଧ୍ୟ ବୁଝି ପାରିନି ।

ସୁପ୍ରିୟା ଏଥର ପ୍ରତିଦିନ କଲେଜ ଯିବବେଳେ ନିରଞ୍ଜନର ସାକ୍ଷାତ କଥା ଭାବେ । ନିରଞ୍ଜନକୁ ଦିନେ ନ ଦେଖିଲେ ସେ ନିଜକୁ ବଡ଼ ନିଃସହାୟା ମନେ କରେ । ମନ ବଡ଼ ଅଥୟ ହୋଇ ଉଠେ । ଇଚ୍ଛାହୁଏ ଅନ୍ୟ କାହାକୁ ତା ବିଷୟ ପଚାରି ଦିଅନ୍ତା । କିନ୍ତୁ ପାରେନି, ଜିଭ ଅଗଯାଏ କଥାଗୁଡ଼ାକ ବାହାରି ଆସି ପୁଣି ଫେରିଯାଏ । ଆଉ ପଚାରି ପାରେନି ।

ବେଳେ ବେଳେ ସେ ଏକାଟିଆ ବସି ନିରଞ୍ଜନର କଥା ଭାବେ । କିଏ ସେ ? ଘର ତାର କେଉଁଠି ? ଇତ୍ୟାଦି ଇତ୍ୟାଦି । କିନ୍ତୁ ନିଜେ କିଛି ସମାଧାନ କରି ପାରେନି । ସୂତାପରି ତା'ର ଭାବନା ଅଡ଼ୁଆ ଧରି ବସେ । ସେ ଖିଅ ଖୋଜି ପାଏନା । ଭାବେ ନିରଞ୍ଜନ ସହିତ କଥାବାର୍ତ୍ତା ହୋଇ ତାର ହୃଦୟର ଆବେଗ

ସବୁ ଅଜାଡ଼ି ଦିଅନ୍ତା, ତା ପାଦତଳେ । କିନ୍ତୁ ସାହସ ହୁଏନା । ଭୟ ଲାଗେ । କାଲେ ବାପା ଜାଣିବେ ।

ଦିନକର କଥା । ଫୁଲ ସଞ୍ଜ । ଗୋଧୂଳିର ରକ୍ତିମ ରଶ୍ମି ସାଥିରେ ଚକ୍ରବାଳ ଚକ୍ରୁ ଉଠି ଆସିଛି ପୂର୍ଣ୍ଣିମାର ଭରା ଚନ୍ଦ୍ର । କଅଁଳିଆ ନାଲିରଙ୍ଗ ପୂରାପୂରି ଯାଇନି । ଆକାଶରେ ଖଣ୍ଡେ ଖଣ୍ଡେ ଧଳା ମେଘ । ନିରଞ୍ଜନ ଅଗଣାରେ ଥିବା ହେନା ଫୁଲର ଗଂଧ ଚହଟି ଉଠୁଛି ପବନର ହିଲ୍ଲୋଳରେ । ସେ ଅଗଣାରେ ଖଣ୍ଡେ ବେତ ଚୌକି ପକାଇଦେଇ ବସିଛି । ଚାହିଁ ରହିଛି ଗୋଟିଏ ଅର୍ଦ୍ଧପ୍ରସ୍ଫୁଟିତ ଗୋଲାପ କଢ଼ିକୁ ।

ନିରଞ୍ଜନ ଆଜି କଲେଜ୍ ଯାଇନି । ସେଥିପାଇଁ ସୁପ୍ରିୟାର ମନ ଭଲ ନାହିଁ । କଲେଜ୍‌ରୁ ଫେରି ବହିତକ ଟେବୁଲ୍ ଉପରେ ଥୋଇ ଦେଇ ସିଧା ଯାଇ ଛାତ-ଚାଲ ଉପରେ ହାଜର । ଝରକାଟି ଖୋଲି ଚାହିଁ ଦିଏ ତ ନିରଞ୍ଜନ ବସିଛି ଅଗଣାରେ । ଭାବିଲି ଡାକି ଦେବ । ସାହସ ହେଲାନି । ବହୁତ ସମୟ ମୁକ୍ତ ବାତାୟନର ଫାଙ୍କ ଦେଇ ଚାହିଁ ରହିଲା ନିରଞ୍ଜନ ଆଡ଼େ । ବାଳଗୁଡ଼ିକ ଯତ୍ନ ଅଭାବରୁ ମୁକୁଳିତ, ଚନ୍ଦ୍ରର କିରଣ ସହିତ ଦମକାଏ ଲେଖାଁ ଶୀତଳ ମଳୟ ଆସି ସେଗୁଡ଼ିକୁ ଆହୁରି ଅଡ଼ୁଆ କରି ପକାଉଛି । କିନ୍ତୁ ନିରଞ୍ଜନ ସେହିପରି ଚିନ୍ତାମଗ୍ନ । ଭାବିଯାଉଛି କେତେ କ'ଣ, ଆକାଶ ଆଉ ପାତାଳ ।

ତାର ଭାବନାରେ ବାଧା ଦେବାପାଇଁ ସୁପ୍ରିୟା ନିଜର ବେହେଲାଟି ଆଣି ଗୋଟିଏ କରୁଣ ମୂର୍ଚ୍ଛନା ତୋଳି ଦେଲା । ମୂର୍ଚ୍ଛନାଟି ବାୟୁ ସ୍ରୋତରେ ଭାସିଯାଇ ନିରଞ୍ଜନ କାନରେ ବାଜିଲା । ନିରଞ୍ଜନର ଭାବନା ଗୋଳମାଳ ହୋଇ ଉଠିଲା । ସେ ମୁହଁ ଟେକି ଚାହିଁଦିଏ ତ ଛାତ ଝରକାର ଗୋଟିଏ

ରେଲିଂକୁ ଧରି ଠିଆ ହୋଇଛି ସୁପ୍ରିୟା । ମୁକ୍ତ କେଶ । ଘର ଭିତରେ ଆଲୁଅରୁ ନିରଞ୍ଜନ ସୁପ୍ରିୟାକୁ ଚିହ୍ନି ପାରିଲା ବେଶ୍ । ସନ୍ଧ୍ୟା ବେଳର ଭିଜା ପବନ ମନରେ କେମିତି ଗୋଟାଏ ଶୃଙ୍ଖଳା ସୃଷ୍ଟି କଲା । ନିରଞ୍ଜନ ଅନାଇ ରହିଲା ·········ଯିମିତି ତା ଜୀବନରେ ଗୋଟାଏ ନୂଆ ଅନୁଭୂତି ।

ବଡ଼ ବିବ୍ରତ ହୋଇ ଉଠିଲା ନିରଞ୍ଜନ । ଏତେ ଦିନର ସାଧନା ତାର କ'ଣ ଆଜି ବ୍ୟର୍ଥ ହେବ ? ନା, ତା ସେ କେବେ କରଇ ଦେବନି । ହଠାତ୍ ଚୌକି ଛାଡ଼ି ଘର ଭିତରକୁ ଉଠି ଚାଲିଗଲା । ପୂର୍ବାସ୍ତ ଆଲୁଅ ଜାଳି ଦେଇଥିଲା । ମୁଣ୍ଡରେ ଅସରନ୍ତି ଭାବନା ଧରି ସେ ଖଟ ଉପରେ ଶୋଇପଡ଼ିଲା । କେତେବେଳେ ତାକୁ ନିଦ ହୋଇ ଯାଇଛି ତା ସେ ଜାଣିନି ।

ରାତି ଅଧ । ସବୁଆଡ଼ ଶୁନ୍‌ଶାନ୍ । ନିରଞ୍ଜନ ସ୍ୱପ୍ନ ଦେଖୁଛି— 'କଲେଜ୍ କୁଇନ' ଆସିଛି । ଦେହରେ ଖଣ୍ଡେ ପତଳା ଶାଢ଼ୀ । ତା ତଳୁ ତାର ରୂପଶ୍ରୀ ସ୍ପଷ୍ଟ ଫୁଟି ଉଠୁଛି । ବେହରଣ ନିହାତି ଅସଂଯତ । ଶେମ୍ପୁ ପଡ଼ି ମୁକୁଳା କେଶ । ସେ ନିରଞ୍ଜନର ଗୋଟିଏ ହାତ ଧରି ଠିଆ ହୋଇଛି । ଆଖିରେ ସେକ୍ସପିଅର ବ୍ୟାକୁଳ ଗୃହାଣୀ । ଥରିଲା ଅଧରରେ ସମ୍ଭୋଗର ଲାଳସା । ସ୍ୱପ୍ନରେ ସୁପ୍ରିୟା ନିରଞ୍ଜନ ପ୍ରାଣରେ ଶତଯୁଗର ଆକୁଳତା ଜମାଇଦେଲା । ନିରଞ୍ଜନ ଯୁବକ । ତାଜା ରକ୍ତ । ଉଠିଯାଇ ଟାଣିଆଣିଲା ନିଜ କୋଳକୁ—ଆଙ୍କିଦେଲା ତାର ନାଲି ଟୁକୁ ଟୁକୁ ଅଧରରେ ଗୋଟିଏ ଗାଢ଼ ଚୁମ୍ବନର ରେଖା । ଥରି ଉଠିଲା ସୁପ୍ରିୟା+++ ଗୋଟାଏ ମଧୁ ଯାମିନୀର ଅଭିନବ ମଧୁର ଅନୁଭୂତି ।

ଗୁଡ଼ୁଁକରି ନିରଞ୍ଜନର ନିଦଟା ଭାଙ୍ଗିଗଲା । ବାହାରେ ଭିତରେ, ସବୁଆଡ଼େ ପୂର୍ଣ୍ଣ ନୀରବତା । ବଡ଼ ଦୁର୍ବଳ ଓ ଅବଶ

ଲାଗିଲା ତାକୁ । ଦେହଟା ବାରମ୍ବାର ଶିହରି ଉଠିଲା । ଓଠରେ ହସଟିଏ ଟାଣି ଶୋଇ ପଡ଼ିଲା ପୁଣି । ପାଟିରୁ ତା'ର ବାହାରି ଆସିଲା ସୁ-ପ୍ରିୟା ।

ଯେତେବେଳେ ପୂଝାରୀ ଡାକରେ ନିରଞ୍ଜନର ନିଦ ଭାଙ୍ଗେ, ଟେବୁଲ୍ ଘଣ୍ଟାକୁ ଚାହିଁ ଦେଖିଲା ନଅଟା । ସୂରୁଯ ଦେବତା ହସି ହସି ଲାଲ କିରଣ ବେହରଣରେ ଆକାଶର ଚଉଠେ ଅଂଶ ଚପି ଗଲେଣି । ତରତର ହୋଇ ବିଛଣା ଉପରୁ ଉଠି-ଆସିଲା । ଆଖି ଆଗରେ ତାର ନାଚିଗଲା ବିରାଟ ଭବିଷ୍ୟତ । ଛି, ଏତେ ଦୁର୍ବଳ ଯେ ! ସାମାନ୍ୟ ରୂପସୀର ଆକର୍ଷଣରେ ସେ କ'ଣ ଲକ୍ଷ୍ୟହରା ନାଆ ପରି ଭାସି ବୁଲିବ ? ତାର କ'ଣ ଭବିଷ୍ୟତ ସମସ୍ତ ଯୋଜନା ଧୂଳିସାଥ ହୋଇଯିବ ?

ବାବୁ, ଆପଣଙ୍କୁ ଓକିଲ ବାବୁ ଡକାଇଛନ୍ତି । ଅତି ଶଙ୍କିତ ଗଳାରେ ପୂଝାରୀ କହିଲା ।

ତୋତେ କିଏ କହିଲା ?

—ବାହାରେ ତାଙ୍କ ଚାକର ଠିଆ ହୋଇଛି ।

ନିରଞ୍ଜନ ପଦାକୁ ଛୁଟି ଆସିଲା । ବାହାରେ ବନବିହାରୀ ବାବୁଙ୍କ ଚାକର ଠିଆ ହୋଇଛି । ପଚାରିଲା କୁ କୁଆଡ଼େ ?

— ଆପଣଙ୍କୁ ଓକିଲବାବୁ ଡାକୁଛନ୍ତି ।

—କହିଦେବୁ, ମୁଁ ଟିକିଏ ପରେ ଯାଉଛି ।

ଘର ଭିତରକୁ ଚାଲିଆସିଲା ନିରଞ୍ଜନ । ଭୟରେ ତାର ସର୍ବାଙ୍ଗ କମ୍ପି ଉଠିଲା । ଗତ ସନ୍ଧ୍ୟାବେଳର ସମସ୍ତ ଦୃଶ୍ୟ ତା ଆଖି ଆଗରେ ଝଲସି ଉଠିଲା । ତେବେ କ'ଣ ଓକିଲ ବାବୁ ସବୁ ଦେଖି ପାରିଲେ ? କିନ୍ତୁ ତା'ର ତ କୌଣସି ଭୁଲ ନାହିଁ ।

ଭୁଲ୍ ଯଦି ଥାଏ ତେବେ ସୁପ୍ରିୟାର । ଏମିତି ଭାବନାର ଝଡ଼ ତୋଫାନ ଭିତରେ ସେ ଯାଇ ବନବିହାରୀ ବାବୁଙ୍କର ଦରଜା ପାଖରେ ପହଞ୍ଚିଲା ।

ଦରଓ୍ୱାନ ସଲାମ୍ ବଜାଇ ରାସ୍ତା ଛାଡ଼ି ଦେଲା । ନିରଞ୍ଜନ ସିଧା ଯାଇ ବନବିହାରୀ ବାବୁଙ୍କର ଡ୍ରଇଂ ରୁମ୍ ଭିତରେ ବସି ରହିଲା ।

ବନବିହାରୀ ବାବୁଙ୍କର ସବୁ ସାହେବୀ କାରବାର । କେହି ବାବୁଙ୍କୁ ଦେଖା କରିବାକୁ ହେଲେ ତାକୁ କଲିଂ ବେଲ୍ ବଜାଇବାକୁ ହୁଏ । ସେ କାଇଦା ନିରଞ୍ଜନକୁ ଜଣାନାହିଁ । ସେ ଚୁପ୍ ହୋଇ ବସି ରହିଛି । ଅଧଘଣ୍ଟାଏ କଟି ଗଲାଣି ।

—ଆପଣ କେତେବେଳୁ ? ନମସ୍କାର ।

ନିରଞ୍ଜନ ଏପରି କଣ୍ଠସ୍ୱର ଶୁଣିବାକୁ ସେତେବେଳେ ଆଦୌ ପ୍ରସ୍ତୁତ ନ ଥିଲା । ହଠାତ୍ ପଛକୁ ଫେରି ଚାହେଁ ତ ସୁପ୍ରିୟା ଠିଆ ହୋଇ ହସୁଛି । ନିରଞ୍ଜନ ଚାହିଁ ପାରିଲା ନାହିଁ । ଆଖି ତାର ଆପେ ନଇଁ ଆସିଲା ।

ସୁପ୍ରିୟାର ଚକ୍ଷୁ ସ୍ଥିର । ସେ ଅପଲକ ନୟନରେ ଚାହିଁ ରହିଛି ନିରଞ୍ଜନ ଆଡ଼କୁ । ନିରଞ୍ଜନ ନୀରବ ରହିବା ଦେଖି ସେ ଆଉ ଟିକିଏ ପାଖକୁ ଘୁଞ୍ଚି ଆସି ଦରଦ ମିଶା କଣ୍ଠରେ କହିଲା— ମୋ ଉପରେ ରାଗିଲେ କି ?

ନାଁ । ଦୟାକରି ଆପଣଙ୍କ ବାପାଙ୍କୁ ଟିକିଏ ଡାକି ଦିଅନ୍ତୁ ! ସେହିପରି ତଳକୁ ଚାହିଁ ଜବାବ୍ ଦେଲା ନିରଞ୍ଜନ । ସ୍ୱର ବଡ଼ ଗମ୍ଭୀର ଅଥଚ କୋମଳ ।

ଯଦି ମୁଁ ଡାକି ନ ଦିଏ ? କଟାକ୍ଷ ହାଣି କହିଲା ସୁପ୍ରିୟା ।

—ତେବେ ମୁଁ ବାଧ୍ୟ ହେବ ଚାଲି ଯିବାକୁ ।

ନିରଞ୍ଜନର ଏପରି ଉତ୍ତରରେ ସୁପ୍ରିୟାର ଅଭିମାନ ବନ୍ଧ ଭୁଷୁଡ଼ି ପଡ଼ିଲା । ସେ ଉଠି ଚାଲିଗଲା । କିଛି ସମୟ ପରେ ବନବିହାରୀ ବାବୁଙ୍କ ସହିତ ପୁଣି ଫେରି ଆସିଲା ।

ବନବିହାରୀ ବାବୁଙ୍କୁ ଦେଖି ନିରଞ୍ଜନ ଚୌକି ଛାଡ଼ି ନମସ୍କାର କଲା । ଓକିଲ ବାବୁ ପ୍ରତିନମସ୍କାର ଜଣାଇ ଖଣ୍ଡେ ଚୌକି ଅଧିକାର କଲେ ଓ ନିରଞ୍ଜନକୁ ବସିବାପାଇଁ ନିର୍ଦ୍ଦେଶ ଦେଲେ । ସୁପ୍ରିୟା କିଛି ଦୂରରେ ଠିଆ ହୋଇଥାଏ ।

—ତୁମର ଘରଟା କେଉଁଠି ନିରଞ୍ଜନ ? ଓକିଲ ବାବୁ ପଚାରିଲେ ।

—ବହୁତ ଦୂରରେ ଆଜ୍ଞା । ଗୋଟାଏ ନିପଟ ମଫସଲ ଭିତରେ ।

—ତୁମର ଏଠାରେ ରହି ପଢ଼ିବାର କାରଣ ?

—ଗାଁ'ରେ ଉଚ୍ଚ ଶିକ୍ଷାର ଆଶା ନାହିଁ ।

—ତୁମର ବାପା କ'ଣ ଜୀବିତ ?

—ହିଁ ।

—ସେମାନେ ତୁମକୁ କିଛି ସାହାଯ୍ୟ ଦିଅନ୍ତି ନାହିଁ ?

—ତାଙ୍କର ଅବସ୍ଥା ଅନୁମତି ଦେଉନି ।

—ଆଚ୍ଛା ତୁମେ ତୁମ କ୍ଲାସ୍‌ରେ ଭଲ ପଢ଼ ବୋଲି ସୁପ୍ରିୟା କୁହେ । ଆଜଠାରୁ ମୋର ସାନ ଝିଅ ସୁଜାତାକୁ ତୁମେ ଘଣ୍ଟାଏ ଲେଖାଁ ପଢ଼ାଅ ! ଚାରିଟା ବେଳେ ଘଣ୍ଟାଏ ଲେଖାଁ ଆସି ପଢ଼ାଇ-ଦେଲେ ତୁମର କ'ଣ ଅସୁବିଧା ହେବ ?

—ମୁଁ ତ ସେପରି କିଛି ଭଲ ପଢ଼େନି ।

ସୁପ୍ରିୟା ହଠାତ୍ କଥାକୁ ଛଡ଼ାଇ ନେଇ ଝଡ଼ ବେଗରେ କହିଲା—ଆପଣ ତ ଖୁବ୍ ଭଲ ପଢ଼ନ୍ତି । ଏପରି ଠକୁଛନ୍ତି କାହିଁକି ?

ନିରଞ୍ଜନ, ସୁପ୍ରିୟାର ମୁହଁକୁ ଚାହିଁ ଟିକିଏ ହସିଦେଲା । ଗୋଟାଏ ଲକ୍ଷପତି ଝିଅର ଏପରି ଗୋଟାଏ ଗରିବ ପ୍ରତି ଏତେ ସହାନୁଭୂତି ଦେଖି ତା ମନ କୃତଜ୍ଞତାରେ ଭରିଗଲା । ସୁପ୍ରିୟା ଚରିତ୍ରକୁ ସେ ଭୁଲ ବୁଝିଥିଲା ବୋଲି ନିଜେ ବଡ଼ ଅପମାନିତ ବୋଧକଲା ।

ବନବିହାରୀ ବାବୁ ପୁଣି କହିଲେ—ତୁମର ଏଥିରେ ମତ କ'ଣ ନିରଞ୍ଜନ ?

ନିରଞ୍ଜନକୁ କିଛି କହିବାକୁ ଅବସର ନ ଦେଇ ସୁପ୍ରିୟା କହିଲା—ହଁ ବାପା କାଲିଠାରୁ ସେ ଆସିବେ ।

ବନବିହାରୀ ବାବୁ ନିରଞ୍ଜନ ମୁହଁକୁ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁ ଚୌକି ଛାଡ଼ିଲେ । ଯିବା ପୂର୍ବରୁ କହିଦେଇ ଗଲେ, ଦେଖ ନିରଞ୍ଜନ, ତୁମର ଯେତେବେଳେ ଯେତେ ଟଙ୍କା ଆବଶ୍ୟକ ପଡ଼ିବ ନେଇ ଯାଉଥିବ ।

ନିରଞ୍ଜନ ନୀରବରେ ସମ୍ମତି ଜଣାଇ ଠିଆହେଲା । ପହିଲି ଥର ପାଇଁ 'କଲେଜ୍‌କୁଇନ୍'ର ମାଦକଭରା ଆଖି ଦୁଇଟି ସହିତ ତାର ଆଖି ମିଶିଗଲା । ଆଖିରେ କୃତଜ୍ଞତା ଜଣାଇ ସେ ନିଜ ବସା ଆଡ଼କୁ ଆଗେଇଲା ।

'କଲେଜ୍‌କୁଇନ୍' ହାତ ଦୁଇଟି ଟେକିଲା ଗୋଟିଏ ଶ୍ରେଷ୍ଠ ନମସ୍କାର ଜଣାଇବା ଲାଗି । କିନ୍ତୁ ପାରିଲା ନାହିଁ·········

× × × ×

ନିରଞ୍ଜନ ଜୀବନରେ ଏକ ନୂତନ ଅଧ୍ୟାୟ । ସେ'ତ ଜୀବନରେ ନାରୀର ସାନ୍ନିଧ ଚାହିଁ ନ ଥିଲା—ତା'ର ଜୀବନରେ ଏପରି ଅଚାନକ ପରିବର୍ତ୍ତନ ! ତଥାପି ନିରଞ୍ଜନ ଏପରି ଏକ ଜୀବନର ଅଭିଜ୍ଞତା ହାସଲ ପାଇଁ ଆଗେଇ ଆସିଲା ।

ପ୍ରତିଦିନ ଚାରିଟା ବାଜେ । ସୂର୍ଯ୍ୟ ଦେବତା ହସି ହସି ମା' କୋଳକୁ ଡେଇଁ ପଡ଼ନ୍ତି । ସନ୍ଧ୍ୟାରାଣୀ ନିଷ୍ପ୍ରଭ ଆଲୋକ ଆବରଣ ପିନ୍ଧି ଅଭିସାର ରଚେ । ସୁନୀଳ ଆକାଶର ପ୍ରଶସ୍ତ ବକ୍ଷରେ ଲକ୍ଷ ଲକ୍ଷ ଅଭ୍ରଖଣ୍ଡ ପରି ତାରା ଗୁଡ଼ିକ ଚକ ଚକ କରି ଝଲସି ଉଠନ୍ତି । ନିରଞ୍ଜନ ବାହାରି ପଡ଼େ ଟିଉସନରେ ।

ଛତାଲ୍ ଉପରେ ବଖୁରିକିଆ କୋଠରୀଟିଏ । ସେହି ଗୋଟିକ ସୁପ୍ରିୟା ଓ ସୁଜାତାର ପଢ଼ାଘର । କୋଠରୀଟିର ସାଜ-ସଜ୍ଜା ପୂରାପୂରି ଆଧୁନିକ ଧରଣର । ଗୋଟିଏ ଟେବୁଲ ଓ ତାର ପାଖାପାଖି ତିନିଖଣ୍ଡ ଚେୟାର । ମଝିରେ ବସେ ନିରଞ୍ଜନ ଓ ତାର ଦୁଇ ପାଖରେ ଦୁଇଭଉଣୀ ସୁପ୍ରିୟା ଓ ସୁଜାତା ।

ଦୁଇଘଣ୍ଟା ଖୁବ୍ ଜୋରସୋରରେ ପଢ଼ା ଚାଲେ । ସୁଜାତା ମାଷ୍ଟରଙ୍କଠାରୁ ପାଠ ଆଦାୟ କରିବାରେ କେବେ ତ୍ରୁଟି କରେନି । ପଢ଼ା ହେଉଥିବା ବିଷୟ ମନଦେଇ ଶୁଣେ । କିନ୍ତୁ ସୁପ୍ରିୟାର ଦୁଷ୍ଟାମିର ମାତ୍ରା ଆସ୍ତେ ଆସ୍ତେ ବଢ଼ି ଚାଲିଲା । ନାନା-ପ୍ରକାର ଅଯଥା ଯୁକ୍ତି ଆଣି ନିରଞ୍ଜନ ଆଗରେ ବାଢ଼ି ବସେ । ନିଜେ ହସେ । ନିରଞ୍ଜନକୁ ହସାଏ । ବୁଝିଥିବା ବିଷୟଗୁଡ଼ିକୁ ପୁଣି ଥରେ ବୁଝାଇବା ପାଇଁ ଜିଦ୍ ଧରେ । ସୁବିଧା ଦେଖି ନିରଞ୍ଜନକୁ ଟିକିଏ ଚିମୁଟି ଦେବାକୁ ମଧ୍ୟ ଭୁଲେ ନାହିଁ । କେତେବେଳେ

ନିରଞ୍ଜନ ପିଠି ଉପରେ ଆଉଜି ପଡ଼େ । କେତେବେଳେ ବା କାନଟାକୁ ମୋଡ଼ିଦିଏ । କିନ୍ତୁ ତା'ର ପ୍ରତ୍ୟେକ କଥା ଛଳରେ ଫୁଟିଉଠେ ମାଦକତା—ଠିକ୍ ଆଜିକାଲି ଆଧୁନିକ ଯୁବକ ଯୁବତୀ ମିମିନ୍ତି ପ୍ରେମର ପଦ୍ଧତି ମୂଳଦୁଆ ପକାଇଲା ବେଳେ ଅଭିନୟ ଆରମ୍ଭ କରି ବସନ୍ତି ।

ନିରଞ୍ଜନକୁ କିନ୍ତୁ ଏସବୁ ବଡ଼ ଅସ୍ୱସ୍ତିକର ବୋଧହୁଏ । ଏସବୁ ବ୍ୟବହାରକୁ ସେ ଆଦୌ ପସନ୍ଦ କରେନି । ଅଥଚ ମୁହଁ ଖୋଲି କିଛି କେବେ କୁହେନି । ନିଜର ସୁପ୍ତ ବାସନା ବେଳେ ବେଳେ କେଉଁଠି ତାର ତଣ୍ଟିକୁ ଚିପି ଧରେ, ପୁଣି ମନେ ମନେ ଭାବେ, ହୁଏ ତ ତାର ଏସବୁ ଧାରଣା ଭ୍ରାନ୍ତ ହୋଇ ପାରିଥାଏ । ସ୍ନେହ ଓ ପ୍ରେମ ମଧ୍ୟରେ ଅତି ନିବିଡ଼ ସାମଞ୍ଜସ୍ୟ ଥିଲେ ମଧ୍ୟ ଦୁଇଟି ଯାକ ସମ୍ପୂର୍ଣ୍ଣ ପୃଥକ୍ । ଗରିବ ଭାବି ହୁଏ ତ ସୁପ୍ରିୟା ତାକୁ ସ୍ନେହ ଓ ସହାନୁଭୂତି ଦେଖାଇ ପାରୁଥାଏ । ଯାହାହେଉ ସେ ସବୁକୁ ସେ ଖରାପ ଦୃଷ୍ଟିରେ ବୁଝିନେବା ହିଁ ଭୁଲ । ଏହି ଦ୍ୱନ୍ଦ୍ୱ ଭିତରେ ସରଳ ନିରଞ୍ଜନ ସୁପ୍ରିୟାର ପ୍ରକୃତ ଉଦ୍ଦେଶ୍ୟ କିଛି ଠଉରେଇ ପାରେନି ।

ସୁଜାତାକୁ ପଢ଼ାଇବା ଦିନଠାରୁ ନିରଞ୍ଜନର ଅଭାବ ମାତ୍ରା ଯଥେଷ୍ଟ କମିଗଲାଣି । ପ୍ରାୟ ପ୍ରତିଦିନ ରାତିଭୋଜନଟା ତାର ବନବିହାରୀବାବୁଙ୍କ ଘରେ ହୁଏ—କେବଳ ସୁପ୍ରିୟାର ଅନୁରୋଧରେ । ମନେ ମନେ ସେ ସୁପ୍ରିୟାକୁ ବହୁତ ଧନ୍ୟବାଦ ଦିଏ । ସୁପ୍ରିୟାକୁ ଠିକ୍ ନିଜର ଆତ୍ମୀୟ ପରି ବ୍ୟବହାର କରେ । ନିରଞ୍ଜନ ସୁପ୍ରିୟା ଘରକୁ ଯିବା ଯେତିକି ପୁରୁଣା ହୋଇ ଆସୁଥାଏ, ଦୁଇଟି ପ୍ରାଣରେ ପରସ୍ପର ଅଜ୍ଞାତରେ ବନ୍ଧୁତାଟା ସେତିକି ବେଗରେ ଘନେଇ ଆସୁଥାଏ ।

ସେଦିନ ରବିବାର ଥାଏ । କଲେଜ ବନ୍ଦ । ନିରଞ୍ଜନ ନିଜର ଖଟଟି ଉପରେ ଶୋଇ ଖଣ୍ଡେ ଉପନ୍ୟାସ ବହି ଓଲଟାଇ ଚାଲିଛି । ହଠାତ୍ ବହିର ଗୋଟାଏ କଣରେ ତା'ର ଆଖି ପଡ଼ିଲା । ଗୋଲ ଗୋଲ ଅକ୍ଷରରେ ଧାଡ଼ିଏ କଣ ଲେଖା ହୋଇଛି । ଗୋଟାଏ ଦମ୍‌ରେ ସେତକ ସେ ପଢ଼ିଦେଲା—"ପ୍ରିୟ ! ଦାନର କଣ ପ୍ରତିଦାନ ନାହିଁ ?" ବଡ଼ ଆଶ୍ଚର୍ଯ୍ୟ ଲାଗିଲା ତାକୁ । ଏ ତ ଛପା ଅକ୍ଷର ନୁହେଁ ! ହାତ ଲେଖା ନିଶ୍ଚୟ । ତେବେ ଲେଖିଲା କିଏ ? ଏହାର ମର୍ମ କଣ ? ତାର ଅଜ୍ଞାତରେ କିଏ ସେ କୋଠରୀ ଭିତରକୁ ଆସିଥିଲା ? କଥାଟା ଯେତିକି ଭାବି ଚାଲିଲା, ଘଟଣାଟା ତାକୁ ସେତିକି ରହସ୍ୟମୟ ବୋଧ ହେଲା । ପୂଝାରୀକୁ ପଚାରିଲେ ହୁଏ ତ କଥାଟା ଜଣା ପଡ଼ିବ ଭାବି, ଡାକ ପକାଇଲା ।

—ଏ ଘରକୁ କିଏ ଆସିଥିଲା ? ପ୍ରଶ୍ନବାଚକ ଦୃଷ୍ଟିରେ ଚାହିଁ ରହିଲା ନିରଞ୍ଜନ ।

ବାବୁଙ୍କର ସ୍ୱରରେ ରୁକ୍ଷତାର ଚିହ୍ନ ଅନୁମାନ କରି ସନିଆଁର ଭୟରେ ପାଟିରୁ କଥା ବାହାରିଲା ନାହିଁ ।

—କରେ ଚୁପ୍ ରହିଲୁ କାହିଁକି ?

ନାହିଁ ଆଜ୍ଞା କେହି ତ ଆସି ନ ଥିଲେ ।

'ନନ୍‌ସେନ୍‌ସ ଯା, ପଳା' କହି ରାଗରେ ନିରଞ୍ଜନ ଟେବୁଲ ଉପରେ ବହିଟାକୁ କଚାଡ଼ି ଦେଲା ।

କାନ୍ଥ ଘଣ୍ଟାରେ ଠନ୍ ଠନ୍ ହୋଇ ବାଜି ଉଠିଲା ପାଞ୍ଚ । ଟିଉସନ୍ ଯିବା ତ ବନ୍ଦ । ଟିକିଏ ବାହାରେ ବୁଲି ଆସିଲେ

ମନର ଝଞ୍ଜାଟ କମିଯିବ ଭାବି ନିରଞ୍ଜନ ରାକ୍ ଦେହରୁ କାମିଜ୍‌ଟି ଟାଣି ଆଣି ଦେହରେ ଗଳାଇବାକୁ ଯାଉଛି, କ'ଣ ଖଣ୍ଡେ କାଗଜ ତା ଗୁଣ୍ଡି ପକେଟରୁ ବାହାରି ଆସି ତଳେ ପଡ଼ିଗଲା । ସେ କାଗଜ ଖଣ୍ଡିକ ତଳୁ ଗୋଟାଇ ଆଣି ଯାହା ଦେଖିଲା ସେଥିରେ ତାର ଆଖି ତାଳୁରେ ଖୋସି ହୋଇଗଲା । ସବୁ ଗୁଡ଼ାକ ତାକୁ ଐନ୍ଦ୍ରଜାଳିକ ପରି ବୋଧ ହେଲା । ସେ ଖଣ୍ଡିକ କାଗଜ ନୁହେଁ । ଖଣ୍ଡେ ଶହେଟଙ୍କିଆ ନୋଟ୍ । ନୋଟ୍‌ର ଜଳଛବି ଥିବା ଧଳା ଅଂଶଟିକରେ ଗୋଲ୍ ଗୋଲ୍ ଅକ୍ଷରରେ ଲେଖା ଅଛି — "ଲଭ୍‌ଂକସ୍" । ନୋଟରେ ଥିବା ଅକ୍ଷରଗୁଡ଼ିକ ବକ୍ଷରେ ଥିବା ଅକ୍ଷର ସହିତ ଠିକ୍ ଖାପ୍ ଖାଇ ଯାଉଛି । ବିସ୍ମୟ ଓ ଆଶଙ୍କାରେ ତା'ର ଛାତି ଥରିଉଠିଲା । ତା'ପରି ଗରିବ ପାଖରେ ପୁଣି ଶହେ ଟଙ୍କା !!!

ଆଉ କିଏ ହୋଇଥିଲେ ବୋଧହୁଏ ସେହି ଶହେ ଟଙ୍କା ଧରି କେତେ କଳ୍ପନାର ସୌଧ ରଚି ଗୁଳିଥାଆନ୍ତା । ଆଉ "ଲଭ୍‌ଂକସ୍" ଲେଖା ହୋଇଥିବା ସ୍ଥାନରେ ଅଜସ୍ର ଚୁମ୍ବନର ଢେଉ ଖେଳାଇ ଦେଇ ନୋଟ୍ ଖଣ୍ଡକ ଓଦା କରି ପକାଇ ଥାଆନ୍ତା । କିନ୍ତୁ ନିରଞ୍ଜନ ସେ ସବୁ ଖିଆଲର ଧାର୍ ଧାରେନି । ସେ ଭୟରେ ମ୍ରିୟମାଣ ହୋଇ ପଡ଼ିଲା । ଆଖି ଆଗରେ ତାର ନାଚିଗଲା ଭୟର କରାଳ ବିଭୀଷିକା । ମୁଣ୍ଡ ତାର ଘୂରିଥିଲା । ଥରି ଥରି ଖଟ ଉପରେ କଚୃଡ଼ି ହୋଇ ପଡ଼ିଲା ସେ ।

× × × ×

ନିରଞ୍ଜନ ଜୀବନରେ ପରିବର୍ତ୍ତନ କେତେ ଶୀଘ୍ର ହୋଇ ଯାଉଛି—ସୁପ୍ରିୟା ଯେ ଏତେ ଶୀଘ୍ର ଏତେ ଦୂର ଆଗେଇଯିବ ସେ କଳ୍ପନା କରି ପାରିଲା ନାହିଁ । ସୁପ୍ରିୟା ତା'ର ଅନୁପସ୍ଥିତିରେ

ତା ଘରକୁ ଆସି ଏପରି କାଣ୍ଡ କରିଛି ଏହା ସେ ନିଶ୍ଚିତ ଭାବେ ଜାଣି ପାରିଲା । ତହିଁ ଆରଦିନ ସୁପ୍ରିୟାକୁ ପୂର୍ବଦିନର ଅନୁଭୂତି ଜଣାଇ ପଚାରିଲା—

କିଏ ପାରିବ ମୋର ଏପରି ସର୍ବନାଶ କରିବାକୁ କିଏ ଆଗେଇଛି ?

ସର୍ବନାଶ ନୁହେଁ ନିରଞ୍ଜନ ବାବୁ, ତୁମର ଭଙ୍ଗା ଦୁନିଆକୁ ଯୋଡ଼ି ଦେବାପାଇଁ କେହି ହୁଏ ତ ଏପରି କରୁଥିବ । ଛାଡ଼ ସେ ସବୁ ବାଜେ କଥା । ତୁମକୁ ବୋଧହୁଏ ଖୁବ୍ ଭୋକ ହେଉଥିବ । ତୁମେ କିଛି ଜଳଖିଆ ଖାଇନିଅ ।

ସୁପ୍ରିୟା ତୁଣ୍ଡରୁ "ତୁମେ" ଡାକଟି ନିରଞ୍ଜନକୁ ଭଲ ଲାଗିଲା—ଏପରି ବ୍ୟବହାର, କଥାର ଶୁଶ୍ରୂଷା, "ତୁମେ" ସମ୍ବୋଧନ—ଏସବୁ ପ୍ରଣୟର ପୂର୍ବାଭାସ । ମନର ଭାବନାକୁ ଗୋପନରେ ରଖି ନିରଞ୍ଜନ ଉତ୍ତର ଦେଲା—**ନା,** ମତେ ସେପରି ଭୋକ ହେଉନି ।

—ତେବେ ଏ ରସଗୋଲା ଓ ଖିରମୋହନ୍ ତକ କାହାଲାଗି ଆସିଛି ?

ନିରଞ୍ଜନ ଟେବୁଲ୍ ଉପରକୁ ଚାହିଁ ଦେଖିଲା ଗୋଟାଏ ପ୍ଲେଟ୍‌ରେ କିଛି ରସଗୋଲା ଓ ଖିରମୋହନ୍ ଥୁଆ ହୋଇଛି । ତା’ ଆଖିରେ ଆଶ୍ଚର୍ଯ୍ୟର ସମାବେଶ ।

—ଆଶ୍ଚର୍ଯ୍ୟ ହୁଅନି ନିରଞ୍ଜନ । ଏତକ ମୁଁ ତୁମପାଇଁ ଆଣିଛି ।

—ମୋ ପାଇଁ ? ମୋ ପରି ଗୋଟାଏ ନିଃସ୍ୱ ଗରିବ ଲୋକ ତୁମ ପରି ବଡ଼ଘର ଝିଅର ସହାନୁଭୂତି କାହିଁକି ? ନା, ନା, ସୁପ୍ରିୟା ! ଏ ରସଗୋଲାତକ ତୁମ ପେଟକୁ ଗଲେ ବୋଧହୁଏ ନିଜକୁ ଭାଗ୍ୟବାନ୍ ମନେ କରିବ ।

—ମୁଁ ପରା ବାରମ୍ବାର ତୁମକୁ କହିଲିଣି ତୁମେ ଆଉ ଗରିବ ବୋଲି କହିବ ନାହିଁ । ତୁମେ ଗରିବ ହୋଇପାର, କିନ୍ତୁ ମୋ ଆଖିରେ ଖୁବ୍ ଉଚ୍ଚରେ । ତୁମେ ହିଁ ମୋତେ ଦେଇଛ ନୂଆ ପ୍ରେରଣା । ମୋର ଅନ୍ଧାରିଆ ମନ ଭିତରେ ଉଇଁ ଉଠିଛି ତୁମର ମୁଖଚନ୍ଦ୍ର ।

—ହଉ, ତୁମର ଖୁସି ଲାଗି ମୁଁ ଏ ଜଳଖିଆତକ ଖାଇନେଉଛି ।

—ନାଁ ମୁଁ ନିଜେ ତୁମକୁ ଖୋଇଦେବି । ଏହା କହି ଗୋଟାଏ ରସଗୋଲା ନିରଞ୍ଜନ ପାଟିରେ ଭରିଦେଲା ସୁପ୍ରିୟା ।

ନିରଞ୍ଜନ ମଧ୍ୟ ସୁପ୍ରିୟା ପାଟିରେ ଗୋଟାଏ ଖିରମୋହନ୍ ଭରିଦେଲା । ଦୁଇଜଣଙ୍କ ମୁହଁରେ ହସ ଲହଡ଼ି ଧାଇଁ ଖେଳୁଛି । କିନ୍ତୁ ଉଦ୍ଦେଶ୍ୟ ସମ୍ପୂର୍ଣ୍ଣ ଭିନ୍ନ । ସୁପ୍ରିୟା ନିରଞ୍ଜନକୁ ନିଜର ସୁଖ ଦୁଃଖର ସାଥୀ ରୂପେ ବରିନେବାକୁ ଚାହେଁ । କିନ୍ତୁ ନିର୍ବୋଧ ନିରଞ୍ଜନ ବୁଝେନି ପ୍ରେମର ଅର୍ଥ । ସେ ସୁପ୍ରିୟାକୁ ଭଲପାଏ —ମାତ୍ର ଉଦ୍ଦେଶ୍ୟହୀନ । ଦୁହେଁ ଦୁହିଁଙ୍କି ଖୁବ୍ ନିବିଡ଼ଭାବେ ଭଲପାଆନ୍ତି ସତ କିନ୍ତୁ ଜଣକର ଅନାବିଳ ସ୍ନେହ ଓ ଅନ୍ୟଟିର ଅନାବିଳ ପ୍ରେମ । ଜଣକର ପିପାସା ଓ ଅନ୍ୟଟିର କୃତଜ୍ଞତା । ସ୍ନେହ ଓ ସ୍ନେହ ଭିତରେ ଏତିକି ତଫାତ୍ ଅଥଚ ଯାହାର ଦ୍ୱିବିଧ ଅର୍ଥ ଭାଷାକୋଷରେ ମିଳେନି ।

ଖଣ୍ଡେ ରସଗୋଲା ଅଧା ଖଣ୍ଡିଆ କରି ନିରଞ୍ଜନ ପଚାରିଲା— କହି ପାରିବ ସେ ଟଙ୍କା କିଏ ଦେଇଥିଲା ? ତୁମେ ଯଦି କହିପାରନ୍ତ ତେବେ ମୁଁ ତୁମ—

ପାଟିରେ ତା'ର କଥା ଅଟକିଗଲା । କୋଠରୀ ଭିତରକୁ ପଶିଗଲା ସୁଜାତା । ଅପା, ସିନେମା ଯିବୁ ପରା ? ଚାଲନ୍ତୁ ସମସ୍ତେ ହୋଇଗଲେଣି ଯେ ।

—ତୋ ମାଷ୍ଟରଙ୍କୁ ଡାକୁନୁ ?

—ଆଜ୍ଞା, ଚାଲନ୍ତୁ ସିନେମା ଯିବା । ନମ୍ର ସ୍ୱରରେ ଡାକିଲା ସୁଜାତା ।

—ନା, ମୁଁ ସିନେମା ଦେଖିବାକୁ ପସନ୍ଦ କରେନା ।

—ତା ନ ହେଲେ ମୁଁ ଯିବିନି । ଅଭିମାନିଆ ସ୍ୱରରେ ସୁପ୍ରିୟା କହିଲା ।

ସୁପ୍ରିୟା ଅଭିମାନର ମର୍ମ କିଛି ବୁଝିପାରିଲାନି ନିରଞ୍ଜନ । ତଥାପି ତାର ଛଳଛଳ ଆଖିର ଅନୁରୋଧକୁ ଏଡ଼ି ଦେଇ ପାରିଲା ନାହିଁ ସେ । କମିଜ୍ ଖଣ୍ଡେ ଦେହରେ ପିନ୍ଧି ବାହାରିପଡ଼ିଲା ।

ତିନହେଁ ଯାଇଁ କାର୍‌ରେ ବସିଲେ । ଡ୍ରାଇଭର ଗାଡ଼ିରେ ଷ୍ଟାର୍ଟ ଦେଲା ।

× × ×

ପ୍ରେମଟା ଅନ୍ଧକାରର ମୂଳଦୁଆ । ଜଣେ ଜଣକୁ ଭଲ-ପାଇଲେ ଅନ୍ୟମାନେ ଦେଖି ସହି ପାରନ୍ତି ନାହିଁ ।

କଲେଜସାରା ଗୋଟାଏ ଗୁଞ୍ଜନ ଖେଳିଯାଇଛି । 'କଲେଜ କୁଇନ୍' ନିରଞ୍ଜନ ପରି ଏକ ଅଜ୍ଞାତ କୁଳଶୀଳକୁ ଭଲପାଆନ୍ତି । ଅନ୍ୟମାନଙ୍କ ପକ୍ଷରେ ଏହା କମ୍ ଲଜ୍ଜାର ବିଷୟ ନୁହେଁ । ଅନ୍ୟ ପିଲମାନେ 'କଲେଜ୍ କୁଇନ୍'ଠାରୁ ପଦେ କଥା ଶୁଣିବାକୁ କେତେ ବ୍ୟାକୁଳ ହୋଇଉଠନ୍ତି । କେବେ ଯଦି 'କଲେଜ୍ କୁଇନ୍' ପଟିରେ କାଦୁଅ ଲାଗିଯାଇ ଥାଏ ବା ସ୍ୟାଣ୍ଡାଲ୍‌ରେ ଫିତାଟା

ଠିକ୍ ଶ୍ରବଣ୍ଟୁରେ ଲାଗି ନ ଥାଏ, ତେବେ ସାଙ୍ଗେ ସାଙ୍ଗେ ପିଲାମାନେ ସୁପ୍ରିୟାକୁ ଜଣାଇ ଦିଅନ୍ତି । ସୁପ୍ରିୟାର ମନ ନେବାପାଇଁ ନିତି ଦାମିକା ସୁଟ୍ ପିନ୍ଧି ଆସନ୍ତି । ସୁପ୍ରିୟାକୁ ଦୂରରୁ ଦେଖି ନିଜ ରୁମାଲରେ ତା'ର ଚୌକିଟାକୁ ସଫା କରିଦିଅନ୍ତି । କିନ୍ତୁ 'କଲେଜ କୁଇନ୍' ସେମାନଙ୍କୁ କଥା କୁହେନି । ଅଥଚ ନିରଞ୍ଜନ ଭଲ ପ୍ୟାଣ୍ଟ୍ ପିନ୍ଧେନି, ନିହାତି ପୁରାତନ ଢଙ୍ଗ, ତଥାପି ସୁପ୍ରିୟା ତାକୁହିଁ ଭଲ ପାଏ ।

ପ୍ରତିଦିନ କ୍ଲାସ୍ ହେବା ପୂର୍ବରୁ ଓ କ୍ଲାସ୍ ପରେ କଲେଜ୍ ତରୁଣମାନଙ୍କ ମଧ୍ୟରେ ମିଟିଂ ଚାଲେ । ସମସ୍ତଙ୍କ ମୁହଁରେ ସୁପ୍ରିୟା ଓ ନିରଞ୍ଜନର ଚର୍ଚ୍ଚା । କିପରି ସେ ଦୁହିଙ୍କର ସ୍ନେହ ତୁଟିବ । କେହି କେହି କୁହନ୍ତି ନିରଞ୍ଜନକୁ ମାରିଦେଲା । କେହି କେହି କୁହନ୍ତି ସୁପ୍ରିୟାର ବାପାଙ୍କ ଆଗରେ କଥାଟା ଜଣାଇ ଦେବା । ଆଉ କେହି କେହି ପ୍ରିନ୍ସିପାଲଙ୍କୁ ଏ କଥା ଜଣାଇ ଦେବାପାଇଁ ମତ ଦିଅନ୍ତି । ଏହି ପ୍ରକାର ଆଲୋଚନାରେ କଲେଜ୍ କମ୍ପାଉଣ୍ଡ ସରଗରମ ହୋଇ ଉଠେ । କିନ୍ତୁ କିଛି ନିଷ୍ପତ୍ତି ହୋଇ ପାରେନା ।

ପ୍ରତିଦିନ ବନବିହାରୀ ବାବୁଙ୍କ କାର୍‌ରେ ସୁପ୍ରିୟା ଓ ନିରଞ୍ଜନ କଲେଜ୍ ଆସନ୍ତି । ଏ କଥା ଅନ୍ୟ ପିଲାମାନଙ୍କ ଦେହରେ ଯାଏ-ନାହିଁ । ଲିଜର ପିରିୟଡ଼ରେ କମନ୍ ରୁମରେ ବସି ନିରଞ୍ଜନକୁ ଦେଖାଇ ବହୁତ କଥା କୁହନ୍ତି । ବ୍ଲାକବୋର୍ଡ଼ରେ ନିରଞ୍ଜନ ଓ ସୁପ୍ରିୟାର ନଗ୍ନଚିତ୍ର ଆଙ୍କିଦିଅନ୍ତି । ନିରଞ୍ଜନ ଏ ସବୁ ଦେଖେ । ତାର ଅତୀତ ଜୀବନକୁ ସେ ବର୍ତ୍ତମାନ ଜୀବନ ସହିତ ତୁଳନା କରି ବସେ । ମନେ ମନେ ଭାବେ, ସୁପ୍ରିୟା ପାଇଁ ଆଜ ତାର ସିନା ଏଇ ଅବସ୍ଥା । ଏତେବଡ଼ କଲେଜଟା ଭିତରେ ସେ ସାହାହରା ।

ଘୃଣାରେ ତାର ଗ୍ଲାନି ଥର ଉଠେ । ସବୁଦିନେ ସେ ପ୍ରତିଜ୍ଞା କରେ ସୁପ୍ରିୟାକୁ ସଫା ସଫା ପଚାରି ଦେବ, କାହିଁକି ସେ ତାକୁ ଭଲପାଏ ? ତା'ଠାରେ କି ସ୍ୱାର୍ଥ ଅଛି ? ସେ ସୁପ୍ରିୟାକୁ ଆଜି ପାଠି ଫିଟାଇବ ନାହିଁ କି ତା ଘରକୁ ଯିବନି । ଅନ୍ୟଠାରେ ଘର ଭଡ଼ାନେଇ ରହିବ । ସାଥିପିଲାଙ୍କ ପାଖରେ କ୍ଷମା ମାଗିବ । କିନ୍ତୁ ସୁପ୍ରିୟାକୁ ଦେଖିବାକ୍ଷଣି ତାର ସମସ୍ତ ପ୍ରତିଜ୍ଞା କେଉଁଆଡ଼େ ଉଭେଇ ଯାଏ । କିଛି କହିପାରେନା । ତାର ହସ ହସ ମୁହଁ ଉପରେ ସେ ସବୁ ଦୁଃଖକୁ ପାଶୋରି ପକାଏ ।

ଠିକ୍ ଏକ୍ସ୍‌ମାସ୍ ଛୁଟିପରେ କଲେଜ ଖୋଲିଥାଏ । ଅଧିକାଂଶ ଅଧ୍ୟାପକ ଛୁଟିରୁ ଫେରି ନ ଥାନ୍ତି । ସେ ଦିନ ପିଲାମାନଙ୍କର ବହୁତ ଗୁଡ଼ାଏ ପିରିୟଡ଼ ଲିଜର । ସେକେଣ୍ଡ୍ ପିରିୟଡ଼ ପରେ ପିଅନ ଗୋଟାଏ ନୋଟିସ୍ ପ୍ରତ୍ୟେକ କ୍ଲାସ୍‌ରେ ବୁଲାଇ ଦେଇଗଲା । କଲେଜ୍ ୟୁନିଅନର ପ୍ରେସିଡେଣ୍ଟ ଛୁଟିପରେ ଗୋଟେ ମିଟିଂ ଡାକିଛନ୍ତି ।

ଘ'ରି ବାଜିଲା । କଲେଜ ଛୁଟିହେଲା । ମିଟିଂରେ ଯୋଗ ଦେବାପାଇଁ ସବୁପିଲା ଆସି କମନ୍ ରୁମରେ ଜମାହେଲେ । ସୁପ୍ରିୟା କାର ବହୁତ ବେଳୁ ଆସି ଅପେକ୍ଷା କରି ରହିଛି । ନିଜର ବହିତକ ଧରି ସୁପ୍ରିୟା କହିଲା ତୁମେ ଯିବନି ନିରଞ୍ଜନ ?

—କୁଆଡ଼େ ?

—ବସାକୁ !

—ମିଟିଂ ପରା ଅଛି ? ତୁମେ କ'ଣ ମିଟିଂରେ ଯୋଗ ଦେବନି ?

ନାଁ ।

—କାହିଁକି ?

—ମୋର ସେଥିପ୍ରତି ଆଗ୍ରହ ନାହିଁ ।

—ତେବେ ତୁମେ ଯାଅ ।

—ଆଉ ତୁମେ ଯିବ କିମିତି ?

—ଚାଲିକରି ଚାଲିଯିବି ।

—କଷ୍ଟ ହେବନି ?

ହସି ଉଠିଲା ନିରଞ୍ଜନ । ହସି ହସି କହିଲା—ମୁଁ ତ ତୁମର ପର ନୁହେଁ ସୁପ୍ରିୟା ? ଗହବର ଦୁନିଆରେ ଦୁଃଖ କଣ ?

ସୁପ୍ରିୟା ଆଖି ଛଳ ଛଳ ହୋଇ ଆସିଲା । ସେ କିଛି ନ କହି ତଳକୁ ମୁହଁ ପୋତି ଠିଆ ହୋଇ ରହିଲା ।

ନିରଞ୍ଜନ ଆଶ୍ଚର୍ଯ୍ୟ ହେଲା ଏ ପ୍ରଗଳ୍‌ଭ ବାଳିକାର ତା ପ୍ରତି ସ୍ନେହ ଦେଖି । କୃତଜ୍ଞତାରେ ତାର ହୃଦୟ ଭରିଗଲା । ନରମ ସ୍ୱରରେ କହିଲା—ମୁଁ ରିକ୍‌ସାଟାଏ କରି ଚାଲିଯିବି । ତୁମେ ଚାଲିଯାଅ !

କମନ୍ ରୁମ୍‌ରୁ ଗୋଟାଏ ପିଲା ଡାକ ଛାଡ଼ିଲା, ସେତିକିରେ ଗପ ବନ୍ଦ୍ କରନ୍ତୁ ନିରଞ୍ଜନ ବାବୁ । ଟିକିଏ ଶୀଘ୍ର ଆସନ୍ତୁ । ନିରଞ୍ଜନ ଯାଇ କମନ୍ ରୁମ୍ ଭିତରେ ବସିଲା । ସଭାପତି ନିଜେ ଉଠିପଡ଼ି ଆରମ୍ଭ କଲେ—

ପ୍ରିୟ ବନ୍ଧୁଗଣ !

ଏ ମିଟିଂ ଡାକିବାର ପ୍ରଧାନ ଉଦ୍ଦେଶ୍ୟ ହେଉଛି ଗୋଟାଏ ଭଲପିଲା ଖରାପ ରାସ୍ତାକୁ ଯାଉଛି । ତାକୁ ପୁଣି ଭଲ ବାଟକୁ ଫେରାଇ ଆଣିବା । ତାପରେ ତାଚ୍ଛଲ୍ୟ ସ୍ୱରରେ କହିଲେ, ତୁମେ ସୁପ୍ରିୟାକୁ ଭଲପାଅ ନିରଞ୍ଜନ ?

—ହଁ । ଅତି ନମ୍ର ସ୍ୱରରେ ଉତ୍ତର ଦେଲା ନିରଞ୍ଜନ ।

—କାହିଁକି ?

—ତା'ମୁଁ ଜାଣେନା ।

—ଜାଣନା ଅଥଚ ପ୍ରତିଦିନ ବଲ୍‌ ଡ୍ୟାନ୍‌ସ୍‌ କରି ପାର ?

—ମାନେ ?

ତୁମେ ସୁପ୍ରିୟାକୁ ବିବାହ କରିବ ?

—ବିବାହ କଥା ତ କେବେ ଉଠିନି ।

—ତୁମକୁ ଏଥର ସୁପ୍ରିୟାଠାରୁ ଦୂରେଇ ଯିବାକୁ ପଡ଼ିବ । ଚଡ଼ା ଗଳାରେ କହିଲେ ସଭାପତି ।

—କାହିଁକି ? ମୋର ଦୋଷ କଣ ?

—ଦୋଷ କଥା ପରେ ବିଚାର ହେବ । କିନ୍ତୁ ବର୍ତ୍ତମାନ ଯାହା କୁହାଯାଉଛି ତାହା ମାନିବାକୁ ହେବ । ଏଣିକି ତୁମକୁ ସାବଧାନ କରାଇ ଦିଆଯାଉଛି । ଭବିଷ୍ୟତରେ ଯେପରି ସୁପ୍ରିୟା ସହିତ ମିଳାମିଶା ନ କର ।

—ତା ଦ୍ୱାରା ମୁଁ ଯଥେଷ୍ଟ ଉପକୃତ ହୋଇଛି ।

—ତଥାପି ଆମ କଥା ମାନିବାକୁ ପଡ଼ିବ ।

ଟିକିଏ ରାଗିଗଲା ନିରଞ୍ଜନ । ଅବଜ୍ଞା ସ୍ୱରରେ କହିଲା—ମୁଁ ଯଦି ତୁମ କଥା ନ ମାନେ ?

—ତେବେ ତୁମ ଜୀବନକୁ ଆମେ ମାଟି କରିଦେବୁ । ପ୍ରିନ୍‌ସିପାଲଙ୍କୁ କହି ରଷ୍ଟିକେଟ୍‌ କରି ଦିଆଯିବ ।

ରଷ୍ଟିକେଟ୍‌ କଥା ଶୁଣି ବିଚାରି ନିରଞ୍ଜନ ଭୟରେ ଥରି ଉଠିଲା । ତାର ଏତେ ଆଶା କ'ଣ ଚୂରମାର ହୋଇଯିବ ? ବିନା ଆପତ୍ତିରେ ଏକମତ ହେଲା ।

ସେ ଦିନର ମିଟିଂ ସେଇଠି ଶେଷ ।

× × × ×

ପ୍ରତିବର୍ଷ ବସନ୍ତ ଆସେ । ଶୁଖିଲା ପତ୍ର ଗଛରୁ ଖସେ । ଧରଣୀ ହସେ । ପୁଷ୍ପ ଫୁଟେ । ଭ୍ରମର ଛୁଟେ । ଯୌବନ ଦୁଆରେ ସୃଷ୍ଟି ହୁଏ ଅରାଜକତା । ଉଚ୍ଛୃଙ୍ଖଳତା । ଧୀର ପବନର ମୃଦୁ ପରଶରେ ମଣିଷ ହୁଏ ଅଧୀର । ଦେହ ଚାହେଁ ଆଲିଙ୍ଗନ । ମନ ଚାହେଁ ମିଳନ । ପ୍ରାଣ ଚାହେଁ ଗୋପନ ପୀରତି । ଆଖି କରେ ସନ୍ଧାନ ଓ ଅଧର କରେ ଆହ୍ୱାନ । ସୃଷ୍ଟିର ଏ ଧରାବନ୍ଧା ନିୟମ ଭିତରୁ କେହି କେବେ ବାହାରି ଯାଇନି ।

ବନବିହାରୀଙ୍କ ଘରେ ବସନ୍ତର ଉତ୍ସବ ଲାଗିଛି । ସୁପ୍ରିୟାର ସାନ ଭଉଣୀ ସୁଜାତାର ଯୌବନ ଆସିଗଲାଣି । ସେ ପିଲାଳିଆ ଚଗଲାମି ତାର ଉଭେଇ ଯାଇଛି । ଦେହଟା ତାର ଛନ୍ଦ ଛନ୍ଦ ଓ ମନଟା କନ କନ ହୋଇ ଶିହରି ଉଠୁଛି । ଚାଲିରେ ନମ୍ରତା । ଆଖିରେ ମାଦକତା । ପ୍ରାଣରେ ସରସତା । ତାର ପ୍ରତ୍ୟେକଥିରେ ଗୋଟିଏ ଲେଖାଁ ଛନ୍ଦ ଫୁଟି ଉଠିଛି ।

ମାଟ୍ରିକ ଫାଷ୍ଟକ୍ଲାସ ତାର ହେଲା । ବାପା ମା'ଙ୍କର ଇଚ୍ଛା ମାଟ୍ରିକ୍ ପରେ ସୁଜାତାକୁ ଆଉ ପଢ଼ାଇବେ ନାହିଁ । ସୁପ୍ରିୟା ତ ପଢ଼ୁଛି । ସବୁ ଝିଅତକ ପଢ଼ି ବସିଲେ ଘରର ରନ୍ଧାବଢ଼ା ଶିଖିବେ କିପରି ? ତା'ପରେ ଆଉ ଗୋଟିଏ କଥା । ସୁଜାତା ପିଲାଦିନୁ ବଡ ଉପରମୁହାଁ । ଲଜ୍ଜା, ସଙ୍କୋଚ କିଛି ନାହିଁ । ଭଦ୍ରଲୋକମାନଙ୍କ ମୁହଁ ସାମନାରେ କଥାବାର୍ତ୍ତା କରିବାକୁ ସେ କେବେ ପଛାଏ ନି । ପିଲା ଥିଲା ବୋଲି ଏ ସବୁ ଚଳି ଯାଉଥିଲା । କେହି କିଛି ଭାବୁ ନ ଥିଲେ । କିନ୍ତୁ ଏଣିକି ସେ ବଡ ହେଲାଣି । ବାପା ମା'ଙ୍କ ମନରେ ତାର ଏଇ ପ୍ରକୃତି ରେଖାପାତ କରିଛି । ତେଣୁ ମାଟ୍ରିକ୍ ପରେ ସୁଜାତାର ପାଠପଢ଼ା ବିଷୟ ନେଇ ବନବିହାରୀ ବାବୁ ଏକମତ ହୁଅନ୍ତି ।

ନିରଞ୍ଜନ ପ୍ରତିଦିନ ଯଥା ସମୟରେ ପଢ଼ାଇବାକୁ ଆସେ । ବନବିହାରୀ ବାବୁ ନିରଞ୍ଜନଙ୍କୁ ଖୁବ୍ ଭଲ ଦୃଷ୍ଟିରେ ଦେଖନ୍ତି । ନିଜର ପୁଅ ପରି ତାକୁ ବ୍ୟବହାର କରନ୍ତି । ନିରଞ୍ଜନର ପ୍ରଶଂସା ତାଙ୍କ ସ୍ତ୍ରୀଙ୍କ ଆଗରେ ବାଢ଼ି ବସି କୁହନ୍ତି, ନିରଞ୍ଜନ ଗରିବ ହେଲେ କ'ଣ ହେବ ଖୁବ୍ ଶାନ୍ତ ଶିଷ୍ଟ ପିଲା । ବଡ଼ ସରଳ । ନିଷ୍କଳଙ୍କ ଚରିତ୍ର । ତାକୁ ଯଦି କେହି ସାହାଯ୍ୟ କରନ୍ତି, ତେବେ ସେ ଜୀବନରେ ଖୁବ୍ ଉନ୍ନତି କରି ପାରନ୍ତା । ନିରଞ୍ଜନ ସହ ସୁପ୍ରିୟାର ମିଳାମିଶାକୁ କେବେ ସେ ବାଧା ଦିଅନ୍ତି ନାହିଁ । ସେ ନିଜର ଓକିଲାତି ବୁଦ୍ଧି ଖଟେଇ ନିରଞ୍ଜନକୁ ବେଶ୍ ପରୀକ୍ଷା କରି ନେଇଛନ୍ତି ।

କିନ୍ତୁ ସୁଜାତା; ଆଗପରି ଏତେ ମାଷ୍ଟରଙ୍କୁ ମାନେନି । ଚଗଲମି ହସ ତା'ପେଟ ଭିତରୁ ବେଳେ ବେଳେ ବାହାରି ଆସେ । ଗୋଟାଏ ପାଠକୁ ଦଶଥର କରି ବୁଝାଇବାକୁ ନିରଞ୍ଜନକୁ ଅନୁରୋଧ କରେ । ବହୁତ ଗୁଡ଼ାଏ ଅଯଥା କଥା ନେଇ ପଢ଼ା ମଝିରେ ପକାଇ ବସେ । ନିରଞ୍ଜନ ଉପରକୁ ସୁପ୍ରିୟାର ଅଜାଣତରେ କାଳି ପକାଏ । ଚିମୁଟି ଦିଏ । ଏମିତି କେତେ ପ୍ରକାର ଦୁଷ୍ଟାମୀ । ନିରଞ୍ଜନକୁ ଏବେ ଆଦୌ ପସନ୍ଦ ଲାଗେନି । ସେ ମନେ ମନେ ବଡ଼ ବିରକ୍ତ ହୁଏ ସୁଜାତା ଉପରେ । ଭାବେ କାନ ମୋଡ଼ି ଦୁଇ ଚଟକଣା ଦେବ । କିନ୍ତୁ ପାରେନା । ସଙ୍କୁଚିତ ହୋଇଯାଏ । ସୁଜାତା ବଡ଼ ଲୋକ ଘରର ଝିଅ । ପୁଣି ତାର ଯୌବନ ଆସି ଯାଇଛି । ତାର କି ଅଧିକାର ଅଛି ସୁଜାତାକୁ ମାଡ଼ ଦେବାକୁ ? ମନର କଥା ମନରେ ମାରି ପୁଣି ପଢ଼ାଇ ବସେ ।

ନିରଞ୍ଜନର ସୁନ୍ଦର ବଳିଷ୍ଠ ଶରୀର ସୁଜାତାର ମନ ଗହନ ତଳେ ଲୁଚକାଳି ଖେଳ ବସିଛି । ସେ ନିରଞ୍ଜନ କଥା ଅନେକ

ସମସ୍ୟରେ ଭବ । ମନ ଖୋଲି ଦୁଇ ଚାରି ପଦ କଥାବାର୍ତ୍ତା ହେବାକୁ ଚାହେଁ । କିନ୍ତୁ ସୁପ୍ରିୟା ତା'ପାଖରେ କଣ୍ଟା ହୋଇ ଛିଡ଼ା ହୁଏ । ସୁପ୍ରିୟା ଓ ନିରଞ୍ଜନର ହସଖୁସି କଥାବାର୍ତ୍ତା କିଛି ସୁଜାତା ସହି ପାରେନି । ଗୁଣ୍ଡିଏ ତାର ରାଗରେ ଜଳି ଉଠେ । ସୁପ୍ରିୟାକୁ ଦୂରେଇ ଦେବାକୁ ଚାହେଁ । କିନ୍ତୁ ପାରେନା । ପଢ଼ାଘରେ ସୁପ୍ରିୟା ସବୁଦିନେ ଆସି ପଢ଼ି ବସେ । ସୁଜାତାର ମନରେ ବହୁତ ଗୁଡ଼ାଏ ପ୍ରଶ୍ନ ଉଙ୍କି ଆସି ପୁଣି ନିଭିଯାଏ । କାହିଁକି ନିରଞ୍ଜନ ସୁପ୍ରିୟା ସହିତ ଖୁସିଗପ କରେ ଅଥଚ ତା' ସହିତ କରେନି ? କାହିଁକି ସୁପ୍ରିୟା ସାଥିରେ ସେ ବୁଲିଯାଏ ଅଥଚ ତାକୁ ଡାକେନା ? ସୁପ୍ରିୟାଠାରେ ନିରଞ୍ଜନର କି ସ୍ୱାର୍ଥ ଅଛି ଯାହାକି ତା' ପାଖରେ ଅଭାବ ? ଏମିତି ବହୁତ କଥା ଭାବେ । ଭାବି ଭାବି ନିଜେ ଶିହରି ଉଠେ । ସୁପ୍ରିୟା ଉପରେ ରକ୍ତ ଗରଜ ଟେବଲ ହୁଏ । କିନ୍ତୁ କିଛି ସମାଧାନ କରି ପାରେନା । ବହୁତ ଗୁଡ଼ାଏ 'ହୁଏତ' ଗୋଲକଧନ୍ଦା ପରି ତାର ଆଖି ଆଗରେ ନାଚି ଯାଏ । ଗୋଟାଏ ପୂର୍ଣ୍ଣଚ୍ଛେଦ ସେ ଖୋଜି ପାଏନା ।

ପ୍ରତିଦିନ କଲେଜରୁ ଫେରି ନିରଞ୍ଜନ ଓ ସୁପ୍ରିୟା ସାନ୍ଧ୍ୟଭ୍ରମଣ କରି ବାହାରନ୍ତି । ସୁଜାତାର ମନ ଛଟପଟ ହୁଏ ନିରଞ୍ଜନ ସାଥିରେ ଟିକିଏ ବୁଲି ଆସିବାକୁ । ମନର ଭାବକୁ ନିରଞ୍ଜନ ଆଗରେ ପ୍ରକାଶ କରିବାକୁ କେତେଥର ସେ ଚେଷ୍ଟା କରିଛି । କିନ୍ତୁ ତଣ୍ଟି ପର୍ଯ୍ୟନ୍ତ ବାହାରି ଆସି ପୁଣି ମନ କଥା ମନ ଭିତରକୁ ଚାଲି ଯାଏ । ନାରୀ ସୁଲଭ ଲଜ୍ଜା କିଛି କୁହାଇ ଦିଏନି । ମା' ଆଗରେ ଆସି ସୁପ୍ରିୟା ନାଁ ରେ ନାଲିଶ କରେ । ନିରଞ୍ଜନ ସାଥିରେ ବୁଲିଯିବା ପାଇଁ ଅଡ଼ି ଧରିବସେ । କିନ୍ତୁ ବନବିହାରୀ ବାବୁଙ୍କର ସ୍ତ୍ରୀ ଏସବୁ କଥା କେବେ ଶୁଣନ୍ତି ନାହିଁ । ସବୁ ହସରେ

ଉଡ଼ାଇ ଦିଅନ୍ତ । ତଥାପି ସୁଜାତାର ନିରଞ୍ଜନ ଉପରେ ସ୍ନେହ କମେନି । ପଢ଼ା ଘରକୁ ଯାଇ ଘରଟି ପରିଷ୍କାର କରି ଓଳାଇ ଦିଏ । ଟେବୁଲ୍ ଉପରେ ସୁନ୍ଦର ସୁନ୍ଦର ଫୁଲ ଆଣି ସଜାଇ ଦିଏ । ସନ୍ଧ୍ୟା ନ ହେଉଣୁ ପଢ଼ାଘରେ ଲଇଟ୍ ଜାଳି ନିରଞ୍ଜନ ଅପେକ୍ଷାରେ ବସି ରୁହେ । ନିରଞ୍ଜନ ଆସି ପହଞ୍ଚିଲେ ନିଜେ ଚା' ତିଆରି କରି ଆଣିଦିଏ । ନିରଞ୍ଜନକୁ ସନ୍ତୋଷ କରିବା ଲାଗି ସେ ଆପ୍ରାଣ ଚେଷ୍ଟା କରେ । ନିରଞ୍ଜନଠାରୁ ହସ ହସ କଥା ପଦେ ଶୁଣିବାକୁ ସେ ଆକୁଳ ହୋଇ ଉଠେ ।

ମାଟ୍ରିକ ପରୀକ୍ଷା ଆସି ମୁଣ୍ଡ ଉପରେ ହୋଇଗଲା । ଦିନ କୋଡ଼ିଏଟା ବାକି । ଝୁହୁଁ ଝୁହୁଁ ଗଡ଼ିଯିବ । ନିରଞ୍ଜନ ନିଜର ପଢ଼ାପଢ଼ି ବନ୍ଦ୍ କରି ଦେଇ ସୁଜାତାକୁ ଖୁବ୍ ଯୋରସୋରରେ ପଢ଼ାଉ ଥାଏ । ସୁଜାତା ସେତେ ଭଲ ପଢ଼େନି । ତା' ଲାଗି ଟିକିଏ ବେଶି ପରିଶ୍ରମ ନ କଲେ ସେ ପାଶ୍ କରି ନ ପାରେ । ତେଣୁ ନିରଞ୍ଜନ ସୁଜାତାର ପଢ଼ାପଢ଼ିରେ ବେଶି ଜୋରକରି ନଜର ଦେଇଥାଏ । ରାତିରେ ପଢ଼େଇସାରି ଯାଉ ଯାଉ ବାରଟି ଗୋଟାଏ ବାଜିଯାଏ । ବନବିହାରୀ ବାବୁ କେତେଥର କହିଲେଣି, ଦେଖ ନିରଞ୍ଜନ – ସୁଜାତା ଲାଗି ତୁମେ ଯେଉଁ ଅକ୍ଳାନ୍ତ ପରିଶ୍ରମ କରୁଛ ସେଥିରେ ତୁମର ବୃତେ ସ୍ୱାସ୍ଥ୍ୟହାନି ହୋଇପାରେ ! ନିରଞ୍ଜନ ଏ ସବୁକୁ ଲକ୍ଷ୍ୟ କରେନି । ସେ ଚାହେଁ ସୁଜାତା ପାଶ୍ କରୁ । ଯେଉଁମାନଙ୍କ ଘରୁ ସାହାଯ୍ୟ ପାଉଛି, ସ୍ନେହ ପାଉଛି, ସହାନୁଭୂତି ପାଉଛି ସେମାନଙ୍କ ଲାଗି ପରିଶ୍ରମ କରିବନି ତ କାହାଲାଗି କରିବ ? ସେ କେବେ ବନବିହାରୀ ବାବୁଙ୍କ କଥା ଶୁଣେନି । ଧରାବନ୍ଧା ଭାବରେ ନିଜର ରୁଟିନ୍ କରି ଯାଉଥାଏ ।

ଯେଉଁଦିନ ପଢ଼ୁ ପଢ଼ୁ ସୁପ୍ରିୟାକୁ ଟିକେ ଘୁମ ଆସେ, ସେଦିନ ସେ କୁହେ ଆଜି ଏତିକିରେ ଥାଉ ନିରଞ୍ଜନ ବାବୁ । ରାତି ବହୁତ ହେଲାଣି । କାଲିକି ପୁଣି ସୁଜାତାକୁ ପଢ଼ାଇବେ । ଚାଲନ୍ତୁ ଯିବା । ନିରଞ୍ଜନ ସୁପ୍ରିୟାର ଇଚ୍ଛା ବିରୁଦ୍ଧରେ କିଛି କହି ପାରେନି । ନୀରବରେ ସମ୍ମତି ଜଣାଏ । ସୁଜାତା କିନ୍ତୁ ଅପା ଉପରେ ଚିଡ଼ି ଚିଡ଼ି ହୋଇ କହେ, ତୁ ଯାଉନୁ ଶୋଇବୁ । ମୋର ପରୀକ୍ଷା ଆଉ ଅଳ୍ପଦିନ ରହିଲା । ସେ ମୋତେ ଆଉ ଘଣ୍ଟାଏ ପଢ଼ାଇବେ ।

ସୁପ୍ରିୟା ନିରଞ୍ଜନ ଉପରେ ରାଗିକରି ଉଠିଯାଏ । ସୁପ୍ରିୟା ଚାଲିଯିବାରୁ ନିରଞ୍ଜନକୁ ବଡ଼ ଏକାଟିଆ ଲାଗେ । ପଢ଼େଇବାକୁ ଆଉ ମନ ଲାଗେନା । ସେ ମଧ ଉଠି ଚାଲିଯାଏ । ଏସବୁ ଢଙ୍ଗ ଢାଙ୍ଗ ଦେଖି ସୁଜାତାର ଛାତି କରତି ହୋଇଯାଏ ।

ଦିନକର କଥା । ସୁପ୍ରିୟାକୁ ଦୁଇଦିନ ଆଗରୁ ଅତି ସାମାନ୍ୟ ଜ୍ୱର ହୋଇଥାଏ । କିନ୍ତୁ କଲେଜ ଯିବା ସେ ବନ୍ଦ କରିନି । ପଢ଼ିବାକୁ ଇଚ୍ଛା ନ ଥିଲେ ମଧ ନିରଞ୍ଜନକୁ ଛାଡ଼ି ସେ ଏକାଟିଆ ଘରେ ରହିବାକୁ ଚାହେଁନି । ସେଦିନ କଲେଜରୁ ଫେରିଲା ବେଳକୁ ତାର ମୁଣ୍ଡ ଖୁବ୍ ବଥାଉ ଥାଏ । ମାସକରେ ତା'ର ଏପରି ଥରେ ମୁଣ୍ଡ ବଥାଏ । ମା' କହିଲେ ତୋତେ ଦୁଇ ଦିନ ହେଲା ଜ୍ୱର ହେଉଛି, ଏ ଅବେଳାଟାରେ ଆଉ ଗାଧାନାହିଁ, କାଲି ସକାଳେ ଯାଇ ଗାଧୋଇବୁ । ସୁପ୍ରିୟା ପ୍ରତିବାଦ କଲା ନାହିଁ । ଚୁପକରି ଜଣେ ଘରେ ବସି ରହିଲା ।

ସୁଜାତାର ମନ ଆନନ୍ଦରେ ଘର ଧରୁ ନ ଥାଏ । ଆଜି ନିରଞ୍ଜନ ପାଖରେ ସେ ଏକା ପଢ଼ିବ । ଅପା ଆସିବ ନାହିଁ । ମନେ ମନେ ବହୁତ ଗୁଡ଼ାଏ କଳ୍ପନା କରିଗଲା । ରାତିର

ଅନ୍ଧକାର ଦିଗ୍‌ଦିଗନ୍ତ ଘୋଟିଗଲା । କଟକ ସହରର ବିଜୁଳି ଆଲୁଅ କୃଷ୍ଣପକ୍ଷ ରାତିକୁ ବିଦ୍ରୂପକରି ହସି ଉଠିଲା । ସୁଜାତା ନିଜର କୋଠରୀରେ ନିରଞ୍ଜନ ପ୍ରତୀକ୍ଷାରେ ବସି ରହିଲା ।

କାନ୍ଥ ଘଡ଼ିରେ ଠନ୍‌·········ଠନ୍ ହୋଇ ସାତ ବାଜିଲା । ନିରଞ୍ଜନ ଆସି ପହଞ୍ଚି ଯାଇଛି । ପଢ଼ାକୋଠରୀ ଭିତରକୁ ସେ ଥରେ ଆଖି ବୁଲାଇ ନେଲା । ସୁଜାତା ଏକା ବସିଛି । ସୁପ୍ରିୟାର ଅନୁପସ୍ଥିତ କାରଣଟା ଜାଣିବା ପାଇଁ ସେ ବଡ଼ ବ୍ୟଗ୍ର ହୋଇ-ଉଠିଲା । କେବଳ ସୁଜାତାକୁ ପ୍ରଶ୍ନବାଚକ ଦୃଷ୍ଟିରେ ଚାହିଁବା ବ୍ୟତୀତ ତାର ଆଉ କିଛି ପଚାରିବାକୁ ସାହସ ନ ଥିଲା ।

ନିରଞ୍ଜନର ମନୋଭାବ ଲକ୍ଷ୍ୟକରି ସୁଜାତା କହିଲା—ଆଜି ଅପାର ଦେହ ଅସୁସ୍ଥ ଅଛି । ସେ ଆସି ପାରିବ ନାହିଁ ।

ନିରଞ୍ଜନର ମନହେଲା ଧାଇଁଯାଇ ତାକୁ ଦେଖି ଆସନ୍ତା ! ତାର ଦେହ ଅସୁସ୍ଥର କାରଣ ବୁଝି ଆସନ୍ତା । ପରକ୍ଷଣରେ ଲଜ୍ଜା, ସଙ୍କୋଚ ତାକୁ ଆବୋରି ବସିଲା । ଚୁପହୋଇ ସୁଜାତାକୁ ପଢ଼ାଇବାରେ ମନ ଦେଲା । ପଢ଼ାଉ ପଢ଼ାଉ ସବୁଦିନ ପରି ବାର ବାଜିଲା । ଅଳ୍ପ ସମୟ ହେଲା ପାଣ୍ଡୁଆ ଜହ୍ନ ଉଇଁଲେଣି । ବାହାରେ ଶୂନ୍ ଶାନ୍ । ବନବିହାରୀ ବାବୁଙ୍କ ଘରେ ସମସ୍ତେ ଶୋଇ ଗଲେଣି । ନିରଞ୍ଜନ କହିଲା—ଆଜି ସେତିକିରେ ପଢ଼ା ବନ୍ଦ କର ସୁଜାତା । ରାତି ବହୁତ ହେଲାଣି ।

ସୁଜାତା ମୁରୁକି ହସି କହିଲା—ଆଜି ଅପା ନାହିଁ ବୋଲି କ'ଣ ପଢ଼ାଇବାକୁ ମନ ହେଉନି ? ନିରଞ୍ଜନ କିଛି ଉତ୍ତର ଦେଲାନି ।

—ଚୁପ୍ ରହିଲେ ଯେ ? ମୋ କଥାର ଉତ୍ତର ଦିଅନ୍ତୁ ।

—ତୁମ କଥାର ଉତ୍ତର ଦେବାକୁ ମୁଁ ଅକ୍ଷମ ସୁଜାତା । ଯାଅ ଶୋଇବ ।

—ଏକା ଶୋଇଲେ ଶେଯ ଅଭିମାନ କରେ ।

—ମାନେ ?

ସୁଜାତା ମାଦକଭରା ଆଖିରେ ପ୍ରେମ-ମଦ୍ଧୁରୀ ଫୁଟି ହସି-ଉଠିଲା । ଝଣା ଆଖିରେ ଥିଲା ତାର ବାଙ୍କଗୃହିଣୀ । ତା'ର ଶରୀରର ବ୍ୟବହୃତ ବିଭିନ୍ନ ଟଏଲେଟ୍ କୋଠରୀର ହାଓ୍ୱାକୁ ଆହୁରି ମାଦକମୟ କରିଥିଲା ।

ନିରଞ୍ଜନ ବଡ଼ ଅସ୍ୱସ୍ତି କର ବୋଧକଲା । ସେ ନିଜ ଚୌକି ଛାଡ଼ି ଠିଆ ହେଲା ।

ହଠାତ୍ ସୁଜାତା ଉଲ୍‌କାବେଗରେ ଧାଇଁ ଆସି ଦରଜା ଦେହରେ ଆଉଜି ଛିଡ଼ାହୋଇ ବାଟଓଗାଳି ନିରଞ୍ଜନକୁ କହିଲା —ଆଜ୍ଞା ମୋର କେତେ ଗୁଡ଼ାଏ କଥା ଆପଣଙ୍କୁ ପଚାରିବାକୁ ଅଛି । ଦୟାକରି ଆଉ ଅଳ୍ପ ସମୟ ବସନ୍ତୁ । ତା'ପରେ ଚାଲିଯିବେ ।

ନିରଞ୍ଜନ ଭୟରେ ଥର ଥର ପୁଣି ଚୌକିରେ ବସିପଡ଼ିଲା । ଘୃଣାରେ ତା'ର ମୁହଁଟା ରଙ୍ଗା ପଡ଼ିଯାଇଥାଏ ।

ସୁଜାତା କହିଲା—ନିରଞ୍ଜନ ବାବୁ ! ଆପଣ କ'ଣ ଆଜି ପର୍ଯ୍ୟନ୍ତ ମୋର ମନର କଥା ବୁଝିପାରି ନାହାନ୍ତି ? ମୁଁ ଆପଣଙ୍କଠାରୁ କ'ଣ ଆଶାକରେଁ ତା କ'ଣ ଆପଣ ଜାଣନ୍ତି ନାହିଁ ? ଅପାକୁ ଆପଣ ଏତେ ଭଲ ପାଆନ୍ତି ଅଥଚ ମୋତେ ହସିକରି ପଦେ କଥା କହନ୍ତି ନାହିଁ । ମୋ ପ୍ରତି ଏତେ ଅବହେଳା କାହିଁକି ?

—ମାନେ ? ମୁଁ ତ ତୁମ କଥାର ମର୍ମ କିଛି ବୁଝି ପାରୁନି ।

—ବୁଝି ପାରୁ ନାହାନ୍ତି ? ମୁଁ କ'ଣ ମୋ ମନକଥା ବୁଝିବାକୁ ଆପଣଙ୍କୁ ସୁଯୋଗ ଦେଇନି ? ଆଖିର ଇଙ୍ଗିତରେ ଆପଣ କ'ଣ କିଛି ବୁଝି ପାରୁ ନାହାନ୍ତି ।

—ଛି, ସୁଜାତା ! ତୁମେ ଏମିତି ପାଗଳ ପରି କ'ଣ ଗୁଡାଏ କହି ଯାଉଛ ? ତୁମର ବାପ ମା' ଜାଣିଲେ କ'ଣ ଭାବିବେ ?

—ଏତେ ରାତିରେ କିଏ କାହିଁକି ଏଠିକି ଆସିବ ? ଆସିଲେ ଆସନ୍ତୁ ଅପା । କିନ୍ତୁ ତାର ଆଜି ଅସୁବିଧା ଅଛି । ଆଉ ଭୟ କାହାକୁ ? ଏତେ ବଡ଼ କୋଠରୀରେ ଏକା ଆପଣ, ଆଉ ମୁଁ । ଦେଖୁନା ଦୂରର ଜହ୍ନ କିମିତି ଲାଜରେ ବାଦଲ ଫାଙ୍କରେ ଆତ୍ମ-ଗୋପନ କଲାଣି । ଆଉ ଡେରି କାହିଁକି ?

ସୁଜାତା ତୁମେ ଭଦ୍ରାମୀର ସୀମା ଲଙ୍ଘନ କରୁଛ । ପରିଣାମ ବଡ଼ ବିଷମୟ ହୋଇ ଉଠିବ । ଶୀଘ୍ର ଦୁଆର ଖୋଲିଦିଅ ।

ସୁଜାତା ପୂର୍ବପରି ଅବିଚଳିତା ଭାବରେ କହିଲା—ତଥାପି ମୋର ମନକଥା ବୁଝି ପାରିଲେ ନାହିଁ ନିରଞ୍ଜନ ବାବୁ ! ଆପଣ କ'ଣ ମନୁଷ୍ୟ ନୁହଁନ୍ତି ? ଆପଣଙ୍କ ଦେହରେ କ'ଣ ଚମକ ଖେଳେନି । ଅନ୍ୟ କେହି ଯଦି ଏତିକି ଆଭାଷ ପାଇଥାଆନ୍ତା ତେବେ × × × × ମୋ ପ୍ରାଣଟା ଖାଁ—ଖାଁ କରିଉଠୁଛି । ଆଉ ହତାଶ କରନ୍ତୁ ନାହିଁ । ସୁଜାତାର ଅଧର କୋଣରୁ ଝରିପଡ଼ୁଥିଲା ପ୍ରେମ ମଦିରାର ଧାରା । ସୁଇଚ୍ ଟିପି ଘରର ଆଲୁଅଟାକୁ ବନ୍ଦ କରିଦେଲା ସେ ।

ନିରଞ୍ଜନ ଯୁବକ । ତତଲ ରକ୍ତ ସବୁବେଳେ ଧମନୀ ଭିତରେ ପ୍ରବାହିତ ହେଉଛି । ମନକୁ ଯେତେ କଠୋର କଲେ ମଧ୍ୟ ବୟସର କୃପାରେ ସେ ଅଥୟ ହୋଇ ପଡ଼ିଲା । ଏତେ ଦିନର ସାଧନା ତାର ସୁଜାତା ପାଖରେ ହାର୍ ମାନିଲା । ଗୋଟାଏ ଖିଆଲରେ ସେ ସୁଜାତାର ଦେହଟିସାରା ହାତ ବୁଲାଇ ଆଣି ଚମକି ପଡ଼ିଲା । ସଙ୍ଗେ ସଙ୍ଗେ ନିରଞ୍ଜନର ସମ୍ବିତ ଫେରି ଆସିଲା । ତା'ର ମନ ପୁଣି ସବଳ ହୋଇ ଉଠିଲା । ସେ ଗୋଟାଏ ଧକ୍କାରେ ସୁଜାତାକୁ ତଳକୁ ଫିଙ୍ଗିଦେଇ ଲାଇଟ୍‌ର ସୁଇଚ୍‌ଟା ଅନ୍ କରିଦେଲା । ସୁଜାତା ଖଣ୍ଡେ ଦୂରରେ ଅର୍ଦ୍ଧନଗ୍ନ ହୋଇ ପଡ଼ିଛି । ଆଖିରେ ତୃଷା ଭରି ରହିଛି ଅଥଚ ପାଟିରେ ଭାଷା ନାହିଁ । ବୋଧହୁଏ କାମନାର ତଡ଼ିତ୍ ସ୍ରୋତ ତା ଦେହରେ ଖେଳିଯାଇ ବାକ୍‌ଶକ୍ତି ରୁଦ୍ଧ କରି ପକାଇ ଥାଏ । ଜଳକା ହୋଇ ସେ ମିଳନର ସ୍ୱପ୍ନ ଦେଖି ଯାଉଥାଏ ।

ନିରଞ୍ଜନ ଆଉ ମୁହୂର୍ତ୍ତେ ବିଳମ୍ବ କଲାନି । ସିଡ଼ି ଦେଇ ତଳକୁ ଓହ୍ଲାଇ ଆସିଲା ।

ଠିକ୍ ସେତିକି ବେଳକୁ ବିରହ ବିଧୁର ଚକ୍ରବାକଟିଏ ଦୂର ଚନ୍ଦନ ଗଛଳରୁ ରହି ରହି ବ୍ୟଥାତୁର କଣ୍ଠରେ ମୂର୍ଚ୍ଛନା ତୋଳୁଥାଏ, ଅଜ୍ଞାତ ଚକ୍ରବାକୀ ବିଚ୍ଛେଦରେ ଆତ୍ମହରା ହୋଇ । କେଡ଼େ କରୁଣ, କେଡ଼େ ମର୍ମସ୍ପର୍ଶୀ ସେ ରାଗିଣୀ·····

ଦୁଇଦିନ ପରେ ଗୋଟାଏ ଚମତ୍କାର ଗୋଧୂଳି । ଫଗୁଣ ମଞ୍ଜରି ପ୍ରତି ଡାଳେ ଡାଳେ ଫୁଟି ଉଠିଛି କାମନାପୂତା । ନିରଞ୍ଜନ ଅଗଣାର ଚମ୍ପାଗଛଟି ପୁଷ୍ପ ଭାରରେ ନଇଁ ପଡ଼ିଛି ।

ସେହି ଚନ୍ଦନଫୁଲର ମଧୁର ମହକ ଧରି ସ୍ନେହ ମଳୟ ବହି ଯାଉଛି ସହର ରାସ୍ତା ଟପି ବହୁ ଦୂରକୁ ।

ନିରଞ୍ଜନ ଦୁଇଦିନ ହେଲା କଲେଜ୍ ଯାଇନି । ସୁପ୍ରିୟାକୁ ବହୁତ ପ୍ରକାର ଅସୁବିଧାର ବାହାନା ଦେଖାଇଛି । ଏଣିକି ସେ ଆଉ ସୁଜାତାକୁ ପଢ଼ାଇବାକୁ ଚାହୁଁନି । ବିନୟବିହାରୀ ବାବୁଙ୍କୁ ଅନ୍ୟ ଟିଉଟର ବନ୍ଦୋବସ୍ତ କରିବା ପାଇଁ କହିବାକୁ ସେ ବହୁତ ଥର ଠିକ୍ କଲଣି । କିନ୍ତୁ କହି ପାରିନି । ସୁଜାତାର ପରୀକ୍ଷା ପାଖ ହୋଇ ଆସିଲାଣି । ଏମିତି ସମୟରେ ଟିଉସନ ବନ୍ଦ କରିଦେଲେ ଅସୁନ୍ଦର ହେବ । ସେଥିପାଇଁ ସେ କିଛି କହି ପାରୁନି । ନିଜର ରୁଟିନ୍ ମୁତାବକ ପଢ଼ାଇବାକୁ ଯାଉଛି ସତ କିନ୍ତୁ ଆଗପରି ପଢ଼ାଇ ପାରୁନି । ପଢ଼ାକୋଠରୀରେ ପଶିଲାକ୍ଷଣି ତା'ର ଆଖି ଆଗରେ ଅତୀତ କଥା ଝଲସି ଉଠୁଛି ।

ସୁଜାତା ମଧ୍ୟ ଖୁବ୍ ବଦଳି ଯାଇଛି । ସେ ନିରଞ୍ଜନ ଦ୍ୱାରା ଏପରି ଭାବରେ ଅପମାନିତ ହେବ ବୋଲି ଆଶା କରି ନ ଥିଲା । ନିରଞ୍ଜନ ତା ପ୍ରେମକୁ ଉପେକ୍ଷା କରିଛି । ତାର ଆଶା ଚରିତାର୍ଥ ହେଇନି । ଘୃଣା ଓ କ୍ରୋଧରେ ସୁଜାତାର ବ୍ରୀଡ଼ାବନତ ମୁଖଟି ନିରଞ୍ଜନ ସାମନାରେ ଆପେ ଆପେ ନଇଁ ଆସିଛି । ଆଉ ଆଗପରି ଦୁଷ୍ଟାମି ହସ ସେ ହସୁ ନାହିଁ । ନିରଞ୍ଜନ ଉପରକୁ କାଳ ଚକାଉ ନାହିଁ । ଗୋଟିଏ ପାଠକୁ ଦଶଥର ଲେଖାଏଁ ପଚାରି ବୁଝୁନାହିଁ ।

ସୁପ୍ରିୟା ଏସବୁ ଲକ୍ଷ୍ୟ କରିଛି । ନିରଞ୍ଜନ ମନର ଅବସ୍ଥା ଭଲ ନାହିଁ ବୋଲି ଠଉରେଇ ନେଇଛି । କାରଣ ଜାଣିବା ପାଇଁ ନିରଞ୍ଜନକୁ ବହୁତ ଥର ପଚାରିଛି । ନିରଞ୍ଜନ ତାକୁ ବହୁତ କଥା

କହିନି, ତାର ଧାରଣା ହୁଏ ତ ସୁପ୍ରିୟା ଜାଣିଗଲେ ଦୁଇ ଭଉଣୀଙ୍କର ପବିତ୍ର ସ୍ନେହ ବନ୍ଧନଟା ଆପେ ଛିଡ଼ି ଯାଇପାରେ ।

ନିରଞ୍ଜନ ଚନ୍ଦନଚମ୍ପା ଗଛତଳେ ଖଟଟି ପକାଇ ଦେଇ ଶୋଇଛି । ପୂର୍ବାଶ୍ରୀ ଟୋକା ବଜାର ଯାଇଛି । ନିରଞ୍ଜନ ମୁହଁମାଡ଼ି ଶୋଇରହି ନିଜର ଅବସ୍ଥା ବିଷୟ ଭାବି ଯାଉଛି କେତେ କ'ଣ ।

ଭଗବାନ୍ ତାକୁ ମଣିଷ କରି ଜନ୍ମ ଦେଲେ କାହିଁକି ? ଗୋଟାଏ ନାଆରେ ଦୁଇ ଜଣ । ସୁପ୍ରିୟା ତାକୁ ଭଲପାଏ, ତା'ର ଅନାବିଳ ସ୍ନେହ ପାଖରେ ସେ ହାରିମାନେ । ହେଲେ ସୁପ୍ରିୟା ତାକୁ କାହିଁକି ଭଲପାଏ ଏ କଥା ତ କେବେ କହିନି । ଏପରି ନିଃସ୍ୱାର୍ଥ ଭାବରେ ଭଲ ପାଇବାର ଅର୍ଥ କ'ଣ ? ସେଦିନ କଲେଜ ପିଲମାନେ କହିଲେ ସୁପ୍ରିୟା ତାକୁ ବିବାହ କରିବ । ଏକଥା କେବେହେଲେ କ'ଣ ସତ୍ୟ ହୋଇପାରେ ! ସେ ଗରିବ । ସୁପ୍ରିୟାଠାରୁ ସାହାଯ୍ୟ ପାଇ ପଢୁଛି । ତଥାପି ତା'ପରି ଗରିବକୁ କ'ଣ ସୁପ୍ରିୟା ବିବାହ କରିବ······

ଏଣେ ସୁଜାତା । ସେ ତାକୁ ପ୍ରେମଲାଗି ଆହ୍ୱାନ କରିଛି । ସେ ଯେଉଁ ପରିସ୍ଥିତି ସେଥିରେ ଯଦି ନିରଞ୍ଜନର ମନ ସବଳ ହୋଇ ନ ଉଠିଥାଆନ୍ତା, ତେବେ ବହୁତ କଷ୍ଟ ହୋଇଯାଇ ଥାଆନ୍ତା । ନାଁ ସେ ଆଜି ସୁପ୍ରିୟାକୁ ସ୍ପଷ୍ଟ ପଚାରି ଦେବ । ତାପରେ ଅନ୍ୟଠାରେ ଘରଭଡ଼ା କରି ରହିବ—ଠପ୍ କରି ଗୋଟାଏ ଚନ୍ଦନଚମ୍ପା ଝଡ଼ିପଡ଼ିଲା ନିରଞ୍ଜନ ଛାତି ଉପରେ । ନିରଞ୍ଜନ ସେଇଟିକୁ ହାତରେ ଉଠାଇ ନେଲା । ଏହି ଚନ୍ଦନଚମ୍ପା ଲାଗି ସୁପ୍ରିୟାର ବଡ଼ ଆଗ୍ରହ । ସେ ପ୍ରତିଦିନ ସୁପ୍ରିୟା ଲାଗି ଚନ୍ଦନଚମ୍ପା ନେଇ ଦିଏ । ସୁପ୍ରିୟା କବରୀରେ ଏ ଫୁଲର ସ୍ତବକଟି ସୁନ୍ଦର ସାଜେ । ଦୁଇଦିନ

ହେଲା ସେ ଫୁଲ ଦେବାରେ ଅବହେଳା କରୁଛୁ । ଆଜ ନେଇ ଏଇଟିକୁ ଦେବ ।

ବାହାରେ ରିକ୍‌ସା ଘଣ୍ଟି ଟିନ୍—ଟିନ୍ ଶୁଭିଲା । ତାପରେ ହାଇହିଲ୍ ସୁ' ପିନ୍ଧି ଭିତରକୁ ପଶିଆସିଲା ସୁପ୍ରିୟା ।

—ଚାଲନ୍ତୁ ନିରଞ୍ଜନ ବାବୁ, ବୁଲିଯିବା ।

ନା' ମୋ ଦେହ ଖରାପ ଅଛି ! ମୁଁ ଯିବିନି ।

ସେ ସବୁ ବାଜେ ଛଳନା । ମୁଁ କେତେଦିନ ହେବ ସ୍ପଷ୍ଟ ଲକ୍ଷ୍ୟ କରୁଛି ଆପଣଙ୍କ ମନର ଅବସ୍ଥା ଆଦୌ ଭଲ ନାହିଁ । ମୋତେ ଆପଣ ଏତେ ପର ବୋଲି ଭାବୁଛନ୍ତି ? ମୋ ପାଖରେ ଲୁଚେଇ ଲାଭ କ'ଣ ? ବାପା ଆପଣଙ୍କୁ କିଛି କହିଛନ୍ତି ?

—ନା । ଦରଦଭରା କଣ୍ଠରେ ଉତ୍ତର ଦେଲା ନିରଞ୍ଜନ ।

—ତେବେ ଚାଲନ୍ତୁ ବୁଲିଯିବା ।

ସୁପ୍ରିୟା ନିରଞ୍ଜନର ହାତକୁ ଧରି ଟାଣିଲା ।

—କେତେ ଦୂର ଯିବାକୁ ପଡ଼ିବ ?

—ଅନ୍ତତଃ ଗୋରା କବର ଯାଏ । ମୋତେ ସେ ଜାଗାଟା ଭାରି ଭଲ ଲାଗେ ।

—ସନ୍ଧ୍ୟା ହୋଇ ଗଲାଣି । ଆଉ କ'ଣ ବେଳ ଅଛି ?

—ଆପଣଙ୍କୁ କ'ଣ ଭୟ ଲାଗୁଛି ? ଆମେ ବର୍ତ୍ତମାନ ରିକ୍‌ସାରେ ଯିବା । ମୁଁ ଡ୍ରାଇଭରକୁ କହିଯାଇଛି, ସେ ଗୋଟାଏ ଘଣ୍ଟା ପରେ କାର୍ ନେଇଯିବ ।

ନିରଞ୍ଜନ କାମିଜ ଖଣ୍ଡେ ଦେହରେ ଗଳାଇ ବାହାରି ପଡ଼ିଲା ।

ଦୁହେଁ ଯାଇ ରିକ୍ସାରେ ବସିଲେ ଏକଦମ୍ ଲଗାଲଗି ହୋଇ । ଦୁହିଁଙ୍କ ମଧ୍ୟରେ ବ୍ୟବଧାନ ଆଦୌ ନ ଥାଏ । ବାହାରର ଯେ କୌଣସି ଲୋକ ଭାବିବ ଏ ଦୁହେଁ ସ୍ୱାମୀ, ସ୍ତ୍ରୀ । କିନ୍ତୁ ରିକ୍ସାବାଲା ଜାଣେ ପରିଚିତ ଦୁଇଟି ବନ୍ଧୁ ।

ସୁଜାତା ବ୍ୟାଡ଼୍‌ମିଣ୍ଟନ ଖେଳିବାକୁ ଲେଡ଼ିଜ୍ କ୍ଲବକୁ ଯାଇଥିଲା । ଠିକ୍ ସେତିକି ବେଳକୁ ଖଣ୍ଡେ ରିକ୍ସାରେ ଫେରୁଥାଏ । ସୁଜାତା ଓ ସୁପ୍ରିୟାର ରିକ୍ସା ଠିକ୍ ସାମନା ସାମନି ହୋଇ ଗଲା । ସୁପ୍ରିୟା ଓ ନିରଞ୍ଜନକୁ ଖଣ୍ଡିଏ ରିକ୍ସାରେ ବୁଲି-ଯାଉଥିବା ଦେଖି ସୁଜାତାର ଚିତ୍ତ କରିତ୍ତ ହୋଇ ଉଠିଲା । ତାର ମନ ହେଲା ଧାଇଁ ଯାଇଁ ସୁପ୍ରିୟାକୁ ଗୋଟାଏ ଧକ୍କାରେ ତଳେ ପକାଇଦେବ । ପରକ୍ଷଣରେ ନିଜକୁ ସଂଯତ କରିନେଲା । ସୁପ୍ରିୟାକୁ ଲକ୍ଷ୍ୟ କରି କହିଲା—ଅପା ସଂଧ୍ୟା ହେଲାଣି । କୁଆଡ଼େ ବୁଲି ଯାଉଛୁ ?

"ତୋର ସେଥିରେ କ'ଣ ଅଛି ?" ଚିଡ଼ାଗଳାରେ କହିଲା ସୁପ୍ରିୟା ।

—ଓହୋ, ପଢ଼ିବାରେ ଯେଉଁ ମନ । ଖାଲି ମାଷ୍ଟର ବସିଲେ କ'ଣ ପାଠ ପଢ଼ାହୁଏ ? ତୁ ଯା ପଢ଼ି ବସିଥିବୁ । ଆମେ ବର୍ତ୍ତମାନ ଫେରି ଆସିବୁଁ ।

ସୁଜାତା କିଛି ଜବାବ ଦେଲାନି ।

ବନବିହାରୀ ବାବୁଙ୍କ ଘର ସାମନାରେ ରିକ୍ସା ଅଟକିଲା । ଡ୍ରାଇଭର୍ କାର୍‌ରେ ପେଟ୍ରୋଲ ଭରୁଥାଏ । ସୁଜାତା ରିକ୍ସାରୁ ଓହ୍ଲାଇ ପଡ଼ି ଡ୍ରାଇଭରକୁ କହିଲା—ଅପା ଓ ନିରଞ୍ଜନ ବାବୁ କେଉଁ ଆଡ଼କୁ ବୁଲି ଯାଇଛନ୍ତି ଜାଣିଛ ?

—ଗୋରି କବରରେ ଆଜି ବୁଲି ଯାଇଛନ୍ତି । ମୋତେ କହି ଯାଇଛନ୍ତି ଘଣ୍ଟାଏ ପରେ କାର୍ ନେଇ ଯିବାକୁ ।

ଏତକ ଶୁଣି ସୁଜାତାର ଆଖି ଦୁଇଟି ହ୍ରସ୍ବ ହୋଇ ଉଠିଲା । ସେ ସିଧା ଉପର ମହଲାକୁ ଉଠିଯାଇ ଡାକିଲା—ଦାମା ଏ' ଦାମା ?

ଦାମା ବନବିହାରୀ ବାବୁଙ୍କ ଚାକର । ପିଲାଟିର ବୟସ ସତର ପାଖାପାଖି ହେବ । ନହାତ ମୂର୍ଖ ନୁହେଁ । ଅର୍ଦ୍ଧ ଶିକ୍ଷିତ । ବନବିହାରୀ ବାବୁଙ୍କ ଦୟାରୁ ମାଇନର ଖଣ୍ଡିକ ପାସ୍ କରିଛି । ପିଲାଦିନରୁ ତାଙ୍କ ଘରେ ଚାଲି ଆସିଛି । ସୁଜାତାକୁ ସେ ବଡ଼ ଭୟ କରେ । ସମୟେ ସମୟେ ଦୁହେଁ ମନଖୋଲା କଥାବାର୍ତ୍ତା ହୁଅନ୍ତି । ଦରକାର ପଡ଼ିଲେ ସୁଜାତା ଦାମାକୁ ମାଡ଼ ମଧ୍ୟ ଦେବାକୁ ପଛାଏ ନାହିଁ ।

ଦାମା କଣଘର ଫିନାଇଲ୍‌ରେ ଧୋଉଥିଲା । ସୁଜାତାର ଡାକରେ କାମକୁ ପଛରେ ପକାଇ ଦେଇ ଧାଇଁ ଆସିଲା । ପଚାରିଲା—କାହିଁକି ଡାକିଲ ଦେଈ ?

—ତୁ ଗୋଟାଏ କାମ କରି ପାରିବୁ ?

କି କାମ ?

—ବଡ଼ ଦରକାରୀ କାମଟାଏ । କିନ୍ତୁ ଖୁବ୍ ସାବଧାନରେ ତୋତେ କରିବାକୁ ପଡ଼ିବ । ପାରିବୁ ?

—କାମଟା କ'ଣ ଆଗେ କୁହ ।

ତୋତେ ବର୍ତ୍ତମାନ ଗୋରି କବରକୁ ଯିବାକୁ ପଡ଼ିବ ।

—ଏଁ ଗୋରି କବର ? ମୋ ବୋପାଲୋ, ରାତି ହୋଇ ଗଲାଣି—ମୁଁ ଏକା ସେଠିକୁ ଯିବି ? ସେଠାରେ ଭୂତ ବାହାରନ୍ତି ।

ସୁଜାତା ମୁହଁ ଶୁଖାଇ କହିଲା—ଯେତେ ତୁଟା ନହାନ୍ତି ହୋପ୍‌ଲେସ୍ । ତୋତେ ମୁଁ ଆଉ କଥା କହିବି ନାହିଁ ।

ରାମା ଟିକିଏ ସାକୁଲେଇ କହିଲା—ଏମିତି ରାଗ କରୁଚ କାହିଁକି ଦେଈ ? କାହିଁକି ଯିବ କୁହ । ସୁଜାତା ଟିକିଏ ହସି ଦେଲା । କହିଲା—ତୁ ଫଟୋ ଉଠାଇ ଜାଣୁ ?

ମୁଁ କେତେଥର ଫଟୋ ଉଠା ଦେଖିଛି କିନ୍ତୁ କେବେ ଉଠାଇ ନାହିଁ । ଶିଖାଇ ଦେଲେ ଶିଖି ଯିବି ଯେ ।

ସୁଜାତା ନିଜ ସୁଟ୍‌କେସରୁ ଗୋଟାଏ କ୍ୟାମେରା ଓ କିଛି ପାଉଡ଼ର ଦେଇ କହିଲା—ତୁ ଏତକ ନେଇ ଗୋଲ କବରକୁ ଯା । ସେଠାରେ ଅପା ଓ ନିରଞ୍ଜନ ବାବୁ ବସିଥିବେ । ତୁ ଲୁଚି ଲୁଚି ଯାଇ ସେ ଯେଉଁଠାରେ ବସିଥିବେ ତା ପାଖରେ ଆଉ ଗୋଟାଏ କବର ପଛ ପଟେ ଲୁଚି କରି ବସିବୁ । ଟିକିଏ ରାତି ହୋଇ ଗଲେ ତୁ ହଠାତ୍ ପାଉଡ଼ରରେ ନିଆଁ ଲଗାଇଦେବୁ ଓ ମୁହଁରେ ଗୋଟାଏ କଳାକନା ଗୁଡ଼ାଇ ଠିଆ ହୋଇଯିବୁ । ଅପା ତୋତେ ଦେଖି ନିରଞ୍ଜନ ବାବୁଙ୍କୁ ଭୟରେ ଯେତେବେଳେ କୁଣ୍ଢାଇ ପକାଇବ, ତୁ ସେତେବେଳେ ଗୋଟାଏ ଫଟୋ ଉଠାଇ ପଳାଇ ଆସିବୁ ।

—ମୋତେ ବଡ଼ ଭୟ ଲାଗୁଛି ସୁଜାତା ଅପା । ବଡ଼ ଅପା କିମ୍ୱା ବାବୁ ଯଦି ଜାଣିବେ ତେବେ ମୋ ପ୍ରାଣ ନେଇଯିବେ ।

—କିଛି ଭୟ କରନା । ମୁଁ ଅଛି । ତୋର କିଛି ହେବନି । ଖୁବ୍ ସାବଧାନ ଭାବରେ ଏ କାମଟାକୁ କରିବୁ । ଦେଖ୍ କାହାରି ଆଗରେ କହିବୁ ନାହିଁ । ମୁଁ ତୋତେ କୋଡ଼ିଏ ଟଙ୍କା ଦେବି ।

ଦାମା, ସୁଜାତା ହାତରୁ କ୍ୟାମେରା ଓ ପାଉଡ଼ର ଡବା ନିଜ ଚଦର ତଳେ ଅତି ଯତ୍ନରେ ଲୁଚେଇ ଚୋରଙ୍କ ପରି ଲୁଙ୍ଗ୍ ରୁ ଲୁଙ୍ଗ୍ ରୁ ହୋଇ ବାହାର ଆସିଲି । ଘରଟା ସେମିତି ଅଧାଧୂଆଁ ହୋଇ ପଡ଼ିଥାଏ ।

ସୂର୍ଯ୍ୟ ପୂର୍ବ ପୂରି ବୁଡ଼ି ଯାଇଥାନ୍ତି । ଅଥଚ ଚନ୍ଦ୍ର ତାର ଆଲୋକ ଆବରଣ ପିନ୍ଧି ଅଭିସାର ରଚନାହିଁ । ଆକାଶରେ କେତୋଟି ଉଜ୍ଜ୍ୱଳ ତାରକାଙ୍କ ବ୍ୟତୀତ ଅନ୍ୟଗୁଡ଼ିକଙ୍କର ସପନ ଭାଙ୍ଗିନି । ଖଣ୍ଡେ କଳାବଉଦ ତଳେ କେତୋଟି ଜ୍ୟୋତିର୍ମୟୀ ତାରକା ବନ୍ଦିନୀ । ସନ୍ଧ୍ୟାରାଣୀଙ୍କର ଅବଗୁଣ୍ଠନ ତଳୁ ବାହାରି ଆସିଛି କଅଁଳିଆ ପବନ । ଗୋରାକବର ଶୂନ୍ ଶାନ୍ । ଠିକ୍ ଏହି ସନ୍ଧି କ୍ଷଣରେ ରିକସାବାଲା ନିରଞ୍ଜନ ଓ ସୁପ୍ରିୟାଙ୍କୁ ଗୋରାକବର ଭିତରେ ଓହ୍ଲାଇ ଦେଲା ।

ଗୋଟିଏ କବରର ପକ୍କା ଚଟାଣ ଉପରେ ଲଗାଲଗି ହୋଇ ବସି ପଡ଼ିଲେ ନିରଞ୍ଜନ ଓ ସୁପ୍ରିୟା । ରିକ୍ସାବାଲା ପଇସା ଅଣ୍ଟାରେ ମାରି ଫେରି ଆସିଲା ।

ସୁପ୍ରିୟା ଆରମ୍ଭ କଲା ।

—ଗୋରା କବରରୁ ଯଦି ବର୍ତ୍ତମାନ ଗୋଟାଏ ଭୂତ ବାହାରନ୍ତା ତେବେ ଆମେ କ'ଣ କରନ୍ତେ ?

—ମଣିଷ ମନରେ ଭୂତ ତ ସବୁବେଳେ ବାହାରୁଛି, ଅଥଚ ତାର ସେ କଣ୍ଟ କରିପାରୁନି । ଆଉ ଏ ବାହାରର ଭୂତକୁ କ'ଣ ବା କରନ୍ତେ ?

—ମାନେ ?

ମଣିଷର ଉଚ୍ଛୃଙ୍ଖଳ ମନ ଯେତେବେଳେ ଲଗାମ ଛିଡ଼ାଇ ଆଗକୁ ଧାଏଁ ସେତେବେଳେ ମଣିଷ ଏତେ ନିର୍ଲଜ୍ଜ ହୋଇ ଯାଏ ଯେ, ତା ସେ ଆଗରୁ କେବେ କଳ୍ପନା କରି ନ ଥାଏ ।

—ଆପଣଙ୍କ କଥାର ମର୍ମ ମୁଁ ତ କିଛି ବୁଝି ପାରୁନି ।

—ଛାଡ଼, ସେ ବାଜେକଥା । ମୁଁ ତମକୁ ଗୋଟାଏ ବିଷୟ ପଚାରିବି । ମୋତେ ଠିକ ଉତ୍ତର ଦେବ ତ ?

—ଦେବାକୁ ଚେଷ୍ଟା କରିବି ।

—ତୁମେ ମୋତେ ଭଲପାଅ କାହିଁକି ?

—ମୁଁ ଯଦି ଏଇ ପ୍ରଶ୍ନ ଆପଣଙ୍କୁ ପଚାରେ ?

—ମୁଁ ତମକୁ ଭଲ ପାଏ, କିନ୍ତୁ କାହିଁକି ପାଏ ତା ମୁଁ ଆଜି ପର୍ଯ୍ୟନ୍ତ ବୁଝି ପାରିନି ।

—ମୁଁ ମଧ୍ୟ ସେହି ଉତ୍ତର ଦେବି ।

—ତୁମେ ତ ବଡ଼ ଚାଲାକ୍ ।

—ନିଃସ୍ୱାର୍ଥପର ଭାବରେ ଭଲ ପାଇବାରେ କ'ଣ କିଛି କ୍ଷତି ଅଛି ନିରଞ୍ଜନ ବାବୁ ?

—ଭବିଷ୍ୟତରେ କ'ଣ ବା ହେବ । ଶେଷରେ ତୁମେ ବାହା ହୋଇଯିବ । ଆଉ ସବୁଦିନ ଲାଗି ମୋତେ କାନ୍ଦି ମରିବା ପାଇଁ ଛାଡ଼ିଦେଇ ଯିବ । ତା ଆଗରୁ ବରଂ ଦୂରେଇ ଯିବା ଭଲ ।

—ଆପଣ କ'ଣ ସେଇଆ ଚାହାନ୍ତି ?

—ଚାହିଁଥିଲେ ତୁମର ମତ ନେବାରେ ଆବଶ୍ୟକ କ'ଣ ଥିଲା । ସତେ ସୁପ୍ରିୟା, ତୁମକୁ ଟିକିଏ ନ ଦେଖିଲେ ମୁଁ କାହିଁକି ବଡ଼ ଏକାକିଆ ମନେକରେ । ମୋର ମନେହୁଏ, ତୁମେ ବରାବର ଏମିତି ମୋ ପାଖରେ ଥାଆନ୍ତ । ଆମେ ଦୁହେଁ ଏମିତି ବସି

କଥାବାର୍ତ୍ତା ହେଉ ଥାଆନ୍ତେ । ମୋ ଜୀବନଟା କଟିଯାଆନ୍ତା । ଏପରି ମୋର ମନ ହୁଏ କାହିଁକି କହି ପାରିବ ସୁପ୍ରିୟା ?

—ଆପଣ କ'ଣ କିଛି ବୁଝିପାରି ନାହାନ୍ତି ?

ନାଁ ।

ହସିଲା ସୁପ୍ରିୟା ।

ହସିଲ ଯେ ?

—ଆପଣ ଯଦି ଆପଣଙ୍କ ମନକଥା ବୁଝି ପାରିଲେ ନାହିଁ ତେବେ ମୁଁ ବୁଝିବି କପରି ?

—ଆଚ୍ଛା, ତୁମେ କେଉଁଠି ବିବାହ କରିବ ?

ସୁପ୍ରିୟା ଆହୁରି ଜୋର୍‌ରେ ହସି ଉଠିଲା । ହସି ହସି କହିଲା—କାହିଁକି ? ସେ ସବୁ ଭବିଷ୍ୟତ କଥା । ହଁ ! ଆପଣ ପରା କହୁଥିଲେ ମୋତେ ସବୁବେଳେ ପାଖରେ ରଖିବାକୁ ଚାହାନ୍ତି ? ମୋତେ ଆପଣ ବାନ୍ଧି ରଖି ନାହାନ୍ତି ?

—ବାନ୍ଧି ରଖିବି କେମିତି ?

—ଚେଷ୍ଟାର ଅସାଧ୍ୟ ତ କିଛି ନାହିଁ ।

ନିରଞ୍ଜନ କଥାର ମର୍ମ କିଛି ବୁଝି ନ ପାରି ନିର୍ବୋଧ ପରି ସୁପ୍ରିୟା ମୁହଁକୁ ଚାହିଁ ରହିଲା । କଥାର ଧାରା ବଦଳାଇ ସୁପ୍ରିୟା କହିଲା—

—ଆପଣଙ୍କର ଏହା ଭିତରେ କିଛି ହୋଇଛି ବୋଧହୁଏ । ମୋତେ ଲୁଚାଉଛନ୍ତି କାହିଁକି ?

ପରେ କହିବି ।

—ପରେ କେବେ ?

—ସେମିତି କେବେ ସୁବିଧା ହେଲେ ମୋତେ ପଚାରିବ । ମନେ ରଖିଥାଅ ।

—ଆପଣ ତ ଇଆଡ଼୍କୁ ଏତେ ସ୍ୱାର୍ଥପର ହୋଇ ବସିଲେଣି । ଭବିଷ୍ୟତରେ ବା କ'ଣ ନ ହେବ ! ସାମାନ୍ୟ ଚମ୍ପାଚମ୍ପା ଫୁଲଟାଏ ଦେବାକୁ ଆଜକାଲି ଆପଣ କୁଣ୍ଠାବୋଧ କରୁଛନ୍ତି ।

ନିରଞ୍ଜନ ସୁପ୍ରିୟାର ଗୋଟାଏ ହାତ ଧରିପକାଇ କହିଲା—ମୋତେ କ୍ଷମା ଦେବ ସୁପ୍ରିୟା । ନିଜ ପକେଟରେ ରଖିଥିବା ଫୁଲଟି କାଢ଼ି କହିଲା—ନିଅ ।

ସୁପ୍ରିୟା ଛଳନା ମିଶା ଅଭିମାନ କରି କହିଲା—ନାଁ, ମୁଁ ନେବିନି କି ଆପଣଙ୍କୁ ପାଖି ପିନ୍ଧାଇବି ନି ।

ବେଶ୍ ତୁମେ ନ ନିଅ । ମୁଁ ତୁମକୁ ପିନ୍ଧାଇ ଦେବି । ଏହା କହି ନିରଞ୍ଜନ ସୁପ୍ରିୟାକୁ ଟାଣି ଆଣିଲା ।

ସୁପ୍ରିୟା ଘୁଞ୍ଚି ଆସିଲା ଠିକ୍ ନିରଞ୍ଜନର କୋଳକୁ । ଦୁହେଁ ଥରି ଉଠିଲେ । ନିରଞ୍ଜନ ସୁପ୍ରିୟାର କବରୀରେ ଫୁଲଟି ସାଜି ଦେଉଛି, ହଠାତ୍ କିଛି ଦୂରରେ ଗୋଟାଏ ଉଜ୍ଜ୍ୱଳ ଆଲୋକ ଜଳିଉଠିଲା । ନିରଞ୍ଜନ ଓ ସୁପ୍ରିୟା ସ୍ପଷ୍ଟ ଗୋଟାଏ ଭୂତକୁ ତାଙ୍କ ସାମନାରେ ଠିଆ ହେବାର ଦେଖିନେଲେ ।

ସୁପ୍ରିୟା ଭୟରେ ନିରଞ୍ଜନକୁ କୁଣ୍ଢାଇ ଧରି ତା ଛାତି ଭିତରେ ମୁହଁଟା ଗୁଞ୍ଜି ଦେଲା ।

ପୂର୍ବପରି ଆଉଥରେ ଆଲୋକ ଜଳି ଉଠିଲା ଓ ଗୋଟାଏ ଅସ୍ପଷ୍ଟ ଶବ୍ଦ ଭାସି ଆସିଲା । ପାଖ କବର ପଛପଟୁ ସେ ଭୂତଟା ଧାଇଁ ଯାଇଁ କଳା ରାତିର ଜମାଟବନ୍ଧା ଅନ୍ଧାର ଭିତରେ ମିଳେଇ ଗଲା ।

ଭୟରେ ସୁପ୍ରିୟାର ଚେତା ବୁଡ଼ି ଯାଇଥାଏ..........

ଭାଗ୍ୟଚକ୍ର ଓ ଜୀବନଚକ୍ର ଏକତ୍ର ହେଲେ ମଧ୍ୟ ପ୍ରକୃତିର ଭୃପରେ ପଡ଼ି ବେଳେ ବେଳେ ସେମାନଙ୍କର ଫଳାଫଳ ଭିନ୍ନ ଦେଖାଯାଏ । ଦୁର୍ବଳ ମନୁଷ୍ୟ ସେତିକ ବୁଝି ନ ପାରି ନିଜ କର୍ମକୁ ନିନ୍ଦାକରେ । ଭଗବାନଙ୍କୁ ଲକ୍ଷ ଅଭିଶାପ ଦିଏ । ଜ୍ୟୋତିଷ ତାକୁ ହାତ ଦେଖାଇ ବସେ ।

ଭୂତ ଭୟରେ ଗୋରାକବରଠାରେ ସୁପ୍ରିୟା ଚେତା ବୁଡ଼ି ଯାଇଥିଲା ଡ୍ରାଇଭର ଗାଡ଼ି ନେଇ ସେତିକି ବେଳକୁ ପହଞ୍ଚିଗଲା । ସୁପ୍ରିୟାକୁ ଧରି ନିରଞ୍ଜନ ଘରକୁ ଫେରି ଆସିଲା । ଘରେ ପ୍ରଚୁର ଯତ୍ନ ଓ ସେବାରେ ସୁପ୍ରିୟାର ସମ୍ବିତ ଫେରି ଆସିଲା ସତ କିନ୍ତୁ ତାର ପର ମୁହୂର୍ତ୍ତଠାରୁ ତା' ଦେହରେ ତାତି ଭରିଗଲା । ବନବିହାରୀ ବାବୁ ବହୁତ ଜ୍ୟୋତିଷ ଡକାଇ ସୁପ୍ରିୟାର ଜାତକ ଦେଖାଇ ସାରିଲେଣି । କିଛି ଘାଟି ଥାଇପାରେ କିନ୍ତୁ ଜାତକରେ ସେପରି ଭୟର କାରଣ କିଛି ନ ଥିଲା । ଚିକିତ୍ସା ଚାଲିଛି । ନିରଞ୍ଜନ କଲେଜ୍ ଯିବା ବନ୍ଦ କରିଦେଇ ସବୁବେଳେ ସୁପ୍ରିୟା ପାଖରେ ବସି ରହୁଥିଲା । ଆଜି ସୁପ୍ରିୟାର ବିଶେଷ ଅନୁରୋଧରେ କଲେଜ ଯାଇଛି । ସୁପ୍ରିୟାର ଦେହ ଟିକିଏ ଭଲ ଅଛି ।

ମ୍ୟାଟ୍ରିକ ପରୀକ୍ଷା ସରିଯାଇଛି । ସୁଜାତା ବର୍ତ୍ତମାନ ମୁକ୍ତ ଆକାଶର ବିହଙ୍ଗୀ । ତାକୁ ପଢ଼ିବା ଲାଗି ଆଉ କେହି ବାଧ କରୁନି । ସୁପ୍ରିୟାକୁ ଠିକ୍ ସମୟରେ ଔଷଧ ଦେବାର ଭାର ତା ଉପରେ ଥାଏ । ସେଦିନ ବାରଟାରେ ଔଷଧ ଦେବାପାଇଁ ଯାଇଁ ଦେଖିଲା, ସୁପ୍ରିୟା ଖଟ ଉପରେ ଶୋଇ ଖଣ୍ଡେ ଉପନ୍ୟାସ ପଢ଼ିବାରେ ମନ ଦେଇଛି । ପାଖରେ ନିରଞ୍ଜନ ନାହିଁ । ସୁଜାତା ମନେ ମନେ ଭାବିଲା ନିରଞ୍ଜନ ବାବୁ ଗଲେ କୁଆଡେ ?

ବୋତଲରୁ ଔଷଧ ପାନେ ପାଟିରେ ଦେଉଁ ଦେଉଁ ସେ ପଚାରିଲା—ଅପା, ନିରଞ୍ଜନ ବାବୁ ଗଲେ କୁଆଡ଼େ ?

ସୁପ୍ରିୟା ଧୀରେ ଉତ୍ତର ଦେଲା କଲେଜ୍ ଯାଇଛନ୍ତି ।

ସୁଜାତା ଆଉ କିଛି ନ ପଚାରି ଘରୁ ବାହାରି ଆସିଲା । ତା ମନ ଭିତରେ ଆଜି ପୁଣି ଥରେ ପୂର୍ଣ୍ଣିମାର ଚନ୍ଦ୍ର ଉଇଁଛି । ସୁପ୍ରିୟା ଅପା ବେମାର । ନିରଞ୍ଜନର ଯତ୍ନ ସେ ନେବ । ମନଭରି ତାର ସେବା କରିବ । ପୁଣି ଭିଖାରୁଣୀ ସାଜି ନିରଞ୍ଜନକୁ ଦେଖା କରିବ । ଏଥର ସେ ତାକୁ କେବେହେଲେ ହତାଶ କରିବ ନାହିଁ । ଆନନ୍ଦରେ କୁରୁଳି ଉଠିଲା ସୁଜାତା । ଭାବବିହ୍ୱଳ ହୋଇ ଡାକିଲା —ଦାମା ।

ତଳଘରୁ ଦାମା ଉତ୍ତର ଦେଲା—କ'ଣ ଦେଇ ?

—ଶୁଣି ଯା ।

ଦାମା ସୁଜାତାର ଗୋଟାଏ ଡାକରେ ପାଖରେ ଆସି ହାଜର । ସୁଜାତା ନିଜ ଭ୍ୟାନିଟି ବ୍ୟାଗ୍ରୁ ପାଞ୍ଚଟା ଟଙ୍କା କାଢ଼ି କହିଲା, ବଜାରରୁ ମଲ୍ଲିଫୁଲ, ସୀତାଭୋଗ ମିଶାଇ ନେଇ ଆସିବୁ ।

ଦାମା ଚାଲିଯିବାରୁ ସୁଜାତା ଟେବୁଲ ଉପରୁ ରାଇଟିଂପ୍ୟାଡ୍ଟା କାଢ଼ି ଆଣି ଖଣ୍ଡେ ଚିଠି ଲେଖି ବସିଲା । ଲେଖିସାରି ଦୁଇବୁନ୍ଦା ଏସେନ୍ସ ଚିଠି ଉପରେ ଢାଳିଦେଇ ଚିଠିଟିକୁ ଖଣ୍ଡେ ରଙ୍ଗିନ୍ ଲଫାପାରେ ବନ୍ଦ କରିଦେଲା । ଠିକ୍ ସେତିକି ବେଳକୁ ଦାମା ବଜାରରୁ ଫେରିଆଏ । ଦାମା ହାତରୁ ଜଳଖିଆତକ ନେଇ ସୁଜାତା ଗୋଟାଏ ଶଙ୍ଖ ପ୍ଲେଟ୍‌ରେ ସଜାଡ଼ି ଦେଲା । ତା ପରେ ଟିକିଏ ଗୋଲାପ ଜଳ ସିଞ୍ଚି ଦେଇ ନିଜ ହାତ ଭିଆରି

ରୁମାଲ୍ ଖଣ୍ଡେ ଢାଙ୍କିଦେଲା । ବାମ ହାତରେ ଜଳଖିଆ ଓ ଚିଠିଟି ଦେଇ କହିଲା, ଏତକ ନିରଞ୍ଜନ ବାବୁଙ୍କ ଘରେ ଦେଇ ଆସିବୁ । ପୁଛାଶି କିଛି ପଚାରିଲେ କହିବୁ ସୁପ୍ରିୟା ଦେଈ ପଠାଇ ଦେଇଛନ୍ତି ।

×　　　×　　　×

ନିରଞ୍ଜନ ଏକା କଲେଜ୍ ଯାଉଛି । ସୁପ୍ରିୟା ଯାଉନି । ତେଣୁ କଲେଜ୍ ତାକୁ ଆଦୌ ଭଲ ଲାଗୁନି । ଲେକ୍‌ଚର୍ ଗୁଡ଼ାକ ଏ କାନରେ ପଶି ସେ କାନ ଦେଇ ବାହାରି ଯାଉଛି । ସୁପ୍ରିୟା ଯେଉଁଦିନ ନ ଥାଏ, ସେଦିନ କଲେଜ୍ ପିଲମାନେ ତାକୁ ଭଲକରି ଦୁଇପଦ ଶୁଣାନ୍ତି । ରିସେସନ୍‌ରେ ସେ ଭାବିଥିଲା ଘରକୁ ଯାଇ ସୁପ୍ରିୟା ଦେହ କଥା ଟିକିଏ ବୁଝି ଆସିବ । କିନ୍ତୁ ସୁଜାତା ଭୟରେ ଯାଇ ପାରିନି । ଅସମୟରେ ଗଲେ ସୁଜାତା ତାକୁ ସନ୍ଦେହ କରିବ । ତା' ମନରେ ବାରକଥା ବନବିହାରୀ ବାବୁଙ୍କ ଆଗରେ କହିବ ।

ସୁପ୍ରିୟା ବେମାର୍ ପଡ଼ିଲା ଦିନଠାରୁ ନିରଞ୍ଜନ ଆଦୌ ବହି ଖୋଲିନି । ସେଥିପାଇଁ ଟିଉଟୋରିଆଲ୍ କ୍ଲାସରେ ପ୍ରଫେସର ମହାନ୍ତି ତାକୁ ବହୁତ ଅପମାନ ଦେଇଛନ୍ତି । ନିରଞ୍ଜନ ଜାଣେ ପ୍ରଫେସର୍ ମହାନ୍ତି ଅବିବାହିତ । ବୟସ ସେମିତି ବେଶି କିଛି ନୁହେଁ । ସୁପ୍ରିୟାକୁ ସେ ଭଲ ଦୃଷ୍ଟିରେ ଦେଖନ୍ତି ନାହିଁ । ସୁପ୍ରିୟା କହିଥିଲା—ତାକୁ ଥରେ ପ୍ରଫେସର୍ ମହାନ୍ତି ନିଜ ଘରକୁ ଡାକିଥିଲେ । ସେ ଡାକରେ ଥିଲା ହୃଦୟର ଆବେଗ । ମନ-ସାଗରର ଗୋପନ ଢେଉ । ସୁପ୍ରିୟା ଚାଲାଖ ଝିଅ । ଗଲନି ତାଙ୍କ ଘରକୁ ।

ସେହିଦିନଠୁ ପ୍ରଫେସର୍ ମହାନ୍ତିଙ୍କର ସୁପ୍ରିୟା ଉପରେ ବଡ଼ ଅଭିମାନ । ସୁପ୍ରିୟା ତାଙ୍କୁ ଭଲ ପାଇବା କଥା ପିଲାମାନେ ମହାନ୍ତିଙ୍କ କାନରେ ପକାଇ ଦେଇଛନ୍ତି । ସେଥିପାଇଁ ମହାନ୍ତିଙ୍କର ଏତେ ଈର୍ଷା ।

ଘଣ୍ଟା ବାଜିଲା । ପିରିୟଡ଼୍ ଶେଷ ହେଲା, ପ୍ରଫେସର ଉଠିଲେ । ତାଙ୍କ ପଛେ ପଛେ ନିରଞ୍ଜନ ବସାରେ ବହିତକ ଥୋଇଦେଇ ସୁପ୍ରିୟା ଘରକୁ ଯିବାପାଇଁ ବାହାରିଛି, ପିଅନ୍‌ଟା ଆସି କହିଲା, ବାବୁ ! ସୁପ୍ରିୟା ଦେଈ ଜଳଖିଆ ପଠାଇ ଦେଇଛନ୍ତି ।

ନିରଞ୍ଜନ ଆଶ୍ଚର୍ଯ୍ୟ ହୋଇ ପଚାରିଲା—କେଉଁଠି ରଖିଛୁ ?

—ଆପଣଙ୍କ ଟେବୁଲ୍ ଉପରେ ।

ସତକୁ ସତ ଟେବୁଲ୍ ଉପରେ ଗୋଟିଏ ପ୍ଲେଟ୍‌ରେ କିଛି ଜଳଖିଆ ଓ ତା ପାଖରେ ଖଣ୍ଡେ ଚିଠି ଥୁଆ ହୋଇଛି । କୌତୂହଳୀ ହୋଇ ଚିଠିଟିକୁ ପଢ଼ିଲା ନିରଞ୍ଜନ ।

ନିରଞ୍ଜନ ବାବୁ !

ସେଦିନ କ୍ଲାସର ଘଟଣା ନେଇ ମୋ ଉପରେ ନିଶ୍ଚୟ ରାଗିଥିବେ । ବାସ୍ତବିକ ସେଥିପାଇଁ ମୁଁ ବଡ଼ ଦୁଃଖିତା । ଆପଣ ସେ ବିଷୟରେ କ'ଣ ସମାଧାନ କଲେ ? ମୁଁ ତ ଆପଣଙ୍କ ନିଷ୍ପତ୍ତିକୁ ଆଜି ପର୍ଯ୍ୟନ୍ତ ଚାହିଁ ରହିଛି । ସତେ ଆପଣ କ'ଣ ମୋ ଆଶା ପୂର୍ଣ୍ଣ କରିବେ ନାହିଁ ? ମୁଁ ଏମିତି କୁହେଳି ଭିତରେ ବୁଡ଼ି ରହିଥିବି ଓ ଆପଣ ତେଣେ ସୁପ୍ରିୟା ଅପାକୁ ଧରି ଆନନ୍ଦରେ ମାତିଥିବେ । ? ଆପଣ ତାଙ୍କୁ ଧରି ଘର ସଂସାର କରିବେ ଆଉ ମୁଁ

ଏଣେ ଏ ମଧୁ ବସନ୍ତରେ ନୀରବରେ ଲୁହ ଗଡ଼ାଉଥିବ ? ନା, ତା କେବେ ହେବନି । ଆପଣ ଯଦି ମୋ ଜୀବନରେ ଝଞ୍ଜା ଉଠାଇବେ ତେବେ ମୁଁ ମଧ ପ୍ରଳୟର ବିଷାଣ ଫୁଙ୍କିବାକୁ ପଛାଇବି ନାହିଁ । ମୁଁ ଆପଣଙ୍କୁ ଏତେ ଭଲପାଏ·········ପ୍ରକାଶ କରି ପାରିବି ନାହିଁ ଏ କଲମ ମୁନରେ । ଆପଣଙ୍କୁ ଆଉ କାହା ପାଖରେ ଦେଖିଲେ, ସେଥିପାଇଁ ସହ୍ୟ କରି ହୁଏନି—ବାସ୍ତବିକ୍ ନିରଞ୍ଜନ ବାବୁ ! ମୁଁ ଯଦି କେବେ ମରେ; ତେବେ ଆପଣଙ୍କୁ ସାଙ୍ଗରେ ନେଇ ମରିବି । ତେଣୁ ମୋ କଥାରେ ରାଜି ନ ହେଲେ ଏହି ଶେଷ ପରିଣତି ପାଇଁ ସର୍ବଦା ପ୍ରସ୍ତୁତ ଥିବେ । ଅନ୍ତତଃ ଥରକପାଇଁ·········

ଜଳଖିଆ ପଠାଇଛି ଖାଇ ନେବେ । ସୁପ୍ରିୟା ଅପା ଯେ କେବଳ ଆପଣଙ୍କ ଯତ୍ନ ନିଏ ବା ଭଲ ପାଏ ବୋଲି ଭାବିବେ ନାହିଁ । ଦୁନିଆରେ ଆଉ ଜଣେ ଅଛି ଯେ କି ଆପଣଙ୍କ ଦୁଃଖରେ ଲୁହ ଗଡ଼ାଏ । ସେ ଦିନଠାରୁ ମୋତେ ବଡ଼ ଲାଜ ଲାଗୁଛି ଆପଣଙ୍କ ସହିତ କଥାବାର୍ତ୍ତା କରିବାକୁ । ଆଜି ଅପା ଅସୁସ୍ଥ ଅଛି । ଆପଣଙ୍କୁ ଭଲ ଲାଗୁ ନ ଥିବ । ଆପଣ ପ୍ରସ୍ତୁତ ଥିବେ । ଆମେ ଦୁହେଁ ବୁଲିଯିବା । ମୁ ଠିକ୍ ଚାରିଟାବେଳେ ଯାଇ ଆପଣଙ୍କୁ ଡାକିନେବି । ଅପାକୁ କିଛି କହିବେ ନାହିଁ । ଅନେକ କଥା ବାକି ରହିଲା । ବାଟରେ କହିବି । ଇତି ।

'ସୁଜାତା'

ଚିଠିଟି ପଢ଼ି ନିରଞ୍ଜନ ଘୃଣାରେ ଫୁଲି ଉଠିଲା । ସୁଜାତା ଏତେ ଫ୍ରାଙ୍କ୍···ମନର ଭାବ ବ୍ୟକ୍ତ କରିବାକୁ ନାରୀର

ସୁଲଭ ଲଜ୍ଜ୍ୟା ତ୍ୟାଗ କରଛି ସେ ! ନିରଞ୍ଜନ ମନରେ ଗଭୀର ବିରକ୍ତ ।

ନିରଞ୍ଜନ ନିଜର ଅବସ୍ଥା ଠିକ୍ କରିପାରିଲା ନାହିଁ । ଜଳଖିଆ ଥାଳ ସେମିତି ପଡ଼ି ରହିଥାଏ । ଚିଠିଟି ଗୋଟାଏ ବହି ଭିତରେ ରଖିଦେଇ ଖଟ ଉପରେ ଢଳିପଡ଼ିଲା ।

ଠିକ୍ ଏତିକିବେଳେ ଆସିଛି ସୁଜାତା । ଦେହରେ ଧଳା ମଖମଲ୍ କନାର ବ୍ଲାଉସ୍ ଉପରେ ଖଣ୍ଡେ ଆକାଶ ରଙ୍ଗିଆ ଶାଢ଼ୀ । ଲମ୍ବା ବେଣୀ ଉପରେ ରହି ଯାଇଛି ଦୁଇଟା ଫୁଟନ୍ତା ଗୋଲାପ । ସଜଳଗା ଅଳତା ଶୁଖିନି । ମୁହଁରେ ପ୍ରେମର ଛଟା ଆଙ୍କି ଅଭିସାର ରଚିଛି ସୁଜାତା । ଆଖି ଯୋଡ଼ିକ ଦୁଇଟି ଫୁଟନ୍ତା ଢଳ ଢଳ କମଳପରି ସୁନ୍ଦର ।

ନିରଞ୍ଜନ ମୁହଁମାଡ଼ି ଶୋଇଛି । ସୁଜାତା ଘର ଭିତରକୁ ପଶିଆସି ଖିଲ୍ ଖିଲ୍ ହୋଇ ହସି ଉଠିଲା

ନିରଞ୍ଜନ ସ୍ୱପ୍ନିଳ ଦୁନିଆରୁ ଫେରିଆସି ଦେଖିଲା, ଆଖି ଆଗରେ ସାକ୍ଷାତ ଦେବୀ ପ୍ରତିମା ସୁଜାତା ।

—ଭୁଲିଗିବେ ପରା !

ନିରଞ୍ଜନ କିଛି ଜବାବ ଦେଲାନି ।

ଖଣ୍ଡେ ଚୌକି ଉପରେ ସୁଜାତା ବସିପଡ଼ି ଅଭିଯୋଗ ସ୍ୱରରେ କହିଲା—ନୀରବ ରହିଲେ ଯେ ? ଆପଣ ମୋ କଥା ରଖିବେ ନାହିଁ ?

—ଦୟାକରି ଏ ଘରୁ ବାହାରି ଯାଅ ସୁଜାତା ।

—ମାନେ ?

—ମୁଁ ଉକ୍ସନାଗ୍ନି ନୁହେଁ । ଏତେ ବଡ଼ ବିଶାଳ ପୃଥିବୀ ଭିତରେ ମୋ ପରି ଏକ ଗରିବ ଆଗରେ ତୁମେ ଝଞ୍ଜା ରୂପରେ ଦେଖା ଦେଉଛ କାହିଁକି ? ଜାଣ ତ ଏହାର ପରିଣାମ ପ୍ରଳୟ………

—ତଥାପି ଆପଣ ମୋତେ ଭୁଲ୍ ବୁଝୁଛନ୍ତି ନିରଞ୍ଜନ ବାବୁ ?

—ମୁଁ ତୁମକୁ ଭୁଲ୍ ବୁଝିନି ବରଂ ତୁମେ ଭୁଲ୍ ବୁଝିଛ ।

—ହଉ ଚାଲନ୍ତୁ ବୁଲିଯିବା । ବାକିତକ ବାଟରେ କହିବେ ।

—ନାଁ, ମୁଁ ଯିବି ନି ।

—କ'ଣ ସୁପ୍ରିୟା ଅପା ନାହିଁ ବୋଲି ?

ସେଇଟା ମୋର ବ୍ୟକ୍ତିଗତ କଥା । ତୁମେ ଦୟାକରି ଏ ଘରୁ ଚାଲିଯାଅ ।

ତଥାପି ସୁଜାତାର ମନ ବଦଳିଲା ନାହିଁ । ସେ ନିରଞ୍ଜନର ଗୋଟାଏ କାନ୍ଧରେ ହାତ ଦେଇ ସୋହାଗ ସ୍ୱରରେ କହିଲା— ମୋର ସ୍ନେହର ମୂଲ୍ୟ କ'ଣ ଆପଣଙ୍କ ନିକଟରେ କିଛି ନୁହେଁ ? ଆପଣ ନିଷ୍ଠୁର ? ଆପଣଙ୍କର ପ୍ରାଣ କଣ ପଥର ? ଚାଲନ୍ତୁ ବୁଲିଯିବା ।

ନିରଞ୍ଜନର ଧୈର୍ଯ୍ୟବନ୍ଧ ଭାଙ୍ଗିଗଲା । ସେ ସୁଜାତାକୁ ଦୂରକୁ ଠେଲିଦେଇ ଘୃଣାରେ କହିଲା—ରୂପ ବ୍ୟବସାୟୀ ପାଖରେ ସ୍ନେହର ମୂଲ୍ୟ କିଛି ନାହିଁ ସୁଜାତା । ତୁମେ ଏ ଘରୁ ଶୀଘ୍ର ଚାଲିଯାଅ ।

ସୁଜାତା ଟେବୁଲ୍ ଦେହରେ ଖୁବ୍ ଜୋର୍‌ରେ ଧକ୍କା ଖାଇଲା । ଟେବୁଲ୍ ଟା ତା ଭର ସହି ନ ପାରି ତଳେ କଡ଼ୁଡ଼ି ହୋଇ ପଡ଼ିଲା । ଜଳଖିଆ ଥିବା ପ୍ଲେଟ୍‌ଟା ଭାଙ୍ଗି ଚୂନା ହୋଇଗଲା । ତା ମନ ଗଭୀରରେ ଯେଉଁ ପ୍ରେମର ନମ୍ର ଭୀ ଦୀପଟି ଧୀରେ ଧୀରେ ଶିଖା ତୋଳି ଆସୁଥିଲା, ତାହା ହଠାତ୍ ଲିଭିଗଲା । ସେ ମଣିହରା ଫଣିମା ପରି ଠିଆହେଲା । ନିରଞ୍ଜନ ଆଡ଼କୁ ଥରେ ଗୁହାଁଲା । ମୁହଁ ତା'ର ଘୃଣାରେ ରଙ୍ଗା ପଡ଼ି ଯାଇଥାଏ । ହଠାତ୍ ଘର ଭିତରୁ ଝଡ଼ ବେଗରେ ବାହାରି ଆସିଲା । ଚପଲ ବାଳକ କୋଠରୀ ଭିତରେ ଏକା ପଡ଼ି ରହିଲା ସୁଜାତା କଞ୍ଜ ଚରଣର ରେଣୁ ଟିକକରୁ ବଞ୍ଚିତ ହୋଇ ।

ସୁଜାତା ଆଉ ଫେରିଲା ନାହିଁ—କେବଳ ପଛରେ ପଡ଼ି ରହିଲା ଚପଲ ବାଳକ ବିପ୍ଳବର ପୂର୍ବ ସୂଚନା ଦେଇ.........

ମରିଗଲା ଆଶା ସରିଗଲା ଭାଷା

ବ୍ୟର୍ଥ କାମନା ସଞ୍ଚିତ,

ଚମ୍ପକ ଗୋରୀ ପାଇ ନ ପାଇଲା

ଯେହୁ ଥିଲା ତାର ବାଞ୍ଛିତ ।

× × × ×

ସୁପ୍ରିୟଙ୍କୁ ଜ୍ୱର ଛାଡ଼ି ଯାଇଛି, କିନ୍ତୁ ଦୁର୍ବଳତା ଦୂର ଯାଇନି । ଅମଳିନ ମୁହଁଟି ମଉଳି ଯାଇଛି । ପ୍ରସ୍ଫୁଟିତ ଗୋଲାପର ଲାବଣ୍ୟ ଫେରି ଆସିନି ରକ୍ତାରୁଣ ଅଧର ନିସ୍ତରଙ୍ଗ ଅଥଚ ଉତ୍ତେଜନାପୂର୍ଣ୍ଣ । କେଶଗୁଡ଼ିକ ଅସଂଯତ; କିନ୍ତୁ ଶ୍ରୀହୀନ ନୁହେଁ । ଧୂସର ଆକାଶର ଖଚୁଆ ତାରା ପରି ରକ୍ତିମ ସୂର୍ଯ୍ୟଙ୍କର

ଶେଷ ଛଟା ସହ ପଶି ଆସିଛୁ ସୁପ୍ରିୟା । ନାଲିଆ ବନାରସି ଶାଢ଼ୀ ଖଣ୍ଡିକରେ ଅରୁଣିମାର ବଦାୟୁକାଳୀନ ତରଙ୍ଗାୟିତ ଆନନର ପ୍ରତିବମ୍ବ ଝଲସି ଉଠୁଛି । ଶାଢ଼ୀ ଖଣ୍ଡିକ ବେଶ୍ ମାନୁଛି ତାକୁ ।

ନିରଞ୍ଜନ ଚମ୍ପକଚମ୍ପା ଗଛତଳେ ଗୋଟିଏ ମଶିଣା ପକାଇ ଦେଇ ନିଜର ସ୍ୟାଣ୍ଡଲରେ ରଙ୍ଗ ଦେଉଛି । ସୁପ୍ରିୟା ପାଖରେ ଯାଇଁ ଚୁପ୍ କରି ଠିଆହେଲା ।

ନିରଞ୍ଜନ ସୁପ୍ରିୟା ଆଡ଼କୁ ଟିକଏ ଚାହିଁଦେଇ କହିଲା—ବସ, ଠିଆହେଲେ କାହିଁକି ? ବଡ଼ଲୋକ ଘରର ଝିଅ । ତଳେ ବସିବାକୁ କଷ୍ଟ ଲାଗୁଥିବ ନିଶ୍ଚୟ ?

ସୁପ୍ରିୟା ମୁରୁକି ହସି କହିଲା—ଆପଣଙ୍କୁ ଯୋତାରେ ରଙ୍ଗ ଦେଇ ଆସୁନ । ଦିଅନ୍ତୁ ମୁଁ ଲଗେଇ ଦେବି ।

— ତୁମର ଯୋତା ବ୍ରସ୍ କରିବାକୁ ସିନା ମୋ ପରି ଲୋକର ଆବଶ୍ୟକ, କିନ୍ତୁ ତୁମେ ମୋ ଯୋତା ବ୍ରସ୍ କରିବ ? ଲୋକେ ହସିବେ ।

—ହସନ୍ତୁ ନାଁ, କିନ୍ତୁ ମୁଁ ନିଶ୍ଚୟ ରଙ୍ଗ ଦେବି । ନିରଞ୍ଜନର ହାତରୁ ଯୋତା ପଟିକ ଛଡ଼ାଇ ନେଇ ସୁପ୍ରିୟା ରଙ୍ଗଦେଇ ବସିଲା । ରଙ୍ଗ ଦେଉଁ ଦେଉଁ କହିଲା—ଆଜି ପୂର୍ଣ୍ଣିମା । ଚାଲନ୍ତୁ ବୁଲି ଆସିବା । କାଳିଆବୋଦା ଯିବାକୁ ମୋର ବହୁତ ଦିନରୁ ମନ ଅଛି ।

ତା ଅପେକ୍ଷା କାଠଯୋଡ଼ି କୂଳଆଡ଼େ ଟିକିଏ ବୁଲି ଆସିଲେ କ୍ଷତି କଣ ?

ସୁପ୍ରିୟାର ଗୋଟାଏ ଅଙ୍ଗୁଳି ଚିପିଦେଇ ପଚାରିଲା ନିରଞ୍ଜନ—

ନାଁ, କାଠଯୋଡ଼ କୂଳଟା ମୋତେ ବଡ଼ ଖରାପ ଲାଗେ ।

—କାହିଁକି ?

ସୁପ୍ରିୟା ନିରଞ୍ଜନ ମୁହଁକୁ କଟେଇ ଚାହିଁ ଟିକିଏ ହସି ଦେଲା ।

ହସିଲ ଯେ ?

—ଆପଣଙ୍କୁ ଦେଖି । ସବୁ କଥା କଣ ମଣିଷକୁ ବୁଝାଇ ଦିଆଯାଏ । ସେ ନିଜେ ଚେଷ୍ଟାକରି କିଛି ବୁଝିବା ଉଚିତ ନୁହେଁ ?

—ତୁମେ ବଡ଼ ଜଟିଳ ସୁପ୍ରିୟା ।

ଆପଣ ବ' କେଉଁ ସରଳ କି ? ହଉ ଚାଲନ୍ତୁ ବୁଲିବାକୁ ଯିବା ।

ତୁମେ ଟିକିଏ ଅପେକ୍ଷା କର । ମୋତେ ଆଜି ବଡ଼ ଗରମ ଲାଗୁଚି । ମୁଁ ଗାଧୋଇ ପଡ଼େ । ନିରଞ୍ଜନ ଗାଧୋଇବା ପାଇଁ ଚାଲିଗଲା ।

ପୂର୍ବାହ୍ନ ଆସି ନିରଞ୍ଜନ ଶୋଇଲା ଘର ସୁଇଚଟାକୁ ଅନ୍ କରିଦେଲା । ଆଲୁଅ ସୁଅରେ ଘରଟି ହସି ଉଠିଲା । ସୁପ୍ରିୟା ଘର ଭିତରକୁ ପଶି ଆସିଲା । ଏକୁଣ୍ଡି ବନ୍ଧ ଡେଇଁ ଆଗକୁ ଯାଇଛି କି ନାହିଁ ତା ଆଖିରେ ପଡ଼ିଲା ଟେବୁଲ ତଳେ ଥୁଆ ହୋଇଥିବା ହଳେ ଚପଲ ଉପରେ । ତା'ର ଆଖି ଅଟକି ଗଲା । ନିରଞ୍ଜନ ବାବୁଙ୍କର ଏପରି ଚପଲ କେବେ ତ ନୁହେ । ନିଶ୍ଚୟ କୌଣସି ବାଳିକାର । ଗୋଟାଏ ହୋସରେ ଟେବୁଲ ତଳୁ ଚପଲ ହଳକ ଟାଣି ଆଣିଲା ସୁପ୍ରିୟା । ବିଜୁଳି ଆଲୁଅରେ ଚିହ୍ନିଲା ସୁଜାତାର ଚପଲ । ଏଠି କାହିଁକି ? ସୁଜାତା ଏଠାକୁ ଆସିଲା କେତେବେଳେ ? କ'ଣ .........ଭାବି ପାରିଲା ନାହିଁ ।

ମୁଣ୍ଡ ତାର ଘୂରିଗଲା । ପର ମୁହୂର୍ତ୍ତରେ ନିଜକୁ ସଂଯତ କରି ନେଲା । ଛିଃ, ଏ କ'ଣ ଭାବୁଛି । ତାର ଧାରଣା ଭୁଲ ହୋଇ ପାରିଥାଏ । ଅନ୍ୟମନସ୍କ ଭାବରେ ଟେବୁଲ୍ ଉପରେ ଥିବା ବହି-ଗୁଡ଼ିକ ଘାଣ୍ଟି ବସିଲା । ଗୋଟାଏ ବହି ତଳୁ ଖଣ୍ଡିଏ ରଙ୍ଗିନ୍ ଲଫାପା ଠକ୍‌କରି ତଳକୁ ଖସି ପଡ଼ିଲା । କୌତୂହଳରେ ଚିଠିଟିକୁ ତଳୁ ଗୋଟାଇ ଆଣି ଗୋଟାଏ ଖିଆଲରେ ଚିଠିଟିକୁ ଆମୂଳଚୂଳ ପଢ଼ିଗଲା । ତା'ର ଆଉ ବୁଝିବାର କିଛି ବାକି ରହିଲା ନାହିଁ । ନିରଞ୍ଜନ ବାବୁ ସୁଜାତାକୁ ଭଲ ପାଆନ୍ତି । ଅଜଣା କ୍ରୋଧରେ ସେ ଜଳିଗଲା । ସେ ନିରଞ୍ଜନକୁ ବିଶ୍ୱାସ କରିଥିଲା । ସରଳ ଭାବରେ ଏତେଦିନ ପର୍ଯ୍ୟନ୍ତ ଭଲ ପାଇ ଆସିଥିଲା । ହେଲେ ସେ ବହୁତ ଭୁଲ୍ କରିଛି । ନିରଞ୍ଜନ ତାକୁ ଭଲ ପାଏନି । ଛଳନାର ଆବରଣ ତଳେ ନିରଞ୍ଜନ ନିଜକୁ ଢାଙ୍କି ରଖିଥିଲା··· ଲଥକରି ସୁପ୍ରିୟା ଖଟ ଉପରେ ବସି ପଡ଼ିଲା । ତାକୁ ଜଣାଗଲା ହୃତ୍‌ପିଣ୍ଡର ଚଳନଶକ୍ତି ଯେପରି ବନ୍ଦ ହୋଇ ଯାଉଛି ।

କେତେ ସମୟ ସୁପ୍ରିୟା ନିର୍ବାକ୍ ହୋଇ ବସିଲା କେଜାଣି ଝଲକାଏ ଶିହରଣ ବୋଳା ଶୀତଳ ସମୀରଣ ସ୍ପର୍ଶରେ ତାର ଚେତନା ଫେରି ଆସିଲା । ସେତେବେଳ ପର୍ଯ୍ୟନ୍ତ ନିରଞ୍ଜନ ଫେରିନି । ଗୋଟାଏ ଦରଦଭରା ନିଶ୍ୱାସ ତାର ମର୍ମଭେଦ ପଦାକୁ ବାହାରି ଆସିଲା । ନିରଞ୍ଜନର ଆସିବା ପର୍ଯ୍ୟନ୍ତ ସେ ଅପେକ୍ଷା କରି ପାରିଲାନି । ଉଠି ଠିଆ ହେଲା । କ'ଣ ଭାବି ଚିଠି ଖଣ୍ଡିକ ନିଜ ବ୍ଲାଉଜ୍ ଭିତରେ ରଖିଲା । ସୁଜାତାର ଚପଲ ଆଡ଼କୁ ଥରେ ଚାହିଁଲା । କୋହ ଭୁହାକୁ ଭୁହା ଉଠୁଥାଏ । ସେଠାରୁ ଆଖି ଫେରାଇଲା । କାନ୍ଥରେ ନିରଞ୍ଜନର ଫଟୋ ଝୁଲୁଛି । ତା'ର ହସିଲା

ମୁହଁକୁ ରୁହାଁ ଦଣ୍ଡେ ଠିଆହେଲା । ଅଧର ଦୁଇଟି ଖୁବ୍ ଜୋର୍‌ରେ ଥର ଉଠିଲା । ଆଖି ଲୁହରେ ଚଳ ଚଳ ହୋଇ ଆସିଲା । ଫଟୋଟିକୁ ଗୋଟିଏ ଶ୍ରେଷ୍ଠ ନମସ୍କାର କରି ଧୀରେ ଧୀରେ ବାହାରି ଆସିଲା ।

ବାହାର ପିଣ୍ଡାରେ ପୂର୍ଣ୍ଣମା ବସିଥାଏ । ପୂର୍ଣ୍ଣମାକୁ ଥରି ଥରି ଗଳାରେ କହିଲା—ତୁମ ବାବୁ ଆସିଲେ କହିବୁ—ସୁପ୍ରିୟା ଦେଇ ଚାଲିଗଲେ·········

ସୁପ୍ରିୟା ମୁଣ୍ଡରେ ବାଦ ପ୍ରତିବାଦର ତାଣ୍ଡବଲୀଳା ଧରି ଘରକୁ ଚାଲି ଆସିଲା । ରାତି ସେପରି କିଛି ବେଶୀ ହୋଇ ନ ଥାଏ । ସେକେଣ୍ଡ୍ ସୋ’ ସିନେମା ଯିବାପାଇଁ ପୂର୍ଣ୍ଣମା ଶୀଘ୍ର ରୋଷେଇ ସାରି ଦେଇଛି ।

ବନବିହାରୀ ବାବୁ ଡ୍ରଇଂ ରୁମରେ ବସି ଖବରକାଗଜ ଲେଉଟାଉଥାନ୍ତି । ସୁଜାତା ଖଣ୍ଡେ ଅଧା ତିଆରି ରୁମାଲ ଶେଷ କରିବାରେ ଲାଗିପଡ଼ିଥାଏ । କୋଡ଼ପୋଛ୍ଛ ଛୁଆଟା ନିଘୋଡ଼ ନିଦରେ ଶୋଇଛି । ସୁପ୍ରିୟା ଯାଇ ଡ୍ରଇଂ ରୁମ୍‌ର କବାଟ ପାଖରେ ଯାଇ ଠିଆହେଲା । ଭାବିଲା ନିରଞ୍ଜନ ସୁଜାତାର ଗୁପ୍ତପ୍ରେମ ବାପାଙ୍କ ଆଗରେ ଖୋଲିଦେବ । ନିରଞ୍ଜନ ବାବୁଙ୍କୁ ଡକାଇ ଆଣି ସାଂଘାତିକ ଧରଣର ଅପମାନ ଦେବ············ ଏଥିରେ ତାର କି ଉପକାର ହେବ ? ସୁଜାତା ଲାଗି ସେ ବେଶୀ ଭାବୁ ନ ଥିଲା—ଭାବୁଥିଲା ନିରଞ୍ଜନ ବାବୁଙ୍କ ଲାଗି । ଗରିବ, ମୋ ସାହାଯ୍ୟ ପାଇ ପାଠ ପଢ଼ୁଛନ୍ତି । ବାପା ଜାଣିଗଲେ ତାର ସର୍ବନାଶ ହେବ । ନାଁ, ସେ ବାପାଙ୍କୁ କହିବନି । ସେ ଚାହେଁ ନିରଞ୍ଜନର

ମଙ୍ଗଳ । ସୁଜାତାକୁ ସେ ବିବାହ କରନ୍ତୁ । ଗରିବର ଦୁନିଆ ହସି ଉଠୁ । ଏଥିରେ ସେ ଈର୍ଷା କରିବ କାହିଁକି ?......

ନିଜ ଶୋଇବା ଘରକୁ ପଶିଗଲା ସୁପ୍ରିୟା । ସୁଟ୍‌କେସ୍ ଖୋଲି ଅତି ଯତ୍ନରେ ସାଇତି ରଖିଥିବା ଖଣ୍ଡେ ଫଟୋ କାଢ଼ିଲା । ଅନେକ ଦିନ ତଳେ ଇମିତି ବୁଲିକରି ଫେରିଲା ବେଳକୁ ନିରଞ୍ଜନ ଓ ସେ ଫଟୋ ଉଠାଇଥିଲେ । ନିଜ ବୁକୁରେ ଫଟୋଟିକୁ ଖୁବ୍ ଜୋରରେ ଭିଡ଼ି ଧରିଲା । ଦୁଃଖରେ ଅଧର ତା'ର କମ୍ପି ଉଠିଲା । ଆଖି କୋଣରୁ ଝରି ପଡ଼ୁଥିବା ଲୁହ କେଇ ବିନ୍ଦୁ ନିଜେ ପଣତରେ ପୋଛିନେଇ ଫଟୋଟିକି ଫିଙ୍ଗି ଦେଲା ।

ବାହାରେ ପବନ ବହୁଛି । ଫଟୋଟିର ଛୋଟ ଟୁକୁରା ଖଣ୍ଡି ଉଡ଼ିଗଲା । କାହିଁ କେତେଦୂର—କାଠଯୋଡ଼ିର ବାଲି ଉପରକୁ ।

× × × ×

ରାତି କଟି ପ୍ରଭାତ ହେଲା । କୁମୁଦ ଫୁଟି ଝାଉଁଳିଗଲା । ଗଙ୍ଗଶିଉଳି ଗଛରୁ ଖସି ଧୂଳିରେ ଲୋଟିଲା । ତାହାରି ବାସରେ ଦିଗ୍‌ବଳୟ କୋଣରୁ ରଥରେ ଚଢ଼ି ଉଠି ଆସିଲେ ନାଲିଆ ସୂରୁଯ, ଉଷାକୁ ବିଦାୟ ଦେଇ । ଜହ୍ନ ସାଥିରେ ଲୁଚି ଯାଇଛି ପାହାନ୍ତି ତାରାଟି ବହୁତ ଆଗରୁ । ସକାଳୁ ସକାଳୁ ବନବିହାରୀ ବାବୁଙ୍କ ଘର ସାମନାରେ ଖଣ୍ଡେ ରିକ୍‌ସା ଅଟକିଲା । ରିକ୍‌ସା ଭିତରୁ ଓହ୍ଲାଇ ଆସିଲେ ଜଣେ ସୁଶ୍ରୀ ଯୁବକ । ଦେହରେ ସାହେବୀ ପୋଷାକ । ମୁଣ୍ଡରେ ଫେଲ୍‌ଟ କ୍ୟାପ୍ ।

ବନବହାଗ୍ରୀ ବାବୁ ପିଣ୍ଡାରେ ବସି ଦାନ୍ତ ଘଷୁ ଘଷୁ ତାଙ୍କର ଆଖି ପଡ଼ିଲା ଯୁବକଟି ଉପରେ । ସେ ହସି ହସି କହିଲେ—କରେ ମନୁ କୁଆଡ଼େ ?

ଆଗନ୍ତୁକ ଗୋଟିଏ ନମସ୍କାର ଜଣାଇ କହିଲେ—ଏଇଠି ରହି ପ୍ରାକ୍ଟିସ୍ କରିବ ବୋଲି ଠିକ୍ କରି ଆସିଛି । ଆପଣ କ'ଣ ମୋ ଚିଠି ପାଇ ନ ଥିଲେ ?

ହଁ, ବହୁତ ଦିନ ତଳେ ତୋଠାରୁ ଖଣ୍ଡେ ଚିଠି ପାଇଥିଲି । ବୁଢ଼ା ହେଲିଣି । ଆଉ କ'ଣ ଏତେ ମନେରଖି ପାରୁଛି ? ଗୁଡ଼, ଆସିଛୁ ତ ଭଲ କରିଛୁ । ଘର ପୁଅ ଘରକୁ ଆସିବ ନାହିଁ ତ ଆଉ ଯିବ କୁଆଡ଼େ ? ତା'ପରେ ବଡ଼ ପାଟିକରି ଡାକ ପକାଇଲେ—ହଇହୋ ଗଲ କୁଆଡ଼େ ? ଘରକୁ କୁଣିଆ ଆସିଛନ୍ତି । ଚର୍ଚ୍ଚା କରିବ ଆସ ।

ବନବହାଗ୍ରୀ ବାବୁଙ୍କ ସ୍ତ୍ରୀ ରନ୍ଧାଘର ଦୁଆର ମୁହଁରେ ବସି ଝିଆକୁ ହର୍ଲିକସ ଖୁଆଉଥିଲେ । ପାଖରେ ସୁଜାତା ବସି ପୋର୍ କରିବା ପାଇଁ ଷ୍ଟୋଭ୍ ଲଗାଉଥିଲା । ବନବହାଗ୍ରୀ ବାବୁଙ୍କ ଡାକରେ ସମସ୍ତେ ଉଠି ଆସିଲେ ।

ମନୋଜ୍ ବନବହାଗ୍ରୀ ବାବୁଙ୍କ ସ୍ତ୍ରୀଙ୍କୁ ନମସ୍କାର କଲା । ସୁଜାତା ଲଜ୍ଜିତା ହୋଇ ଦୂରରୁ ମନୋଜକୁ ଦଣ୍ଡବତ କଲା ।

ବନବହାଗ୍ରୀ ବାବୁ ସୁଜାତାକୁ ଆକଟ କରି କହିଲେ—କରେ ଠିଆ ହୋଇ ରହିଲୁ କାହିଁକି ? ଭାଇକୁ ଭିତରକୁ ଡାକନେ । ସେ ରେଲ ମଟରରେ ଧାଇଁ ଧାଇଁ ଆସିଛି । ତା'ର ଗାଧୁଆ ପାଧୁଆର ବନ୍ଦୋବସ୍ତ କରିବୁ ଯା । ସୁଜାତା ମନୋଜକୁ ଭିତରକୁ ଡାକନେଇ ଗଲା ।

ମନୋଜ ହେଉଛି ସୁଜାତା ମା'ଙ୍କର ଦାଦର ପୁଅ । ପିଲାଟା ଶାନ୍ତ, ଶିଷ୍ଟ ଓ ବଡ଼ ମେଧାବୀ । ହେଲେ ଚରିତ୍ର ସେତେ ନିର୍ମଳ ନୁହେଁ । କ୍ଲାସ୍‌ରେ ଫାଷ୍ଟ ହୁଏ ବୋଲି ତାର ସବୁ ଦୋଷ କଟିଯାଏ । ମାଟ୍ରିକ୍‌ରେ ବୃତ୍ତି ପାଇଥିଲା । ଅନ୍ୟ କୌଣସି ପାଠ ପଢ଼ିଥିଲେ ହୁଏତ ବହୁତ ଉନ୍ନତି କରିଥାଆନ୍ତା । କିନ୍ତୁ ଓକିଲାତି ପଢ଼ିବାକୁ ବଡ଼ ଝୁଙ୍କ୍ ଧରି ବସିଲା । ବର୍ଷେ ହେବ ଓକିଲାତି ପାଶ୍ କରି ନୂଆ ବ୍ୟବସାୟ ଖୋଲିଛି । ବାହା ହୋଇନି । ଗାଁରେ ରହି ଓକିଲାତି କରୁଥିଲା । ବ୍ୟବସାୟ ଭଲ ଚଳିଲା ନାହିଁ । ଯେତିକି ପାଇଲା, ସେତକ ତାର ସୁଟ୍ ପ୍ୟାଣ୍ଟକୁ ନଅଣ୍ଟ । ଗ୍ରେଟ ସବଡ଼ିଭିଜନ୍ ଟାଏ । ସେଥିରେ ପୁଣି ଭରିଣେ ଓକିଲ । ବାଧ ହୋଇ କଟକ ପଳାଇ ଆସିଲା । ଏଠି ରହି ଓକିଲାତି କରିବ । ବନବିହାରୀବାବୁ ତାର ରକ୍ତ ସମ୍ପର୍କ । ତାଙ୍କ ଘରେ ସେ ରହିବ । ଦରକାର ବେଳେ ସେ ସାହାଯ୍ୟ ତାକୁ କରିବେ । ତାର ଅସୁବିଧା ହେବନି ।

ବନବିହାରୀ ବାବୁଙ୍କର ତି-ତାଲାର ଶେଷ କୋଠରୀଟି ସବୁବେଳେ ଖାଲି ଥାଏ । ଅକାଳେ ସକାଳେ କେହି ବନ୍ଧୁ-ବାନ୍ଧବ ଆସିଲେ ସେଠାରେ ରୁହନ୍ତି । ସେହି କୋଠରୀରେ ସୁଜାତା ମନୋଜକୁ ନେଇ ପହଞ୍ଚାଇ ଦେଲା ।

ମନୋଜ ସାହେବୀ ପୋଷାକ ବଦଳାଇ ଦେଶୀ ପୋଷାକ ଧରିଲା । ସୁଜାତା ମୁରୁକି ହସା ଦେଇ କହିଲା—ଆଜିକାଲି ଆମ ଭାରତମାତା ଦୋ-ମିଶା ହୋଇ ଯାଇଛି । ତେଣୁ ଏମିତି ଦୋ-ମିଶା ପୁଅ ଜନ୍ମ ହେଉଛନ୍ତି ।

ମନୋଜ ତା କାନକୁ ମୋଡ଼ିଦେଇ କହିଲା ତୁ ବଡ଼ ଦୁଷ୍ଟ ପାଲଟି ଗଲୁଣି ତ ସୁଜାତା । ପିଲାଦିନେ ନାକ କାନ୍ଦିଲେ

ବଚନ ବାହାରୁ ନ ଥିଲା । ଆଜ କାଲ ବେଶ୍ ତ କଥା କହି ପାରୁଛୁ ।

—ପିଲାଦିନେ ତୁମେ କ'ଣ ଓକିଲାତି କରୁଥିଲ ? ବୟସ ଅନୁସାରେ ମଣିଷର ପରିବର୍ତ୍ତନ ଯଥେଷ୍ଟ ଘଟେ ।

—ତୋର କି ପରିବର୍ତ୍ତନ ହୋଇଛି ଶୁଣେ ।

—ବହୁତ କିଛି । ତୁମର ଆଖିର ଦୃଷ୍ଟିଶକ୍ତି କ'ଣ କମି ଯାଇଛି ?

—ହଉ ! ଏ ତ ଗଲା ତୋ କଥା ! ଆଉ ତୋର ସୁପ୍ରିୟା ଅପା କଥା କ'ଣ ? ତାର ତ ଜମା ଦେଖା ନାହିଁ ?

—ତା ମୁଣ୍ଡରେ ଏଇନେ ତେନ୍ତୁଳିଆ ବିଛା କାମୁଡ଼ୁଛି । ଆଉ ସେ ଆଗ ସୁପ୍ରିୟା ଅପା ନାହିଁ । ପରିବର୍ତ୍ତନଶୀଳ ଦୁନିଆଁ ଚକ୍ରରେ ସେ ଧରା ଯାଇଛି ।

—ତାର ଦେହ କ'ଣ ଭଲ ନାହିଁ ?

—ଦେହ ଭଲ ଅଛି ଯେ ମନଟା ଟିକିଏ ରୋଗୀଣା ଧରି ଯାଇଛି । ସେଇଥି ପାଇଁ ସେ କାଲିଠାରୁ ଉପବାସ ଶୋଇଛି । ଖେଁ କରି ସୁଜାତା ହସି ପକାଇଲା ।

ହଉ ସେ ଦୁଷ଼୍ଟାମି ରଖି ଦେଇଥା । ଯା ସୁପ୍ରିୟା ଅପାକୁ ଡାକି ଦେବୁ ।

—ମୋ କଥାରେ ସେ ଆସିବ ନାହିଁ ।

—ଯା ମୋ ନାମ କହି ଡାକି ଆଣିବୁ ।

ସୁଜାତା ଚାଲିଗଲା । ମନୋଜ୍ ଫୁଲ୍ ପ୍ୟାଣ୍ଟ ଖଣ୍ଡିକ ଘଷି ବସିଲା ।

ସେତେବେଳ ପର୍ଯ୍ୟନ୍ତ ସୁପ୍ରିୟା ଉଠିନ । ଦିନ ଆସି ପହରରେ ହେଲଣି । ରାତିଟା ଯାକ ସେ ଅନିଦ୍ରା । କାନ୍ଦି କାନ୍ଦି ଆଖି ତାର ଫୁଲ ଯାଇଛି । ଗୋଟାଏ ରାତି ଭିତରେ କେତେ ପ୍ରକାର ଭାବନା ସେ କରିଯାଇଛି । ନିଜକୁ କେତେ ସାନ୍ତ୍ୱନା ଦେଇଛି । ନିରଞ୍ଜନ ନିହାତି ପର । ତା ଲାଗି ସେ କାନ୍ଦିବ କାହିଁକି ? ସେ ଅବହେଳା କଲା ବୋଲି କାହିଁକି ଦୁଃଖ କରିବ । ଆହୁରି ସୁନ୍ଦର ପିଲା ସେ ଚାହିଁଲେ ବିବାହ କରି ପାରିବ । ସେ ଗଲା କଥା ଆଉ ଭାବିବ ନାହିଁ । ହେଲେ ଅମାନିଆ ମନଟା ମାନେ ନାହିଁ । ଭାବନା ଦୂରେଇ ଦେଲେ ବି ସେ ପୁଣି ଆସି ତା ମୁଣ୍ଡରେ ମାଡ଼ି ବସେ । ରାତି ସାରା ସେ ଖଟରେ ଶୋଇ ଛଟପଟ ହେଉଛି । ଆଖିର ଲୁହରେ ବିଛଣାଟା ତିନ୍ତି ଯାଇଛି ।

ବଡ଼ ଲୋକଙ୍କୁ ତିନିଖୁଣ୍ଟ ମାଫ୍ । ଗରିବ ଘରେ ସୁପ୍ରିୟା ଜନ୍ମ ହୋଇଥିଲେ ତା'ର ଏତେ ଶୋଇବା ଦେଖି ତା ମା' କେତେ ପରସ୍ତ ଗାଳି ଦେଇ ସାରନ୍ତାଣି । ସକାଳୁ ବାସି ପାଇଟି କରି ନ ଥିଲେ ବା ଗୋବର ଗୋଟାଇ ଆଣି ନ ଥିଲେ ତା ଉପରେ କେତେ କୋଡ଼ମାଡ଼ ହୋଇ ଯାଆନ୍ତାଣି । ସାଇ ମାଇପେ କେତେ ଛିଗୁଲେଇ କହିଥାନ୍ତେ—ଝିଅଟା ବଡ଼ ଉପରମୁହାଁ ହୋଇଗଲା । ଧୁଷୁରି ପରି ଦିନ ଘଡ଼ିଏ ଯାଏ ଶୋଉଛି ଇତ୍ୟାଦି ।

କିନ୍ତୁ ସୁପ୍ରିୟା ବଡ଼ଲୋକ ଘରର ଝିଅ । ପଦେ କହିବାକୁ କେହି ନାହାଁନ୍ତି । ଦାମା ଦୁଇଥର ସୁପ୍ରିୟାକୁ ଉଠାଇବାକୁ ଆସିଛି, କିନ୍ତୁ ସାହସ କରି ଡାକି ପାରିନାହିଁ । ପୂର୍ବାଶା ବୁଢ଼ୀ ଧରି ଥରେ ଆସିଥିଲା, ଭିତରୁ କବାଟ ବନ୍ଦ ଥିବାରୁ ଫେରିଗଲା ।

ସୁଜାତା ଯାଇ କବାଟ ପାଖରେ ଠିଆହେଲା । ଭିତରୁ କିଛି ଶବ୍ଦ ଆସୁନ । ଭାବିଲା ବୋଧହୁଏ ସୁପ୍ରିୟାର ନିଦ ଭାଙ୍ଗିନି । କବାଟ ଧଡ଼୍ ଧଡ଼୍ କରି ଡାକିଲା —ଏ ଅପା, ଅପା ଲୋ ?

କେତେବେଳକେ ସୁପ୍ରିୟାର ନିଦ ଭାଙ୍ଗିଲା । ନିଦ ମଳ ମଳ ହୋଇ ଜବାବ ଦେଲା—କ'ଣ କି ?

—ବେଳ ଆସି କେତେ ହେଲାଣି ତୁ କ'ଣ କଲେଜ୍ ଯିବୁନି ?

—ମୋର ଆଜି ଦେହ ଭଲ ନାହିଁ ।

—ତତେ ମନୋଜ ଭାଇ ଡାକୁଛନ୍ତି ।

ମନୋଜ୍ ! ନାମଟା ଶୁଣି ସୁପ୍ରିୟା ଟିକିଏ ଦବିଗଲା । ଏଇ ନାମଟା ସେ ଯେମିତି ବହୁତ ଆଗରୁ ଜାଣିଛି । କେବେ ଜାଣିଥିଲା କିଛି ଠିକ୍ କରି ପାରିଲା ନାହିଁ । ଆଶ୍ଚର୍ଯ୍ୟ ହୋଇ ପଚାରିଲା କେଉଁ ମନୋଜ୍ ଭାଇ ମ ?

—ବଡ଼ ମାମୁଁଙ୍କ ପୁଅ ମନୋଜ ଭାଇ; ସେ ଆସିଛନ୍ତି । ତୋତେ କାହିଁକି ଡାକୁଛନ୍ତି ।

ସୁପ୍ରିୟାର କଳଜା ଟିକିଏ ଥରାଇ ଦେଇ ଝଲକାଏ ପବନ ତା ନାକବାଟେ ଫଁ—ଅଁ କରି ବାହାରି ଆସିଲା । ଆଖି ତାର ଆପେ ଆପେ ଅତୀତ ଆଡ଼କୁ ଟାଣି ହୋଇଗଲା । ବହୁତ ଦିନ ତଳେ ଥରେ ସେ ଯାଇଥିଲା ମାମୁଁ ଘରକୁ । ମାମୁଁ ମାଇଁ ଶ୍ରଦ୍ଧାରେ ତାକୁ ବହୁତ ଦିନ ଅଟକାଇ ରଖିଲେ । ଏଇ ମନୋଜ ଭାଇ ଗୋଟାଏ କି ଛୁଟିରେ ଘରକୁ ଆସିଥାନ୍ତି । ଭଲ ପଢ଼ୁଥାଆନ୍ତି ବୋଲି ଗାଁଟା ସାରା ତାଙ୍କର ପ୍ରଶଂସା ରଟୁଥାଏ । ଭାଇ ହିସାବରେ ତାର ଯେତିକି ପ୍ରାପ୍ୟ ସେତିକି ମନୋଜକୁ ଦେବାକୁ କେବେ ଭୁଲି ନ ଥିଲା ।

ଦିନକର ଖରାବେଳେ ମାମୁଁ ମାଈଁ କେହି ନ ଥାନ୍ତି । ପିଲାମାନେ ସ୍କୁଲ ଯାଇ ଥାଆନ୍ତି । ଗୋଟାଏ ଘରେ ବସି ସେ ଓ ମନୋଜ ଚେସ୍ ଖେଳୁ ଥାଆନ୍ତି । ଖେଳରେ ସେ ହାରିଗଲା । ମନୋଜ ତାକୁ ଚିଡ଼େଇ ଦେବାରୁ ସେ ରାଗରେ ରଜା ଗୋଟିଟାକୁ ଟିକି ଟିକି କରି ଭାଙ୍ଗି ପକାଇଲା । ସେତିକି ବେଳେ ମନୋଜ କହିଲା—"ରଜା ଗୋଟିଟାର କି ଦୋଷ ଅଛି ? ସତେ ସୁପ୍ରିୟା ତୁମେ ରାଗିଗଲେ ତୁମର ରକ୍ତିମ ଅଧର ଦୁଇଟି ଯେତେବେଳେ ଆହୁରି ରକ୍ତିମ ହୋଇ ଉଠେ; ସେତେବେଳେ ତୁମେ ମୋ ଆଖିକୁ ଭାରି ସୁନ୍ଦର ଦେଖାଯାଅ—ଠିକ୍ ପ୍ୟାରିସ୍‌ର ବୁଲ୍ ବୁଲ୍ ପକ୍ଷୀ ପରି—ଠିକ୍ ସରଗ ରାଇଜର କାଉଁରୀକୁମାରୀ ପରି । ମୁଁ ଯଦି ତୁମକୁ ବାହା ହୁଅନ୍ତି.........।"

ସେ କିଛି ଉତ୍ତର ଦେଇ ନ ଥିଲା ।

ମନୋଜ ତା'ର ଆଉ ଟିକିଏ ପାଖକୁ ଘୁଞ୍ଚିଆସି ତାକୁ ନିଜ କୋଳ ଉପରକୁ ଜୋରରେ ଟାଣି ଆଣିଥିଲା । ଏଥିରେ ସେ ଅସ୍ତବ୍ୟସ୍ତ ହୋଇ ମନୋଜକୁ ପୁଳାଏ କାମୁଡ଼ି ଦେଲା । ଯନ୍ତ୍ରଣା ବିକଳରେ ସେ ତାକୁ ଛାଡ଼ି ଦେଲା । ମନୋଜର ବାହୁବେଷ୍ଟନୀ ଭିତରୁ ଖସି ଆସି ସେ ତାକୁ ଯଥେଷ୍ଟ ଅପମାନ ଦେଇଥିଲା । ମାମୁଁ ମାଈଁଙ୍କ ଆଗରେ କହିଦେବି ବୋଲି ଧମକ ଦେଇଥିଲା । ଶେଷରେ ତାର ପାଦ ଧରି ମନୋଜ କ୍ଷମା ମାଗିଥିଲା । ଆଉ ଏମିତି କରିବ ନାହିଁ ବୋଲି ପ୍ରତିଜ୍ଞା କଲା । ଦାନ୍ତରେ କୁଟାଦେଲା । ସେ ଦିନୁ ସେ ମନୋଜକୁ ଭଲ ଭାବରେ ଚିହ୍ନେ । ତାର ଚରିତ୍ର ବିଷୟରେ ଖୁବ୍ ଭଲ ଭାବରେ ଜାଣେ । ଏ ପୁଣି ସେହି ମନୋଜ ତ ? ଆଜି ପୁଣି ତାକୁ କାହିଁକି ଡାକୁଛି ? ସେଦିନ କଥା ପାସୋରି ଦେଲା ବୋଧେ ।

ବାହାରେ ଥାଇ ସୁଜାତା ଡାକିଲା—ପୁଣି ଶୋଇ ପଡ଼ିଲୁ କିଲୋ ଅପା ? ତତେ ପରା ମନୋଜ ଭାଇ ଡାକୁଛନ୍ତି ?

କିଛି ଉତ୍ତର ନ ଦେଇ ସୁପ୍ରିୟା କବାଟ ଖୋଲି ବାହାରକୁ ବାହାରି ଆସିଲା ।•••

× × × ×

ଦିନ ଯାଏ·····ମାସ ବର୍ଷ ଧରି ଯୁଗ ମଧ୍ୟ ଗଡ଼ିଯାଏ । ମଣିଷ ରୁହେନ । ସେ ବି ଚାଲିଯାଏ । କିନ୍ତୁ ମନ ଭିତରର ସମସ୍ୟାଟା ଅମୀମାଂସିତ ରହିଯାଏ···

ସୁପ୍ରିୟା ନିରଞ୍ଜନ ଘରୁ ଅଭିମାନ କରି ଚାଲି ଆସିବା ଦିନଠାରୁ ନିରଞ୍ଜନ ଗୋଟାଏ ବଡ଼ ପାଗଳ ପାଲଟି ଯାଉଛି । ସେ ଯାହା କରୁଛି—କରି ଯାଉଛି । ଯେଉଁଠି ବସି ଯାଉଛି—ଘଣ୍ଟା ଘଣ୍ଟା ଧରି ବସି ରହୁଛି । ସବୁବେଳେ ଖାଲି କ'ଣ ଗୁଡ଼ାଏ ଭାବୁଛି । ପୃଥିବୀ ଉପରେ ଚିଡ଼ି ଚିଡ଼ି ହେଉଛି । କଲେଜ୍ ଯିବା ବନ୍ଦ କରି ଦେଇଛି । ଘରୁ ମୋଟେ ବାହାରୁନି । ତା'ର ସୁଖ ଦୁଃଖର ସାଥୀ ବିଛଣା ଉପରେ ସେ ସବୁବେଳେ······

ଆଗେ ଚମ୍ପାଚମ୍ପା ଗଛଟିର କେତେ ଯତ୍ନ ନେଉଥିଲା ନିରଞ୍ଜନ । ପ୍ରତିଦିନ କଲେଜ୍‌ରୁ ଆସି ଗଛ ମୂଳରେ ପାଣି ଦେଉଥିଲା । ଫୁଲଟିଏ ଗଛରେ ଫାଟି ଯାଉଥିଲେ ତା'ର ଆନନ୍ଦର ସୀମା ରହୁ ନ ଥିଲା । କିନ୍ତୁ ଆଜି ସେ ସବୁ ପୋଡ଼ି ଯାଉଛି । ନିତି କେତେ ଫୁଲ ଫାଟି ଶୁଖି ଯାଉଛି ତା'ର କଳନା ନାହିଁ । ଫୁଲଗୁଡ଼ିକ ବିକଳ ହୋଇ ନିରଞ୍ଜନକୁ ଡାକନ୍ତି—ସେ ଶୁଣେନି । ତା'ର ମନ ତରଳେ ନାହିଁ । ସେ ପଥର ପାଲଟି ଯାଇଛି·····ମନେ

ମନେ ଗଛଟା ଉପରେ ଦାନ୍ତ କଡ଼ମଡ଼ କରିହୁଏ । ଏଇ ଚମ୍ପାଚମ୍ପା ଗଛ ଲାଗି ତାର ଆଜ ଏ ଅବସ୍ଥା । ଏହି ଗଛତଳେ ସେ ବସି ନ ଥିଲେ ହୁଏତ ସେ ଦିନର ସେ କଥା ଏତେଦୂର ଆଗେଇ ନ ଥାନ୍ତା । ଏହି ଧାରଣା ନିରଞ୍ଜନ ମନକୁ ତିକ୍ତ କରି ପକାଏ ।

ସଞ୍ଜ ହେଲେ ନିରଞ୍ଜନ ଭୟ କରେ । ଆଉ ସଞ୍ଜ ନ ହୁଅନ୍ତା କି ! ସେଦିନ ଏମିତି ଗୋଟିଏ ଗୋଧୂଳି ସଞ୍ଜରେ ସୁପ୍ରିୟା ଆସିଥିଲା । ପୁଣି ଏଇ କଅଁଳ ସଞ୍ଜରେ ଚାଲିଗଲା ।

ବିଜୁଳିବତି ଜଳି ଉଠିଲେ ନିରଞ୍ଜନ ଭାବେ ଦିନେ ସୁଜାତା କହିଥିଲା ଆଲୁଅ ଅପେକ୍ଷା ଅନ୍ଧାରଟା ବେଶ୍ ଆରାମ-ଦାୟକ । ସେଦିନ ଏ କଥାର ମହତ୍ତ୍ୱ ସେ ବୁଝିପାରି ନ ଥିଲା । ଆଜ ବୁଝିଛି । ବାସ୍ତବିକ୍ ଅନ୍ଧାରଟା ବେଶ ଆରାମଦାୟକ । ସେଦିନ ସୁପ୍ରିୟା ଏଇ ଆଲୁଅ ଘରକୁ ଆସିଥିଲା···ଆଲୁଅରେ ଚପଲ୍ ହଲକ ଦେଖିଥିଲା···ଆଲୁଅରେ ଚିଠିଟିକୁ ପଢ଼ିଥିଲା···ଆଲୁଅ ତାକୁ ଭୁଲ୍ ବୁଝେଇଲା···ଆଲୁଅ ତା'ର ଗରିବ ଦୁନିଆରେ ନିଆଁ ଲଗେଇ ଚାଲିଗଲା···ଆଲୁଅ ତାର ସବୁ ସାରିଛି । ତା'ର ମେରୁଦଣ୍ଡ ଭାଙ୍ଗି ଦେଇଛି । ତାର ସଂସାରକୁ ଛାରଖାର କରି ଦେଇଛି ।······ଆଲୁଅ ଉପରେ ରାଗରେ ଜଳିଯାଏ ନିରଞ୍ଜନ । ସୁଇଚ୍‌ଟାକୁ ଅଫ କରିଦିଏ । ଘରଟିରେ ବେଢ଼ି ଯାଏ ଅନ୍ଧକାର । ନିରଞ୍ଜନ ଖଟ ଉପରେ ତଳି ପଡ଼େ । ଭାବିବାକୁ ତାକୁ ସୁବିଧା ହୁଏ । ସେ ଭାବି ଚାଲେ·····

ତୋଫାନ ବେଗରେ ନିରଞ୍ଜନ ଭାବିଯାଏ··············· ସେଦିନ ଗୋରା କବରଠାରେ ସୁପ୍ରିୟା ତାକୁ କହିଥିଲା —ମୁଁ ଆପଣଙ୍କୁ ଭଲପାଏ । ଆପଣ ମୋତେ ବାନ୍ଧି ରଖି ନାହାନ୍ତି ?

ସୁପ୍ରିୟା କ'ଣ ତା'ର ଅନ୍ତରର କଥା ସେଦିନ କହିଥିଲା ? କେବେ ନୁହେଁ । ତାର ଜୀବନ ଧରି ଏତେଦିନ ପେଣ୍ଡୁ ପରି ଖେଳ ଆସୁଥିଲା ସେ । ସେ ଯଦି ପ୍ରକୃତରେ ତାକୁ ଭଲ ପାଇ ଥାଆନ୍ତା, ତେବେ ଟିକିଏ କଥାରେ ରାଗିଯାଇ କ'ଣ ଚାଲି ଯାଇ ଥାଆନ୍ତା ? ଯା'ଇଚ୍ଛି ଖୁବ୍ ଭଲ କରିଛି । କଲେଜ୍ ପିଲା ଏଥର ଆଉ ତାକୁ କିଛି କହି ପାରିବେ ନାହିଁ । ପିଲାଦିନୁ ସେ ଯେମିତି ନିଃସଙ୍ଗ ଜୀବନ ଯାପନ କରିଛି—ପୁଣି ସେପରି ବନ୍ଧନହୀନ ଭାବରେ ତାର ଭବିଷ୍ୟତ ଆକାଶ ଆଡ଼କୁ ପାଦ ବଢ଼ାଇବ । ସୁପ୍ରିୟା ତାର କିଏ କି ? ସାତ ପରଠାରୁ ଆହୁରି ହୀନ······

ଗୋଟାଏ ଦୀର୍ଘନିଃଶ୍ୱାସ ତା'ର ଅନ୍ତବୁଜୁଳା ତରଳାଇ ବାହାରି ଆସେ । ସେ ପୁଣି ଭାବେ— ସୁପ୍ରିୟା ଲାଗି ସେ ଏତେ ଭାବୁଛି କାହିଁକି ? ତା'ର ଆଖିରେ ଏତେ ଲୁହ ଆସୁଛି କୁଆଡ଼ୁ ? ସେ ତ ବେଶ୍ ଖୁସିରେ ରହିଛି ! ସେ କଣ ତା ଲାଗି ଏତେ ଭାବୁଥିବ ? ଏତେ କାନ୍ଦୁଥିବ ? ନା, ସେ କାହିଁକି ଭାବିବ ? ସେ ବଡ଼ଲୋକ । ଦୁଇଦିନ ଲାଗି ସ୍ନେହ ମମତା ତା ସାଥିରେ ଲଗାଇଥିଲା । ବଡ଼ଲୋକମାନଙ୍କର ଭଲପାଇବା ଗୋଟାଏ ବିଳାସ ପରି । ଠିକ୍ ଜାପାନୀ କଣ୍ଢେଇ ପରି ସେମାନେ ଭଲ-ପାଇବାକୁ ଧରି ଖେଳନ୍ତି । ସୁପ୍ରିୟା ତାକୁ ଘୃଣା କରେ । ଗରିବ ବୋଲି ଉପେକ୍ଷା କରେ । ତା ନହେଲେ ସେ କ'ଣ ଆଜିଯାଏ ଚୁପ୍ ଥାଆନ୍ତା ! ତା'ର ଅବସ୍ଥା ଦେଖିବା ଲାଗି ଧାଇଁ ଆସି ନ ଥାନ୍ତା !

ନିରଞ୍ଜନ ଭାବୁ ଭାବୁ ଶିହରି ଉଠେ । ଭାବନାକୁ ମନ ଭିତରୁ ତଡ଼ିଦେବାକୁ ଚେଷ୍ଟା କରେ । ସୁପ୍ରିୟାକୁ ଭୁଲିଯିବା ପାଇଁ ପ୍ରତିଜ୍ଞା କରେ । କିନ୍ତୁ ସେ କଣ ଭୁଲି ହୁଏ ? ଅନୁଭୂତିର

ବିଭୂତିଙ୍କୁ କେହି କଣ ମନରୁ ପୋଛିଦେଇ ପାରେ ? ସ୍ମୃତି କ'ଣ ବିସ୍ମୃତି ଭିତରେ ବିଲୟ ପାଏ ? ? ?

ସୁପ୍ରିୟା ତିଆରି ରୁମାଲରେ ଲୁହକୁ ପୋଛିଦେଇ ସେ ଭାବେ—ତା'ର ଅପରାଧ କ'ଣ ? ସେ'ତ ଭୁଲରେ ଦିନକ ଲାଗି ସୁଜାତାକୁ ଭଲ ପାଇନି । ମନ ହୁଏ ଧାଇଁଯାନ୍ତା ସୁପ୍ରିୟା ପାଖକୁ । ତା'ର ହାତଯୋଡ଼ିକ ଧରି ସବୁ କଥା କହିଯାଆନ୍ତା । ତା'ର ଭୁଲ୍ ତାକୁ ବୁଝେଇ ଦିଅନ୍ତା । ଛାତି ଫାଡ଼ି ସେ ଦେଖେଇ ଦିଅନ୍ତା, ସୁପ୍ରିୟା ଛବି କିପରି ତା' କଲିଜା ଭିତରେ ଅଠେଇ ରହିଯାଇଛି । ସୁପ୍ରିୟା ପୁଣି ବଦଳି ଯାଆନ୍ତା । ତା'ର ଗରିବ ଦୁନିଆ ପୁଣି ହସି ଉଠନ୍ତା । ଗୋଟାଏ ହୋସରେ ଖଟ ଉପରୁ ଉଠି ଠିଆ ହୁଏ । ଆଗ ଗୋଡ଼ ପାହୁଣ୍ଡେ ଆଗକୁ ଚାଲିଯାଏ । କିନ୍ତୁ ପଛ ଗୋଡ଼ ଅଟକି ଯାଏ । ଛି, ଏଡ଼େ ଦୁର୍ବଳ ସେ । ବାହାରର ଲୋକେ ଶୁଣିଲେ କ'ଣ କହିବେ ? ସୁପ୍ରିୟା ତାକୁ ପାଗଳ ଭାବି ତଡ଼ି ଦେବନି ତ ? ତା'ର ବ୍ୟାକୁଳ ନିବେଦନକୁ ସେ ପଦ ପାଦରେ ଦଳି ଦିଏ ! ଲଥ୍ କରି ଖଟ ଉପରେ ବସିପଡ଼େ······

ଆକାଶରେ ଫେଣ୍ଡିଆ ଜହ୍ନଟା ହସର ଝରଣା ଖୋଲି ଉଠି ଆସେ । ତାରାଗୁଡ଼ାକ ମିଟି ମିଟି ହୋଇ ଚାହିଁ ହସନ୍ତି । ଭସା ବାଦଲଗୁଡ଼ାକ ଖଣ୍ଡ ଖଣ୍ଡ ହୋଇ ଚନ୍ଦ୍ର ଉପର ଦେଇ କେତେ ରଙ୍ଗ ବେରଙ୍ଗ ହୋଇ ଭାସି ଯାଆନ୍ତି । ପବନରେ ଚନଚମ୍ପାର ବାସନା ତାକୁ ଆକୁଳ କରେ । ସେ ଭାବେ ଏସବୁ ତାକୁ ଉପହାସ କରୁଛନ୍ତି । ତା'ର ଅବସ୍ଥା ଦେଖି କରି କରି ହୋଇ ହସୁଛନ୍ତି । ରାଗରେ ସେ ଜଳିଯାଏ । ତାର ମନେ ପଡ଼େ ସୁପ୍ରିୟା କେତେଥର କହିଛି—ଚନ୍ଦ ଉଇଁଲେ ତା' ମୁଣ୍ଡରେ କେତେ

ପ୍ରକାର ଭାବନା ସ୍ରୋତ ଖେଳିଯାଏ । ସୁପ୍ରିୟା ଠିକ୍ କହୁଥିଲି । ଗୃହଟା ବଡ଼ ଦୁଷ୍ଟ । ତାକୁ ଦେଖିଲେ ଦୁନିଆଁରେ ସମସ୍ତଙ୍କ ମନରେ ଝଡ଼ ସୃଷ୍ଟି ହୁଏ । ଚନ୍ଦ୍ରକିରଣ ଭଲ ଲାଗେନା । ନିରଞ୍ଜନ ଝରକାକୁ ଧଡ଼୍‌କରି ବନ୍ଦ କରି ଶିକୁଳି ଲଗେଇ ଦିଏ ।

ଏମିତି ଭାବୁ ଭାବୁ କେତେବେଳେ ତାକୁ ନିଦ ଆସିଯାଏ । କେଉଁଦିନ ଖାଏ କେଉଁଦିନ ବା ଉପାସରେ ଶୋଇପଡ଼େ । ନିଦ ଭିତରେ ନିରଞ୍ଜନ ସ୍ୱପ୍ନ ଦେଖେ; ସୁପ୍ରିୟା ଆସିଛି ତା ପାଖକୁ । ତା ଦେହରେ ଆଉଜି ପଡ଼ି କହୁଛି, 'କେଡ଼େ ସୁନ୍ଦର ଚେହେରାଟାକୁ କ'ଣ କରି ଥୋଇଲଣି ? କଣ ହୋଇଛି ତୁମର ? ସତେ ନିରଞ୍ଜନ ବାବୁ ମୁଁ ତୁମକୁ ଭଲପାଏ । ତୁମେ ମୋତେ ବାନ୍ଧି ରଖିନ ?" ନିରଞ୍ଜନ ନିଦରେ ପଚାରେ କେମିତି ବାନ୍ଧି ରଖିବି ? ସୁପ୍ରିୟା ମୁହଁ ପାଖରେ ମୁହଁ ଲଗାଇ ଉତ୍ତର ଦିଏ "ଏତିକି ବୁଝିପାରୁନ ? ସ୍ନେହ ମମତା ଓ ଭଲପାଇବା ଯଦି ବୁଝାଇ ହୋଇ ପାରନ୍ତା......" ସୁପ୍ରିୟା ଧାଇଁ ଧାଇଁ ପଳାଇ ଯାଏ......

ନିଦ ବାଉଳାରେ ଚମକି ଉଠେ ନିରଞ୍ଜନ । ସବୁ ତାକୁ ସତ ପରି ଜଣାଯାଏ । ଆଲୁଅ ଜାଳି ଦରଜା ଖୋଜି ଯାଏ । କିନ୍ତୁ କିଛି ପାଏନା । ଏକାବେଳକେ ତିନି ଚାରିଟା ଦୀର୍ଘ ନିଶ୍ୱାସ ପକାଇ ପୁଣି ଶୋଇପଡ଼େ ।

ଦିନେ ଦିନେ ଚାରିଟା ବେଳେ ବାହାରର ଝରକା ଖୋଲି ଦେଇ ନିରଞ୍ଜନ ଚାହିଁଥାଏ । ଜନଗହଳି ରାସ୍ତାରେ ଅସୁମାରି ରିକ୍‌ସାର ଛୁଟଣି ବନ୍ଦ ନ ଥାଏ । ତାହାର ଭିତରେ ଗୋଟାଏ ରିକ୍‌ସାରେ ମନୋଜ ଓ ସୁଜାତା ହସି ହସି ବୁଲି ବାହାରନ୍ତି ।

ଦୁହେଁ ଲଗାଲଗି ହୋଇ ବସିଥାନ୍ତି । ଦୁହିଙ୍କ ମୁହଁରେ ଥାଏ ପରିପୂର୍ଣ୍ଣ ହସର ଢେଉ । ନିରଞ୍ଜନ କାବା ହୋଇ ଝରକା ଫାଙ୍କରେ ଚାହିଁ ରୁହେ ସେମାନଙ୍କୁ । ସେମାନେ ଲୁଚିଗଲେ ଗୋଟାଏ ଗରମ ନିଶ୍ୱାସ ବାହାରି ଆସେ । ଆଶ୍ଚର୍ଯ୍ୟ ହୋଇ ସେ ଭାବେ— ଏ ନୂଆ ଯୁବକଟି ପୁଣି କିଏ ? ଗତ କଥା ମନେପଡ଼େ । ତା'ର ଛାତିଟା ଦୁଲୁକି ଉଠେ । ଦିନ ଥିଲା ଯେତେବେଳେ ସୁପ୍ରିୟା ଓ ସେ ଠିକ୍ ଏଇ ରିକ୍ସାରେ ଏମିତି ଲଗାଲଗି ହୋଇ ବସି ବୁଲି ଯାଉଥିଲେ । କିନ୍ତୁ ଆଜି ସେମାନଙ୍କର ସ୍ଥାନ ପୂରଣ କରିଛନ୍ତି ସୁଜାତା ଓ ତା'ର ଜଣେ ନୂଆ ଅତିଥି । ରିକସାବାଲା କ'ଣ ସେମାନଙ୍କୁ ପାଶୋରି ଦେଲା ? ଏ ଭୁଲ କାହାର······

ସୁଜାତା ଉପରେ ନିରଞ୍ଜନର ଦେହ ଜଳି ଉଠେ । ଘୃଣାରେ ଝରକାକୁ ବନ୍ଦ କରିଦେଇ ସେ ଭାବେ, ସୁଜାତା ତ ଆଜି ବେଶ ଆରାମରେ ଅଛି । ବେଶ୍ ହସି ହସି ବୁଲି ଯାଇପାରୁଛି । ତେବେ ସେ ତା'ର ସଂସାରକୁ ଚୂରମାର୍ କରିଦେଲା କାହିଁକି ? ଗରିବର ଦୁନିଆଁ କ'ଣ ଏମିତି ଭାଙ୍ଗେ ! ! ଯେ ଭାଙ୍ଗେ ସେ କ'ଣ କେବେ ଯୋଡ଼ି ଦେବାକୁ ଚେଷ୍ଟା କରେ ନା ।

ସୁଜାତା ବୁଲି ବୁଲି ଫେରେ । ପୁଣି ରିକ୍ସାର ଘଣ୍ଟି ଶବ୍ଦ ହୁଏ । ସେ ଶବ୍ଦ ନିରଞ୍ଜନର ଅତି ପରିଚିତ । ବହୁତ ଥର ସେହି ରିକ୍ସାରେ ସେ ବୁଲି ଯାଇଛି । ମନର ଇଚ୍ଛା ବିରୁଦ୍ଧରେ ହାତ ତା'ର ଝରକା ଖୋଲିବା ପାଇଁ ଲମ୍ବି ଯାଏ । ନିରଞ୍ଜନ ବୋକାଙ୍କ ପରି ଘଡ଼ିଏ କାଳ ବାହାରକୁ ଚାହେଁ । ତା'ର ମନ ହୁଏ ଧାଇଁ-ଯାଇ ରିକ୍ସାକୁ ଅଟକାଇ ଦିଅନ୍ତା । ସୁଜାତାର ତଣ୍ଟିକୁ ଚିପିଧରି କୁହନ୍ତା—"ତୁ'ତ ମୋର ସୁନାର ସଂସାର ଭାଙ୍ଗି ଦେଇଛୁ । ମୁଁ

କାହିଁକି ଗୁଡ଼ିକ ପଥର କରି ତୋର ଖେଳଘର ଦେଖିବ ?" ଏକା ଧକ୍କାରେ ରିକ୍ସାକୁ ଭାଙ୍ଗି ଦିଅନ୍ତା ।

ପୁଣି ତା'ର ମନେ ପଡ଼େ ସୁଜାତା ଚିଠିରେ ଆଗରୁ ତାକୁ ସତର୍କ କରାଇ ଦେଇଥିଲା—"ଆପଣ ଯଦି ମୋ ଜୀବନରେ ଝଞ୍ଜା ଉଠାଇବେ ତେବେ ମୁଁ ଆପଣଙ୍କ ଜୀବନକୁ ଠିକ ଠିକ କରିବାକୁ ପଛାଇବି ନାହିଁ ।" ଠିକ୍ ଲେଖିଥିଲା ସୁଜାତା । କଥାଟାକୁ ଅକ୍ଷରେ ଅକ୍ଷରେ ପାଳନ କରିଛି ସେ ।

ମନଟା ତା'ର ଦବି ଆସେ । ସେ ଭାବେ, ସୁଜାତା ପାଖକୁ ଯିବ । ତା'ର ପାଦ ଧରି ନିଜର ଭୁଲ ମାଗିନେବ । ହୁଏତ ତା ମନରେ ଦୟା ଆସିପାରେ । ସେ ଯେଉଁ ଘରଟାକୁ ଭାଙ୍ଗି ଦେଇଛି ପୁଣି ଯୋଡ଼ିଦେଇ ପାରେ । ନିରଞ୍ଜନ ଆନନ୍ଦରେ କୁରୁଳି ଉଠେ ।

ନିରଞ୍ଜନ ପ୍ରତିଦିନ ଇମିତି ଭାବନାର ଅଚ୍ଛିଣ୍ଡା ଜାଲ ବୁଣେ । ଆଖିରୁ କେତେ ଲୁହ ଗଡ଼ାଏ । କିନ୍ତୁ ସବୁଗୁଡ଼ାକ ଅମୀମାଂସିତ ରହିଯାଏ । ଯେବେ ଭାବେ, ତା'ର ଭାବନା ସେତିକ ବଢ଼ିଚାଲେ........

× × × ×

'ଜୟଶ୍ରୀ' ଚାଲିଛି 'ପ୍ରଭାତ'ରେ । ଚମତ୍କାର ଛବି । ଚାରି ସପ୍ତାହ ହେଲାଣି ଅଥଚ ଜନ ଗହଳି କମୁନି । ପ୍ରତିଦିନ ଖବର କାଗଜରେ ବାହାରୁଛି "ଅଗ୍ରୀମ ଟିକେଟ୍ କିଣନ୍ତୁ ନଚେତ୍ ହତାଶ ହେବେ ।"

ସେ ଦିନ ଥାଏ ରବିବାର । ସମସ୍ତଙ୍କର ଛୁଟି । ଠିକ୍ ଚାରିଟାବେଳେ ମନୋଜ୍ ସୁଜାତା କୋଠରୀ ଭିତରକୁ ପଶି ଆସି

ଦେଖିଲା, ସୁଜାତା ଆରାମରେ ଶୋଇଛନ୍ତି । ସେ ଧୀରେ ଧୀରେ ଆସି ସୁଜାତାର ସ୍ତନ ଉପରେ ହାତ ମାରିଦେଲା । ସୁଜାତା ଖରରେ ଅପ୍ରସ୍ତୁତ ହୋଇ ଉଠିଲା ।

ମନୋଜ କହିଲା—ସିନେମା ଯିବା ସରା ?

—ମୁଁ ଯଦି ନ ଯାଏ, ମୁରୁକି ହସି କହିଲା ସୁଜାତା ।

—ତେବେ ମୁଁ ମଧ ଯାଉନି ।

—ନା, ମନୋଜ ବାବୁ, ଆଖି ମଳି ମଳି ସୁଜାତା କହିଲା, ଆପଣ ଭୁଲ୍ ଭାବନ୍ତୁ ନାହିଁ । ଆଜି ମୋର ଦେହଟା ଟିକିଏ ଖରାପ ଅଛି । ଆପଣ ଅପା ପ୍ରଭୃତିଙ୍କୁ ନେଇ ଯାଆନ୍ତୁ ।

—ତୁମେ କିନ୍ତୁ ନ ଗଲେ ମୋତେ ଆଦୌ ଭଲ ଲାଗିବନି ।

—ଆଜି ଦିନଟା ମୋ' ଲାଗି କଷ୍ଟ ସହି ନିଅନ୍ତୁ ।

ହଉ ତୁମରି କଥା ରଖିଲି ସଖି ! ତୁମ କଥାରୁ ବାହାରି ଯିବାକୁ ମୋର ଶକ୍ତି ନାହିଁ—ସୁଜାତାକୁ ଟାଣି ଟାଣି ମନୋଜ ତା' ରକ୍ତିମ ଅଧରକୁ ନିଜ ଅଧର ସହିତ ଥରେ ମିଶାଇଦେଲା ।

ସୁଜାତା ଟିକିଏ ଦୂରକୁ ଘୁଞ୍ଚିଯାଇ କହିଲା—ଛି, ବଡ଼ ଦୁଷ୍ଟ ତୁମେ । ଅପା କି ବୋଉ ଦେଖିଲେ କ'ଣ ଭାବିବେ ?

—ଛତୁ କହିବେ । ଆରମ୍ଭରୁ ଏମିତି······ହସି ଉଠିଲା ମନୋଜ ।

—ଧେତ୍ ।

ହଉ ତୁମେ ଯାଅ ସୁପ୍ରିୟାକୁ କହିବ ସେ ସଜ ହୋଇ ବାହାରିବ । ସୁଜାତା ସୁନା ପିଲାଟି ପରି ବାହାରିଗଲା ।

ସୁପ୍ରିୟା ଏକାକିଆ ତା' କୋଠରୀରେ ବସି ନିଜର ଦିଲରୁବା'ଟି ପୋଛୁଥାଏ । ସୁଜାତା ହସି ହସି କହିଲା, ତୁ ପରା ସିନେମା ଯିବୁ ? ମନୋଜ ଭାଇ କହିଲେ ।

—କାହିଁ ମୁଁ'ତ ଜାଣିନି ।

ସେ ମୋତେ ପଠାଇଛନ୍ତି । ଜଲ୍‌ଦି ଶାଢ଼ୀ ପିନ୍ଧି ପକା ।

—ତୁ କ'ଣ ଯିବୁନି ?

—ନା ।

—କାହିଁକି ?

—ମୋର ଦେହ ଭଲ ନାହିଁ । ବାପା, ବୋଉ ଓ ମନୁଭାଇ ଯିବେ ।

—ହଉ ତୁ ଯାଆ । ମୁଁ ଶାଢ଼ୀ ପିନ୍ଧୁଛି ।

ସୁଜାତା ଚାଲିଗଲା । ସୁପ୍ରିୟା ଗୋଟାଏ ଦୀର୍ଘଶ୍ୱାସ ତ୍ୟାଗ କରି ହାତରେ ଧରିଥିବା ଦିଲରୁବା'ରେ କରୁଣ ରାଗିଣୀର ମୂର୍ଚ୍ଛନା ତୋଳିଲା—

ବସନ୍ତ ଆଜି ପୁରେ ତା ବାହୁଡ଼ି ଯାଏ
ଆକୁଳ ମଳୟ ବିକଳେ ସୁମନେ ଚୁହେଁ
କାନନେ କୋକିଳ ତେଜଇ ଦୀର୍ଘ ଶ୍ୱାସ
ଦୁଃଖେ ଡାକେ ହେ "ବିରହୀ ବନ୍ଧୁ
ଫେରି ଆସ ଫେରି ଆସ ।"

ପାଗଳୀମା ପରି ହସି ଉଠିଲା ଶେଷ ରାଗିଣୀ ପରେ । ମୁଁ ଯିବି ସିନେମା ଦେଖି, ମନୋଜ ଭାଇଙ୍କ ସାଥିରେ ? ତୁ ଗଲେ ସାଜିବ ଲୋ ସୁଜାତା । ମୋର ତାଙ୍କର ଆଦୌ ପଟେନି । 'ଜୟଶ୍ରୀ' ଟେଲରୁ ମୁଁ ବୁଝିବି କ'ଣ ? ଯାହାକୁ ବାସ୍ତବରେ ଦେଖିବାର

କଲ୍ପନା କରୁଥିଲା ସେ'ତ ଦୂରେଇ ଗଲା । ଆଉ ଏ ଚଳଚିତ୍ର ଦେଖିବ କାହିଁକି ? ତା' ମନ ଭିତରେ କିଏ ଭୁହାକୁ ଭୁହା କହି ଉଠିଲା— "ତୁ ନିରଞ୍ଜନକୁ ଭୁଲ୍ ବୁଝିଛୁ ସୁପ୍ରିୟା । ଏ ଭୁଲଟା ପୂରା ତୋର ।" ହଠାତ୍ ସୁପ୍ରିୟାର ଭାବନା ମଉଳିଗଲା । ଏ ଭୁଲ୍ ତେବେ ତା'ର ନିଜର ! ନିରଞ୍ଜନର ଭୁଲ୍ ନାହିଁ ? ହୋଇପାରେ ! ଆଜି ଭୁଲ୍ ଠିକ ସବୁ ଜଣା ପଡ଼ିଯିବ । ସୁଜାତା ତ ଘରେ ଏକା ରହୁଛି ...ସୁପ୍ରିୟା ସିନେମା ଯିବା ପାଇଁ ବ୍ୟଗ୍ର ହୋଇ ଉଠିଲା ।

ସନ୍ଧ୍ୟା ହେଲା । ଅନ୍ଧାର ଆସିଲା । କାଠଯୋଡ଼ିର ପବନ ଗର୍ଜି ଉଠିଥାଏ । ଏତେ ବଡ଼ ଘରଟାରେ ସୁଜାତା ଏକା । ସମସ୍ତେ ସିନେମା ଯାଇଛନ୍ତି କିନ୍ତୁ ଦାମା ସୁଜାତାକୁ ଜଗି ସିନେମା ଯାଇ ପାରିନି । ଚତୁର୍ଥୀର ବଙ୍କିମ ଚନ୍ଦ୍ର ଗୋଟାଏ କଳା ବାଦଲ ତଳେ ଲୁଚି ଯାଇଛି । ସେଠୁ ବାହାରିବାକୁ ତାକୁ ଆଉ ଗୋଟାଏ ଘଣ୍ଟା ଲାଗିବ । ସୁଜାତାର ଲୋମମୂଳ ଥରକୁ ଥର ଟାଙ୍କୁରି ଉଠୁଥାଏ । ଦେହଟା କସ୍‌ମସେଇ ଆସୁଥାଏ । ଗୃହଟା ବେଳର ଚମକ ତା' ଦେହରୁ ଏ ପର୍ଯ୍ୟନ୍ତ ଯାଇନି । ମନେ ପଡ଼ିଲେ ଦେହ ଶିତେଇ ଉଠୁଛି—ଗୋଟାଏ କୁସନ୍ ଚେୟାର ଉପରେ ସେ ଆଉଜି ପଡ଼ି ବେପରୁଆ ପାଟିରେ ଡାକିଲା—ଦାମା, ଏ ଦାମା ?

ସୁଜାତା ଡାକରେ ଦାମା ଥରି ଉଠିଲା । ସୁଜାତା ପାଖରେ ପହଞ୍ଚି ଯାଇ ପଚାରିଲା—କ'ଣ ଦେଉଛ ।

—ଯା, ନିରଞ୍ଜନ ବାବୁଙ୍କୁ ଡାକି ଆଣିବୁ ।

—କାହିଁକି ?

ସୁଜାତା ଗଳାଟାକୁ ଟିକିଏ ବଢ଼େଇଦେଇ କହିଲା—ପୁଣି ମୋ କଥାରେ ଅବାଧ ହେଲୁ ? ସେ ଦିନର ମାଡ଼ କ'ଣ ଭୁଲିଗଲୁ କି, ମୁହଁ ଉପରେ ଜବାବ ଦେଉଛୁ ? ଯା' ଶୀଘ୍ର କାମ କର୍ ।

ଦାମା ଚାଲିଗଲା । ସୁଜାତା ଉଠିଯାଇ ନିଜ ବେଶଟାକୁ ବଦଳାଇ ନେଲା । ଦୁଇ ଚାରିଟା ଏସେନ୍‌ସ, ଗଦି ବିଛଣା ଉପରେ ଢାଳି ଦେଲା । ତା' ଉପରେ କିଛି ଫୁଲ ବିଞ୍ଚିଦେଲା । ବାସନାରେ ଘରଟା ମହକି ଉଠୁଥାଏ । ରେଡ଼ିଓର ଭଲ୍ୟୁମ୍ ଟିକିଏ ବଢ଼ାଇ ଦେଇ ବିଛଣା ଉପରେ ଡଳି ପଡ଼ିଲା + +

ନିରଞ୍ଜନ ଏକ ଧ୍ୟାନରେ ସୁପ୍ରିୟା ଫଟୋ ଦେଖୁଥିଲା । ପଛଆଡ଼ୁ ଦାମା ଯାଇ କହିଲା—ଆପଣଙ୍କୁ ଦେଈ ଡାକୁଛନ୍ତି ।

ହଠାତ୍ ନିରଞ୍ଜନ ଫଟୋଟିକୁ ଲୁଚେଇ ଦେଇ ପଛକୁ ମୁହଁ ଫେରାଇଲା । ଦାମା ଠିଆ ହୋଇଛି । କିଛି ନ ଶୁଣିଲା ପରି ପଚାରିଲା—କ'ଣ କହିଲୁ ?

—ଆପଣଙ୍କୁ ସୁଜାତା ଦେଈ ଡାକୁଛନ୍ତି ।

ସୁଜାତା ! ଗୋଟାଏ ନିଶ୍ୱାସ ଗ୍ରହଣ ଆଖି ପିଛୁଡ଼ାକେ ନିରଞ୍ଜନ ଭାବିଗଲା......ଯେଉଁ ସୁଜାତା ତା' କଲିଜା ତଳେ ନିଆଁ ଲଗାଇ ଦେଇଛି—ଯେ ତାକୁ ତିଳ ତିଳ କରି ମାରିବାକୁ ପଛେଇ ନାହିଁ—ଯାହା ଲାଗି ତା'ର ଆଜି ଏ ଅବସ୍ଥା—ସେଇ ସୁଜାତା ତାକୁ ପୁଣି ଡକେଇ ପଠେଇଛି ? କ'ଣ ପ୍ରତିଶୋଧ ନେବା ପାଇଁ ? ହେ ଭଗବାନ ! ଗରିବ ଜୀବନ ଧରି ଖେଳିବା ପାଇଁ କ'ଣ ବଡ଼ଲୋକମାନଙ୍କର ଜନ୍ମ ? ଛେପ ଢୋକି ପଚାରିଲା —କାହିଁକି ଡାକୁଛନ୍ତି ?

ମୁଁ କିଛି ଜାଣେନା । ସେ କେବଳ ଡାକିଆଣିବାକୁ କହିଲେ ।

ନିରଞ୍ଜନ ଧୈର୍ଯ୍ୟର ବନ୍ଧ ଭାଙ୍ଗି ଯାଇଛି । ତା'ର ଆତ୍ମଗର୍ବ ତୁଟି ଯାଇଛି । ନିଜ ଉପରେ ଯେଉଁ ବିଶ୍ୱାସ ଟିକିକ ଥିଲା, ସେତିକ ମଧ୍ୟ ନିଭି ଯାଇଛି । ସେ ଆଉ ବାଲ୍ୟଶିକାମସୁ ଅସ୍ଥିରଙ୍କ ଧରି ଲକ୍ଷ୍ୟଭ୍ରଷ୍ଟ ନାଆରେ ଭାସି ବୁଲିବାକୁ ଚାହେଁନା । କୂଳରେ ଲାଗିବା ପାଇଁ ତା' ଜୀବନ ବ୍ୟାକୁଳ ହୋଇ ଉଠିଛି । ହତାଶର ଉତ୍ପୀଡ଼ନରେ ତା'ର ତନ୍ତ୍ରୀ ଶିଥିଳ ହୋଇ ଆସିଛି । ଜୀବନ ଓ ଯୌବନ ଖେଳରେ ସୁଜାତା ଆଗରେ ପଡ଼ି ଯାଇଛି । ଅନ୍ୟ ଦିନ ପରି ସେ ଆଜ ପ୍ରତିବାଦ କଲା ନାହିଁ । ଅବୋଧ ଶିଶୁପରି ଦାମା ପଛେ ପଛେ ବାହାରି ଆସିଲା ।

ସୁଜାତା ଖଣ୍ଡେ ଖବର କାଗଜ ଲେଉଟାଉ ଥାଏ । ନିରଞ୍ଜନ ଯାଇ କାହ୍ନକୁ ଆଉଜି ଠିଆ ହେଲା । କେତେବେଳକେ ସୁଜାତା କାଗଜ ଉପରୁ ଆଖି ଫେରାଇଲା । ନିରଞ୍ଜନ ସେମିତି ଠିଆ ହୋଇଛି । ଅଳ୍ପ ହସି କହିଲା—ଠିଆ ହେଲେ ଯେ ? ବସନ୍ତୁ ।

ନିରଞ୍ଜନ ବସିଲା ।

ସୁଜାତା ହସି ହସି ପଚାରିଲା—ମୁଁ କାହିଁକି ଡାକିଲି ଆପଣ ଜାଣନ୍ତି ?

—ନା, ମୁଁ କେମିତି ଜାଣିବି ?

—ଆଜ ଅପା ପ୍ରଭୃତି ସିନେମା ଯାଇଛନ୍ତି । ଘରେ ମୁଁ ଏକା ଅଛି ।

—ସେଥିରେ ମୋର ଲାଭ ବା କ୍ଷତି କ'ଣ ?

—ବୁଝି ପାରିଲେନି ନିରଞ୍ଜନ ବାବୁ—ମୋ ମନର ଭାଷା ଗୁଡ଼ିକର ବେଦନା······ତଥାପି କ'ଣ ବୁଝାଇବାକୁ ପଡ଼ିବ··· ନୀରବ ଏଇ ରାତି···ନିଗୁଡ଼ିଆ ଏଇ ଘର···ତୁମେ ଯୁବକ··· ପାଖରେ ଏକ ନବୀନା ଯୁବତୀ···ଆଉ କଣ ଦରକାର ନିରଞ୍ଜନ ବାବୁ·········

ନିରଞ୍ଜନ ନୀରବରେ ତଳକୁ ମୁହଁ ପୋତିଲା······

ତା'ର ନୀରବତା ଦେଖି ସୁଜାତା କହିଲା—ଚୁପ୍ ହୋଇ ରହିଲେ ଯେ ?

—ମୋର ଗୋଟାଏ ଉପକାର ତୁମେ କରି ପାରିବ ?

କି ଉପକାର ଶୁଣେ ? ଆଖି କୋଣରେ ପ୍ରେମର ଇସାରା ଦେଇ ପଚାରିଲା ସୁଜାତା ।

ସୁପ୍ରିୟା ମୋତେ ଭୁଲ୍ ବୁଝିଛି । ତାକୁ ଠିକ୍ ବାଟକୁ ନେଇ ଆସି ପାରିବ ?

ଏଇଟା ତ ଖୁବ୍ ସାମାନ୍ୟ କଥା···············ହେଲେ ମୋ ନିବେଦନ ଆପଣ କ'ଣ ରଖିବେନି ? ଟେବୁଲ ଡ୍ରୟାରରୁ ଗୋଟିଏ ଫଟୋ ଆଲବମ୍ ବାହାରି କରି ନିରଞ୍ଜନ ଆଖି ଆଗରେ ଥୋଇ କହିଲା— ଏ ଫଟୋଗୁଡ଼ିକ କେମିତି ହୋଇଛି କହନ୍ତୁ ତ ।

ନାରୀମାନେ ଏତେ ଲଜ୍ଜାହୀନା ହୁଅନ୍ତି ବୋଲି ନିରଞ୍ଜନ ଆଗରୁ କେବେ ହେଲେ କଳ୍ପନା କରି ନ ଥିଲା । ସବୁ ଗୁଡ଼ାକ କେବଳ ସ୍ତ୍ରୀ ପୁରୁଷଙ୍କର ଉଚ୍ଛୃଙ୍ଖଳ ଛବି × × × × ଗୋଟିକ ପରେ ଗୋଟିଏ ସୁଜାତା ଦେଖାଇ ଯାଉଥାଏ । ଇସ୍

ଏତେ ବିକୃତ × × × × × ସେ ଆଉ ଧୈର୍ଯ୍ୟ ଧରି ଦେଖି ପାରିଲାନି । ଘୃଣାରେ ଆଖି ଦୁଇଟି ଆପେ ଆପେ ବୁଜି ହୋଇ ଆସିଲା ।

ପ୍ରାୟ ଘଣ୍ଟେ ଖଣ୍ଡେ ଛବି ସୁଜାତା ଓଲଟାଇଗଲା । ସର୍ବା-ଶେଷ ଫଟୋଟି ତାର ନିଜର । ଅନ୍ୟମାନଙ୍କ ପରି ତା' ଶରୀରର ରୂପ ଉଚ୍ଛୃଙ୍ଖଳ । ସବୁଗୁଡ଼ିକ ଦେଖାଇ ସାରି ପଚାରିଲା—ମୋ ଫଟୋଟି କେମିତି ଲାଗିଲା ?

ମନ କଥାକୁ ଚାପି ରଖି ନିରଞ୍ଜନ କହିଲା—ଖୁବ୍ ସୁନ୍ଦର ହୋଇଛି ।

ଗର୍ବରେ ଫୁଲି ଉଠିଲା ସୁଜାତା । ହସି ହସି ନିରଞ୍ଜନ କୋଳକୁ ଢଳି ପଡ଼ିଲା ।

ନିରଞ୍ଜନ ଆଉ ସଜାଗ ହୋଇ ନ ଥାଏ । ତା' ଛାତି ଭିତରେ କିଏ ଗୋଟାଏ ଯେମିତି ହାତୁଡ଼ିରେ ପିଟୁଛି ।

କ'ଣ ଭାବୁଛନ୍ତି ? ନିରଞ୍ଜନ ମୁହଁକୁ ହଲାଇଦେଇ ପଚାରିଲା ସୁଜାତା ।

ନିରଞ୍ଜନ ନୀରବ ।

ନିରଞ୍ଜନ ସୁଜାତାକୁ ଚାହିଁ ପଥର ପାଲଟିଗଲା । ଏ କ'ଣ ସେ ଦେଖୁଛି ? ଏତେ ଶକ୍ତିଶାଳୀ ଆଲୁଅରେ ମଧ୍ୟ ସୁଜାତା ଅର୍ଦ୍ଧନଗ୍ନ ଅବସ୍ଥାରେ ଅଭିନେତ୍ରୀ ଭଙ୍ଗୀରେ ଠିଆ ହୋଇଛି ! ଟିକିଏ ସଙ୍କୋଚ ବୋଧକରୁନି ! ! ନିରଞ୍ଜନ ଆଖି ଦୁଇଟିକୁ ବୁଜିଦେଲା କିନ୍ତୁ ମୁହଁ ଖୋଲି କିଛି କହି ପାରିଲା ନାହିଁ । ହୁଏତ ନିଜର ପରାଜୟ ପାଇଁ ପ୍ରସ୍ତୁତ ହେଉଥିଲା । ଠିକ୍ ଏତିକିବେଳେ ଉଲ୍‌କା ବେଗରେ ଭିତରକୁ ପଶି ଆସିଛି ସୁପ୍ରିୟା । ଘୃଣାରେ ମୁହଁରୁ ତା'ର ରକ୍ତ ଝରି ପଡୁଥାଏ ।

ସୁପ୍ରିୟାର ସିନେମା ଯିବାର ପ୍ରକୃତ ଇଚ୍ଛା ନ ଥିଲା ସେ ଯାଇଥିଲା କେବଳ ନିରଞ୍ଜନକୁ ପରୀକ୍ଷା କରିବା ଲାଗି । ସେ ସ୍ପଷ୍ଟ ଜାଣିଥିଲା, ସୁଜାତା କେବଳ ନିରଞ୍ଜନ ଲାଗି ସିନେମା ଯାଉନି । ସୁପ୍ରିୟା ସିନେମା ଗଲା । ଦୁଇଟା ରିଲ୍ ପରେ ମୁଣ୍ଡ ବିନ୍ଧିବାର ଛଳନା କରି ଏକା ଖଣ୍ଡେ ରିକ୍ସାରେ ଫେରି ଆସିଲା । କାହାକୁ କିଛି ନ କହି ନିରଞ୍ଜନ ଓ ସୁଜାତା ଥିବା କୋଠରୀ ପାଖରେ କାନ ଡେରି ବହୁତ ସମୟ ହେବ ଠିଆ ହୋଇଛି । ଯେତେବେଳେ ଦୁହେଁ ପାଗଳ ହୋଇ ଉଠିଲେ, ତା'ର ଧୈର୍ଯ୍ୟର ବନ୍ଧ ଭାଙ୍ଗିଗଲା । ଘୃଣାରେ ଥରି ଥରି ଝଡ଼ ବେଗରେ ସେ ଭିତରକୁ ପଶି ଆସିଛି ।

ଏପରି ଅଗ୍ନିନକ ବିପଦ ଲାଗି କେହି ପ୍ରସ୍ତୁତ ନ ଥିଲେ । ନିରଞ୍ଜନ ମୂକ, ନିର୍ବାକ, ଅଥର୍ବ, ପାଷାଣ ପାଲଟି ଯାଇଛି । ସୁପ୍ରିୟା ବିଷଧର ଫଣିମା ପରି ଗର୍ଜିଉଠି କହିଲା - ତୁମେ ଏ ଘରୁ ଚାଲିଯାଅ ନିରଞ୍ଜନ । ସରଳ ବିଶ୍ୱାସରେ ଗୋଟିଏ ନାଗ ସାପକୁ ମୁଁ ବାନ୍ଧି ରଖିଥିଲି ! ଏତେ କୃତଘ୍ନ ତୁମେ ? ଗରିବ ବୋଲି ବାହାରେ ଅଭିନୟ କର..... ଚରିତ୍ରବାନ୍ ବୋଲି କଲେଜ୍‌ରୁ ପୁରସ୍କାର ପାଅ......କିନ୍ତୁ ଭିତରେ ଭିତରେ ତୁମେ ଏତେ ନୀଚ ସ୍ତରକୁ ଯାଇପାର ? ସାହାଯ୍ୟ ଦେଇ ତୁମର ଉପକାର କରିବି ବୋଲି ଠିକ୍ କରିଥିଲି । ତୁମେ କ'ଣ ତା'ର ପ୍ରତିଦାନ ଏଇଆ ଦେଲ ?

ନିରଞ୍ଜନ ପାଟିରେ ଭାଷା ନ ଥିଲା । କିନ୍ତୁ ତା'ର ଓଠ ଦିଓଟି ଥରି ଉଠୁଥିଲା, ସତେ ଯେମିତି କେତେ କ'ଣ କହିବ ।

ସୁପ୍ରିୟା ସେହିପରି ରାଗରେ କହି ଯାଉଥାଏ—ଏଇ ପ୍ରକାର ଭଲ ପାଅ ତୁମେ ମୋତେ ? ସୁଜାତାକୁ ଯଦି ତୁମର ବିବାହ

କରିବାର ଥିଲା, ମୋତେ ସ୍ପଷ୍ଟ କହିଦେଲ ନାହିଁ କାହିଁକି ? କାହିଁକି ମୋ ଜୀବନରେ ଝଞ୍ଜା ରୂପରେ ତୁମେ ଦେଖାଦେଲ ? କାହାଲାଗି ସହରରେ ମୋର ଦୁର୍ନାମ ରଟି ଉଠିଛି ? ଛି, ମଣିଷର ମନ ଭିତରେ ଏତେ ଆବର୍ଜ୍ଜନା ଥାଏ ?

— ମୋତେ ଭୁଲ୍ ବୁଝନା ସୁପ୍ରିୟା । ବାଷ୍ପରୁଦ୍ଧ କଣ୍ଠରେ କହିଲା ନିରଞ୍ଜନ ।

ହସି ଉଠିଲା ସୁପ୍ରିୟା । ଏପରି ପୈଶାଚିକ ହସ ସେ କେବେ ହସି ନ ଥିଲା । ଲୋକ ଉନ୍ମାଦ କିମ୍ବା ପାଗଳ ନ ହେଲେ ତା'ର ଏପରି ହସ ବାହାରେ ନାହିଁ । ହସି ହସି କହିଲା—ବହୁତ ବୁଝିଛି ତୁମକୁ । ଏଣିକି ଆଉ ବୁଝାଇବାକୁ ପଡ଼ିବ ନାହିଁ । ମୋ ଜୀବନକୁ ହା-ହୁତାଶ କରି ଦେଇଛ ତୁମେ । ନିଜର ଆଖିକୁ କେବେ କେହି ଅବିଶ୍ୱାସ କରିପାରେ ? ମୋତେ ମୋର ହତାଶିଆ ଜୀବନ ଧରି କାନ୍ଦିବାକୁ ଛାଡ଼ିଦିଅ । ତୁମେ ଚାଲିଯାଅ । ସବୁଦିନ ଲାଗି ଏ ଘର ତୁମପାଇଁ ବନ୍ଦ୍ ରହିଲା । ଏକା ନିଶ୍ୱାସକେ ଏତକ କହି ପକାଇ ସୁପ୍ରିୟା ଚୁପ୍ ରହିଲା । ପ୍ରଚଣ୍ଡ କ୍ରୋଧରେ ତା'ର ବାକ୍‌ଶକ୍ତି ଲୋପ୍ ପାଇଲା । ତୋଫା ଗୋରା ଦେହ ତମ୍ବା ତାର ପରି ଲାଲ ପଡ଼ିଯାଇଥାଏ ।

ନିରଞ୍ଜନ ଛାତି ଭିତରେ ଅସହ୍ୟ ଯନ୍ତ୍ରଣା ଧରି ବାହାରକୁ ବାହାରି ଆସିଲା । ପଦେ ହେଲେ ପାଟି ଫିଟେଇ ନାହିଁ ।

ବସାରେ ପହଞ୍ଚି ନିରଞ୍ଜନ ଭାବିଲା—ଆଉ ସୁପ୍ରିୟା ମନ କେବେହେଲେ ବଦଳାଇ ହେବନି । ତା'ର ମାନସ ଆକାଶରେ ଅନ୍ଧକାର ଘନେଇ ଆସିଛି । କେବଳ ସୁଜାତା ଲାଗି ଆଜି ସେ ନିଃସ୍ୱ, ସୁଜାତା ତା'ର ସର୍ବସ୍ୱ ଲୁଟ୍ କରି ଦେଇଛି·········ତା'ର

କଳ୍ପିତ ଭବିଷ୍ୟତର ରଙ୍ଗମସାଲକୁ ପାଦରେ ଦଳି ଦେଉଛି, ସେ ନାରୀ ନୁହେଁ—ପିଶାଚୀ ! ସୁପ୍ରିୟା ତାକୁ ଛାଡ଼ିଦେଇ ଠିକ୍ କରିଛି । ରାତି ପାହିଲେ ବନବିହାରୀ ବାବୁ ଏ କଥା ଜାଣିବେ । ସହରଟା ବିଷାକ୍ତ ହୋଇ ଉଠିବ । ତା ପରେ·········ସେ ଆଉ ଭାବି ପାରିଲା ନାହିଁ । ଆଖିରୁ ଦୁଇ ବୁନ୍ଦା ଲୁହ ଝରି ପଡ଼ି ମାଟି ଭିତରେ ଲୁଚିଗଲା । ଭାବ ବିହ୍ୱଳ ହୋଇ ନିରଞ୍ଜନ ଡାକିଲା—ପୂଜାରୀ !

ନିଦ ମଳ ମଳ ହୋଇ ପୂଜାରୀ ଟୋକା ଆସି ପାଖରେ ଠିଆହେଲା । ନିରଞ୍ଜନ କହିଲା—ଯା ଦୁଇଟା ରିକ୍ସା ଡାକି ଦେବୁ ।

ବାବୁଙ୍କ କଥା କିଛି ବୁଝି ନ ପାରି କର୍ତ୍ତବ୍ୟ ପାଳନ କରିବାରେ ପୂଜାରୀଟି ଚାଲିଗଲା । ନିରଞ୍ଜନ ରାଇଟିଂ ପ୍ୟାଡ଼ଟା ଟାଣି ଖଣ୍ଡେ ଚିଠି ଲେଖିଲା । ତା' ପରେ ନିଜର ବିଛଣାପତ୍ର ବନ୍ଧା ବନ୍ଧି କରି ଚିନାଚମ୍ପା ଗଛମୂଳକୁ ଗଲା । ସେଠାରେ ନୀରବରେ କିଛି ସମୟ ଛିଡ଼ା ହେଲା । ବୋଧହୁଏ ନିଜ ଦୁଃଖ ଗୁହାରି ତା ଆଗରେ ଜଣାଇଲା । ଚିନାଚମ୍ପା ଗଛ ନିରଞ୍ଜନର ଦୁଃଖ ବୁଝିଲା । ତାକୁ ଆଶୀର୍ବାଦ କରି ତା' ମୁଣ୍ଡ ଉପରେ ଦୁଇଟା ଫୁଲ ଟପ୍···ଟପ୍ କରି ଗଳାଇ ପକାଇଲା ।

ନିରଞ୍ଜନ ନିଜ ବେଡ଼ିଂ ପତ୍ର ରିକ୍ସାରେ ଲଦି ନିଜେ ବସିଲା । ପୂଜାରୀ ଆଉ ସମ୍ଭାଳି ପାରିଲା ନାହିଁ, ପାଖକୁ ଧାଇଁଯାଇ କହିଲା—ବାବୁ କୁଆଡ଼େ ଯାଉଛନ୍ତି ?

ନିରଞ୍ଜନ ପୂଜାରୀ ମୁହଁକୁ ଚାହିଁଲା—କେଡ଼େ ସରଳ ଏ ପୂଜାରୀଟି । ଆଖିରେ ତା'ର ଲୁହ ଜକେଇ ଆସିଲା । ଦରଦଭରା

କଣ୍ଠରେ କହିଲା—ଗୋଟିଏ ଜରୁରୀ କାମରେ ଯାଉଛି । ପୁଣି କିଛିଦିନ ପରେ ଫେରି ଆସିବି ଯେ

ପୁଷ୍ପାଶ୍ରୀ ଭେ-ଭେ କରି କାନ୍ଦି ଉଠିଲା । କାନ୍ଦି କାନ୍ଦି କହିଲା—ଆପଣଙ୍କ ଆଖିରୁ ଲୁହ ଝରୁଛି କାହିଁକି ବାବୁ ? ମୋତେ ସାଙ୍ଗରେ ନିଅନ୍ତୁ ମୁଁ ଯିବି ।

ନିରଞ୍ଜନ ସାଉଁଳେଇ କହିଲା, ତୋତେ କିଆଡ଼େ ନେବି ? ଫେରି ଆସିଲେ ପୁଣି ତୁ ରହିବୁ । ତା'ପରେ ପକେଟରୁ ଖଣ୍ଡେ ଚିଠି ଓ ପାଞ୍ଚଟା ଟଙ୍କା କାଢ଼ି କହିଲା—ଏ ଚିଠିଟା ସୁପ୍ରିୟା ଦେଈଙ୍କୁ ଦେଇ ଦେବୁ । କହିବୁ ବାବୁ ହସି ହସି ଗଲେ । ଆଉ ତୁ ଏ ପାଞ୍ଚ ଟଙ୍କା ନେ, ଖର୍ଚ୍ଚ କରିବୁ ।

ପୁଷ୍ପାଶ୍ରୀ ସେମିତି କାନ୍ଦୁଥାଏ ନିରଞ୍ଜନ ତା' ଉତ୍ତରକୁ ଅପେକ୍ଷା ନ କରି ଟଙ୍କା ଓ ଚିଠି ତା' ହାତରେ ଗୁଞ୍ଜି ଦେଇ କହିଲା—ଏ ରିକ୍ସା ! ଷ୍ଟେସନ ଚାଲିଓ । ରିକ୍ସାବାଲା ଦୁଇଟି ଷ୍ଟେସନକୁ ରିକ୍ସା ମୋଡ଼ିଲେ । ନିରଞ୍ଜନ ନିଜର କୋହକୁ ସମ୍ଭାଳି ନ ପାରି ପାଟିରେ ରୁମାଲକୁ ଗୁଞ୍ଜି ଧରିଲା· ····

× × × ×

ନିରଞ୍ଜନ ବାହାରି ଯିବା ପରେ ସୁଜାତା ବହୁତ ଭାବୁଛି । ନିରଞ୍ଜନ ଲାଗି ସେ ବିଶେଷ ଦୁଃଖିତା ନୁହେଁ । ତା'ର ବେଶୀ ଦୁଃଖ ନିଜ ପାଇଁ । ଅପା ବହୁତ ରାଗିଛି । ବାପାଙ୍କ ଆଗରେ ସବୁକଥା ନିଶ୍ଚୟ କହିଦେବ । ଏହି ଭୟରେ ତା'ର ପ୍ରାଣ ଛଟପଟ ହୋଇ ଉଠୁଥାଏ । ଭାବି ଭାବି ଠିକ୍ କଲା, ଅପା ଓ ନିରଞ୍ଜନକୁ ଯଦି କୌଣସି ଉପାୟରେ ଧରା ପକାଇ ଦେଇ ପାରେ, ତେବେ ତା'ଉପରେ ଆଉ ବେଶୀ ଆଞ୍ଚ ଲାଗିବନି ।

ଠିକ୍ କଲା, ତା' ପାଖରେ ଅପା ଓ ନିରଞ୍ଜନର ଫଟୋ ଅଛି । ଫଟୋକୁ ନେଇ ବାପାଙ୍କ ଆଗରେ ନାଲିସ କରି ବସିଲେ, ସୁପ୍ରିୟାର ଆଉ ମୁହଁ ଫିଟିବ ନାହିଁ । ତେଣିକି ଦୋଷଗୁଡ଼ାକ ଅପା ମୁଣ୍ଡ ଉପରକୁ ଗଡ଼ିଯିବ । କିନ୍ତୁ ବାପାଙ୍କୁ ଦେଖାଇଲେ ଘରେ ସିନା ସମସ୍ତେ ଜାଣିବେ, ବାହାର ଲୋକ ତ ଏ ବିଷୟରେ କିଛି ଜାଣି ପାରିବେ ନାହିଁ । ସୁପ୍ରିୟା ତା'ର ଏତେବଡ଼ ସରସ ଯୋଜନାକୁ ପଣ୍ଡ କରି ଦେଇଛି । ତାକୁ ଜନସାଧାରଣଙ୍କ ଆଗରେ ଚରିତ୍ରହୀନା ବୋଲି ପ୍ରମାଣ କରାଇ ଦେବାକୁ ସେ ଚାହେଁ । ସୁଜାତା ତା'ର ଅତି ବିଶ୍ୱାସୀ ଓ ଆପଣାର ଚାକରି ଦାମା ହାତରେ ଫଟୋ ଖଣ୍ଡିକ ଓ ଶହେ ଟଙ୍କିଆ ନୋଟ୍ ଖଣ୍ଡେ ଲାଞ୍ଚ ଦେଇ ସମ୍ବାଦପତ୍ର ଅଫିସକୁ ପଠାଇ ଦେଲା ।

ଦୁନିଆଟା କେବଳ ଲାଞ୍ଚ ମିଛର କାରବାର । ମଣିଷ ସିନା ଭାବେ ଟଙ୍କା ଉପରେ ମାଲିକ ସେ, ଟଙ୍କା ରୋଜଗାର କରେ ସେ— କିନ୍ତୁ ସେ ଭାବନା ତା'ର ପୂରା ଭୁଲ୍ । ଟଙ୍କା ପାଦତଳେ ନିତି ପ୍ରତି ଶହ ଶହ ଲୋକ ମୁଣ୍ଡ ନୁଆନ୍ତି । ଏକାବେଳକେ ଶହେ ଟଙ୍କାର ନୋଟ୍ ସମ୍ବାଦପତ୍ରର କର୍ମଚାରୀ ଛାଡ଼ି ପାରିଲେ ନାହିଁ । ନିଜ ଉପରକୁ ଦାୟିତ୍ୱ ନେଇ ଫଟୋଟି ଛାପି ଦେବେ ବୋଲି ପ୍ରତିଶ୍ରୁତି ଦେଲେ ।

ସକାଳୁ ବନବିହାରୀ ବାବୁ ଉଠି ପିଣ୍ଡାରେ ବସିଛନ୍ତି, ସମ୍ବାଦ ପତ୍ର ହକର ଖଣ୍ଡିଏ ପତ୍ରିକା ଦେଇ ଚାଲିଗଲା । ପ୍ରଥମ ପୃଷ୍ଠାରେ ସୁପ୍ରିୟାର ଫଟୋ ବାହାରିଛି । ତା' ତଳକୁ ବଡ଼ ବଡ଼ ଅକ୍ଷରରେ ଲେଖାଅଛି "କଲେଜ୍ ଷ୍ଟୁଡ଼େଣ୍ଟଙ୍କର ନିଭୃତ ପ୍ରେମ" । ବନବିହାରୀ ବାବୁ ଛବିଟିକୁ ଦେଖି କାବା ହୋଇଗଲେ । ଯାହା

ସେ ସ୍ୱପ୍ନରେ ସୁଦ୍ଧା କଳ୍ପନା କରି ନ ଥିଲେ ତାହା ଆଜି ବାସ୍ତବରେ ପରିଣତ ହୋଇଛି । ନିରଞ୍ଜନ ଉପରେ ତାଙ୍କର ଯେତିକି ଉଚ୍ଚ ଧାରଣା ଥିଲା, ତା'ଠାରୁ ବେଶୀ ଥିଲା ସୁପ୍ରିୟାର ଚରିତ୍ର ଉପରେ । ନିରଞ୍ଜନ ହୁଏତ ପର ପିଲା । କିନ୍ତୁ ସୁପ୍ରିୟା ତାଙ୍କର ନିଜ ଝିଅ ହୋଇ ତାଙ୍କର ଏତେ ବଡ଼ ଆତ୍ମସମ୍ମାନ ଉପରେ ଏମିତି ଆଞ୍ଚ୍ ଆଣିଲା । ତାଙ୍କ ମୁଣ୍ଡ ଆଜି ତଳକୁ ହୋଇ ଯାଇଛି ।

ସେ ଥକ୍‌କା ହୋଇ କାନ୍ଥକୁ ଆଉଜିପଡ଼ି ଭାବିଲେ—ଏ ଫଟୋ ଉଠାଇଲା କିଏ ! ସମ୍ବାଦ ପତ୍ରକୁ ଦେଲା ବା କାହିଁକି । କି ସ୍ୱାର୍ଥ ତା'ର ଥିଲା !! କ୍ରୋଧ ଓ ଘୃଣାରେ ତାଙ୍କର ଦେହ ଥରି ଉଠିଲା । ଦାନ୍ତ କଡ଼ମଡ଼ କରି ଡାକିଲେ 'ସୁପ୍ରିୟା' ।

ସୁଜାତା ଚା' କପେ ଧରି ଆସି କହିଲା—କାହିଁକି ଅପାକୁ ଡାକୁଛ ବାପା ?

ବନବିହାରୀ ବାବୁ ଗମ୍ଭୀର ହୋଇ ଉତ୍ତର ଦେଲେ—ତୁ କ'ଣ ବୁଝିବୁ ମା' ? ତୁ ଟିକିଏ ଉପରମୁହାଁ ବୋଲି ମୁଁ ତୋତେ ଭୁଲ୍ ବୁଝିଥିଲି । କିନ୍ତୁ ଏତେ ଦିନର ଓକିଲାତି ଅଭିଜ୍ଞତା ଭିତରେ ଆଜି ମୋର ଠିକ୍‌ଟା ଓ ଭୁଲଟା ଠିକ୍ ପାଲଟି ଯାଇଛି । ତୁ ଯା ସୁପ୍ରିୟାକୁ ଡାକିଦେ ।

ନିରଞ୍ଜନକୁ ଅପମାନ ଦେଇ ଘଡ଼୍ଚ ଉଡ଼ିଦେବା ପରମୁହୂର୍ତ୍ତ-ଠାରୁ ସୁପ୍ରିୟା ମନରେ ଅବସ୍ଥା ସାଙ୍ଘାତିକ ଧାରଣର ହୋଇ ଉଠିଛି । ତା' ମନ ଭିତରେ କିଏ ଯେମିତି ବାରମ୍ବାର କୁହାଟି ଉଠୁଛି "ତୁ ଭୁଲ୍ କରିଛୁ ସୁପ୍ରିୟା—ନିରଞ୍ଜନକୁ ତୁ ଚିହ୍ନିପାରିନୁ ।" ସେ ଖାଲି ବାଘୁଣୀଙ୍କ ପରି କାନ୍ଦୁଛି । ମନକୁ ବହୁତ ପ୍ରକାର

ସାନ୍ତ୍ୱନା ଦେଇଛି ସତ; କିନ୍ତୁ ଅମାନିଆ ମନ ବୁଝୁନି । ନିରଞ୍ଜନ ଅପମାନ ପାଇ ଚାଲିଯାଇଛି । ରାଗରେ କିଛି ଭୁଲ୍ କରିନି ତ ?

ପୁଣି ନିଜକୁ ନିଜେ ବୁଝାଏ । ନା, ନିରଞ୍ଜନ କାହିଁକି କ'ଣ କରି ବସିବ ? ସେ ନିରଞ୍ଜନ ପାଇଁ ଯେତେ ଭାବୁଛି, ନିରଞ୍ଜନ କ'ଣ ତା' ପାଇଁ ଏତେ ଭାବୁଥିବ ? ସେ ତ ସୁଜାତାକୁ ଭଲପାଏ । ତା' ସହିତ କେବଳ ଖେଳୁଥିଲା ଯେମିତି ଖେଳ । ନ ଖେଳି ଥିଲେ ସୁଜାତା ସହିତ ପୂର୍ଣ୍ଣ ମିଳାମିଶା କରିବାର ସୁଯୋଗ ପାଇଥାନ୍ତା କୁଆଡୁ ? ବରଂ ସୁଜାତାକୁ ବିବାହ କରିବାର ଅନ୍ୟ ପନ୍ଥା ସେ ଠିକ୍ କରୁଥିବ । ତା'ର ଆଶା କ'ଣ ନିଭି ଯାଇଛି ? ଦିନେ ଯେମିତି କିଛି ନ ବୁଝି ନିରଞ୍ଜନ ଆଡ଼କୁ ଟାଣି ହୋଇ ଯାଇଥିଲା, ଆଜି ସେମିତି କିଛି ନ ବୁଝି ତା'ଲାଗି ଗୋଳେଇ ଘାଣ୍ଟି ହେଉଛି । ନା, ସେ ଆଉ ନିରଞ୍ଜନ କଥା ଭାବିବ ନି । ଆଖିରୁ ଲୁହତକ ଶେଷ ହୋଇଗଲେ ଆଉ କ'ଣ ଝରିବ ? ସେ ଖଟ ଉପରେ ଆଖି ବୁଜି ଶୋଇପଡ଼ିଲା ।

ନିଦରେ ସପନ ଦେଖିଲା—ନିରଞ୍ଜନ ଆତ୍ମହତ୍ୟା କରିଛି । ତା'ର ପ୍ରେତାତ୍ମା ତା' ପାଖକୁ ସାଉଁ ସାଉଁ କରି ଧାଇଁ ଆସୁଛି । —ସତେ ଯେମିତି ତାକୁ ଗିଳି ପକାଇବ । ଇସ୍—କି ଭୟଙ୍କର । ଭୟରେ ଚରଚରେଇ ଉଠିଲା ସୁପ୍ରିୟା । ସେତେବେଳଯାଏ ଝରକା ଖୋଲା ଅଛି । ପୁଳାଏ ତୋଫା ଜହ୍ନର ଆଲୁଅ ଝରକା ଫାଙ୍କ ବାଟେ ଭିତରକୁ ପଶିଆସି ଠିକ୍ ଘର ମଝିରେ ଆଉ ଚୋଟାଏ ନୂଆ ଝରକାର ସୃଷ୍ଟି କରିଛି ।

ସୁପ୍ରିୟା ଝରକା ପାଖରେ ଆସି ଠିଆହେଲା । ଜହ୍ନର ପିକା କିରଣ ନିରଞ୍ଜନ ଅଗଣାରେ ବିଛୁଡ଼ି ହୋଇ ପଡ଼ିଛି । ତା'

ଆଖିକୁ ଆଉ ନିଦ ହେଲନି । ସେମିତି ଝରକା ରେଲିଂ ଧରି ସେ ସ୍ଥାଣୁପରି ଠିଆହୋଇ ରହିଲା ·········

ରାତି ପାହି ସକାଳ ହେଲା । କୁଆ ରାବିଲେ । ତଥାପି ତାକୁ କିଛି ଜଣା ନାହିଁ । ସେ ସେମିତି ଠିଆ ହୋଇଛି । ଆଖି ଦୁଇଟି ସନ୍ତୃଷ୍ଟ । ବାହାରୁ ସୁଜାତା ଡାକିଲା—ଅପାଲୋ ତୋତେ ବାପା ଡାକୁଛନ୍ତି । ସୁପ୍ରିୟାର ଚମକ ଭାଙ୍ଗିଗଲା । ଦିନ ଆସି ପହରେ ହେଲାଣି, କବାଟ ଖୋଲି ବାହାରି ଆସିଲା ।

ବନବିହାରୀ ବାବୁ ସେମିତି ମୂକ ହୋଇ ବସି ଥାଆନ୍ତି । ସୁପ୍ରିୟା ଯାଇ ନମ୍ର ସ୍ୱରରେ ପଚାରିଲା—କାହିଁକି ଡାକୁଛ ବାପା ?

ବନବିହାରୀ ବାବୁ ତା' ମୁହଁକୁ ଟିକିଏ ଚାହିଁ ପୁଣି ତଳକୁ ମୁହଁ ପୋତିଦେଲେ । ଦାରୁଣ ଦୁଃଖରେ ତାଙ୍କର କଣ୍ଠରୁଦ୍ଧ ହୋଇ ଆସିଲା । ସମ୍ବାଦପତ୍ରଟା ଫିଙ୍ଗିଦେଇ କହିଲେ—ନେ, ଭଲକରି ଦେଖ୍ × × ମନର ଅବସ୍ଥା ନେଇ ବନବିହାରୀବାବୁ ଢେର ଉପାସରେ କଚେରୀକୁ ଚାଲିଗଲେ । ସୁପ୍ରିୟା ଦାନ୍ତ ଘଷିନି, କି ଗାଧୋଇନି । କାନ୍ଦି କାନ୍ଦି ଆଖି ଦୁଇଟା କୁମ୍ଭାଟୁଆ ବସା ପରି ଫୁଲି ଗଲାଣି । ସେ କେବଳ ମନକୁ ମନ ପଚାରୁଛି—ତା'ର ଆଜି ଏ ଅବସ୍ଥା କଲା କିଏ ? କାହାଲାଗି ତା'ର ସୁନ୍ଦର ଭବିଷ୍ୟତ ଧୂଳିରେ ଲୋଟି ଯାଉଛି ? କ'ଣ ନିରଞ୍ଜନ କରିଛି ? ଏପରି ଭାବରେ ସେ ପ୍ରତିଶୋଧ ନେଲା ।

ଏତିକିବେଳେ ନିରଞ୍ଜନର ପୃଷ୍ଠା ବାହାରେ ଆଇ ଡାକିଲା —ଦେଇ । କବାଟ ଖୋଲନ୍ତୁ ।

ସୁପ୍ରିୟା ଖାମ୍‌ଖିଆଲିଙ୍କ ମତ ଜବାବ ପଠାଇ ଦେଲା । ପୁଷ୍ପାଶ୍ରୀ ନିଜ କମିଜ ପକେଟରୁ ଖଣ୍ଡେ ଚିଠି କାଢ଼ି ସୁପ୍ରିୟା ହାତରେ ଧରାଇ ଦେଲା ।

ସୁପ୍ରିୟା !

ଯାଉଛି । ଯିବାକୁ ତୁମେ ଆଦେଶ ଦେଇଛ । ନ ଯିବି କେମିତି ? ତୁମର ଆଦେଶକୁ ମୁଣ୍ଡରେ ଧରି କଟକ ସହର ଛାଡ଼ିଲି । ଆଉ ଏ ହତଭାଗା ମୁହଁ ଦେଖାଇ ତୁମକୁ କଳୁଷିତ କରିବାକୁ ଚାହେଁନି ।

ସତେ, ଗୋଟାଏ କୃତଘ୍ନକୁ ତୁମେ ମୁହଁ ଦେଇଥିଲ । ସେଥିପାଇଁ ମୁଁ ଭୁଲ ମାଗି ନେଉଛି । ଜୀବନରେ ଦେଖା ହେବା ଖୁବ୍ କମ୍ ଆଶା । ତୁମର ସେ ପୁରୁଣା କଥାକୁ ମୁଁ ଥରେ କହୁଛି, ସ୍ନେହ, ମମତା ଯଦି ଦେଖାଇ ହୋଇ ପାରନ୍ତା, ତେବେ ମୁଁ ଛାତି ଫାଡ଼ି ଦେଖାଇ ଥାଆନ୍ତି, ମୋ ପାଖରେ ତୁମର ସ୍ଥାନ କେଉଁଠି । ହଉ, ତୁମର ଭୁଲଟାକୁ ଚେଷ୍ଟାକରି ଠିକ୍ ବୁଝିବାକୁ ମୋର ଅନୁରୋଧ । ସୁଖରେ ଘର ସଂସାର କର । ଏହାହିଁ ମୋର କାମନା । ଇତି ।

"ନିରଞ୍ଜନ"

ଚିଠିଟା ପଢ଼ି ସୁପ୍ରିୟା ପାଟିରୁ କଥା ବାହାରିଲା ନାହିଁ । ସେ ମୂକ ପାଲଟି ଗଲା । ତା' ମନରେ ବାରମ୍ବାର ପ୍ରଶ୍ନ ଉଠୁଥିଲା ସେ ଭୁଲ କରି ନାହିଁ ତ ? ନିରଞ୍ଜନକୁ ଭୁଲ୍ ବୁଝି ନାହିଁ ତ ?

× × × ×

ଉଦ୍ଦେଶ୍ୟହୀନ ଭାବେ ନିରଞ୍ଜନ ବାହାରି ଆସିଥିଲା ନିଜ କ୍ୱାର୍ଟରୁ । ମାତ୍ର ହାବଡ଼ାକୁ ଟିକେଟ୍ କାଟି ଯେତେବେଳେ

ଷ୍ଟେସନରେ ବସିଲ, ଦେଖିବାକୁ ପାଇଲା କଲିକତାର ରାମକୃଷ୍ଣ ମିଶନରେ କେତେକ ସନ୍ନ୍ୟାସୀ । ଏମାନଙ୍କର ଜୀବନକୁ ବିଶ୍ଳେଷଣ କରି ନିରଞ୍ଜନ ଉପରେ ଏକ ଅଦ୍ଭୁତ ଶାନ୍ତି ପାଇଲା······ଭାବିଲା ଏହାହିଁ ହେବ ତା'ର ଶେଷପନ୍ଥା । ତାପରେ ଉକ୍ତ ସନ୍ନ୍ୟାସୀମାନଙ୍କ ସହିତ ମିଷ୍ଟାଲାପ କରି ସେମାନଙ୍କର ମନ ଆକର୍ଷଣ କଲା । ସେମାନେ ତାକୁ ନିଜ ମଠକୁ ସାଙ୍ଗରେ ନେଇଗଲେ ।

ଦିନ କେଇଟା ଭିତରେ ତା'ର ସୁନାମ 'ମିଶନ୍' ଟପି ବାହାରକୁ ଚହଟି ଉଠିଲା । ସେ ଭଲ ବକ୍ତୃତା ଦେଇପାରେ ଅନର୍ଗଳ ଭାବରେ ଘଣ୍ଟା ଘଣ୍ଟା ଧରି କହିପାରେ । ତା'ର କହିବାର ଲାଳିତ୍ୟରେ ଲୋକମାନେ ମୁଗ୍ଧ ହୋଇ ଯାଆନ୍ତି ! ରାଜନୀତିଠାରୁ ଆରମ୍ଭ କରି ଦେଶସେବା ପର୍ଯ୍ୟନ୍ତ ସବୁ ବିଷୟ ଲୋକମାନଙ୍କୁ ବୁଝାଇ କହିବାରେ ସେ ପ୍ରବୀଣ । ନିଜ ଦେଶର ଦୁର୍ଦ୍ଦଶା, କିପରି କଲେ ଲୋକମାନେ ନିଷ୍ପାପ ଜୀବନ ଯାପନ କରିବେ, ଏହି ବିଷୟରେ ସେ ବକ୍ତୃତା ଦେଇ ଲୋକମାନଙ୍କୁ ସତ୍‌ପଥକୁ ଟାଣି ଆଣେ ।

ନିରଞ୍ଜନ ଦିନସାରା ପର ସେବାରେ ସମୟ କାଟେ । ମିଶନ୍ ପାଖ ବୁଲି ବୁଲି, କିଏ ବେମାର ପଡ଼ିଛି, କାହାର କି ଅସୁବିଧା ହେଲା, ଏହି ବିଷୟ ବୁଝେ, କେହି ମନ ଦୁଃଖରେ ବସିଥିଲେ, ପାଞ୍ଚପଦ ଭଲ କଥା କହି ତାଙ୍କୁ ସାନ୍ତ୍ୱନା ଦିଏ ! ବେମାର ପଡ଼ିଥିଲେ ଆପଣା ଚେଷ୍ଟାକରି ଭଲ କରେ । ସନ୍ଧ୍ୟା ହୋଇଗଲେ ଛୋଟ ଛୋଟ ପିଲାଙ୍କୁ ଧରି ପଢ଼ାଇ ବସେ । ସେମାନଙ୍କ ଆଗରେ ରାମାୟଣ, ମହାଭାରତ କଥା କହେ । ଦେଶ ସେବା ଓ ଈଶ୍ୱର ସେବା ସମ୍ବନ୍ଧରେ ବୁଝାଏ । ନିଜ ମ

ଚରିତ୍ରବାନ୍ ହେଲେ ତା'ର ଲକ୍ଷ୍ୟ କପରି ସଫଳ ହୁଏ, ସେ କଥା କୁହେ । ପିଲାମାନେ ମନଦେଇ ଶୁଣନ୍ତି । ସେଥିପାଇଁ ସବୁ ପିଲାଏ ତାଙ୍କୁ ରବିଭାଇ ବୋଲି ଡାକନ୍ତି ।

ନିରଞ୍ଜନ ସବୁବେଳେ କର୍ମମୟ ଜୀବନ କଟାଇବାକୁ ଚାହେଁ । କର୍ମମୟ ଜୀବନ ଭିତରେ ତା'ର ଚିନ୍ତାଧାରାକୁ ଡୁବାଇ ରଖିବାକୁ ତା'ର ଇଚ୍ଛା । ଏକାଟିଆ ବସିଲେ, ଅତୀତର ଶ୍ରେଷ୍ଠ ବଡ଼ ଭାବନାଗୁଡ଼ିକ । ମୁଣ୍ଡ ଭିତରେ ଅତଡ଼ାଖାଇ ଗର୍ଜି ଉଠନ୍ତି । ସେ ବଡ଼ ନିଃସହାୟ ବୋଧକରେ । ପିଲାମାନଙ୍କୁ ଡାକି ପକାଏ । ଯେ ଯେଉଁଆଡ଼େ ଥାଆନ୍ତି ତା'ର ଡାକରେ ଧାଇଁ ଆସନ୍ତି । ସେ ସେମାନଙ୍କ ସାଥିରେ ଗପ ଜମାଇ ବସେ ।

ରାତିରେ ପିଲାଙ୍କୁ ଉପଦେଶ ଦେଇସାରି ନିରଞ୍ଜନ ଦେବାର୍ଚ୍ଚନାରେ ମନଦିଏ । ଖାଇସାରିବା ପରେ ସେ ହୁଏ ଏକାଟିଆ । ମିଶନ୍‌ରେ ସମସ୍ତେ ଶୋଇପଡ଼ନ୍ତି । ସେ କିନ୍ତୁ ଏତେ ଚଞ୍ଚଳ ଶୋଇ ପାରେନା । ତା' ଆଖିକୁ ନିଦ ଆସେନା । ଭାବନାର କରାଳ କଲ୍ଲୋଳ ତାକୁ ଅତୀତ ଆଡ଼କୁ ଟାଣିନେଇ ଯାଏ । ସୁପ୍ରିୟାର ଅବସ୍ଥାର କଥା ଭାବି ଆଖିରୁ କେତେ ଲୁହ ଗଡ଼ାଏ । ନିଜ କର୍ମକୁ ନିନ୍ଦା କରେ । ଭାବି ଭାବି ବେଦମ୍ ହୋଇଯାଏ । କେତେବେଳକେ ଆଖି ପତା ମାଡ଼ିଆସେ—ସେ ଶୋଇଯାଏ । କେଉଁଦିନ ବା ସପନରାଣୀଙ୍କର ସପନ କୁହୁଡ଼ି ଭିତରୁ ସୁପ୍ରିୟାକୁ ଦେଖେ, କେତେ କଥାବାର୍ତ୍ତା ହୁଏ । କେଉଁଦିନ ବା ଦେଖେ ନାହିଁ । ରାତି ପାହେ । ବିରହୀ ଚକୁଆ, ଚକୋଇ ସହିତ ହସି ହସି ଫେରି ଆସେ ନିଜ ନୀଡ଼ ଆଡ଼େ । ପିଲାମାନେ ଆସି କବାଟ ବାଡ଼େଇ ଡାକନ୍ତି । ସୁଖ ଦୁଃଖର ସପନ ଭାଙ୍ଗି ସେ ଉଠେ ।

ଏମିତି ଗଡ଼ିଚାଲେ ନିରଞ୍ଜନର ଚବିଶିଘଣ୍ଟିଆ ଦିନଗୁଡ଼ାକ ମାସ ଆଡ଼କୁ.........

ଦିନ ପରେ ଦିନ ବିତିଯାଏ । ଗ୍ରୀଷ୍ମର ରୌଦ୍ର ମଧ୍ୟାହ୍ନରେ, ଶ୍ରାବଣର ବର୍ଷଣ ମୁଖର ରାତିରେ ଓ ପୌଷର ହିମ ସନ୍ଧ୍ୟାରେ କେତେବାର ସୁପ୍ରିୟାର ମନେପଡ଼େ ନିରଞ୍ଜନର ହସିଲା ମୁହଁଟି । ନିରଞ୍ଜନ ସହିତ ତା' ଜୀବନର ଯେଉଁ ପବିତ୍ର ପ୍ରଣୟ ହୋଇ-ଯାଇଛି, ସେ କ'ଣ କଦାପି ଭୁଲିହୁଏ ? ନିରଞ୍ଜନ ଯେ ବି ହେଉ, ତା' ପ୍ରତି ସୁପ୍ରିୟାର ପ୍ରେମ ସତତ ଉନ୍ମୁଖ । ଭୁଲି ହୁଏନା କି ଭୁଲି ହେବନି ମଧ୍ୟ ।

× × × ×

ଖବର କାଗଜରେ ଫଟୋଟି ଦେଖି ବନବିହାରୀ ବାବୁଙ୍କର ମାନସିକ ଅବସ୍ଥା ସାଂଘାତିକ୍ ଧରଣର ହୋଇ ଉଠିଥିଲା । ଘରେ ବାହାରେ, ଅଫିସରେ ଓ କଲେଜ ଟୋକାଙ୍କ ମଧ୍ୟରେ ତାଙ୍କ ନାମରେ ତୀବ୍ର ସମାଲୋଚନା ଶୁଣି ସେ ଆଉ ଥୟ ଧରି ରହି ପାରିଲେନି । ନିରଞ୍ଜନକୁ ଡାକି କଥାଟାର ସତ୍ୟାସତ୍ୟ ବୁଝିବାକୁ ଯେତେବେଳେ ବସିଲେ, ସେତେବେଳକୁ ନିରଞ୍ଜନ ଘରଛାଡ଼ି ଚାଲି ଯାଇଥିଲା । ତାଙ୍କର ଧାରଣା ନିରଞ୍ଜନ ନିଶ୍ଚୟ ତାଙ୍କର ସର୍ବନାଶ କରିଛି । ସେ ଫଟୋଟିକୁ ପ୍ରେସ୍‌କୁ ଦେଇଛି । ତା'ପରେ ଗୋଟାଏ ତୁମୁଳ ଗଣ୍ଡଗୋଳର ସୂତ୍ରପାତ କରି ସେ କାଟିକି ଛୁଟିଛି । ସବୁଯାକ ରାଗ ତାଙ୍କର ସୁପ୍ରିୟା ଉପରେ ପଡ଼ିଲା । ସୁପ୍ରିୟାର ତାଙ୍କ ପାଖରେ ଆଉ କିଛିର ସ୍ଥାନ ନାହିଁ—ସେ ବହୁତ ତଳକୁ ଖସି ଯାଇଛି । କିନ୍ତୁ ସୁଜାତା ଉଠିଯାଇଛି ଅନେକ ଉପରକୁ ।

ଆଜିକାଲି ସୁଜାତା ଉପରେ ସୁପ୍ରିୟାର ଶାସନଭାର । ବାପ, ମା' ସୁପ୍ରିୟାକୁ କଥା କୁହନ୍ତି ନାହିଁ । ସୁଜାତାକୁ ବନବିହାରୀ ବାବୁ କହି ଦେଇ ଥାଆନ୍ତି "ମା, ଏଥର ସୁପ୍ରିୟାର ଭାର ତୋ ଉପରେ । ତା' ପରି ଅଲକ୍ଷଣୀର ମୁହଁ ଚାହିଁବାକୁ ମୁଁ ଚାହେଁନା । ମୋର ଇଜ୍ଜତ ଉପରେ ଆଜି ସେ ଆଞ୍ଚ ଆଣିଛି । ତୁ ତାକୁ ଯେମିତି ପାରୁ ସେମିତି ଶାସନ କର । ସେ ବୁଝୁ, ବାପ ମା'ଙ୍କର ସ୍ନେହ ତୁଟିଲେ ଝିଅର ଅବସ୍ଥା କେତେ ତଳକୁ ଖସିଯାଏ ।"

ସୁଜାତାର ଛାତି କୁଣ୍ଢେ ମୋଟ । ସେ ସୁପ୍ରିୟାକୁ ଶାସନ କରିବ, ପ୍ରତିଶୋଧ ନେବ । ତାକୁ ଛଟପଟ କରି ମାରିବ । ତିଳ ତିଳ କରି ତା'ର ପ୍ରତିଶୋଧ ନେବ ।

ଏ କେତେଦିନ ହେବ ସୁପ୍ରିୟା ଆଖିରୁ ଲୁହଧାର ବନ୍ଦ ହୋଇ ନାହିଁ । ସେ ବାବୁଆଣିଆ ଖାଇବା ତା'ର ନାହିଁ କି ଛାତ-ତାଳ ଉପରେ ସୁସଜ୍ଜିତ ପ୍ରକୋଷ୍ଠରେ ବସି ବ୍ୟାଞ୍ଜୋ ବଜାଉ ନାହିଁ । କଲେଜ୍ ଯିବା ବନ୍ଦ । ଏବେ ତଳ ଖଞ୍ଜାରେ, ଯେଉଁଠି ଦାମା ଶୋଉଥିଲା, ସେହି ଘରେ ସୁଜାତା ଦେବୀଙ୍କ ଆଦେଶରେ ଶୁଏ । ଖାଲି ସେତିକି ନୁହେଁ । ସମୟ ଅସମୟରେ ସୁଜାତା ତାକୁ ପିଟେ । ସେ ମାଡ଼ ସ୍ୱର୍ଗୀୟ ମାଡ଼ । ବେତ କମ୍ବା ହାତରେ ନୁହେଁ—ସୁଜାତା ଦେବୀଙ୍କର ଶ୍ରୀଚରଣ ଓ ତାକୁ ସେବା କରୁଥିବା କାବୁଲି ସ୍ୟାଣ୍ଡେଲ୍ ହଲକରେ । ସୁଜାତା କଣ୍ଠରେ ଦୟା ଆସେ ନା । ସେ ଆତ୍ମ ଗର୍ବରେ ଏତେ ଫୁଲି ଉଠିଛି ଯେ ଭଉଣୀର ସ୍ଥାନ ତା' ପାଖରେ ଚାକରାଣୀଠାରୁ ଆହୁରି ହୀନ । ଦିନ ଦ'ଟାଠାରୁ ରାତି ବାରଟା ପର୍ଯ୍ୟନ୍ତ ସୁପ୍ରିୟାର

କାମ କରିବା ବନ୍ଦ ନ ଥାଏ । ବନବିହାରୀ ବାବୁ ଏସବୁ ଦେଖି ଆଖି ବୁଜି ଦିଅନ୍ତି । ସେ ପାଷାଣ ପାଲଟି ଯାଇଛନ୍ତି ।

ଅକ୍ଳାନ୍ତ ପରିଶ୍ରମ ଓ ସୁଜାତାର ନିର୍ମମ ବ୍ୟବହାରରେ ସୁପ୍ରିୟାର ରକ୍ତ ସବୁ ପାଣି ଫାଟିଗଲାଣି । ଆଜି ସେ ଗୋରା ତକ୍ ତକ୍ ଚେହେରା ନାହିଁ । ମୁହଁରେ ହସ ନାହିଁ । ମାଦକଭରା ଆଖି ଦୁଇଟିରେ ପିପାସା ଇଙ୍ଗିତ ଦିଏନି । ବିଦ୍ୟୁତ ଚମକରେ ଅଧର କମ୍ପେ ନାହିଁ । ସ୍ୱାସ୍ଥ୍ୟ ଅନେକ ପରିମାଣରେ ଭାଙ୍ଗି ପଡ଼ିଛି । ସେଥିରେ ସେ ଦୁଃଖ କରେନି । ବାପ ମା'ଙ୍କ ଉପରେ ଦୋଷ ଦିଏ ନାହିଁ । କେବଳ ନିନ୍ଦେ ନିଜର ଦରପୋଡ଼ା କର୍ମକୁ ।

ଖରା ମୁଣ୍ଡ ଉପରକୁ ଉଠେ । ସୁପ୍ରିୟା ଭାତ, ତରକାରୀ ନେଇ ଟେବୁଲ ଉପରେ ଥୋଇ ସୁଜାତାକୁ ଡାକେ । ନିଜର ପେଟ ଭୋକରେ ଆଉଟି ପାଉଟି ହେଉଥାଏ । ଅଇଁଠା ଗୋଟାଉ ଗୋଟାଉ ବିକଳ ହୋଇ ବହେ କାନ୍ଦେ । କିନ୍ତୁ ତା'ର କାନ୍ଦ ସେ କାହାକୁ ଶୁଣାଏନି ...... କେତେବେଳେକେ ତା' ପେଟରେ ଗଣ୍ଡାଏ ଭାତ ପଡ଼େ । ଭୋକ ହୋଇ ଆପେ ଆପେ ମରିଯାଏ ।

ଚାରିଟା ବାଜିଲେ ସୁଜାତା ବ୍ୟାଡ଼ମିଣ୍ଟନ୍ ଖେଳିବାକୁ ବାହାରି ପଡ଼େ । ସାଥିରେ ମନୋଜ ବାବୁ ଯାଇଥାନ୍ତି । ସୁପ୍ରିୟାକୁ ଟିକିଏ ଫୁର୍‌ସତ୍ ମିଳେ । ସେ ସେହି ଅବସରରେ ନିରଞ୍ଜନ ରହୁଥିବା ବସାକୁ ଯାଏ । ଚନ୍ନଚମ୍ପା ଗଛମୂଳେ ଏକ୍‌ଲା ହୋଇ ଘଡ଼ିଏ ଠିଆ ହୁଏ । ପଛ କଥାଗୁଡ଼ାକ ବିଜୁଳି ପରି ତା' ଆଖିରେ ଖେଳିଯାଏ । ସେ ମନେ ମନେ ଭାବେ, ସେତେବେଳେ ତା' ଦିନ ଗୁଡ଼ାକ କି ଖୁରୁଖୁରୁରେ କଟି ଯାଉଥିଲା । ଏହି ଚନ୍ନଚମ୍ପା ଦିନେ ଥିଲା ଅତି ଆଦରର ବସ୍ତୁ । କିନ୍ତୁ ଆଜି ସେ ଗୁଡ଼ାକ ସୁଜାତା ବଞ୍ଚଣାରେ ସାଥୀ । ଇସ୍, ଫୁଲଗୁଡ଼ାକ ମଧ୍ୟ ଏତେ

ସ୍ୱାର୍ଥପର । ଜଣକୁ ଛାଡ଼ି ଆଉ ଜଣକ ପାଖକୁ ଗଲେ ତାଙ୍କୁ କ'ଣ ଦୁଃଖ ଆସେ ନ !! ତା'ର ଆଖି ଡଳ ଡ଼ଳ ହୋଇଆସେ । ତାକୁ ଜଣାପଡ଼େ ନିରଞ୍ଜନ ଯେମିତି କହୁଛି—"କାନ୍ଦୁଛ କାହିଁକି ସୁପ୍ରିୟା ? କି ସୁନ୍ଦର ଚେହେରାଟା କଣ ଯତ୍ନରେ କ'ଣ ହେଲାଣି ? କଲେଜ୍ କୁଇନ୍ ଆଉ କେହି ଡାକିବେ ନାହିଁ । ବଡ଼ ଦୁଷ୍ଟ ତୁମେ ।"

ସୁପ୍ରିୟା ଆଖି ଲୁହରେ ଛଳ ଛଳ ହୋଇ ଆସେ । ସବୁ କାଳି ପରି ତା'ର ମନେହୁଏ । ଗୋଟାଏ ଦୀର୍ଘ ନିଶ୍ୱାସ ତା'ର ଓଦା ପ୍ରାଣକୁ ଶୁଖିଲା କରି ବାହାରିଆସେ । ସେ ଝଟ୍ ଝଟ୍ ଫୁଲ ତୋଳି ବସେ ।

ଫୁଲତକ ଆଣି ବିଛଣାରେ ସଜାଇଦିଏ । ମହକରେ ଘରଟା ହସି ଉଠେ । ସୁଜାତା କେତେବେଳକେ ଖେଳିସାରି ଆସେ । ସୁପ୍ରିୟା ଭାତ ବାଢ଼ି ଦିଏ । ଖାଇ ସାରି ସେ ତା'ର ଅବଶ ଶରୀରଟିକୁ ଫୁଲ ଶେଯରେ ଟେକାଇ ଦିଏ

କେତେ ରାତିରେ ସୁପ୍ରିୟା ଗଣ୍ଡାଏ ଖାଇ ବିଛଣା ଧରେ । ଖାଇବା ପିଇବାରେ କିଛି ସୁବିଧା ରୁହେନି । ଅକ୍ଳାନ୍ତ ପରିଶ୍ରମ ନେଇ ଦେହ ହାତ କହେ । ସେ ଖାଲି ପଡ଼ି ଛଟ ପଟ ହୁଏ । ବିଛଣାରେ ପଡ଼ି ରହି ତା'ର କର ବଲ୍ଲରୀଟି ଚନ୍ଦ୍ରାବେଶରେ ଶୂନ୍ୟକୁ ଚୁପିଧରେ । ଆଃ ଯଦି ନିରଞ୍ଜନ ଏହି ମୁହୂର୍ତ୍ତରେ ତା' ପାଖକୁ ଆସିପାରନ୍ତା । ନିଃସଙ୍ଗ ଶଯ୍ୟା ଉପହାସ କରେ ମାତ୍ର······ ସୁପ୍ରିୟାର ବ୍ୟଥା····· କେବଳ ଦେଖେ ଚନ୍ଦ୍ର କିରଣର କ୍ଷୀଣ ଫଳକଟି, ଯାହା ବାତାୟନ ଫାଙ୍କରେ ତା'ର ଗଣ୍ଡଦେଶକୁ ଅର୍ଦ୍ଧାଲୋକିତ କରିଥାଏ ।

× × × ×

ଯେତେବେଳେ ନିରଞ୍ଜନ ତା'ର ବିରାଟ ଭବିଷ୍ୟତ କଥା ଭାବେ, ଏ ସନ୍ନ୍ୟାସ ରୂପରେ ମିଶନ୍‌ରେ ରହିବାଟା ତାକୁ ଜେଲ୍‌ଖାନା ଭିତରେ ରହିବା ପରି ବୋଧହୁଏ । କ୍ଷଣକ ଲାଗି ତା'ର ମନହୁଏ ଏ ବନ୍ଧନରୁ ମୁକ୍ତି ପାଇ ନୀଳ ଆକାଶରେ ଉଡ଼ି ବୁଲନ୍ତା .....ଆଉ ଥରେ ସୁପ୍ରିୟା ପାଖକୁ ଧାଇଁ ଧାଇଁ ସବୁକଥା କହି ଯାଆନ୍ତା, ସେଥିରେ ହୁଏତ ସେ ଶାନ୍ତି ପାଆନ୍ତା । କିନ୍ତୁ ସୁପ୍ରିୟାର ଅନୁପସ୍ଥିତି ତା ପ୍ରାଣରେ ଯେପରି ଦାରୁଣ ଯନ୍ତ୍ରଣା ଦେଉଛି, ସେପରି ତ ହିଅନା ନାହିଁ !! ସୁପ୍ରିୟାର ହସ ହସ ମୁହଁ, ଅଭିମାନଅ କଥା ତା' ଆଖି ଆଗରେ ନାଚିଯାଏ । ମଝିରେଟାଏ ସେହିବାଟେ ଗୃହ୍ଲାଗଲେ ସେ ଭାବେ, ସୁପ୍ରିୟା ଏମିତି କାର୍ ଧରି ସବୁଦିନେ ଦଶଟାରେ ଆସି ତା' ଘରେ ପହୁଞ୍ଚେ । କଲେଜ୍ ଯିବାପାଇଁ ଡାକେ । ତା'ର କାମ ଦାମ ସରି ନ ଥିଲେ କେତେ ଆକଟି କରି କୁହେ..... ରିକ୍‌ସାଟାଏ ସେହି ବାଟ ଦେଇ ଘଣ୍ଟି ବଜେଇ ଗୃହ୍ଲାଗଲେ ତା'ର ମନେ ହୁଏ, ଏମିତି ରିକ୍‌ସା ଧରି ସବୁଦିନେ ବୁଲିଯିବା ପାଇଁ ସୁପ୍ରିୟା ଆସି ତା' ସାଙ୍ଗରେ କେତେ ଅଡ଼ି ଲଗାଏ । କିନ୍ତୁ ଆଜି ସେ ସବୁ କାହିଁ............? ସୁପ୍ରିୟା ତାକୁ କେତେ ଭଲ ପାଉଥିଲେ । ଚିଠି ପାଇ ବହୁତ କାନ୍ଦିଥିବ । ପୁଣି ତାର ମନ ସବଳ ହୋଇଉଠେ । ନିଜର ଅନ୍ତର ଭିତରେ ଅନୁଭବ କରେ କେଉଁ ଏକ ଅଜ୍ଞାତ ଶତାବ୍ଦୀର ଦୁର୍ଦ୍ଦାନ୍ତ ଦାନବର ଅଟ୍ଟହାସ୍ୟ । ସେ ଯେପରି ତାକୁ ଜୋର୍ କରି ଟାଣି ନେଇ ଯାଉଛି ପାତାଳପୁରୀର ଗଭୀର ଗହ୍ୱର ଭିତରକୁ । ସେଇଠି ଶାନ୍ତି ନାହିଁ, ବାୟୁ ନାହିଁ, ଆଲୋକ ନାହିଁ........ସେ ବିବ୍ରତ ହୋଇ ଉଠେ ।

ନିରଞ୍ଜନ ଆଜକାଲି ମିଶନରେ ଗୋଟାଏ ନାଇଟ ସ୍କୁଲ ଖୋଲିଛନ୍ତି । ସେ ସ୍କୁଲରେ ପ୍ରତ୍ୟେକ ଛାତ୍ର ବିନା ବେତନରେ ଶିକ୍ଷା ପାଆନ୍ତି । ରାତି ଆଠଟାରୁ ଏଗାରଟା ପର୍ଯ୍ୟନ୍ତ ପିଲାମାନେ ପଢ଼ନ୍ତି । ନିରଞ୍ଜନ ସେମାନଙ୍କ ସହିତ ଏପରି ହସି ଖେଳି ଶିକ୍ଷା ଦିଏ ଯେ, ପିଲାମାନେ ଯାହା ପଢ଼ନ୍ତି ଏକାଥରେ ମନେ ରଖି ନିଅନ୍ତି । ସ୍କୁଲ ଖୋଲିଲା ଦିନଠାରୁ ନିରଞ୍ଜନର ଅସରନ୍ତି ସମୟରୁ କିଛି ଏଇ ବାଟେ କଟିଯାଏ ।

'ମିଶନ୍'ର ଅଧିକାଂଶ ସମସ୍ତଙ୍କ ଅପେକ୍ଷା ନିରଞ୍ଜନକୁ ଅଧିକ ଭଲ ପାଆନ୍ତି । ନିରଞ୍ଜନ ଆସିବା ଦିନଠାରୁ କାମ ଦାମ ତାଙ୍କ ଉପରେ ଟିକିଏ ହାଲୁକା ହୋଇ ଯାଇଛି । ତାଙ୍କ କାମରୁ ଅଧିକାଂଶ ନିରଞ୍ଜନ ତୁଲେଇ ନିଏ । ଅଧିକାଂଶ ଜାଣନ୍ତି, ନିରଞ୍ଜନ ଯାହା କରିବା ଲାଗି ଚାହେ ସବୁ ମିଶନ୍‌ର ଉପକାର ଲାଗି ।

ଦିନକର ଗୋଟିଏ ରଙ୍ଗିନ୍ ଗୋଧୂଳି । ଅସ୍ତରାଗ ସୂର୍ଯ୍ୟଙ୍କର ରକ୍ତିମ ଛଟାରେ ପଶ୍ଚିମାକାଶ ହସି ଉଠୁଛି । ଚକ୍ରବାଳ ତଳୁ ଝରି ପଡ଼ୁଛି ଶେଫାଳିର ଝରା ପାଖୁଡ଼ା ପରି ବିଦାୟୀ ସୂର୍ଯ୍ୟଙ୍କର ହସ ଝରଣା । ଚନ୍ଦ୍ର ଅବଗୁଣ୍ଠନ ତଳୁ ନିର୍ନିମେଷ ନୟନରେ ଚାହିଁ ରହିଛି, ସୂର୍ଯ୍ୟଙ୍କର ବିଦାୟକାଳୀନ ସ୍ୱର୍ଗୀୟ ସୁଷମାକୁ । ଛାତି ତା'ର ପୂରି ଉଠୁଛି । ଗଙ୍ଗାନଦୀର ପ୍ରଶସ୍ତ ଲଲାଟରେ ଅସୁମାରି ନୌକା ଆଗେଇ ଚାଲିଛନ୍ତି, ସାଥିରେ କେହି ନାହିଁ । ଫାଙ୍କା ହୃଦୟରେ ଯାଉଁ ଯାଉଁ ବହୁତ ଦୂରକୁ ଚାଲିଯାଇଛି—କଲିକତା ସହରର ଗୋଟାଏ କଣ ପର୍ଯ୍ୟନ୍ତ । ସନ୍ଧ୍ୟା ହୋଇଗଲା । କଳା ବାଦଲ ଖୋଲି ଚାନ୍ଦ ଆକାଶ ଉପରକୁ ଆଗେଇ ଆସିଛି ଧରଣୀର ଶ୍ୟାମଳ

ଚବୁତ୍ରରେ ମନମତାଣିଆ ହସ ଦେଖିବା ପାଇଁ । ନିରଞ୍ଜନ ମନରେ ଭୟ ନାହିଁ । ସେ ଆଗେଇ ଚାଲିଛି ।

ଗୋଟିଏ ବିସ୍ତୀର୍ଣ୍ଣ ପ୍ରାନ୍ତର ଉପରେ ତିନୋଟି ଛାୟାମୂର୍ତ୍ତି ଧସ୍ତାଧସ୍ତି ହେଲା ପରି ତାକୁ ଜଣାଗଲା । ଚନ୍ଦ୍ରର ଝାପସା ଆଲୋକରେ ସେ କିଛି ଜାଣିପାରୁ ନ ଥାଏ । ତା' ମନରେ କୌତୂହଳ ହେଲା । ଏତେବଡ଼ ନିର୍ଜ୍ଜନ ସ୍ଥାନରେ ଏମାନେ କିଏ ? ସେମାନଙ୍କ ପାଖରେ ପହଞ୍ଚି ସେ ଯାହା ଦେଖିଲା, ସେଥିରେ ତାର ଦେହ ଥରି ଉଠିଲା । ଗୋଟିଏ ନିରୀହ ବାଳକା ଉପରେ ଦୁଇଟା ଗୁଣ୍ଡାଙ୍କର ଅତ୍ୟାଚାର । ବାଳକାଟି ସେମାନଙ୍କଠାରୁ ଖସିଯିବା ପାଇଁ ପ୍ରାଣପଣେ ଚେଷ୍ଟା କରୁଛି । ନିରଞ୍ଜନ ଦେହରେ ଅସୀମ ବଳ । ପିଲାଦିନୁ ବ୍ୟାୟାମ୍ ଓ କସରତ୍ କରି ତା'ର ମାଂସପେଶୀ ଆହୁରି କଠିଣ । କ୍ଷଣେ ମାତ୍ର ବିଳମ୍ବ ନ କରି ସେ ଗୋଟାଏ ଗୁଣ୍ଡାକୁ ଆକ୍ରମଣ କଲା । ଦୁଇଜଣଙ୍କ ମଧ୍ୟରେ କିଛି ସମୟ ଧସ୍ତାଧସ୍ତି ହେବାପରେ ଅନ୍ୟ ଗୁଣ୍ଡାଟି ବାଳକାଟିକୁ ଛାଡ଼ିଦେଇ ନିରଞ୍ଜନକୁ ଆକ୍ରମଣ କଲା । ନିରଞ୍ଜନ ନିଜକୁ ସମ୍ଭାଳି ପାରିଲା ନାହିଁ । ତଳେ କଚାଡ଼ି ହୋଇ ପଡ଼ିଲା । ପ୍ରଥମ ଗୁଣ୍ଡାଟା ନିରଞ୍ଜନ ଛାତି ଉପରେ ବସି ପଡ଼ିଲା । ସୁବିଧା ଦେଖି ନିରଞ୍ଜନ ତା' ତଳ-ପେଟରେ ଗୋଟିଏ ବଜ୍ରମୁଷ୍ଟି ବସାଇଦେଲା । ଲୋକଟା ଆଖି ଖୋସିଦେଇ ତଳକୁ ଢଳି ପଡ଼ିଲା । ଅନ୍ୟ ଗୁଣ୍ଡାର ଆଉ ସାହସ ହେଲା ନାହିଁ । ସେ ନିରଞ୍ଜନ ମୁହଁ ଆଡ଼କୁ ଟିକଏ ଭୟରେ ଚାହିଁ ତା' ସାଥିକୁ କାନ୍ଧରେ ପକାଇ ବିଜୁଳି ବେଗରେ କେଉଁଆଡ଼େ ଚାଲିଗଲା ।

ନିରଞ୍ଜନ ମୁହଁଟେକି ବାଳିକା ଆଡ଼କୁ ଚାହିଁଲା । ଖୁବ୍ ସୁନ୍ଦର ଚେହେରା । ଦେହରେ ଦୁଧ ଅଳତା ରଙ୍ଗର ଶାଢ଼ୀ । ହାତରେ ଦୁଇପଟ ଲେଖାଁ ସୁନାକାଚ । ବାଳିକାକୁ ଦେଖି କ୍ଷଣକ ଲାଗି ସୁପ୍ରିୟାର ହସ ମୁହଁ ନିରଞ୍ଜନ ଆଖି ଆଗରେ ଝଲସି ଉଠିଲା । ସୁପ୍ରିୟାର ରୂପ ଏ ବାଳିକାଟି ସହିତ ଠିକ୍ ଖାପ ଖାଉଛି । ଠିକ୍ ଏମିତି ଗୋରା ତକ୍ ତକ ଚେହେରା···ହସ ହସ ମୁହଁ··· ଯୋଡ଼ା ବେଣୀ, ସୁସ୍ପଷ୍ଟ ଭ୍ରୂ । ସବୁ ଠିକ୍ ମିଶି ଯାଉଛି । ମନର ଭାବକୁ ଚାପିଦେଇ ପଚାରିଲା—ତୁମ ନାମ କ'ଣ ଜାଣିପାରେ କି ?

ସଙ୍କୁଚିତ ହୋଇ ବାଳିକାଟି ଉତ୍ତର ଦେଲା—'ରେବା'

—ତୁମେ ଏ ବଦମାସ୍‌ଦଳଙ୍କ ହାବୁଡ଼ରେ କେମିତି ପଡ଼ିଲ ?

—ମୁଁ ସବୁଦିନେ ଏକା ବୁଲିଆସେ । ଆଜି ବୁଲି ଆସୁ ଆସୁ ଟିକିଏ ଡେରି ହୋଇଗଲା । ଘରକୁ ଫେରିଯିବା ପାଇଁ ବସିଛି । ହଠାତ୍ ଏ ମାତାଲ୍ ଦୁଇଜଣ କେଉଁଆଡ଼ୁ ଆସି ମୋତେ ଆକ୍ରମଣ କଲେ । ନିରଞ୍ଜନ ନିଶ୍ଚିତ ଭାବେ ଜାଣିପାରିଲା, ରେବା ବଙ୍ଗାଳୀ ନୁହେଁ, ଓଡ଼ିଆ ।

—ତୁମ ଘର କେଉଁଠି ?

—ହାଡ଼କଟା ଗଳି ଭିତରେ ।

—ଏତେଦୂର ଏକାଟିଆ ଚାଲି ଆସିଥିଲ ? ହଉ, ଚାଲ ମୁଁ ତୁମକୁ ତୁମ ଘରେ ଛାଡ଼ିଦେଇ ଆସିବି । ତେଣେ ତୁମର ବାପ ମା' ଅଥୟ ହୋଇ ପଡ଼ୁଥିବେ ନିଶ୍ଚୟ ।

ଦୁହେଁ ଫେରିଲେ । ବାଟଯାକ ରେବା, ନିରଞ୍ଜନ ମୁହଁକୁ ଚାହିଁ କେତେ କ'ଣ ଭାବି ଯାଉଥାଏ । ନିରଞ୍ଜନ ପାଖରେ ସେ ଚିର କୃତଜ୍ଞ...... ମନେ ମନେ ଭାବୁଥାଏ, ଏ ବାବାଜିଟି କିଏ ? କେଉଁଠି ରହନ୍ତି ? ଏମିତି କେତେଟା ପ୍ରଶ୍ନ ତା' ଗୁଣ୍ଡ ଭିତରେ ଚେଇଁ ଉଠୁଥାଏ । କିନ୍ତୁ ସେ ପଚାରି ପାରୁ ନ ଥାଏ କିଛି । କିମିତି ପଚାରନ୍ତା ? ଯେତେହେଲେ ସେ ଅପରିଚିତ ।

କିଛି ବାଟ ଆସିବା ପରେ ସେମାନେ କଲିକତା ସହରର ସୀମା ମାଡ଼ିଲେ । ନିରଞ୍ଜନ ଗୋଟାଏ ଟ୍ୟାକ୍ସି ଭଡ଼ା କରି ରେବାକୁ କହିଲା—ଏ ଟ୍ୟାକ୍ସିକୁ ଉଠିଆସ । କେତେ ବାଟ ଆଉ ଚାଲିବା ?

ରେବା ଆପତ୍ତି କଲା ନାହିଁ । ନିରଞ୍ଜନ ରେବା ପାଖରେ ବସିଲା । ଟ୍ୟାକ୍ସି ଚାଲିଲା । ନିରଞ୍ଜନର ମନେ ପଡ଼ିଲା ସୁପ୍ରିୟା କଥା । ଏମିତି ରିକ୍ସାରେ ଲଗାଲଗି ହୋଇ ପ୍ରତିଦିନ ଭ୍ରମଣରେ ସେମାନେ ବାହାରି ପଡ଼ୁଥିଲେ । ସେତେବେଳେ ସେମାନଙ୍କ ମନ ଭିତରେ ଯେଉଁ ପୁଲକ ଲୁଚକାଳି ଖେଳି ବୁଲୁଥିଲା, ଆଜି କ'ଣ ସେ ସବୁ ଅଛି ? ଆତ୍ମବିଭୋର ହୋଇ ରେବା ମୁହଁକୁ ଚାହିଁଦେଲା । ରେବା ବହୁତ ଆଗରୁ ନିରଞ୍ଜନକୁ ଚାହିଁ ରହିଥାଏ । ଚାରିଚକ୍ଷୁ ମିଳିଯିବା ମାନେ ନିରଞ୍ଜନ ଟିକିଏ ହସିଦେଲା । ରେବା ଲାଜରେ ତଳକୁ ମୁହଁ ପୋତିଦେଲା । ନିରଞ୍ଜନର ମନେହେଲା, ସେ ଯେମିତି କେତେ କ'ଣ ଭୁଲ୍ କରି ଯାଉଛି । ଛି, ରେବା କ'ଣ ଭାବିବ ? ତାକୁ ସାହାଯ୍ୟ କଲା ବୋଲି ଏଇ ପ୍ରକାର ପ୍ରତିଦାନ ସେ କ'ଣ ଦେଉଛି ?......ସେ ଟିକିଏ ଘୁଞ୍ଚିଯାଇ ଦୂରେଇ ହୋଇ ବସିଲା ।

ରେବା ପଚାରିଲା—ଆପଣଙ୍କ ପରିଚୟ ତ ପାଇ ପାରିଲି ନାହିଁ ?

ନିରଞ୍ଜନ ହସିଲା । ସେ ହସ ଭିତରେ ଥିଲା ଯେମିତି ଅଜ୍ଞାତର ଗୋଟାଏ ବିରାଟ ଇତିହାସ । ହସି ହସି କହିଲା—ମୋ ପରିଚୟରୁ ତୁମେ ପାଇବ କ'ଣ ?

—ତଥାପି ମୋର ସାହାଯ୍ୟକାରୀ ବନ୍ଧୁଙ୍କର ପରିଚୟଟା କ'ଣ ଆବଶ୍ୟକ ନୁହେଁ ?

—ମୋର ନାମ ରବିରଞ୍ଜନ ଦାସ । ରହେ ରାମକୃଷ୍ଣ ମିସନ୍‌ରେ ।

—ଆପଣଙ୍କର ଏ ବୟସରେ ଏପରି ବିତୃଷ୍ଣା କାହିଁକି ?

ଏପରି ଗୋଟାଏ ପ୍ରଶ୍ନ ସେତେବେଳେ ନିରଞ୍ଜନ ଆଶା କରୁ ନ ଥିଲା । ରେବା ମୁହଁରୁ ଶୁଣି ଟିକିଏ ଦବିଗଲା । ମନୋଭାବ ଗୋପନ କରି କହିଲା—ସଂସାର ପ୍ରତି ବୈରାଗ୍ୟ ଆସିଲା । ଦେଖିଲି ଏ ମରି ସଂସାରରେ ଯଦି କେବଳ ହରିନାମ ନିଆଯାଏ ତେବେ ଜୀବନରେ ପୂର୍ଣ୍ଣତା ଆସିବ ।

— ଗୃହସ୍ଥାଶ୍ରମ କରି କ'ଣ ହରିନାମ ନେଇ ହୁଏନା ?

—ଚରିତ୍ର ମଣିଷକୁ ସେ ରାସ୍ତାରୁ ଦୂରେଇ ଦିଏ ।

—ମଣିଷର ଅସାଧ୍ୟ କ'ଣ ଅଛି ? ଯଦି ଗୃହୀ ବି କଣ ନିଜ ଚରିତ୍ରକୁ ନିଜ ହାତରେ ଗଢ଼ି ପାରିବ ନାହିଁ ? ଆପଣ ରାମାୟଣ ନିଶ୍ଚୟ ପଢ଼ିଥିବେ । ଜନକ ଋଷି ଯଜ୍ଞ କଲାବେଳେ ତାଙ୍କ ସ୍ତ୍ରୀକୁ ନିଜ କୋଳରେ ବସାଇ ଯଜ୍ଞକୁଣ୍ଡରେ ଆହୁତି ଦେଉଥିଲେ । ତଥାପି ତାଙ୍କ ଚରିତ୍ର ଉପରେ କିଛି ଆଞ୍ଚ ତ ଆସୁ ନ ଥିଲା ।

—ହେଲେ ବୁଦ୍ଧଦେବ ଘରଗୁଡ଼ି ବଣକୁ ପଳାଇଯାଇ ଥିଲେ ତ ?

ଦୁହେଁ ଖିଲ୍ ଖିଲ୍ ହୋଇ ହସି ଉଠିଲେ । ଝଟ୍କା ହାଡ଼କଟା ଗଳି ଭିତରେ ଢୁକିଲା । ଗୋଟାଏ ପ୍ରକାଣ୍ଡ ଅଟ୍ଟାଳି କୋଠା ପାଖରେ ଝଟକାକୁ ଅଟକାଇବା ପାଇଁ ରେବା ଆଦେଶ କଲା ।

ନିରଞ୍ଜନ ଆଶ୍ଚର୍ଯ୍ୟ ହୋଇ ପଚାରିଲା—ଏଇ ଘର କ'ଣ ତୁମର

ଓହ୍ଲାଉ ଓହ୍ଲାଉ ରେବା ଉତ୍ତର ଦେଲା—'ହଁ'

ତେବେ ମୁଁ ଯାଉଛି ।

ଆପଣ କୁଆଡ଼େ ଯିବେ ? ଆସନ୍ତୁ ଭିତରକୁ । ରେବା ନିରଞ୍ଜନର ହାତ ଧରି ଟାଣିଲା । ମୁହୂର୍ତ୍ତକ ଲାଗି ନିରଞ୍ଜନର ବଳିଷ୍ଠ ଅଙ୍ଗର ଛନ୍ଦେ ଛନ୍ଦେ ଚହଲି ଉଠିଲା ବେପଥୁ । ସେ ରେବା ସହିତ ଓହ୍ଲାଇ ପଡ଼ିଲା ।

ରେବାର ବାପା ଜୀବନବାବୁ ତାଙ୍କର ସ୍ଥୂଳ ଶରୀରକୁ ଖଣ୍ଡେ କାଉଚ ଉପରେ ଲଦିଦେଇ ଏ, ବି, ପତ୍ରିକା ଲେଉଟାଇ ଚାଲିଥାନ୍ତି । ରେବା, ନିରଞ୍ଜନକୁ ଧରି ହସି ହସି ସେ ଘର ଭିତରକୁ ପଶିଗଲା । ଜୀବନବାବୁ ହଠାତ୍ ନିରଞ୍ଜନକୁ ଦେଖି ପ୍ରଶ୍ନବାଚୀ ଚାହାଣୀରେ ରେବାକୁ ଚାହିଁ ରହିଲେ ।

ରେବା ସମସ୍ତ ଘଟଣା ଆମୂଳଚୂଳ କହିଗଲା । ସବୁ କଥା ଶୁଣି ତାଙ୍କ ହୃଦୟ କୃତଜ୍ଞତାରେ ପୂରି ଉଠିଲା । ହସି ହସି କହିଲେ—ବସନ୍ତୁ, ରବି ବାବୁ ! ଆପଣଙ୍କ ଲାଗି ମୋର ଝିଅ ଜୀବନ ପାଇଲା ।

ନିରଞ୍ଜନ ଅଳ୍ପ ହସି କହିଲ—ସବୁ ଭଗବାନଙ୍କର ଇଚ୍ଛା । ମୋର ଆଜି ଡେରି ହୋଇଗଲାଣି । ବହୁତ କାମ ତେଣେ ବାକି ରହି ଯାଇଛି ।

ରେବା କଥା ଛଡ଼ାଇ ନେଇ କହିଲା ସେ କଥା ହୋଇ ପାରିବ ନାହିଁ । ଆମ ଘରେ ଆଜି ଆପଣ ଖାଇବେ । ଖାଇ ସାରିଲେ ମୁଁ ନିଜେ କାରରେ ନେଇ ଛାଡ଼ିଦେଇ ଆସିବି ।

ନିରଞ୍ଜନ ରେବା ଆଡ଼କୁ ଟିକିଏ ଚାହିଁଲା । ରେବା ହସୁଛି । ଆଶ୍ଚର୍ଯ୍ୟ ହେଲା ସେ । ଏହାର ପୁଣି ଏତେ ସ୍ନେହ କାହିଁକି ? ଜଣେ ତ' ସ୍ନେହ ଲଗେଇ ଜୀବନକୁ ଛାରଖାର କରି ଦେଇଛି । ଏହାର ସ୍ନେହ ପୁଣି.........

ଭାବନାରେ ବାଧା ଦେଇ ଜୀବନ ବାବୁ କହିଲେ— ବୁଝିଲେ ନିରଞ୍ଜନ ବାବୁ ! ଏଇ ରେବାଟି ମୋର ସବୁ । ପୁତ୍ର କନ୍ୟା ଉଭୟର କାମ ଚଳାଏ । ଏହା ବ୍ୟତୀତ ଏତେ ବଡ଼ ସଂସାରରେ ମୋର ଆଉ କେହି ନାହିଁ । ଏଇ ମାଆଟି ମୋର ଘରର ଲକ୍ଷ୍ମୀ ।

ରେବା ନିଜର ପ୍ରଶଂସା ଶୁଣି ତଳକୁ ମୁହଁ ପୋତିଲା ।

ନିରଞ୍ଜନ କହିଲା—ମୋତେ ଆଜି କ୍ଷମା ଦିଅନ୍ତୁ ରେବା-ଦେବୀ । ଆପଣମାନଙ୍କର ସ୍ନେହ ଥିଲେ ମୁଁ ପ୍ରତିଦିନ ଏମିତି ଆସିବି । କେତେ ଖାଇବାକୁ ଦେବେ ଦେଖିବା ।

ଜୀବନ ବାବୁ ଅଳ୍ପ ହସି କହିଲେ—ତୋ' ରବି ଭାଇ ତ ଆଜି ରହିବାକୁ ରାଜି ହେଉ ନାହାନ୍ତି । ଯା' ତାଙ୍କୁ ଛାଡ଼ିଦେଇ ଆସିବୁ । ସେ ତୋତେ ବଞ୍ଚେଇଛନ୍ତି । ସେ କ'ଣ କେବେ ଭୁଲି ପାରିବେ ।

ନିରଞ୍ଜନ ଟିକିଏ ହସିଦେଲା । ଅତି ହାଲ୍‌କା ସେ ହସ ।

କିଏ କହିବ ନିରଞ୍ଜନ ସେତେବେଳେ ଯାହା ଭାବୁଥିଲା ନିରବାରେ ମନ ଗହନ ତଳେ ସେଇ କଥା ଉଇଁ ଉଠି ନ ଥିଲା ବୋଲି ?

× × × ×

ଦୁଇ ଦୁଇଟା ଝିଅ ଘରେ ରହିଲେଣି । ବାପ ମା'ଙ୍କର ମୁଣ୍ଡରେ ଗୋଟାଏ ମସ୍ତବଡ଼ ବୋଝ କମିତି ଉଠେଇ ଦେବେ । ଝିଅ ଘିଅ ସମାନ । ଟିକିଏ ଗରମ ପାଇଲେ ତରଳି ଯିବେ । ତେଣିକି ଅପବାଦର ବୋଝ ଲଦା ହୋଇ ଯିବ ବାପ ମା'ଙ୍କର ମୁଣ୍ଡରେ । ପ୍ରକୃତ ଭୁଲଟା ମଧ୍ୟ ବାପ ମା'ଙ୍କର । ଈଶ୍ୱର ସୃଷ୍ଟି ଯୌବନର ପହିଲି ପରଶରେ ପ୍ରତ୍ୟେକ ଯୁବକ ଯୁବତୀ ଅଙ୍ଗଥିତ ହୋଇ ପଡ଼ନ୍ତି । ମନ ଖୋଜେ ପରାଣ ସାଥୀ । ବସନ୍ତ ଆସିଲେ ଫୁଲଟି ମନମତାଣିଆ ଗନ୍ଧ ଧରି ହସିଉଠିବ । କିନ୍ତୁ ପୁଅ, ଝିଅ ବାପ ମା'ଙ୍କ ଆଗରେ ସେମାନଙ୍କର ଅଳସ ସକାଳର କଅଁଳ ସପନ ଖୋଲିଦେଇ ପାରନ୍ତି ନାହିଁ । ଲୌକିକତାର ବେଡ଼ି ତାଙ୍କ ମୁହଁକୁ ବନ୍ଦ୍ କରି ଦେଇଥାଏ । ସେତିକିବେଳେ ସେମାନଙ୍କର ଅବସ୍ଥା ବାପ ମା' ବିଚାର କରିବାର କଥା । ସେତିକି ବିଚାର ଯଦି ସେମାନଙ୍କ ମୁଣ୍ଡ ଭିତରେ ସ୍ଥାନ ନ ପାଏ ତେବେ ସେମାନଙ୍କ ମୁଣ୍ଡ ଉପରକୁ ଦୋଷ ଆସିଲେ ପୁଅ, ଝିଅ ଦାୟୀ ହେବେ କାହିଁକି ?

ବନବିହାରୀ ବାବୁଙ୍କର ଗୋଟିଏ ବଡ଼ ଚିନ୍ତା, କମିତି ସୁଜାତାର ବିଭାଘର ହେବ । ଗୋଟିଏ ଝିଅକୁ ତ ବିଶ୍ୱାସ କରି ଶେଷରେ ତାଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି ! ପୁଣି ସୁଜାତାକୁ କେଉଁ

ବିଶ୍ବାସ ? ସେ ମନେ ମନେ ଠିକ୍ କରି ଥାଆନ୍ତି ମନୋଜଙ୍କୁ ସୁଜାତା ସହିତ ବିବାହ କରାଇ ଦେବେ । ସୁଜାତା ନିଶ୍ଚୟ ରାଜି ହେବ ଏ ପ୍ରସ୍ତାବରେ । ଦୁଇଜଣଙ୍କର ତ ମନ ଖୁବ୍ ଭଲ ଭାବରେ ମିଳେ । ବିବାହ କରାଇ ଦେବାରେ କାହାର ଆପତ୍ତି ରହିବ କାହିଁକି ? କିନ୍ତୁ ସୁପ୍ରିୟା ଥାଉଁ ଥାଉଁ ସୁଜାତା ବିବାହ ହେବ କିପରି ? ଦୁନିଆଁ ନାପସନ୍ଦ କରିବ । ତାଙ୍କର ଇଚ୍ଛା ସୁପ୍ରିୟାକୁ ଯାହି ତାହି ଗୋଟିଏ ବର ପାଇ ଦେଖି ଖଞ୍ଜି ଦେବେ । ତେଣିକି ତା' କର୍ମ ଫଳ ସେ ଭୋଗିବ । ଆଉ ସୁଜାତାର ବିବାହ ଖୁବ୍ ଯାକ୍ଜମକରେ ହେବ । କିନ୍ତୁ ସୁପ୍ରିୟା ଏକା ଜିଦ୍ ଧରିଛି ବିବାହ କରିବନି ବୋଲି । ସୁପ୍ରିୟା ବିଷୟ ନେଇ ଗୋଟାଏ କିଛି ନିଷ୍ପତ୍ତି ନ କରିବା ପର୍ଯ୍ୟନ୍ତ ସୁଜାତାର ବିଭାଘର ବନ୍ଦ ରହିଛି । ଯେତେ ହେଲେ ବାପ ମା' ସେମାନେ, ଅନ୍ତ ଫାଡ଼ି ଜନ୍ମ ଦେଇଛନ୍ତି । ଯେତେ କଠୋର ହେଲେ ମଧ୍ୟ ସମୟର ଗତି ସଙ୍ଗେ ସଙ୍ଗେ ମନଟା ମଧ୍ୟ କଅଁଳ ହୋଇ ଆସେ ।

ସୁଜାତା ଭାବେ, ଅପାଟା ମରିଯାନ୍ତା କି ତା'ର ଗୋଟାଏ କଣ୍ଟା ଯାଆନ୍ତା । ପୁଣି ବାପ ମା' ତାକୁ ଭଲପାଇ ବସିଲେଣି । ଯଦି ସବୁ କଥା ଗୁପ୍ତ କି ଫୁଟି ବା'ହାରି ପଡ଼ିବ·· ············ । ସୁପ୍ରିୟା ଭଲ ଘରେ ବିବାହ ହେବ । କିନ୍ତୁ ସେ ହେବ ସମସ୍ତଙ୍କ ଘୃଣାର ପାତ୍ରୀ । ତା'ଆଗରୁ ଯଦି ଅପାଟା ମରିଯାନ୍ତା, ତେବେ ସେ ଶାନ୍ତି ପାଆନ୍ତା ।

ସୁଜାତା ଏସବୁ ଭାବେ କାହିଁକି ?·········

ପୁଣି ବନବିହାରୀ ବାବୁଙ୍କର ସୁପ୍ରିୟା ଉପରେ ସ୍ନେହ ମମତା ଲାଗି ଆସୁଛି । ସୁଜାତା ଦେହରେ ଏ ସବୁ ସାଏନି । ସେ ଖାଲି ରାଗରେ କଡ଼ କଡ଼ ହୁଏ ।

କଲେଜ୍ ପିଲମାନେ 'ପୃଥ୍ୱୀରାଜ' ନାଟକଟି ଅନ୍ନପୂର୍ଣ୍ଣା ସେଣ୍ଟ୍ରାଲ୍‌ରେ ମଞ୍ଚସ୍ଥ କରୁଥାଆନ୍ତି । ମନୋଜ୍ ନିଜ ଲାଗି ଓ ସୁଜାତା ଲାଗି ଦୁଇଖଣ୍ଡ ଟିକେଟ୍ ଆଗରୁ କରି ଆଣିଥାଏ । ପାଞ୍ଚ୍ ବାଜିଲା । ସୁଜାତା ଓ ମନୋଜ୍ ବେଶ ହୋଇ ବାହାରି ପଡ଼ିଲେ ।

ଦୁହେଁ ରିକ୍ସାରେ ବସିଲେ । ରିକ୍ସାବାଲା ଘଣ୍ଟି ବଜେଇ ବାହାରିଲା । ସୁପ୍ରିୟା ଦୂରରୁ ଲକ୍ଷ୍ୟ କଲା, ସୁଜାତା ମୁହଁରୁ ଦୁଇ କଳି ହସ ଉଚ୍ଛୁଳି ପଡ଼ୁଛି—ମନୋଜ୍ ହସର ସ୍ୱର ସହିତ ମିଶି ଯିବାପାଇଁ । ଦୀର୍ଘ ନିଶ୍ୱାସଟିଏ ତା'ର ବୁକୁ ଥରାଇ ବାହାରି ଆସି ନୀଳ ଆକାଶର ଉତଳା ସମୀର ସହିତ ମିଶିଗଲା । ଲୁହ ଦୁଇ ବିନ୍ଦୁ ଗୋଧୂଳିର ଫଗୁଆ କିରଣରେ ଝଲସି ଉଠିଲା । ସେ ବାରଣ୍ଡାର ଖୁଣ୍ଟକୁ ଆଉଜି ଆକାଶ—ପାତାଳ ଭାବି ଯାଉଥାଏ ।

ଥିଏଟରର ସବୁ ସବୁ ସିଟ୍ ସାରି ବାଆଁରେ । ସୁଜାତା ଓ ମନୋଜ୍ ଫେରିଲେ । 'ପୃଥ୍ୱୀରାଜ' ଭୂମିକାରେ ଅଭିନୟ କରିଥିବା ବସନ୍ତ କୁମାର ମହାନ୍ତିଙ୍କର ଅଭିନୟ ଉଚ୍ଚକୋଟିର ହୋଇଥିଲା । ପ୍ରତ୍ୟେକ ଦର୍ଶକଙ୍କ ମୁହଁରେ ତାଙ୍କର ପ୍ରଶଂସା । ଫେରୁ ଫେରୁ ମନୋଜ୍ ପଚାରିଲା—ତୁମକୁ କେମିତି ଲାଗିଲା ସୁଜାତା ?

—ଖୁବ୍ ଭଲ ଲାଗିଲା ।

—କାହାର ଅଭିନୟକୁ ତୁମେ ଉତ୍କୃଷ୍ଟ ବୋଲି ବିବେଚନା କଲ ?

—ବସନ୍ତ ବାବୁଙ୍କର ।

—ତୁମେ ତାଙ୍କୁ ଚିହ୍ନ ?

—ଖାଲି ଚହ୍ଲା ନୁହେଁ । ଆମ ଦୁଇଜଣଙ୍କର ବନ୍ଧୁତା ମଧ୍ୟ ଖୁବ୍ ଭଲ ଭାବରେ ଥିଲା । କ୍ଲାସ୍ ଏଇଟ୍‌ରୁ ଆମେ ସାଥୀ ହୋଇ ପଢ଼ି ଆସିଲୁ । ସେ ମ୍ୟାଟ୍ରିକ୍ ପାସ୍ କରି କଲେଜ୍‌ରେ ନାମ ଲେଖାଇଲେ ଆଉ ମୁଁ ନ ପଢ଼ି ଘରେ ରହିଲି ।

—ପିଲାଟାର ମେକପ୍ ବଡ଼ ଚମତ୍କାର ହୋଇଥିଲା ।

—ଚେହେରାଟା ମଧ୍ୟ ମନ୍ଦ ନୁହେଁ । ଠିକ୍ ଗୋଟାଏ ରାଜକୁମାର ପରି ।

—ଆଉ ତା' ସାଙ୍ଗକୁ ତୁମ ପରି ଗୋଟିଏ ରାଜ୍‌କୁମାରୀ ଜୁଟିଥିଲେ·········

—ଧେତ୍, ମୁଁ କ'ଣ ସେକଥା କହିଲି ?

କେଉଁ କଥାଟା ଲୁଚେଇଲ କି ? ତୁମେ ପ୍ରଥମେ କହିଲ ତା ସହିତ ତୁମର ନିବିଡ଼ ବନ୍ଧୁତା ଥିଲା ପୁଣି ତୁମେ କହିଲ ତା'ର ଚେହେରାଟା ଖୁବ୍ ସୁନ୍ଦର । ତେବେ ତାଙ୍କର ବାହୁ ବେଷ୍ଟନ ଭିତରେ ତୁମେ କେବେ କ'ଣ ଲଜକୁଳି ଲତା ପରି ନଇଁଯାଇ ନ ଥିବ ? ସେଇଠି କ'ଣ ତୁମେ ତୁମର ସତ୍ତା ହଜାଇ ତା'ର ଉତ୍ତେଜିତ ଅଧରର ଅଳସ ପରଶ ମର୍ମେ ମର୍ମେ ଅନୁଭବ କରି ନ ଥିବ ?

—ସୁଜାତାର ମୁହଁ ଅଭିମାନରେ ଲାଲ ପଡ଼ିଗଲା । ବାଷ୍ପରୁଦ୍ଧ କଣ୍ଠରେ କହିଲା —

—ଆପଣ ମୋତେ ସନ୍ଦେହ କରୁଛନ୍ତି ?

ସୁଜାତାର ରକ୍ଷିତ କୁଚମଣ୍ଡଳରେ ଗୋଟିଏ ସରୁ ଚିପା ବସାଇ ଦେଇ ମନୋଜ କହିଲା —

—ଭୁଲ ବୁଝିଲ କି ସୁଜାତା ? ପୃଥ୍ୱୀରାଜ ସଂଯୁକ୍ତାଙ୍କୁ ଘୋଡ଼ାରେ ବସାଇ ନେଲାବେଳେ ମୋର ମନ ହେଉଥାଏ, ତୁମକୁ ଏମିତି.........

- ବ୍ୟସ୍ତ ହେଉଛନ୍ତି କାହିଁକି ? ନିକଟରେ ଅପା ବାପାଘର ହୋଇଯିବ ।

—ତା' ପୂର୍ବରୁ ଗୋଟାଏ ମଧୁଯାମିନୀରେ ତୁମର ମାଦକଭରା ସ୍ପର୍ଶ ପାଇବାରେ.........

ସୁଜାତା ଲାଜରେ ତଳକୁ ମୁହଁ ପୋତିଦେଇ କହିଲା— ପାଣି ଶୋଷ ପାଖକୁ ଯିବାର କେବେ ଶୁଣିଛନ୍ତି ?

ମନୋଜ ହସିଲା ।

ରିକ୍ସା ଆସି ଘରେ ପହଞ୍ଚିଲା । ମନୋଜ ଓ ସୁଜାତା ଖାଇନେଇ ନିଜ ନିଜ କୋଠରୀକୁ ଚାଲିଗଲେ । କିନ୍ତୁ କାହାର ଆଖିରେ ନିଦ ନାହିଁ । ମିଳନର ମଧୁର କଳ୍ପନା ଦୁହିଁଙ୍କୁ ପାଗଳ କରି ପକାଇଛି । ସୁଜାତା ଶୋଇପାଇ ନିଜ ଭବିଷ୍ୟତର ରଙ୍ଗୀନ୍ ଅଧ୍ୟାୟଟା କଳ୍ପନା କରିଯାଉଛି । ଯେଉଁ ଅଧ୍ୟାୟ ମଣିଷ ଜୀବନରେ ଆସେ ଥରକ ପାଇଁ— ଦୁଇଥର କେବେ ଆସେନି ।

ଘଡ଼ିକୁ ଚାହିଁ ମନୋଜ ଦେଖିଲା ରାତି ଦୁଇଟା । ସୁପ୍ତା ନିଶୀଥିନୀ । କେବଳ ରାତିଚରଙ୍କର ସାମୟିକ ଚିତ୍କାର ବ୍ୟତୀତ ଆଉ କିଛି ଶୁଭୁନି । ଧୀରେ ଧୀରେ ସେ ଘରୁ ବାହାରି ଆସିଲା । ସୁଜାତା କୋଠରୀ ନିକଟରେ ଠିଆ ହୋଇ କବାଟରେ ହାତ ମାରିଲା । କବାଟ ମୁକୁଳା ଅଛି । ଅତି ସନ୍ତର୍ପଣରେ ଭିତରକୁ ପଶିଯାଇ କବାଟକୁ ବନ୍ଦ କରି ଦେଲା । କଟିମିଟିଆ ଅନ୍ଧାର । ଭିତରେ, ବାହାରେ ଶବ୍ଦହୀନର ରାଜତ୍ୱ । ଚୁପାଗଳାରେ ଡାକିଲା ମନୋଜ— ସୁଜାତା ! ଉତ୍ତର ଆସିଲା ନାହିଁ । କେବଳ ନିଶ୍ୱାସର ଶବ୍ଦ ବାରି

ହେଉଥାଏ । ସୁଇଚ ବୋର୍ଡ଼ ପାଖକୁ ଯାଇ ଲାଇଟ୍‌ଟା ଅଫ୍ କରିଦେଲା ମନୋଜ । ସୁଜାତା ଶୋଇବାର ଛଳନା କରିଛି । ତା' ମୁହଁକୁ ଦଣ୍ଡେ ଚାହିଁଲା—ସୁନ୍ଦର । ଅତି ସୁନ୍ଦର ତା'ର କୃଷ୍ଣ କବରୀ । ଭରା ଯୌବନ ଲହଡ଼ି ଭାଙ୍ଗୁଛି ଅଙ୍ଗଲତାରେ ତା'ର । ବିକଶିତ ରୂପ ପୁଷ୍ପରେ ମଧୁ ଭ୍ରମର ହେବାକୁ ମନୋଜ ଉତ୍କଣ୍ଠିତ ହୋଇ ଉଠିଲା······

ସୁଜାତା ହୋଇଥିଲା ଆତ୍ମବିଭୋର । କ୍ଷୀଣ ପ୍ରତିବାଦ କରିବାର ଇଚ୍ଛା ମଧ୍ୟ ତାର ନ ଥିଲା । ଗଭୀର ନିଶୀଥିରେ ତାକୁ ଏ ସବୁ ଏକ ମଧୁର ସ୍ୱପ୍ନପରି ଲାଗୁଥିଲା । ନାରୀ ଜୀବନରେ ପୁରୁଷର ପ୍ରୟୋଜନ ଯେ କେତେ ବେଶି ତାହା ସେ ପ୍ରତି ଶିରାଶିରାରେ ଅନୁଭବ କରୁଥିଲା—

× × × ×

ଅନେକ ଦିନପରେ·········

ଫାଲ୍‌ଗୁନ୍ ରାତି

ପ୍ରିୟ ବସନ୍ତ ବାବୁ !

ଅନେକ ଦିନ ହେବ ଆପଣଙ୍କ ସହିତ ମୋର ଦେଖା ହୋଇନି । ଏହା ଭିତରେ ଆପଣ ମୋତେ ପୂରା ପାଶୋରି ପକାଇ ଥିବେ । କିନ୍ତୁ ମୁଁ ଆପଣଙ୍କୁ ପାଶୋରି ପାରି ନାହିଁ । କ୍ଲାସ୍‌ରେ ସାଥୀ ହୋଇ ପଢ଼ିବା କଥା, ଆପଣଙ୍କର ସେ ମୁରୁକି ହସା ଏବେ ବି ମନେ ପଡ଼ି ମୋର ଛାତି କରିଡି ପକାଏ । ମୁଁ ଜାଣେ ଆପଣ ମୋତେ ଖୁବ୍ ଭଲ ପାଉଥିଲେ । ମୋ ସହିତ

ମିଳାମିଶା କରିବାକୁ ଚାହୁଁଥିଲେ । ମୋ ଅନୁରୋଧକୁ ଆପଣ କେବେ ଠେଲି ପକାଇ ଦେଇ ନାହାନ୍ତି । ଆପଣଙ୍କ ଅନ୍ତରର ଗୋପନ ବାସନା ମୁଁ ବୁଝିଥିଲି । କିନ୍ତୁ ମୁଁ ବଡ଼ ଦୁଃଖିତା ଯେ ଆପଣଙ୍କ ସ୍ନେହର ପ୍ରତିଦାନ ଦେଇପାରି ନ ଥିଲି । ତଥାପି ମୋର କଲିଜା ତଳେ ଯେ ଆପଣଙ୍କର ଛବିଟି ଆଙ୍କି ହୋଇ ଯାଇ ନ ଥିଲା, ଏ କଥା ନୁହେଁ । କେତେକ ବ୍ୟକ୍ତିଗତ କାରଣ ମୋ ମୁହଁକୁ ବନ୍ଦକରି ଦେଇଥାଏ ।

'ପୃଥ୍ୱୀରାଜ' ନାଟକଟି ଦେଖିବାକୁ ଯାଇଥିଲି । ପୃଥ୍ୱୀରାଜ ଭୂମିକାରେ ଆପଣଙ୍କର ଅଭିନୟ ମୋତେ ପାଗଳ କରିପକାଇଛି । ମୁଁ ଏକା କାହିଁକି, ଆପଣଙ୍କର ନାରୀ ମନଭୁଲା ରୂପ ଯେ କୌଣସି ଅବିବାହିତା ବାଳିକା ଦେଖିଲେ, ଆପଣଙ୍କୁ ପାଇବା ଲାଗି ତା ମନରେ ଗୋପନ ଆଶା ଜାଗି ଉଠିବ । ସଂଯୁକ୍ତା ଭୂମିକାରେ ଅଭିନୟ କରୁଥିବା ବାଳକ, ଆପଣଙ୍କର ମନ ଲାଖି ହୋଇ ନ ଥିବ । ସେ ସ୍ଥାନ ଯଦି ମୁଁ ପୂରଣ କରିଥାନ୍ତି ତେବେ କ'ଣ ଆପଣ ଆହୁରି ଖୁସି ହୋଇ ନ ଥା'ନ୍ତେ ?

ମୁଁ ଆପଣଙ୍କୁ କେବେ କିଛି ଅନୁରୋଧ କରିନି । ଆଜି ମୋର ରୁଦ୍ଧ ଆବେଗର ଦୁଆର ମୁକୁଳା ହୋଇ ଉଠିଛି । ସେ ଆଉ ବାଧା ମାନୁନି । ମୋର ଅନେକଗୁଡ଼ାଏ କଥା କହିବାର ଅଛି । ଦୟାକରି ଆଜି ରାତିରେ ଆପଣ ଆମ ଘରକୁ ଆସିବେ । ଭୟର କୌଣସି କାରଣ ନାହିଁ । ଦଶଟା ପରେ ଆମ ଘର ପଛପଟକୁ ଆସିବେ । ମୁଁ ବାରି କବାଟ ଦରମୁକୁଳା କରି ଅପେକ୍ଷା କରିଥିବି । ଆଉ ଗୋଟାଏ କଥା ମନେ ରଖନ୍ତୁ । ରାତି ଦଶଟା ଆଗରୁ କେବେ ଆସିବେ ନାହିଁ । ଆମର ଜଣେ

ବନ୍ଧୁ ଓକିଲାତି କରୁଛନ୍ତି । ସେ ମୋତେ ବହୁତ ସ୍ନେହ କରନ୍ତି । ରାତି ଦଶଟା ପର୍ଯ୍ୟନ୍ତ ସେ ମୋ ସାଥିରେ କଥାବାର୍ତ୍ତା କରୁ ଥାଆନ୍ତି । ତା ପୂର୍ବରୁ ଆସିଲେ ବିପଦ ।

ମୋର ଅନୁରୋଧ ନିଶ୍ଚୟ ଆସିବେ । କଲେଜରେ ବହୁତ ନୂଆ ସାଥୀ ମିଳି ଯିବେଣି । କିନ୍ତୁ ଏ ପୁରୁଣା ସାଥୀର ଅଳିକୁ ଉପେକ୍ଷା କରିବେ ନାହିଁ । ମୋ ରାଣ । ମୋ ଉପରେ ସ୍ନେହ ଥିଲେ ନିଶ୍ଚୟ ଆସିବେ । ମୁଁ ଅପେକ୍ଷା କରିଥିବି । ଚିଠିଟିକୁ ପୋଡ଼ି ଦେବେ । ଇତି ।

'ସୁଜାତା'

ଚିଠିଟିକୁ ଖଣ୍ଡେ ମେଘୁଆ ଲଫାପାରେ ବନ୍ଦ କରି ଦେଇ ସୁଜାତା ଡାକିଲା—ଦାମା ! ଏ ଦାମା !

ଦାମା ପହଞ୍ଚିଲା । ସୁଜାତା ଆଖିକୁ ନାଲି ନାଲି କରି ବସିଛି । ଯେମିତି ଦାମା ପହଞ୍ଚିଛି ତାର କାନଟାକୁ ଟାଣିଆଣି କହିଲା—ତୋତେ କ'ଣ ମୋ ଡାକ ଶୁଭୁ ନ ଥିଲା ? କ'ଣ କରୁଥିଲୁ ଏତେବେଳ ଯାଏ ? ଆଜିକାଲି ତ ଭାରି ଅବାଧ ହେଲୁଣି ।

ଦାମା କିଛି ଉତ୍ତର ଦେଇ ପାରିଲା ନାହିଁ । ଭୟରେ ତାର ଛାତି ଧମକି ଉଠିଲା । ଲଫାପା ଖଣ୍ଡିକ ତା ହାତକୁ ବଢ଼ାଇ ଦେଇ ସୁଜାତା କହିଲା—ଏ ଖଣ୍ଡିକ ନେ, ବସନ୍ତ ବାବୁଙ୍କୁ ଦେଇଦବୁ ।

କେଉଁ ବସନ୍ତ ବାବୁ ? ଭୟମିଶ୍ରିତ ଗଳାରେ ପଚାରିଲା ଦାମା ।

ତୁ ସିଧା ରେଭେନ୍‌ସା କଲେଜ ବୋର୍ଡ଼ିଂକୁ ଯିବୁ । ସେଠାରେ ପିଲମାନଙ୍କୁ ବସନ୍ତ ବାବୁ କିଏ ବୋଲି ପଚାରିବୁ ।

ତା'ପରେ ଚିଠିଟି ତାଙ୍କ ହାତକୁ ଦେବୁ । ଅନ୍ୟ କୌଣସି ପିଲା ହାତକୁ ଦେବୁ ନାହିଁ । ତା'ପରେ ମନେ ମନେ ଭାବିଲା—ଅପାକୁ ଘାରି କର । ତେଣୁ ଆଜି ରାତିରେ ବସନ୍ତ ବାବୁଙ୍କ ସହ ମିଳନର ଅତି ଉପଯୁକ୍ତ ସମୟ ।

କୁସୁମିତ ସଞ୍ଜର ପହିଲି ପରଶରେ ସୁଜାତାର ସପନ ଟୁଟିଲା । ଆକାଶର ଭସା ବାଦଲ ଉପରେ ଅନ୍ଧାର କଳା ଆବରଣ ଘନେଇ ଆସିଛି । ନଇଁ ଆସିଛି ଆକାଶ । ବାହାରେ ଗନ୍ଧ ଓ ଧରଣୀର ହସ ସହିତ ତାଳ ଦେଇ ସୁଜାତା କୋଠରୀ ଭିତରେ ବିଜୁଳି ଆଲୁଅ ହସି ଉଠିଛି ।

ମନ ତାର ଆନନ୍ଦରେ ଘର ଧରୁ ନ ଥାଏ । ପୁଣି ଜଣେ ନୂଆ ସାଥିଙ୍କୁ ସେ ଆଜି ଭେଟିବ । ସେ ସଂଯୁକ୍ତା ସାଜି ତାଙ୍କ ଗଳାରେ ବରମାଳା ଲମ୍ବାଇ ଦେବ । ତା ପରେ କଳ୍ପନାର କଳାଘୋଡ଼ା ଚଢ଼ି ଦୁହେଁ ଉଡ଼ିଯିବେ କେଉଁ ଅଜଣା ରାଇଜକୁ । ସେ ନିଜକୁ ଖୁବ୍ ଭଲଭାବରେ ସଜାଇବ ! ଯେପରି ବସନ୍ତ ବାବୁଙ୍କ ଆଖିକୁ ସୁନ୍ଦର ଦେଖାଯିବ—ଅଭିନୟ କରୁଥିବା ସଂଯୁକ୍ତାଠାରୁ ଆହୁରି ସୁନ୍ଦର, ଆହୁରି ଲୋଭନୀୟ । ସେ ଆଜି ସମସ୍ତଙ୍କଠାରୁ ବେଶୀ ସୁନ୍ଦରୀ ହେବା ପାଇଁ ଚେଷ୍ଟା କରିବ । ମନ କଥାକୁ ମନରେ ଗୁପି ରଖି କହିଲା—ଏ ଅପା, ମୋର ପାଦରେ ଆଜି ସୁନ୍ଦର କରି ଅଳତା ଲଗାଇ ଦେ । ଏବେ ବମ୍ବେରୁ ଯେଉଁ ନାଲି ଜର୍ଜେଟ ଶାଢ଼ୀଖଣ୍ଡିକ ଆସିଥିଲା ତାକୁ ବାହାର କରିଦେ । ମୋର ମୁଣ୍ଡରେ ବେଣୀ ପକାଇ ଦେଇ ତା ଉପରେ ଦରଫୁଟିଲା ରଜନୀଗନ୍ଧାର ମାଳା ସଜାଇଦେ ।

ସୁନ୍ଦର ସ୍ନିଗ୍ଧ କିରଣରେ ପ୍ରକୃତିର ଶ୍ୟାମଳିମା ହସି ଉଠୁଛି । ସୁଜାତା ନିଜକୁ ସଜାଇଛି ଗୋଟିଏ ପ୍ରେମକବିତା ପରି । ବସି ବସି ଫିଲ୍ମଫେୟାର ଲେଉଟାଉଛି । ନଅଟା ବେଳକୁ ବୁଲି ବୁଲି ଫେରିଲା ମନୋଜ । ସୁଜାତା କୋଠରୀକୁ ପଶିଯାଇ ଅଭିମାନିଆ ଭଙ୍ଗିରେ କହିଲା—ତୁମେ ଏମିତି ସୁଜାତା ? ଡାକିଲି, ଉଠିଲ ନାହିଁ ?

ସୁଜାତା ସ୍ୱଭାବସୁଲଭ ହସ ହସି କହିଲା—କ'ଣ ଏଇଥିରେ ରାଗିଗଲେ ?

—ତୁମେ ଗଲନି କାହିଁକି ଶୁଣେ ?

—ମୋ ମୁଣ୍ଡଟା ବିନ୍ଧୁଥିଲା । ଶୋଇ ପଡ଼ିଲି ।

—ଆସ ଚିପିଦେବି । ସୋହାଗ ଗଳାରେ କହିଲା ମନୋଜ ।

— ଆବଶ୍ୟକ ନାହିଁ । ଆପଣ ଯାଆନ୍ତୁ ଖିଆ ଶେଷକରି ଶୋଇବେ—

—ତୁମେ ଖାଇଲଣି ?

—ମୁଁ ଆଜି ଖାଇବିନି ।

—ମୁ ମଧ୍ୟ ଖାଇବି ନି ।

ଏମିତି ଅବାଧ ହେବନି ବୋଲି କେତେଥର କହିଲିଣି ? ସେମିତି ହେଲେ ମୁଁ ଆଉ ପାନି ପିଠାଇବି ନାହିଁ ।

ହଉ ତେବେ ଯାଉଛି ଡାର୍ଲିଂ ! ହସି ହସି ମନୋଜ ଚାଲିଗଲା । ସୁଜାତା ଭିତରୁ କବାଟଟା ବନ୍ଦ କରିଦେଇ ଗୋଟାଏ ସ୍ୱସ୍ତିର ନିଶ୍ୱାସ ଛାଡ଼ିଲା ।

ରାତି ଦଶ । ବନବିହାରୀ ବାବୁଙ୍କ ଘରେ ସମସ୍ତେ ଶୋଇ ଗଲେଣି । ରାସ୍ତାର ଜନଗହଳି କୋହଲା ପଡ଼ି ଆସିଛି । ସୁଜାତା

କବାଟ ଖୋଲି ଗୋଡ଼ ଚିପି ଚିପି ବାହାରକୁ ବାହାରି ଆସିଲା । ଉପରେ ତାରାମାନଙ୍କ ଗହଣରେ ଫର୍ଣ୍ଣିଆ ଜହ୍ନଟା ମୃଦୁକି ହସା ଦେଉଛି । ବାରି କବାଟ ଖୋଲି ଗୋହିରି ଆଡ଼େ ଲକ୍ଷ୍ୟ କଲା । କେହି ନାହିଁ । ମନ ତାର ଶତ ଭାବନାରେ ଆନ୍ଦୋଳିତ ହୋଇ-ଉଠିଲା । ବସନ୍ତବାବୁ କ'ଣ ବିଶ୍ୱାସଘାତକତା କଲେ ? ତା ପ୍ରେମର ନିବେଦନକୁ ଉପେକ୍ଷା କଲେ ? ସୁଜାତା ବାରି ପିଣ୍ଡାରେ ଲଥ୍ କରି ବସି ପଡ଼ିଲା ।

......ପନ୍ଦର ମିନିଟ୍ ଘଣ୍ଟେ ଗଡ଼ିଗଲା । ଗୋହିରି ଭିତରେ କିଏ ଜଣେ ଆସୁଥିବାର ଜଣାଗଲା । ସୁଜାତା ସ୍ଥିତ ପଡ଼ିଲା ଉଠିଲା । ସେ ନିଜର ସମସ୍ତ ଶକ୍ତି ଏକଠୁଳି କରି ଆଗକୁ ପାଦ ବଢ଼ାଇଲା......

ବସନ୍ତବାବୁ ଅତି ନିକଟକୁ ଘୁଞ୍ଚି ଆସି ଚୁପା ଗଳାରେ କହିଲେ—ମୋତେ କାହିଁକି ଡାକିଲ ?

—ମୁଁ ଯଦି ନ କୁହେଁ ? କଟାକ୍ଷ ହାଣି ଉତ୍ତର ଦେଲା ସୁଜାତା ।

—ତେବେ ମୁଁ ବାଧ ହେବି ଚାଲି ଯିବାକୁ ।

—କୁଆଡ଼େ ?

—ଯେଉଁଆଡ଼ୁ ଆସିଥିଲି ।

ଖେଁ କରି ହସି ଉଠିଲା ସୁଜାତା । ବସନ୍ତବାବୁ ତାକୁ ଟାଣି ଆଣି କହିଲେ—ଏତେ ଜୋର୍‌ରେ ହସନି ସୁଜାତା । କିଏ ଯଦି ଶୁଣିବେ ....

ଏଠାକୁ କେହି ଆସିବେ ନାହିଁ ।

ଗୋଟିଏ ସରୁ ଚୁମ୍ବନରେ ସୁଜାତାର ଗଣ୍ଡକୁ ମଣ୍ଡି ଦେଇ ବସନ୍ତବାବୁ କହିଲେ—ସଂଯୁକ୍ତା ପରି ମୋ ହୃଦୟରେ ରହିବାକୁ ଚାହିଁ ?

—ଆପଣ ଯଦି ଚାହିଁବେ ।

—ତୁମେ ମୋତେ ବିବାହ କଲେ ସୁଖୀ ହେବ ?

—ବିଶ୍ୱାସ ଓ ଭରସା ଅଛି ।

—ବେଶ୍ ବିବାହ ତ ପରକଥା । ବର୍ତ୍ତମାନ·········?

ସୁଜାତା କିଛି କହିଲା ନାହିଁ । ଟିକିଏ ହସି ଦେଇ ବସନ୍ତ ବାବୁଙ୍କ କୋଳରେ ମୁହଁଟି ଗୁଞ୍ଜି ଦେଲା···············ନିର୍ଜ୍ଜନ ଟୋହରଟାରେ ଦୁଇ ଘଣ୍ଟା ବିତି ଯାଇଛି ।

ଠିକ୍ ବାରଟା ବେଳେ ମନୋଜର ନିଦ ଚାଉଁକରି ଭାଙ୍ଗି ଗଲା । ଅମାନିଆ ମନଟା ସୁଜାତା କୋଠରୀକୁ ଯିବାପାଇଁ ବ୍ୟଗ୍ର ହୋଇ ଉଠିଲା । କବାଟ ଖୋଲି ମନୋଜ୍ ବାହାରି ଆସିଲା । ସୁଜାତା କୋଠରୀ ମୁକୁଳା । ଭିତରକୁ ପଶିଯାଇ ଦେଖିଲା ବିଛଣା ଖାଲି ପଡ଼ିଛି । ସୁଜାତା ତେବେ ଗଲା କୁଆଡ଼େ ? ଠିକ୍ ଆଲୁଅରେ ଦେଖିଲା ବାରି କବାଟ ମୁକୁଳା ଅଛି । ମନରେ ତା'ର ସନ୍ଦେହ ଘାରି ହୋଇଗଲା ଚାପା ଗଳାରେ ଡାକିଲା—ସୁଜାତା ? ସୁଜାତା ?

ସୁଜାତା, ବସନ୍ତ ବାବୁଙ୍କୁ ବିଦାୟ ଦେଇ ବିଜୁଳି ବେଗରେ ମନୋଜ ପାଖକୁ ଧାଇଁ ଆସିଲା । ମନୋଜ ଗମ୍ଭୀର ସ୍ୱରରେ ପଚାରିଲା—ଏତେ ରାତିରେ କେଉଁଠିକୁ ଯାଇଥିଲ ?

—ପାଇଖାନା ।

ଏକା କାହିଁକି ଗଲ ? ମୋତେ ଡାକିଲ ନି ?

ସୁଜାତା କିଛି ଜବାବ ନ ଦେଇ ଝଡ଼ ବେଗରେ ନିଜ କୋଠରୀ ଭିତରକୁ ପଶି ଆସି ଶିକୁଳି ଲଗାଇ ଦେଲା ।

× × × ×

ମନୋଜ ଗୋଟାଏ ସୁନ୍ଦର କେଶ୍ ହାତକୁ ନେଇଛି । ତିନିଶହ ଛଅସ୍ତରି ଦଫା । କେସ୍ ଜିତିଲେ ତିନିହଜାର ଟଙ୍କା ପାଇବ । କିନ୍ତୁ ଟିକେ ଭୁଲ୍‌ରେ ହାରିଯିବାର ସମ୍ଭାବନା ବେଶୀ । ଅପର ପକ୍ଷ ଗୋଟାଏ ପୁରୁଣା ଓକିଲ ଦେଇଛି । ମନୋଜର ନୂଆ ଓକିଲାତି ଜୀବନ । ପହିଲେ ପହିଲେ କେତୋଟା କେସ୍‌ରେ ନ ଜିତିଲେ କେହି କେସ୍ ଦେବାକୁ ରାଜି ହେବେନି । ସେଇଥି-ପାଇଁ ଅଫିସରୁ ଫେରି ସେ ଆଇନ ବହିଗୁଡ଼ାକ ଘଣ୍ଟା ଚକଟା କରୁଛି ।

ସୁଜାତା ଘଡ଼ିକୁ ଚାହିଁ ଦେଖିଲା ପାଞ୍ଚଟା ବାଜିଗଲାଣି । ଆଇନା ସାମନାରେ ନିଜ ଚେହେରାଟାକୁ ଟିକିଏ ବାଗେଇ ନେଇ ବୁଲି ବାହାରି ପଡ଼ିଲା । କିନ୍ତୁ ମନୋଜ ବାହାରି ନି । ମନୋଜ ନ ଗଲେ ସେ କେବେ ଯାଏନି । ସୁଜାତା ମନୋଜର କୋଠରୀ ଭିତରକୁ ପଶି ଆସିଲା । ମନୋଜର ଦେହରେ ହାତ ମାରିଦେଇ କହିଲା—କ'ଣ ବୁଲି ଯିବେନି ? ମନୋଜ କିଛି ଜବାବ ଦେଲାନି । ସୁଜାତା ତାକୁ ଆଉଥରେ ଝୁଙ୍କାଇ ଦେଇ କହିଲା—ଛକ୍‌ସା ପରି ତେଣେ ଅପେକ୍ଷା କରିଛି ? ଚାଲନ୍ତୁ ବୁଲି ଯିବା । ଏତେ ପଢ଼ିବାର ଯଦି ମନ ତେବେ ରାତି ଗୋଟାଏ ପର୍ଯ୍ୟନ୍ତ ବସି ପଢ଼ୁଥିବେ ।

ମନୋଜ ଗମ୍ଭୀର ହୋଇ କହିଲା—ତୁମ କାମରେ ବାଧା ଆସିବ ଯେ ।

—ମାନେ ?

ମୁଁ ଘରେ ରହିଲେ ତୁମେ ଏକୁଟିଆ କୁଆଡ଼େ ଯାଇ ପାରିବ ନାହିଁ ।

ସୁଜାତା ଦେହରେ ବିଜୁଳି ପରି କଥାଟା ଖେଳି ଗଲା । ସେ ଖଣ୍ଡ ପ୍ରଳୟର ସୂଚନା ଦେଇ କହିଲା—କଣ ଆପଣ କହୁଛନ୍ତି ମୁଁ ତ କିଛି ବୁଝି ପାରୁନି ?

ମନୋଜ ସୁଜାତା ଉପରେ ରଗିଛି । ସେ ନିଜେ ଦେଖିଛି ସୁଜାତା ରାତି ବାରଟାରେ ଏକାଟିଆ ବାହାରକୁ ଯାଇଥିଲା । ସେତିକ ବେଳୁ ମନୋଜ ମନଟା ଘାଣ୍ଟି ଚକଟି ହେଉଛି । ସେ ନିଜ ବଡ଼ ଭଉଣୀକୁ ଗୁଳକର ପରି ଖଟେଇ ପାରେ, ସେ କେବେ ଏକା ବାହାରକୁ ପାଇଖାନା ଯିବ ? ସୁଜାତା ନିଶ୍ଚୟ କିଛି ଗୁପ୍ତ ରହସ୍ୟ ନେଇ ଏକାକୀ ବାହାରକୁ ଯାଇଥିଲା । ସୁଜାତା ସହିତ ତା'ର ବାହାଘର ଠିକ୍ ହୋଇ ଯାଇଛି । ସେ ଯଦି ପ୍ରକୃତରେ ଚରିତ୍ରହୀନା ହୋଇଥାଏ, ତେବେ ଜାଣି ଶୁଣି ତାକୁ ବିବାହ କରିବ କେମିତି ? ଏହି ଦ୍ୱନ୍ଦ୍ୱ ଭିତରେ ପଡ଼ି ମନୋଜର ମନଟା ଗୋଳମାଳିଆ ହୋଇ ଉଠୁଛି । ସୁଜାତାକୁ ସବୁକଥା ସେ ପରିଷ୍କାର ପଚାରି ଦେବାକୁ ଚାହେଁ । ମନୋଜ ଚଡ଼ା ଗଳାରେ ପଚାରିଲା—ତୁମେ ସେ ଦିନ ରାତିରେ କେଉଁଆଡ଼େ ଯାଇଥିଲ ?

ସୁଜାତା ମନୋଜର କୋଳ ଉପରେ ମୁଣ୍ଡ ରଖି କଇଁ କଇଁ ହୋଇ କାନ୍ଦି ଉଠିଲା । କାନ୍ଦି କାନ୍ଦି କହିଲା, ମୋତେ ଭୁଲ୍ ବୁଝନ୍ତୁ ନାହିଁ ମନୋଜ ବାବୁ ! ଆପଣହିଁ ମୋର ସବୁ ।

(ହାୟ ଭଗବାନ ! ନାରୀର ଚପଳ ନୟନ ତଳେ ତୁମେ କି ମୋହିନୀ ଭରି ଦେଇଥାଅ । ପାଷାଣଠାରୁ କଠୋର ପ୍ରାଣକୁ ତାର ଛଳନା ମିଶା କଥା ପଦେ ଲହୁଣୀଠାରୁ ଆହୁରି କଅଁଳିଆ କରି ପକାଏ ! ଯେଉଁ ନାରୀ ଚିରଦିନ ରହସ୍ୟମୟୀ, ଯାହାର ଗୋଲପି ଅଧର ଅନ୍ତରାଳରେ ଭରି ରହିଥାଏ ହଳାହଳ······

ଯେଉଁ ନାରୀ ନରକର କୀଟଠାରୁ ଆହୁରି ହୀନ— ସେହି ନାରୀର ଦୁଇପଦ କଅଁଳିଆ କଥାରେ ଏତେ ବୁଦ୍ଧିମାନ୍ ପୁରୁଷର ବିବେକ ଶକ୍ତି ପର୍ଯ୍ୟନ୍ତ ପାଲଟିଯାଏ, କାହିଁକି ? ସେ ସବୁ ଜାଣି କରି ଜାଣି ପାରେନା—ସବୁ ଦେଖି କରି ଦେଖି ପାରେ ନା—ନାରୀର ଛଳ ଛଳ ଆଖି ଦୁଇଟି ଆଗରେ ତାର ସମସ୍ତ ଗର୍ବ, ଅହଙ୍କାର ହାର ମାନେ । ଧନ୍ୟ ଭଗବାନ, ବିଚିତ୍ର ତୁମର ଏ ସୃଷ୍ଟି । ତା ନ ହେଲେ ତୁମର ପାଷାଣ ଜଡ ପ୍ରତିମା ପାଖରେ ନିତି ନିତି ଫୁଲ ଚନ୍ଦନ ଗଦା ହୁଅନ୍ତା କାହିଁକି ?)

ସୁଜାତାର ଛଳ ଛଳ ଆଖି ଦେଖି ମନୋଜର ପ୍ରାଣଟା କଅଁଳିଆ ହୋଇ ଉଠିଲା । ତାର ସନ୍ଦେହ କେଉଁଆଡେ ଉଭେଇ ଗଲା । ସୁଜାତାକୁ ଛାତି ଉପରକୁ ଆଉଜାଇ ଆଣି କହିଲା—ଛି ସୁଜାତା, ମୁଁ କଣ କହିଲି ଯେ ତୁମେ କାନ୍ଦି ପକାଇଲ ? ମୋର ଦୋଷ କ୍ଷମା କରିବ ନି ?

ସୁଜାତା କମ୍ପିତ ଗଳାରେ କହିଲା—ଆପଣ ଭୁଲଟାକୁ ଠିକ୍ ବୋଲି ଭାବି, ମୋ ଉପରେ ବିରକ୍ତ ହେଲେ । ଏଥିରେ ମୋ ମନରେ କଷ୍ଟ ଆସିଲା ଯେ ।

ରୁମାଲ୍‌ରେ ଆଖି ପୋଛି ଦେଉ ଦେଉ ମନୋଜ କହିଲା ଏତିକି ଅଭିମାନିନୀ ହେଲେ ଘର ସଂସାର ଚଳିବ କେମିତି ? କାଲି ହୁଏତ ମୋତେ ବିବାହ କରିବ । ଆକଟି କରି କହିବାର ମୋର କଣ ଅଧିକାର ନାହିଁ ?

—କିଏ ମନାକଲା, କିନ୍ତୁ ବିନା ଦୋଷରେ......

ମାନୁଛି ମୋର ଭୁଲ । ତାର କଣ କ୍ଷମା ନାହିଁ ?

ଜାଣିଶୁଣି ଭୁଲ୍ କଲେ ମୁଁ ଯଦି କ୍ଷମା ନ ଦିଏଁ ।

—ତେବେ ଦଣ୍ଡଟା ଆଦେଶ କର ।

ସୁଜାତା ମୃଦୁ ହସି କହିଲା, "ଆପଣ ଆଇନ୍ ବହି ବନ୍ଦ କରି ମୋ ସହିତ ବୁଲି ଚାଲନ୍ତୁ ।" ମନୋଜ ପ୍ରତିବାଦ କଲା ନି । ଯେଉଁ ପୋଷାକ ପିନ୍ଧିଥିଲା, ସେଇଥିରେ ବାହାରି ପଡ଼ିଲା ।

ଦୁହେଁ ରିକ୍ସାରେ ବସିଲେ । ରିକ୍ସା ଛୁଟି ଚାଲିଲା ଯୋବରା ଆଡ଼େ । ଯାଉଁ ଯାଉଁ ବାଟରେ ସୁଜାତା ପଚାରିଲା—କି ଗୁରୁତର କେସ୍‌ଟାଏ ଆପଣ ପାଇଛନ୍ତି ଯେ ଏତେ ବହି ଓଲଟାଇ ଚାଲିଛନ୍ତି ।

ଖୁବ୍ ଚମତ୍କାର କେସ୍ । ତିନିଶହ ଛଅସ୍ତରି ଦଫା । 'ରେପ୍ କେସ୍' ।

—କେସ୍‌ଟା ଟିକେ ସରଳ ଭାଷାରେ ବୁଝାଇ ଦିଅନ୍ତୁ ନା !

—ଘରକୁ ଫେରିଲା ପରେ ମୋତେ ପଚାରିବ । ମୁଁ ଭଲ କରି ବୁଝାଇ ଦେବି ।

—ଆଚ୍ଛା କି ଦଣ୍ଡ ମିଳେ ସେଥିରେ ?

ଦଣ୍ଡ ତ ବହୁତ ଅଛି । ସେସନ୍‌ସ୍ ଟ୍ରାଏଲ ହୁଏ । ସେଥିରେ ଟ୍ରାନ୍‌ସ୍‌ପୋର୍ଟେସନ୍ ଲାଇଫ୍ ଅଛି । ଗୁରୁତର କନ୍‌ଭିକ୍‌ସନ୍ ଅଛି । ଏମିତି ବହୁତ ପ୍ରକାର ଦଣ୍ଡ । ତୁମର ଛୋଟିଆ ମୁଣ୍ଡରେ ଢୁକିବନି ।

ଆମ ଓଡ଼ିଶାରେ ଏପରି କେସ୍‌ର ନା ମୁଁ'ତ ଆଗରୁ ଶୁଣି ନ ଥିଲି ?

କାରଣ ଖୁବ୍ କମ୍ ହୁଏ । ହସିଉଠିଲା ମନୋଜ ।

—ହସିଲେ ଯେ ?

—ଆଉ କ'ଣ କାନ୍ଦିବି ? କେସ୍ କଥା ମନେ ପଡ଼ିଗଲା ।

— ହେଉ ମୁଁ ଗୋଟାଏ କଥା କହିବି ଶୁଣିବେ ?

—କ'ଣ କୁହ । ଉତ୍ସୁକ ନୟନରେ ମନୋଜ ଗ୍ରହିଁଲା ।

—ଆପଣଙ୍କୁ କହିବି ବୋଲି ବହୁତ ଥର ଭାବିଲିଣି । କିନ୍ତୁ ଲଜ ଲାଗୁଛି ।

— ମୋ ପାଖରେ ଲଜ କ'ଣ ?

ସୁଜାତା ତଳକୁ ମୁହଁ ପୋତି ହସିଲା ।

ମନୋଜ ତାର ଗୋଟିଏ ହାତ ସାଉଁଳେଇ ସାଉଁଳେଇ କହିଲା—ମୋ ଗଣ କୁହ ।

—ମୋ ଦେହ ଅନେକ ଦିନ ହେବ କାହିଁକି ଭଲ ଲାଗୁନି ।

—କାରଣ ?

—ମୁଁ ବର୍ତ୍ତମାନ୍...ମୋର ଯେତେଦୂର ଅନୁମାନ—ନୂତନ ଅତିଥି ଅପେକ୍ଷାରେ ।

—ଓ, ମାନେ ଏ ଦୁନିଆରେ ଚିହ୍ନେଇ ଦେବା ପାଇଁ ମୋର ଗୋଟାଏ ସନ୍ତକ ତୁମ ପାଖରେ ରହିଗଲାଣି ତ ?

ସୁଜାତା ବାଁ ଗୋଡ଼ର ବୁଢ଼ା ଆଙ୍ଗୁଠିଟା ରିକ୍ସାର ଚଟାଣରେ ଘଷୁ ଘଷୁ ଶଙ୍କିତ ଗଳାରେ କହିଲା, "ବାପା ବୋଉ ଜାଣିଲେ......?" କଣ କରିବ କୁହନ୍ତୁ ତ ?

ବଡ଼ ବିପଦରେ ପକାଇଲ ସୁଜାତା । ମୁଁ ଭାବି ଚିନ୍ତି କାଲି କହିବି ।

ରିକ୍ସା କ୍ୟାପିଟାଲ ସିନେମା ପାଖରେ ହୋଇଯାଇ ଥିଲା । ମନୋଜ୍ କହିଲା—ଚାଲ ସୁଜାତା, ସିନେମା ଯିବା । ଆଜି ଆଉ ବୁଲି ଯିବାନି ।

ସୁଜାତା ଆପତ୍ତି କଲାନି ।

× × × ×

କଥାରେ ଅଛି—ଦୁଃଖର ପ୍ରକୃତି ଫଙ୍କେ ଲେଟେ । ମଣିଷ ପ୍ରକୃତି ମଲେ ଛୁଟେ ।

ସଜ ଫୁଟିଲା ଫୁଲ ଯେମିତି ନୂଆ ଭ୍ରମରର ମାଦକ ଭରା ଗୁଞ୍ଜନ ଖୋଜେ, ଭ୍ରମର ମଧ୍ୟ ଠିକ୍ ସେମିତି ନୂଆ ଫୁଲର ଦର ହସିଲା ମୁହଁ ଦେଖିବାକୁ ଭଲପାଏ । ନୂଆ ପଦାର୍ଥ ଆଖିରେ ଚେଲକା ଲଗାଇ ଦିଏ । ମନ ବାଧା ମାନେନା—ନୂଆର ଆଦର କରି ବସେ । ନୂଆ ଓ ପୁରୁଣା ଭିତରେ ଏଇ ତଫାତ୍ ।

ଦାମାଟା ଚାକରଟାଏ । ନିହାତି ଗରିବ । ପାଠ ଶାଠ ପଢ଼ିନି । ସନ୍ଧ୍ୟାବେଳେ ହାୱା ଖାଇ ଯାଏନି କି କ୍ଲବ ଆଟେଣ୍ଡ୍ କରେନି । ତଥାପି ତା'ର ଯୌବନ ଆସିଛି । ସମସ୍ତଙ୍କ ଲାଗି କଅଁଳ ଯୌବନର ସମାନ୍ ଦାବିର । ସମୟର ଘଟସୂତ୍ର ଅନୁସାରେ ସେ ପ୍ରତ୍ୟେକ ସଜୀବ ପଦାର୍ଥ ଉପରେ ତା'ର ଶିହରଣ ବୋଳା କଅଁଳ ହାତ ଥରେ ଲେଖାଁ ସାଉଁଳେଇ ଦେଇ ଯାଏ । ଦାମା ସେଥିରୁ ବାଦ ଯାଏନି । ତା'ର ଅବହେଳିତ ଶରୀର ଛନ୍ ଛନ୍ ହୋଇ ଉଠିଛି । ମାଂସପେଶୀଗୁଡ଼ାକ ବଳିଷ୍ଠ ହୋଇ ଉଠିଛି । ମନ ଭିତରେ ତା'ର ଶଇତାନର ରାଜତ୍ୱ । ମନ ପବନ ଡେଣାରେ ଭାସି ବୁଲିବାର ପାଗଳାମୀ ତାକୁ ସମୟେ ସମୟେ ଅଥୟ କରି ପକାଏ । ମୁହଁରୁ ଝରି ପଡ଼ୁଥାଏ ସ୍ୱପ୍ନ ବିଳାସୀର ଫୁଟନ୍ତା ହସ କଳିକା । କୋକିଳର ପଞ୍ଚମ ତାନ ସହିତ ଯୋଗ ଦେବା ପାଇଁ ତା'ର ତୀକ୍ଷ୍ଣ ଆଖି ଦୁଇଟି ଚାଲିଯାଏ ଦୂର ଚୂତ ବନକୁ······ଯେଉଁଠି କାଉଁରୀ କୁମାରୀ ଫୁଲ ଶର ଧରି ଲୁଚି ରହିଥାଏ ବଉଳର ଅନ୍ତରାଳରେ ।

ଚୁମ୍ବକର ମଧୁର ଆକର୍ଷଣ ଏଡ଼ାଦେବା ପାଇଁ ମଣିଷ ଅକ୍ଷମତା ସ୍ୱୀକାର କରେ । ଦାମାର ଆଗପରି ଅସୁନ୍ଦରିଆ ଚେହେରା ନାହିଁ । ନୁଖୁରା ବାଳ ଫୁରୁ ଫୁରୁ ହୋଇ ଉଡ଼େନ । ସେ ଦେହର ବେଶ୍ ଯତ୍ନ ନିଏ । ସୁଜାତା, ଦାମାର ଏ ଛନଛନିଆ ଚଞ୍ଚଳ ବୟସର ଚେହେରାକୁ ବହୁତ ସମୟରେ ଲକ୍ଷ୍ୟ କରେ । କନକନିଆ ଆଖି ଦୁଇଟିକୁ ଅନାଏ । ତାକୁ ବଡ଼ ଖୁସି ଲାଗେ । ଉଚ୍ଛୃଙ୍ଖଳ ମନ ଭିତରେ କେତେ ଯୁଗର ସାଇତା ଆଶା ଜମାଟ ବାନ୍ଧି ବସେ । ଦାମାକୁ ଆଜି ଆଗପରି ଗାଳି ଦିଏନି । ଘଣ୍ଟା ଘଣ୍ଟା ଧରି ପଙ୍ଖା କରିବାକୁ ଆଦେଶ ଦିଏ ନି । ହସି ହସି କଥା କୁହେ । ସ୍ନେହ— ସୋହାଗ ଗଳାରେ ଆକଟି ବସେ ।

ସୁଜାତା ବହୁ ସମୟରେ ନିଜର ଗୋପନ ମନୋଭାବକୁ ଦାମା ଆଗରେ ଉସରା ଦେବାକୁ ଠିକ୍ କରେ । ସେ ଭାବିନିଏ । ଏତେ ଉଚ୍ଚକୁ ଉଠିଯିବା ବରଂ ତା ପୂର୍ବଜନ୍ମ ସୁକୃତର ଫଳ । ପୁଣି ପରକ୍ଷଣରେ ତା ମନ ଘୃଣାରେ ଭରିଯାଏ । ଛି, ଦାମା ଯେତେହେଲେ ତା'ର ଚୋରଗଧିଆ ଚାକର । ଗୋଇଠା ମାଡ଼ ଖାଇ ଖାଇ ଯାହାର ମେରୁଦଣ୍ଡ ଚୂନା ହୋଇ ଯାଇଛି, ସେ ପୁଣି ତାକୁ ବିଳାସର ସାମଗ୍ରୀ କରି ଥୋଇବ ? ମନୋଜ ବାବୁ ଏକଥା ଜାଣିବେ । ଘୃଣାରେ ତାଙ୍କର ଛାତି ଭିତରଟା ଫାଟି ପଡ଼ିବ ।······ତା ପରେ ? ଦାମାକୁ ସେ ବିବାହ କରି ଘର ସଂସାର ଗଢ଼ିବ ? ଦୁନିଆଁ ହସିବ । ନା, ସେ ଦାମାକୁ କିଛି କହିବ ନାହିଁ । ମନକୁ ବୁଝାଇ ବସେ ସୁଜାତା ।

ଅବୁଝା ମନ ବୁଝେନା । ସେ ଯାହା ଚାହେଁ ତାହା ପୂରଣ କରିବା ପାଇଁ ଆଗଭର ହୁଏ । ସୁଜାତା ଅଧୀର ହୋଇ ଉଠେ ।

କିଛି ଭାବ ଠିକ କରି ପାରେନା । ଦିନେ ଦିନେ ରାତିରେ ଉତ୍ତେଜନାର ପ୍ରବାହରେ ସେ ଦାମା କୋଠରୀ ଭିତରକୁ ଚାଲିଯାଏ । ଦାମା ନିଘୋଡ଼ ନିଦରେ ଘୁଙ୍ଗୁଡ଼ି ମାରୁଥାଏ । ସୁଜାତା ଖାମଖିଆଲିଙ୍କ ପରି ତା ମୁହଁକୁ ଚାହିଁ ଘଡ଼ିଏ ଠିଆହୁଏ । ଦାମାର ନିଦୁଆ ମୁହଁଟା ତାକୁ ବଡ଼ ସୁନ୍ଦର ଦେଖାଯାଏ । ମନୋଜ ମୁହଁ ଠାରୁ ଆହୁରି କମନୀୟ । ଦାମାର ଶୋଇଲା ମୁହଁରେ ଝରକା ଫାଙ୍କ ଦେଇ ଚନ୍ଦ୍ରର ଛୁପି ଛୁପିକା କିରଣ ଖେଳି ହୋଇ ଯାଇଥାଏ । ତା'ର ଫେରି ଆସିବାକୁ ମନ ହୁଏନା ।··· ତା'ର ଆଖି ଦୁଇଟି ପ୍ରେମର ଉଚ୍ଛୁଳା ପ୍ରବାହରେ ରଙ୍ଗା ହୋଇ ଉଠେ । ସେ ଦାମା ଦେହରେ ହାତ ମାରିଦେବାକୁ ଆଗେଇ ଯାଏ············ପାରେନା । ପଛ ଗୋଡ଼ କିଏ ଯେମିତି ଟାଣିଧରେ । ତା'ର ସମ୍ବିତ ଫେରିଆସେ । ଗୋଟାଏ ବ୍ୟଥାଭରା କରୁଣ ନିଶ୍ୱାସ ଛାଡ଼ି ସେ ଅପସରି ଯାଏ ।

ସେଦିନ ଜଳଖିଆ ଖରାବେଳ ବନବିହାରୀ ବାବୁ ଅଫିସ୍ ଯାଇ ଥାଆନ୍ତି । ମନୋଜକୁ ଭୀଷଣ ଜ୍ୱର । ସେ ଶୋଇଛି । ଦାମା, ସୁଜାତା ପାଖରେ ବସି ପଙ୍ଖା କରୁଛି ।

ସୁଜାତା, ଦାମାକୁ ଚାହିଁ ଟିକେ ହସିଦେଲା । କହିଲା—
କେମିତି ଅଛୁ ଦାମା ?

—ସବୁଦିନେ ତ ଯେମିତି ଆଜି ବି ଠିକ୍ ସେମିତି । ଏଥିରେ ନୂତନତ୍ୱ ଅଛି କ'ଣ ?

—ବେଶ୍ ମୋର ପଙ୍ଖା ଦରକାର ନାହିଁ । ଆବଶ୍ୟକ ପଡ଼ିଲେ ଇଲେକ୍ଟ୍ରିକ୍ ଫ୍ୟାନ୍ ଖୋଲିବି । ତୁ ଆ' ଟିକେ ଗୋଡ଼ ଚିପି ଦେ ।

ଦାମା ଠିଆ ହୋଇ ରହିଲା । ସୁଜାତା ପାଖରେ ବସିବାପାଇଁ ତାର ସାହସର ଅଭାବ । ସୁଜାତା କଣ୍ଠରେ ଗମ୍ଭୀରତା ଆଣି କହିଲା—କରେ ବସୁନୁ ? ଠିଆ ହେଲୁ କାହିଁକ ? ଦାମା ଟିକଏ ଡେରେଗ୍ଗ ହସ ହସିଦେଇ ସୁଜାତା ପାଦ ପାଖରେ ବସି ପଡ଼ି ତାର ଆଙ୍ଗୁଠିକୁ ଫୁଟାଇବାକୁ ଲଗିଲ ।

ସୁଜାତା ପାଦ ଘୁଞ୍ଚାଇ ନେଇ କହିଲା—ମୋର କହୁ ଦରକାର ନାହିଁ । ମୁଁ ତୋତେ କେତେଟା କଥା ପଚାରିବି । ତୁ ତାର ଯଥାର୍ଥ ଉତ୍ତର ଦେବୁ ତ ?

ଆଶାତୀତ ବ୍ୟବହାର ପାଇ ଦାମା ଆନନ୍ଦରେ କୁରୁଳି ଉଠିଲା । ତଳକୁ ମୁହଁ ପୋତି କହିଲା—ନିଶ୍ଚୟ ଉତ୍ତର ଦେବି ।

—ତୁ ସବୁଦିନେ ଏମିତି ରହି ଆମ ଘରେ କାମ କରିବାକୁ ଚାହୁଁ ?

—ସେଇଟା କ'ଣ ମୋ ହାତର କଥା ? ଭଗବାନଙ୍କ ବରାଦ ଯାହା ଥିବ ?

—ତୋର ଅନ୍ୟ କୌଣସି କଳ୍ପନା ମୁଣ୍ଡ ଭିତରେ କେବେ ଢୁକେନି ? ମୃଦୁ ହସି ସୁଜାତା ପଚାରିଲା ।

—ଅନ୍ୟ କି ପ୍ରକାର କଳ୍ପନା ?

—ବୁଝି ପାରିଲୁ ନି ? ତୋର ଘର ସଂସାର କରିବାକୁ କ'ଣ ମନ ହୁଏନା ?

ଦାମା କଛି ନ କହି ତଳକୁ ମୁହଁ ପୋତିଲା ।

ସୁଜାତା ଟିକଏ ଝୁଙ୍କେଇ ଦେଇ କହିଲା—କରେ କହୁନୁ ? ଲଜ ଗୋଟାଏ କ'ଣ ?

—କି ଉତ୍ତର ଦେବି ମୁଁ ଦେଈ ? ମନ ହେଲେ ମଧ୍ୟ ଧନର ଅଭିଶାପରେ ମୁଁ ପଙ୍ଗୁ ।

—ସତେ ଦାମା ତୋର ଚେହେରାଟା ଆଜିକାଲି ବେଶ୍ ସୁନ୍ଦର ଦେଖାଯାଉଛି । ତୁ ଗରିବ ହେଲେ କ'ଣ ହେବ, ତୋର ତ ଚେହେରା ଅଛି । ଗୋଟାଏ ଝିଅ କ'ଣ ମିଳିବ ନି ?

ଦାମା ନିଜର ପ୍ରଶଂସା ଶୁଣି ଲାଜରେ ସଢ଼ବଢ଼ ହୋଇଗଲା । କିଛି ଜବାବ ଦେଇ ପାରିଲା ନି । ସୁଜାତା ଦାମାର ଆହୁରି ଟିକିଏ ନିକଟକୁ ଘୁଞ୍ଚିଆସି କହିଲା -- ସୁପ୍ରିୟା ଅପାକୁ ବାହା ହେବୁ ?

—ଛି, ତୁମେ ଏମିତି କ'ଣ କହୁଛ ? ସେ ପରା ମୋର ଅପା ।

ଖିଲ୍ ଖିଲ୍ ହୋଇ ହସି ଉଠିଲା ସୁଜାତା ।

—ଆଚ୍ଛା ତୁ କହ ତ ସୁପ୍ରିୟା ଓ ମୋ ଭିତରେ କିଏ ବେଶୀ ସୁନ୍ଦରୀ ।

—ଏମିତି ଗୋଟାଏ ଅସମ୍ଭବ କଥାର କି ଉତ୍ତର ମୁଁ ଦେବି ?

ନା, ତୋତେ ନିଶ୍ଚୟ କହିବାକୁ ହେବ ।

—ତୁମେ ! ସୁଜାତାର ମନ ନେବାପାଇଁ ଉତ୍ତର ଦେଲା ଦାମା ।

ଆବେଗରେ ଦାମାର ହାତ ଦୁଇଟିକୁ ଚିପି ଧରିଲା ସୁଜାତା ।

ଏତିକିବେଳେ ଉପର ଘରୁ ଡାକ ପକାଇଲା ମନୋଜ —ସୁଜାତା ! ସୁଜାତା !

ସୁଜାତା ଉଠିଗଲା ।

ଦାମା କିନ୍ତୁ ଯାଇ ପାରିଲା ନାହିଁ । ସେ ଯେମିତି ବସିଥିଲା, ସେମିତି ମୂକପରି ବସି ରହିଲା । ସୁଜାତାର ନିଜ ବୁଦ୍ଧିସୁଦ୍ଧି ଉପରେ କଳଙ୍କ ଲେପିବା କଥା ଭାବି ଭାବି ସେ ଅଥୟ ହୋଇ ଉଠୁଛି । ଏତେ ନୀଚ ସୁଜାତା ! ଯେ ତାକୁ ଦିନେ କୁକ୍କୁରଠାରୁ ହୀନ ଦୃଷ୍ଟିରେ ଦେଖୁଥିଲା, ଆଜି ସେ ତା' ପାଖରେ ପ୍ରେମ ଭିକାରୁଣୀ । ଅତୀତର ଛୋଟ ବଡ଼ ସବୁ କଥା ଦାମାର ଆଖି ଆଗରେ ଝଲସି ଉଠିଲା । ତା' ମନ ଭିତରରେ ଅମା ନିଶା ଘୋଟି ଆସୁଥିଲା ।

ଉଜଳା ଆଲୁଅ ଲିଭିଯାଇ ଆସିଲା ଘମାଘୋଟିଆ ଅନ୍ଧାର । ଆକାଶ ଉପରେ ବଛେଇ ହୋଇଗଲା ମଲ୍ଲିର ଧୋବ ଶାଢ଼ୀ । ଗୋରକବରରେ ଭୂତ, ପ୍ରେତ, ଡାହାଣୀଙ୍କର ସଭା ବସି ନିର୍ବାଚନ ଚାଲିଲା·······ନିଝୁମ ରାତି, କଳା ପରଦା । ସଦର ଜେଲ-ଖାନାରେ ବାଜିଉଠିଲା ବାଆର । ଯେ ଯୁଆଡ଼େ ଶୋଇ ପଡ଼ିଲେଣି । ସୁଜାତା ଅଭିସାରିକା ବେଶରେ ଦାମା କୋଠରି ଆଡ଼େ ପାଦ ଚପି ଚପି ଆଗେଇଲା । ଦାମା ବହୁତବେଳୁ ଶୋଇ ପଡ଼ିଥିଲା । ସୁଜାତା ତା' ଦେହରେ ଧୀରେ ହାତ ମାରିଦେଲା ।

ନିଦ ବାଉଳାରେ ଚମକି ଉଠିଲା ଦାମା ।

× × × ×

ଏଣେ ମନୋଜ ନିଘୋଡ଼ ନିଦରେ ଶୋଇ ସ୍ୱପ୍ନ ଦେଖୁଛି, ସୁଜାତା ସହିତ ତା'ର ବାହାଘର ହୋଇ ଯାଇଛି । ଦୁହେଁ ପାଲିଙ୍କିରେ ବସି ଘରକୁ ଫେରୁଛନ୍ତି । ବାଟରେ ମଶାଣି ଭୂଇଁ । ତା'ର ଭିତରୁ ଗୋଟାଏ ମସ୍ତବଡ଼ ଭୂତ ବାହାରି ସୁଜାତାକୁ ମାଡ଼ି ବସିଲା । ସୁଜାତା ବିକଳରେ ଚିତ୍କାର କରି ଉଠିଲା···········

ମନୋଜର ନିଦଟା ଚଇଁକରି ଭାଙ୍ଗି ଯାଇଛି । ସେ ଜର ବାଉଳାରେ ଉଠି ବସିଲା । ଲାଇଟଟାକୁ ଜାଳି ଦେଇ ଘରର ଚାରିଆଡ଼କୁ ଥରେ ଭଲକରି ଚାହିଁଲା । ହୃଦୟର କମ୍ପନ କମିଲା । ଅନେକ ସମୟରେ ଏମିତି କୁହୁଳିଆ ସପନଗୁଡ଼ାକ ସତ ହୋଇଥାଏ । ଜ୍ୱର ଦେହରେ ସୁଜାତାକୁ ଦେଖିବା ପାଇଁ ଉଠି ଆସିଲା ।

ସୁଜାତା କୋଠରି ମୁକୁଳା ଥାଏ । ଗୋଟାଏ ହୋସରେ ସେ ଭିତରକୁ ପଶିଗଲା । ହାତର ଟର୍ଚ୍ଚଟା ଜଳି ଉଠିଲା ତା'ର । ଇସ୍...କ'ଣ ସେ ଦେଖୁଛି ! ! ! ଗୋଟାଏ କୁକୁରର ଭାଗ୍ୟ ତ କିଛି କମ୍ ନୁହେଁ । ତା'ର ମୁଣ୍ଡ ବୁଲେଇଗଲା ! ଦୁର୍ବଳ ଦେହଟା ଥରି ଉଠିଲା । ଆଖି ଆଗରେ ଶତ ବର୍ଷିଷିକାର ପ୍ରେତାତ୍ମା । ଥରି ଥରି ସେ କଚଡ଼ି ହୋଇ ପଡ଼ିଲା । ତା'ର ହୋସ୍ ହଜି ଯାଇଛି ।

ସୁଜାତା ଏ ଅଚାନକ ବିପଦ ଲାଗି ଆଗରୁ ପ୍ରସ୍ତୁତ ନ ଥିଲା । ମନୋଜର ଏପରି ଅବସ୍ଥା ଦେଖି ସେ ଜଡ଼ ପାଲଟିଗଲା ।

ମନୋଜର ଚେତନା ଫେରି ଆସିବା ପରେ ତା'ର ଯେ ଅବସ୍ଥା କ'ଣ ହେବ ସୁଜାତା କିଛି ଭାବି ପାରିଲା ନାହିଁ । ରାତି ପାହିଲେ କଥା ଚହଟି ଉଠିବ । ସେ ହେବ ପତିତା, ବେଶ୍ୟା । ସମାଜ ତାକୁ ଘୃଣା କରିବ । କିଛିଦିନ ପରେ ତା'ର କୋଳରେ ଯେ ଜନ୍ମ ହେବ, ସେ ହେବ ଜାରଜ । ତା ପରେ........ ସେ କ'ଣ ଦାମାକୁ ବିବାହ କରି ତା'ର ଏତେବଡ଼ ସୌଖିନ ଭବିଷ୍ୟତଟାକୁ ଚୂରମାର କରିଦେବ ? ସୁଜାତା ଆଖି କଣରୁ ଦୁଇଧାର ଲୁହ ଗଡ଼ି ଆସିଲା ।

କୋହମିଶା ନିଶ୍ୱାସଟିଏ ଛାଡ଼ି ସେ ଭାବିଲା—କଟକ ଛାଡ଼ି ଦୂରକୁ ଚାଲିଯିବ । ବହୁତ ଦୂରକୁ । ଯେଉଁଠି ନ ଥିବ ଅନ୍ଧ ସମାଜର ବନ୍ଧନଭରା ନିୟମ । ଯେଉଁଠି ନ ଥିବେ ବାପା ବୋଉ, ମନୋଜ ବାବୁ । ତାକୁ କେହି ଚିହ୍ନି ପାରିବେ ନାହିଁ । ସମାଜ ଘୃଣା କରି ପାରିବ ନାହିଁ । ନିଜର ଅନ୍ତପାଡ଼ି ଜନ୍ମ ହେବ ଯେଉଁ ଜାରଜ ସନ୍ତାନ, ସେ ତାକୁ ରକ୍ତଦେଇ ଦୁନିଆଁରେ ବଞ୍ଚେଇ ରଖିବ । ନିଜର ଜୀବନ ବଞ୍ଚାଇବାପାଇଁ ସାଜିବ ବେଶ୍ୟା—ଲକ୍ଷ୍ୟଶଯ୍ୟାର ନାୟିକା । ସେଇଠି ହୁଏତ ତା'ର ଜୀବନ ସାର୍ଥକ ହେବ । ତାର ଆସୁରିକ ଯୌନତୃଷା ଶାନ୍ତ ପାଇବ !! ଆଖିରୁ ଲୁହ ପୋଛି ରାଇଟିଂ ପ୍ୟାଡ଼୍ ଖୋଲିଲା ସୁଜାତା ।

ବାପା !

ଆପଣ କହୁଥିଲେ ନା ମଣିଷ ଚରିତ୍ରହୀନ ହେବାଠାରୁ ମରି ଯିବାଟା ସହସ୍ର ଗୁଣେ ଭଲ ବୋଲି ? ଜୀଇଁ ରହିବାର ଏତେ ବଡ଼ ଲୋଭଟାକୁ ମୁଁ କୌଣସି ବ୍ୟକ୍ତିଗତ କାରଣ ନେଇ ହରେଇ ପାରୁନି । କିନ୍ତୁ ମୁଁ ଆଜି ଯାଉଛି ବହୁତ ଦୂରକୁ—ମୋର ଏ ବିଷାକ୍ତ ଆଖି ଯୋଡ଼ିକ ମୋତେ ଯେତେଦୂର ଟାଣି ନେଇଯିବ । ମୋ ପରି ଗୋଟିଏ କଳଙ୍କିନୀ ପାଇଁ ଆପଣଙ୍କ ପବିତ୍ର ଘରେ ସ୍ଥାନ ନାହିଁ ।

ସୁପ୍ରିୟା ଅପାର କିଛି ଭୁଲ ନାହିଁ । ମୁଁ ଆଜି ପର୍ଯ୍ୟନ୍ତ ନିଜକୁ ଛଳନାର ଆବରଣ ତଳେ ଢାଙ୍କି ରଖି ତାକୁ ପଦାକୁ ଠେଲି ଦେଇଥିଲି । ମୋର ଅନୁରୋଧ, ତାକୁ ଆପଣ ପୁଣି ସ୍ନେହଦେଇ ବଞ୍ଚେଇ ରଖନ୍ତୁ । ତାକୁ ସୁଖୀ କରାଇବା ଲାଗି ନିରଞ୍ଜନ ସହିତ ବିବାହ କରାଇ ଦିଅନ୍ତୁ । ନଇଲେ ତା'ର ଅବହେଳିତ ଜୀବନ

ଛାରଖାର ହୋଇଯିବ । ଆପଣଙ୍କ ଭୁଲ ଲାଗି ପଛରେ ଅନୁତାପ କରିବେ ସିନା ! ଫଳ କ'ଣ ହେବ କୁହନ୍ତୁ ତ ! ସେ ଭଲ ପାଇବାର ମୂଲ୍ୟ ବୁଝିଛି···ତା'ର ସ୍ନେହରେ ଅଛି ପବିତ୍ରତା ସ୍ନିଗ୍ଧତା···ସ୍ୱର୍ଗୀୟ, ଅନାବିଳ ପ୍ରେମ ଦେଇ ସେ ନିରଞ୍ଜନର ପୂଜା କରି ଆସିଛି···ସେ ଅନ୍ତରେ ଅନ୍ତରେ ଅନୁଭବ କରିପାରୁଛି ନିରଞ୍ଜନର ଅଭାବ······ସେ ଜୀବନରେ ଚାହେଁ ନିରଞ୍ଜନକୁ । ମୋ'ପରି ଭଲ ପାଇବାଟାକୁ ବିଳାସର ସାମଗ୍ରୀ ବୋଲି ସେ ଭାବେନା । ତାକୁ ହତାଶ କରିବେ ନାହିଁ ।

ବହୁତ ଦୁଃଖରେ ଯାଉଛି ବାପା ! ଆପଣଙ୍କ ଆଗରେ ମୁହଁ ଦେଖାଇବାର ସତ୍ ସାହସ ଆଦୌ ନାହିଁ । ଇତି ।

ସୁଜାତା

ଆଉଥରେ ଆଖିରୁ ଲୁହ ପୋଛି ସୁଜାତା ତକିଆ ତଳେ ଚିଠିଟିକୁ ଗୁଞ୍ଜିଦେଲା । କୋହ ତା'ର ଭୁହାକୁ ଭୁହା ଉଠୁଥାଏ । ମନୋଜ ମୁହଁକୁ ଟିକିଏ ଚାହିଁଲା । ତା'ର ପାଦଧୂଳି ଆଣି ନିଜ ମୁଣ୍ଡରେ ଲଗାଇ ଗୋଟିଏ ଭକ୍ତିଭରା ନମସ୍କାର କଲା । କବାଟକୁ ଧୀରେ ଆଉଜେଇ ଝଙ୍କାର ସିଡ ହୋଡ଼ ଭିତରେ ହଜିଗଲା ଆଖି ପିଛୁଡ଼ାକେ ।

ହସିଲା ଜହ୍ନ ଆକାଶର ବାରପଣ ଜାଗା ଟପିଯାଇ ନିଜର କ୍ଲାନ୍ତ ଦେହକୁ ଖଣ୍ଡେ ଚ୍ଛେଟିଆ ବାଦଲ ତଳେ ନଦ୍ଦ ଦେଇଥାଏ । ଝୁପିଛୁପିକା ଆଲୁଅ ଭିତରେ ନିଶୂନ ରାଜ ରାସ୍ତାର ନିରାଭରଣ ବୁକୁ ଦେଖାଯାଉଥାଏ ନିହାତି ଅସୁନ୍ଦର । ବୁକୁର କୋହ ଆଉ ଆଖିର ଲୁହକୁ ଚାପି ରଖି ସୁଜାତାର ପାଦ, ଦଳ ଚାଲିଛି ଆଗକୁ·····

ଘର ଭିତରେ ଡାମା ଦେହଟା ଖାଲି ବରଡ଼ାପତ୍ର ପରି ଥରୁଥାଏ ! !

× × × ×

ଖରାବେଳଟା ଧାରା ଗୋଟାଏ ରୋଗୀର ସେବା କରି କରି ନିରଞ୍ଜନ ହାଲିଆ ହୋଇ ପଡ଼ିଥିଲା । ଘରକୁ ଫେରି ନିକଏ ଶୋଇଛି କି ନାହିଁ, ରେବା ହଲେଇ ଦେଇ କହିଲା, ଆପଣଙ୍କ ପରି ଅଳସୁଆ ଆଉ ଦୁନିଆରେ ନ ଥିବେ । ସଞ୍ଜ ଆସି ହେଲଣି । ଏତେବେଳେ ଲୋକ ଶୁଅନ୍ତି ? ଚାଲନ୍ତୁ ବୁଲାଯିବା ।

ରେବାର ସ୍ନେହ ସୋହାଗରେ ନିରଞ୍ଜନର ଭାଗ୍ୟ ପୂରା ବଦଳି ଯାଇଛି । ସେ ଆଜି ଜଣେ ବଡ଼ ଡାକ୍ତର । କେବଳ କଲିକତାରେ କାହିଁକି, ଓଡ଼ିଶା ଭିତରେ ମଧ୍ୟ ତାର ସୁନାମ ଚହଟି ଉଠିଛି ।

ଜୀବନ ବାବୁ ନିଜ ପଇସାରେ ତାକୁ ଡାକ୍ତରୀ ପଢ଼ାଇଲେ । ଏହା ଭିତରେ ସେ କୃତିତ୍ୱ ସହ ଡାକ୍ତରୀ ପାସ୍ କରିଛି । ଅସାଧ୍ୟ ରୋଗୀମାନଙ୍କୁ ମୃତ୍ୟୁ ମୁଖରୁ ଟାଣି ଆଣିଛି । ଧନୀ ଗରିବ ସବୁ ତା ପାଖରେ ସମାନ ।

ସେ ଆଜିକାଲି ଆଉ 'ରାମକୃଷ୍ଣ ମିଶନ୍'ରେ ନାହିଁ । ରେବା ଓ ଜୀବନ ବାବୁଙ୍କ ଏକାନ୍ତ ଅନୁରୋଧରେ ତାଙ୍କର ଘରେ ରହିଛି । କିନ୍ତୁ ତା'ର ସେ ବାନାଜି ପୋଷାକ ଗୁଡ଼ିକ କି ମିଶନକୁ ପୂରା ପାଶୋରି ଦେଇନି ।

ଜୀବନ ବାବୁ ଭାବନ୍ତି, ନିରଞ୍ଜନ ଯଦି ସନ୍ନ୍ୟାସୀ ପ୍ରବୃତ୍ତିରୁ ମନ ଫେରାଇ ସଂସାରକୁ ଫେରି ଆସନ୍ତା, ତେବେ ସେ ରେବାକୁ ତା' ସହିତ ବିବାହ କରାଇ ଦେଇ ସୁଖରେ ଆଖି ବୁଜନ୍ତେ ।

ରେବା ଲଗି ଉପଯୁକ୍ତ ପାତ୍ରଟିଏ ହୁଅନ୍ତା । ଜୀବନ ବାବୁ ଅନେକ ଥର ଲକ୍ଷ୍ୟ କରିଛନ୍ତି, ରେବା ନିରଞ୍ଜନକୁ ନିବିଡ଼ ଭାବରେ ଭଲପାଏ । ନିରଞ୍ଜନର ଅସାଧାରଣ ଚରିତ୍ର ଓ ବିବେକ ଶକ୍ତି ତାଙ୍କୁ ମୁଗଧ କରିଛି । କେବଳ ରେବା ସହିତ ବିବାହ କରିବା ଆଶାରେ ସେ ତାକୁ ଡାକ୍ତରୀ ପଢ଼ାଇଛନ୍ତି, ନିଜ ଘରେ ଆଣି ରଖିଛନ୍ତି । ରେବା ସହିତ ଅବାଧ ମିଳାମିଶାର ପୂର୍ଣ୍ଣ ସ୍ୱାଧୀନତା ଦେଇଛନ୍ତି । ରେବା ମଧ୍ୟ ଠିକ୍ ସେଇୟା ଭୁହେଁ । ନିରଞ୍ଜନର ପ୍ରଥମ ସାକ୍ଷାତ ବେଳଠାରୁ ସେ ତା ପଦତଳେ ନିଜର ନାରୀତ୍ୱକୁ ସମର୍ପି ଦେଇଛି । ସେ ତାକୁ ଅନ୍ତର ଦେଇ ଭଲପାଏ । ଖୁସି କରିବା ପାଇଁ ସବୁବେଳେ ଚେଷ୍ଟା କରେ । ଦିନେ ଦିନେ ସେ ନିରଞ୍ଜନକୁ ସଂସାରୀ ହୋଇ ଘରସଂସାର କରିବା ଲଗି ପ୍ରବର୍ତ୍ତାଏ । ନିଶ, ଦାଢ଼ି କାଟି ଭଲ ପୋଷାକ ପିନ୍ଧିବାକୁ କୁହେ । କିନ୍ତୁ କୌଣସିଥିରେ ତା'ର ମନ ବଦଳେ ନାହିଁ । ସୁପ୍ରିୟାଠାରୁ ନିର୍ଦ୍ଦୋଷରେ ଅପମାନିତ ହୋଇ ତା ଛାତି ଭିତରେ ଯେଉଁ ଦାଗ ରହି ଯାଇଛି ତାହା ସହଜରେ ଲିଭିବାର ନୁହେଁ । ନିରଞ୍ଜନ ବେଳେ ବେଳେ ସୁପ୍ରିୟା ପାଖକୁ ଧାଇଁଯିବା ପାଇଁ ବ୍ୟାକୁଳ ହୋଇ ଉଠେ । ସୁପ୍ରିୟାର ସ୍ନେହ ସୁଆଗ ତା'ର ହୃତପିଣ୍ଡଟା ଛିନ୍ ଭିନ୍ କରି ପକାଏ । ସେ ବୋକାଙ୍କ ପରି ବସି କେତେ କ'ଣ ଭାବେ । ଲୁହରେ ଆଖି ଛଳ ଛଳ ହୋଇ ଆସେ..........

ରେବା ଏ ସବୁ ଲକ୍ଷ୍ୟ କରେ । ତା' ମନଭିତରେ କିଛି ଗୋଟାଏ ଦରଜ ରହିଯାଇଛି ବୋଲି ଭାବେ । ମନ ଭୁଲାଇବାକୁ ବହୁତ ଚେଷ୍ଟା କରେ । ସନ୍ଧ୍ୟା ହେଲେ ସାଙ୍ଗରେ ବୁଲିଯାଏ । ବୁଲି ବୁଲି ରାତି ଆଠଟାରେ ଦୁହେଁ ଫେରନ୍ତି । ନିରଞ୍ଜନ ଠାକୁର

ପୂଜା କରି ବସେ । ପୂଜା ସାରି ରାମାୟଣ ଧରେ । ରେବା ମନଦେଇ ଶୁଣେ । ନିରଞ୍ଜନ ମୁହଁରେ ହସ ଦେଖିଲେ ତାକୁ ସରଗର ଚାନ୍ଦ ପାଇଲା ପରି ମନେହୁଏ ।

ନିରଞ୍ଜନ ରେବା ମନ ଗହନ କଥା ବୁଝେ । କେତେ-ବେଳେ ମନକୁ ମନ ହସେ । ଆଉ କେତେବେଳେ ରେବା ଲାଗି ଦୁଃଖ ପ୍ରକାଶ କରେ । ସବୁ ଦୁଃଖକୁ ଛାଡ଼ିଦେଇ ରେବାକୁ ବିବାହ କରିବା ପାଇଁ ଠିକ କରେ । କିନ୍ତୁ ତାର ମୁହୂର୍ତ୍ତରେ ସୁପ୍ରିୟାର ଛଳ ଛଳ ଆଖି ଦୁଇଟି ତା ଆଗରେ ନାଚିଯାଏ । ତାକୁ ଜଣାପଡ଼େ ସୁପ୍ରିୟା ଯେପରି କହୁଛି, "ତୁମେ ଏଡ଼ିକି ନିଷ୍ଠୁର ? ଭଲ ପାଇବାର ମୂଲ୍ୟ କ'ଣ ତୁମେ ବୁଝିଲନି ? ତୁମକୁ ଆଜି ପର୍ଯ୍ୟନ୍ତ ମୁଁ ଅପେକ୍ଷା କରି ବସିଛି ଅଥଚ ତେଣେ ତୁମେ ରେବାକୁ ବିବାହ କରିବାକୁ ଠିକ୍ କଲଣି ? ଛି ତୁମର ପୁରୁଷ ଜାତିଟା ଏଡ଼ିକି ସ୍ୱାର୍ଥପର ! !" ନିରଞ୍ଜନର ଭାବନା ଗଣ୍ଡଗୋଳ ହୋଇ ଉଠେ । ଆଖି ଛଳ ଛଳ ହୋଇ ଆସେ । ନିଜ ଭାବଧାରାକୁ ସେ ବଦଳାଇ ଦିଏ......

ରେବା ଡାକରେ ନିରଞ୍ଜନ ନିଦ ମଳମଳ ହୋଇ ଉଠିଲା । ତାକୁ ବଡ଼ କ୍ଲାନ୍ତ ଲାଗୁଥାଏ । ଗୋଟାଏ ହାଇ ମାରି କହିଲା—ଆଜି ବୁଲି ନ ଗଲେ କ'ଣ ଚଳନ୍ତା ନାହିଁ ?

ରେବା ଅଭିମାନରେ ମୁହଁ ଫେରାଇ କହିଲା—ଆପଣଙ୍କୁ ଯେବେ ଡାକିଲେ ତ ଏମିତି କହୁଛନ୍ତି ।

ରେବାର ଉଦାସିଆ ମୁହଁଟି ନିରଞ୍ଜନ ପ୍ରାଣକୁ ସ୍ପର୍ଶ କଲା । ଦରଦୀ ସିନା ବୁଝେ ଛାତିର ବେଦନା ? ସେ ବାହାରକୁ ବାହାରି

ଆସିଲା । ରାସ୍ତାରେ ଗୋଟାଏ ଝରକା ଅପେକ୍ଷା କରିଥାଏ । ଦୁହେଁ ବସି ପଡ଼ିଲେ ।

ବାଟରେ ରେବା ପଚାରିଲା—ଆଚ୍ଛା ରବିବାବୁ, ଆପଣଙ୍କ ମନଟା ସବୁବେଳେ ଏମିତି ଅଶାନ୍ତ ରହୁଛି କାହିଁକି ?

ନିରଞ୍ଜନ ହସିଲା । ଅତି ହାଲ୍‌କା ସେ ହସ । କହିଲା— ମୋ ମନ ତ ବେଶ୍ ଭଲ ଅଛି ।

ଆପଣ ମୋତେ ଲୁଚାଉଛନ୍ତି । ଆପଣ ମୋତେ ଏତେ ପର ବୋଲି ଭାବୁଛନ୍ତି । ରେବାର ଆଖି ଦୁଇଟି ଓଦା ହୋଇ ଆସିଲା ।

ନିରଞ୍ଜନ ରେବା ମୁହଁକୁ ଚାହିଁଲା । କେତେ ସରଳ ଏ ବାଳକାଟି । ତା' କାନଟାକୁ ମୋଡ଼ିଦେଇ କହିଲା— ଏମିତି ଟିକିଏ ଟିକିଏ କଥାରେ ତୁମ ସ୍ତ୍ରୀ ଜାତିଟା ବହୁତ କାନ୍ଦି ପାରନ୍ତି ।

—ମନରେ ଦୁଃଖ ଆସିଲେ ଆଉ କ'ଣ କାନ୍ଦିବେ ନି ?

ସେହି ଅବସରରେ ନିରଞ୍ଜନ ବୋଧହୁଏ କଣ୍ଟି ଭାବି ଯାଉଥିଲା । ଶୁଖିଲା ହସ ହସି କହିଲା—ହଁ, ଠିକ୍ ଏମିତି ଛୋଟ ଛୋଟ କଥାରେ କାନ୍ଦି ପକାନ୍ତି, ଏକା ତୁମେ ନୁହଁ—ଆହୁରି ଅନେକ ଅଛନ୍ତି । ରେବା କଥା ଛଡ଼ାଇ ନେଇ କହିଲା—ଆଉ କିଏ କେବେ କାନ୍ଦିଥିଲା ?

ନିରଞ୍ଜନ ଭାବବିହ୍ୱଳ । ତା ପାଟିରୁ ଅଜାଣତରେ ବାହାରି ଆସିଲା—ହଁ, ଠିକ୍ ତୁମରି ପରି । 'ଠିକ୍ ତୁମରି ରୂପ । ଠିକ୍ ତୁମରି ସ୍ନେହ······

—ସେ ବାଳକାଟି କିଏ ?

ନିରଞ୍ଜନ ନୀରବ । ଆଖି ଲୁହରେ ଢଳ ଢଳ ।

ରେବା ଟିକିଏ ହସିଲେଇ ଦେଇ ପଚାରିଲା—କୁହନ୍ତୁ ତ, ସେ ବାଳିକାଟି କିଏ ?

ନିରଞ୍ଜନ ଦେହରେ ଚେତା ପଶିଲା । ଭୁଲ୍‌ରେ ସେ କେତେ କ'ଣ କହି ଯାଇଛି, କଥାଟାକୁ ବାଆଁରେଇ କହିଲା— ନାଇଁ, ମୁଁ ଗୋଟାଏ ବହି କଥା କହୁଥିଲି ।

—କେଉଁ ବହି ?

—ଠିକ୍ ମନେ ପଡ଼ୁନି ।

ରେବା ମୁହଁ ଅସ୍ୱାଭାବିକ ରକମର ଗମ୍ଭୀର ହୋଇ ଉଠିଲା ।

ନିରଞ୍ଜନ ଦରଦ ମିଶା କଣ୍ଠରେ କହିଲା—ତୁମେ ମୋତେ ଯେତେ ଭଲପାଅ ରେବା ?

—ନିଜକୁ ପଚାରନ୍ତୁ ।

—କାହିଁକି ଭଲପାଅ ? କ'ଣ ବିବାହ ଆଶାରେ ?

ରେବା ଲଜ୍ଜାରେ ତଳକୁ ମୁହଁ ପୋତିଲା ।

ନିରଞ୍ଜନ କହିଲା—ବିବାହ ନ କଲେ କ'ଣ ଭଲ ପାଇବା ତିଷ୍ଠି ପାରେ ନା ? ଭଲ ପାଇବା ମାନେ ତ ବିବାହ ଭିତର ଯୌନ ଆବେଦନ ନୁହେ ।

—ଆପଣ କ'ଣ ମୋତେ ଭଲ ପାଆନ୍ତି ନାହିଁ ?

ନିଶ୍ଚୟ ଭଲ ପାଏ । ଅନ୍ତର ଦେଇ ଭଲ ପାଏ । ଜାଣେନା ଏ ଭଲ ପାଇବାର ଶେଷ ପରିଣତି କେଉଁଠି ? ମୋର ଲକ୍ଷ୍ୟକୁ ତୁମେ ଭ୍ରଷ୍ଟ କରିବାକୁ ଚାହଁ ରେବା ? ଉଦ୍‌ବେଗରେ ନିରଞ୍ଜନ ରେବାର ହାତକୁ ଚାପି ଧରିଲା ।

ରେବାର କାନ ଭାଁ-ଭାଁ ହୋଇଗଲା । ତାକୁ ଜଣାଗଲା ସେ ଯେପରି ପାତାଳପୁରୀକୁ ଖସି ଯାଉଛି ସୀତାଙ୍କ ପରି ସତୀତ୍ୱ ରକ୍ଷା କରିବା ଲାଗି । କମ୍ପିତ ଗଳାରେ କହିଲା—ଏ ଟ୍ୟାକ୍ସିବାଲା, ଟିକେ ଘରକୁ ଫେରି ଚାଲ୍ । ମନେ ମନେ ଭାବିଲା ନିରଞ୍ଜନରୂପୀ ଶିବଙ୍କୁ ପାଇବାକୁ ଆହୁରି ତପସ୍ୟା ଲୋଡ଼ା, ଆହୁରି ସାଧନା ଲୋଡ଼ା......ମାତ୍ର ନିରଞ୍ଜନ ହିଁ ହେବ ତା'ର ଜୀବନ ସାଥୀ । ଏହାହିଁ ତାର ବ୍ରତ ।

ନିରଞ୍ଜନ ଆଶ୍ଚର୍ଯ୍ୟ ହୋଇ ପଚାରିଲା – ସନ୍ଧ୍ୟା ତ ହୋଇନି । ଘରକୁ ଯିବାକୁ ଏତେ ତର ତର କାହିଁକି ? ଚାଲ ଆଉ କିଛିଦୂର ବୁଲି ଆସିବା ।

—ମୋ ଦେହ ଭଲ ଲାଗୁନି ।

– ଅନ୍ୟ ଦିନ ତ ବେଶ୍ ଭଲ ଥାଅ, ଆଜି ଖରାପ ଲାଗୁଛି କାହିଁକି ?

ଅନ୍ୟ ଦିନ ତ ଆପଣ ବେଶ୍ ଭଲରେ କଥା କହୁଥିଲେ ! ଆଜି ପୁଣି ଏମିତି ନିଷ୍ଠୁର ପରି କଥା କହିଲେ କିମିତି ? ରେବା ଆଉ କିଛି କହି ପାରିଲା ନାହିଁ । ଆଖିରୁ ଗରମ ଲୁହ ଦୁଇବୁନ୍ଦା ଖସି ଆସି ନିରଞ୍ଜନ ବାଁ ହାତ ପାପୁଲିରେ ଝରି ପଡ଼ିଲା.......

ସେହିଠାରୁ ଟ୍ୟାକ୍ସି ଲେଉଟିଲା । ଚୌରଙ୍ଗି ମୋଡ଼ରେ ଅତି ଗହଳି ଭିଡ଼ । ପୁଲିସ୍ ଯେତେ ଟ୍ରାଫିକ୍ କଣ୍ଟ୍ରୋଲ କଲେ ମଧ୍ୟ ଅବସ୍ଥା ସମ୍ଭାଳି ହେଉ ନାହିଁ । କାର୍, ଟ୍ରାମ୍, ରିକ୍ସା ଇତ୍ୟାଦିରେ ଛକଟି ସେଦିନ ଅସମ୍ଭବ ଭାବେ ଜାମ୍ ହୋଇ ଯାଇଛି । ଏହି ସମୟରେ ରେବାର ଟ୍ୟାକ୍ସି ଖଣ୍ଡି ମୋଡ଼ଦେଇ ବୁଲିବାକୁ ଚେଷ୍ଟା କଲା—

ମାତ୍ର ଉଲ୍‌କାବେଗରେ ଏକ ଭ୍ୟାନ୍ ଆସି ଝଟକାଦେଇ ତାର ଘର୍ଷଣ ଆଘାତ ଦେଲା । ନିରଞ୍ଜନ ଗଡପଡ଼ିଲେ ତଳକୁ । କହୁଣୀ ଛୁଣ୍ଡିଯାଇ ସାମାନ୍ୟ ରକ୍ତସ୍ରାବ ହେଲା । ସୌଭାଗ୍ୟବଶତଃ ରେବାର କିଛି ହୋଇନି । ରେବା ଯେତେବେଳେ ବ୍ୟସ୍ତ ହୋଇ ଗୋଟିଏ କାର ପରୀକ୍ଷା କରୁଥିଲା, ଠିକ୍ ସେତିକିବେଳେ ପଛ ଆଡ଼ୁ ଗୋଟିଏ କାର୍ ଆସି ହାଜର ହେଲା । ଭିତରେ ଥିଲେ ଜଣେ ଆମେରିକାନ୍ ଗୋରା ଭଦ୍ରଲୋକ ଓ ଜଣେ ସୁଶ୍ରୀ ଭାରତୀୟ ମହିଳା ।

ମହିଳା ଜଣକ କାର ଭିତରୁ ଓହ୍ଲାଇ କହିଲେ—ହ୍ୟାଲୋ ନିରଞ୍ଜନ ବାବୁ, ତୁମେ ଯେ ଏଠି ।

ନିରଞ୍ଜନ ଯେପରି ଏକ ପ୍ରହେଳିକା ଦେଖୁଛି । ସେ ଭାବି ପାରୁନି କିଏ ହେଉଛି······ଥର ଥର କଣ୍ଠରେ କହିଲା—ମିସ୍ ସୁଜାତା, ତୁମକୁ ଆଜି ଏମିତି ଅପ୍ରତ୍ୟାଶିତ ଭାବେ ଭେଟିବି ବୋଲି ଆଦୌ କଳ୍ପନା କରି ନ ଥିଲି ।

--ସାହିତ୍ୟ ଚର୍ଚ୍ଚା ଥାଉ । ତୁମ କହୁଣୀରୁ ରକ୍ତସ୍ରାବ ହେଉଛି । କାର ଭିତରକୁ ଆସ । ମୁଁ ବ୍ୟାଣ୍ଡେଜ୍ କରିଦେଉଛି ।

—ବ୍ୟାଣ୍ଡେଜ୍ ? ତୁମେ କଣ······

—ଥାଉ, ସେ ସବୁ ପରେ । ଅସ କାର୍ ଭିତରକୁ ।

କାର୍ ଭିତରକୁ ରେବା ଓ ନିରଞ୍ଜନ ପଶିଲେ ।

ରେବାର ଆଶ୍ଚର୍ଯ୍ୟର ସୀମା ନ ଥାଏ ।

କାର୍ ଭିତରେ ସୁଜାତା ବ୍ୟାଣ୍ଡେଜ୍ ଓ ଆଇଓଡିନ୍ ବାହାର କରି ପ୍ରାଥମିକ ଚିକିତ୍ସା କରିବାକୁ ଲାଗିଲା । ବ୍ୟାଣ୍ଡେଜ୍ କ୍ଷତ ସ୍ଥାନରେ ବାନ୍ଧୁ ବାନ୍ଧୁ ପଚାରିଲା କେଉଁଠି ରହୁଛ ।

—ଏଇ ରେବାଙ୍କ ଘରେ । ନ ୪୮ ମ୍ବର, ବ, ହାଡ଼କଟା ଲେନ୍ ।

ସୁଜାତା ସେହି ବିଦେଶୀୟ ଭଦ୍ରବ୍ୟକ୍ତିଙ୍କୁ ଲକ୍ଷ୍ୟ କରି କହିଲା—Please to Hadkata lane.

—ହାଡ଼କଟା ଲେନ୍ ?

—ହଁ ହଁ ହାଡ଼କଟା ଲେନ୍ । ସୁଜାତା ହସି ହସି ଉତ୍ତର ଦେଲା ।

ବିଦେଶୀୟ ଭଦ୍ରବ୍ୟକ୍ତି ହାଡ଼କଟା ଲେନ ଆଡ଼କୁ କାର୍ ଗତି ବଦଳାଇଲେ ।

ରଞ୍ଜନ ପଚାରିଲା—ବର୍ତ୍ତମାନ କଣ କରୁଛ ସୁଜାତା ?

—ଆଉ, ତୁମେ କଣ କରୁଛ କହିଲ ?

—ମୁଁ ଏଠାରେ ଡାକ୍ତରୀ ପାଶ୍ କରି ପ୍ରାକ୍ଟିସ୍ କରୁଛି ।

ରେବା ଆଡ଼କୁ ଲକ୍ଷ୍ୟ କରି ସୁଜାତା ପଚାରିଲା—ଆଉ ଏ ······ୟାଙ୍କ ପରିଚୟ ପାଇଲି ନାହିଁ ଯେ ?

ୟେ ହେଉଛନ୍ତି ରେବା—ମୋର ରକ୍ଷକ, ତତ୍ତ୍ୱାଧିକାରଣୀ ଆଉ······

ହେଉ, ଅଯଥା: ପ୍ରଶଂସା ମତେ ଭଲ ଲାଗେନା······ହସି ହସି ରେବା କହିଲା—

ଖୁସି ହେଲି ରେବା ଦେବୀ । ନମସ୍କାର ।

ରେବା ଦେବୀ ପ୍ରତିନମସ୍କାର ଜଣାଇଲେ ।

ଅଚ୍ଛା ନିରଞ୍ଜନ ବାବୁ, ରେବାଙ୍କ ଭଳି ବାଡ଼ିଗାର୍ଡ ପାଇ ମଧ୍ୟ ତୁମର ଏ ଦାଢ଼ି ଓ ସନ୍ନ୍ୟାସ ବେଶ କାହିଁକି ?

ସୁଜାତାର ପ୍ରଗଲ୍‌ଭତା ଯାଇନି । ରଞ୍ଜନ ମନେ ମନେ ହସିଲା । କହିଲା—କଟକରୁ ଆସି ରାମକୃଷ୍ଣ ମିଶନରେ ଥିଲି । ଦାଢ଼ି ରଖି ସନ୍ନ୍ୟାସ ବ୍ରତ ଅବଲମ୍ବନ କଲି ।

—ହଁ ହ ନୈରାଶ୍ୟମୟ ପ୍ରେମିକର ଦାଢ଼ି ହିଁ ଶେଷ ପନ୍ଥା ।

ରେବା ଚୁପା ହସରେ ସମର୍ଥନ ଜଣାଇଲା ।

ରେବାଙ୍କ ଆଡ଼କୁ ଥରେ ଆଖି ବୁଲାଇ ସୁଜାତା ପଚାରିଲା—ଆଚ୍ଛା ନିରଞ୍ଜନବାବୁ, ଶୁଭ ବିବାହ କେବେ ? ଅନ୍ତତଃ ନିମନ୍ତ୍ରଣ ପତ୍ରଟି ପାଇବି ବୋଲି ଆଶା କରେ ।

ରେବା ଲାଜରେ ଲାଲ ପଡ଼ିଗଲା । ମାତ୍ର ଏପରି ପ୍ରଶ୍ନଟି ତାକୁ ଖୁବ ଭଲ ଲାଗୁଥିଲା ।

ନିରଞ୍ଜନ କହିଲା—କିଛି ଠିକ୍ ହୋଇନି···ଅନ୍ତତଃ ଏତେ ଶୀଘ୍ର ନୁହେଁ—ମାତ୍ର ତୁମେ କିମିତି ଜାଣିଲ ଯେ, ମୁଁ ରେବାକୁ ବିବାହ କରିବାକୁ ଚାହେଁ ? ଦେଖୁଛ ତ ମୋର ଧର୍ମ······

ଓ ଗଡ୍ ! ମାଛ ଖାଇ ସାରି ଗୋଟିଏ 'କାମାନନ୍ଦ ମୋଦକ' ଖାଇବେ । ଦୁନିଆଁର ସମସ୍ତଙ୍କର ଆଖି ଉପରେ ଗୋଟିଏ ଧର୍ମ, ଭିତରେ ଅନ୍ୟ ଗୋଟିଏ ଧର୍ମ ।

ନିରଞ୍ଜନ ବାସ୍ତବିକ୍ ଲଜ୍ଜିତ ହେଲା । ତାର ମନେ ପଡ଼ିଗଲା, ସୁଜାତା ଭୁଲ କହିନି । ଅନେକବାର ରେବାର ରୂପ ତାକୁ ପ୍ରଲୁବ୍ଧ କରିଛି । ତା'ର ସୁପ୍ତ ବାସନାକୁ ହାତୁଡ଼ିରେ ପିଟି ସଜାଗ କରିଛି···କେତେ ନୀରବ କ୍ଲାନ୍ତ ମୁହୂର୍ତ୍ତରେ ନିରଞ୍ଜନର ଦୁର୍ବଳ ମନ ରେବାର ସ୍ପର୍ଶ ପାଇଁ ଆକୁଳ ହୋଇ ଉଠିଛି । ମାତ୍ର ତା'ର କର୍ତ୍ତବ୍ୟ ଓ ସୁପ୍ରିୟାର ସ୍ମୃତି ତାକୁ ଦୂରେଇ ରଖିଛି ।

—ନୀରବ ରହିଲେ ସେ ।

କହିବାର କିଛି ନାହିଁ ବୋଲି । କଥା କହିବାର ଦକ୍ଷତା ପିଲାଦିନୁ ତମର ଥିଲା, ଆଜି ବି' ଅଛି । ଆଚ୍ଛା, ନିମନ୍ତ୍ରଣ ପତ୍ର ଯିବ, କିନ୍ତୁ କେଉଁ ଠିକଣାରେ ?

ରେବାର ମନ ଆନନ୍ଦରେ କୁଣ୍ଢେ ମୋଟା ହୋଇଗଲା । ସୁଜାତାଙ୍କୁ ସେ ମନେ ମନେ ଅଜସ୍ର ଧନ୍ୟବାଦ ଦେଲା । ତା'ର ସାଧନା କ'ଣ ଏତେ ଶୀଘ୍ର ସିଦ୍ଧି ଲାଭ କରିବ ? ହେ ଭଗବାନ !

—ବ୍ୟସ୍ତ ହେବେନି ନିରଞ୍ଜନ ବାବୁ ! ମୁଁ ଠିକ୍ ସମୟରେ ପହଞ୍ଚିଯିବି । ଆପଣ ସମ୍ବାଦପତ୍ର ଜରିଆରେ ସମ୍ବାଦଟି ପ୍ରଚାର କଲେ ହେଲା । କାରଣ ମୋର ସ୍ଥାୟୀ ଠିକଣା କିଛି ନାହିଁ । ଆମ୍ଭେମାନେ କାଲି ବିଟନାପଲ୍ଲୀ ଚାଲିଯାଉଛୁ—

ଗ୍ରା ମଧ୍ୟରେ ବ୍ୟାଣ୍ଡେଜ ବନ୍ଧା ସରି ଯାଇଛି । ଗାଡ଼ି ବଡ଼ବଜାରରୁ ହାଡ଼କଟା ଗଳିକୁ ମୋଡ଼ ଦେଲାଣି । ରଞ୍ଜନ ସୁଜାତାଙ୍କୁ କହିଲା, ଅଶେଷ ଧନ୍ୟବାଦ ସୁଜାତା ଦେବୀ । ମାତ୍ର ମନରେ ଅନେକ ପ୍ରଶ୍ନ ରହି ଯାଇଛି—ପଚାରିବାର ବେଳ ନାହିଁ ।

—ପଚାରିବାର ଦରକାର ନାହିଁ । ଅଜ୍ଞାତ ବହୁତ ପଛରେ ରହି ଯାଉଛି । ଏତିକି ଜାଣ ଯେ ମୁଁ ଗୋଟିଏ ଆମେରିକାନ୍ ମିଶନାରୀର ଷ୍ଟାଫ ନର୍ସ । ଏହି ସଂକ୍ଷିପ୍ତ ପରିଚୟ ହିଁ ମୋର ସତ୍ୟସ୍ଥ । ଆଉ ଅଧିକ ଜାଣିବାକୁ ଇଚ୍ଛା କଲେ ତୁମେ ଅକୃତକାର୍ଯ୍ୟ ହେବ ।

ଗାଡ଼ି ଆସି ଲାଗିଯାଇଥିଲା କୋଠା ଦୁଆର ମୁହଁରେ । ରେବା ଓ ନିରଞ୍ଜନ ବାହାରି ଆସିଲେ । ସୁଜାତା 'ବାଇ ବାଇ' କହି କହି ଗାଡ଼ି ଗଳି ମୋଡ଼ରେ ଅଦୃଶ୍ୟ ହୋଇଗଲା ।

ରେବା ଖୁବ୍ ଖୁସିରେ ଠକ୍ ଠକ୍ କରି ଗୃଲିଗଲା ଭିତରକୁ । କିନ୍ତୁ ନିରଞ୍ଜନ ଅଳସ ଗତିରେ ଭାବନାର ଭିଡ଼ ନେଇ ଧୀରେ ଧୀରେ ଗଲା । ମନେ ମନେ ଭାବିଲା ସୁଜାତା କଥା । ତାକୁ ଅନେକ କିଛି ପଗ୍ଚରିବାର ଥିଲା । ଅନେକ କିଛି । ମାତ୍ର କିଛିହିଁ ପଗ୍ଚରି ପାରି ନାହିଁ କି ଗୋଲକଧନ୍ଦାର କୌଣସି ଉତ୍ତର ମଧ୍ୟ ପାଇପାରି ନାହିଁ । ଏତିକି ଲକ୍ଷ୍ୟ କରିଛି, ସୁଜାତା ବହୁତ କିଛି ବଦଳି ଯାଇଛି । ତା'ର କଥା କହିବାର ଭଦ୍ରତା, ପରିପାଟୀର ସରଳତା, ନିରାଡ଼ମ୍ବର ବେଶଭୂଷା, ତା'ର ଚରିତ୍ରରେ ଯେପରି ସମ୍ପୂର୍ଣ୍ଣ ଏକ ନୂତନ ଅଧ୍ୟାୟ ଖୋଲିଛି । ଆଜିର ସୁଜାତା ସେଦିନର ସେ ସୁଜାତା ନୁହେଁ·········ଉପରୁ ରେବାର ଡାକ ଆସିଲା 'ଶୀଘ୍ର ଆସନ୍ତୁ ରବିବାବୁ ଗ୍ଚହା ଥଣ୍ଡା ହୋଇ ଯାଉଛି'···

× × × ×

ସେଦିନ ସୁଜାତା, ନିରଞ୍ଜନ ଓ ରେବାକୁ ବିଦାୟ ଦେଇ ଆସିବା ପରେ ଅନେକ କଥା ତା' ମୁଣ୍ଡରେ ଖେଳିଲା । ନିରଞ୍ଜନ କଟକରୁ ବାହାରି ଆସିଛି ଦୁଃଖରେ ନିଶ୍ଚୟ । ମାତ୍ର କଲିକତାରେ ରେବାର ପରିଚୟ ସେ କିପରି ପାଇଲେ ଏହାର କିନାରା ସେ ଖୋଜି ପାଇଲାନି । ଯେତେବେଳେ ସୁଜାତା ଭାବନାର ବୁଡ଼ିଆଣୀ ଜାଲ ବୁଣୁଥିଲା, ପଛରୁ ସ୍ନେହ-ଗମ୍ଭୀର ସ୍ୱରରେ ରେଭେରେଣ୍ଡ ଜୋନ୍‌ସ ଆସି ପଗ୍ଚରିଲେ ହିନ୍ଦୁସ୍ତାନୀରେ ।

—ସେ ଭଦ୍ରଲୋକଟି କିଏ ମିସ୍ ସୁଜାତା ?

—ସେ ଥିଲେ କଟକର ଜଣେ ମେଧାବୀ ଛାତ୍ର । ଆମରି ଘର ପାଖରେ ଥିଲେ ବୋଲି ପରିଚୟ ଥିଲା । ମୋର ବଡ଼ ଭଉଣୀଙ୍କୁ ବିବାହ କରିବେ ବୋଲି ପ୍ରସ୍ତାବ ମଧ୍ୟ ଥିଲା ।

—ଓ ଆଇ ସି (Oh I see), ତାହାହେଲେ ତୁମେ ତାଙ୍କୁ ଯଥେଷ୍ଟ ପୂର୍ବରୁ ଚିହ୍ନିଥିଲ ?

—ହଁ, ସାର୍ । ମାତ୍ର ବର୍ତ୍ତମାନ ମୁଁ ଜାଣୁଛି ମୋର ଭଉଣୀ ତାଙ୍କୁ ବିବାହ କରି ପାରିବ ନାହିଁ । ରେବା ତା'ର ସ୍ଥାନ ମାଡ଼ି ବସିଛି ।

—ଟେଃ, ଜୋନ୍ସ ହସି ହସି କହିଲେ, ଚିନ୍ତା କରନା । ଯାହା ହେବାର ଥିବ ହେବ । ପ୍ରଭୁ ଯୀଶୁ ତୁମର ଭଉଣୀଙ୍କର ମଙ୍ଗଳ କରିବେ । ସେମାନଙ୍କର ଯଦି ପ୍ରକୃତ ସ୍ନେହ ଥିବ, ତାହାହେଲେ ସମସ୍ତ ବାଧା ମଧ୍ୟରେ ବି ପରସ୍ପରକୁ ପାଇବେ । ଏହା ମୋର ଦୃଢ଼ ବିଶ୍ୱାସ । ଆଚ୍ଛା, ମିସ୍ ସୁଜାତା, କାଲି ମୁଁ ଏଠାରୁ ଚାଲିଯିବି—ମୋର ଏକସ୍‌ଟେନ୍‌ସିଭ ଲେକ୍‌ଚର ଟୁର ହିରିନାପଲ୍ଲୀରେ ପଡ଼ୁଛି । ଫାଦର୍ କାର୍ଲଟନ ତାର କରିଛନ୍ତି ତୁମେ ହିରିନାପଲ୍ଲୀରୁ ମହୀଶୂରର ପାଭେଲ ହିଲସ୍‌କୁ ଯିବ । ସେଠାରେ ତୁମେ କିଛିଦିନ ପାଇଁ ରହି ସେଠାର ନର୍ସମାନଙ୍କୁ ଶିକ୍ଷା ଦେବ । ତା'ପରେ ମୁଁ ନୀଲଗିରି ହିଲସ୍‌କୁ ଗଲାବେଳେ ତୁମକୁ ସାଙ୍ଗରେ ନେଇଯିବି ।

ସୁଜାତା, ନମ୍ର ଭାବରେ ସମ୍ମତି ଜଣାଇଲା ।

—ଶଯ୍ୟାକୁ ଯାଅ ସୁଜାତା·· ରାତି ବେଶୀ ହେଲାଣି କହି ଜୋନସ୍ ନିଜ କୋଠରୀକୁ ଚାଲିଗଲେ ।

ସୁଜାତା ସିମିତି ଟେବଲ୍ ପାଖରେ ବସି ରହିଲା । କମିତି ଶୋଇବ, ଆଖିକୁ ତା'ର ନିଦ ନାହିଁ । ନିଜର ଜୀବନକୁ ସେ ମୂଳରୁ ଶେଷ ପର୍ଯ୍ୟନ୍ତ ଆଉ ଥରେ ତନ୍ନ ତନ୍ନ କରି ଚାହିଁଲା । କେତେ ଭଙ୍ଗା ଗଢ଼ା ଘଟଣା ଭିତରେ ସେ ଆଗେଇ ଆସିଛି···

କଣ ଥିଲି···ପୁଣି କଣ ହେଲି···ଜୀବନ ନୌକା କେତେ ଝଡ଼ ଝଞ୍ଜା ଭିତରେ ଯାଇ କେଉଁ ଅଜଣା ଘାଟରେ ଲାଗିଛି···ସୁପ୍ରିୟା ଅପା କଥା ଭାବିଲି···ଆହା ବିଚାରି କ'ଣ କରୁଥିବ·····ନିରଞ୍ଜନ ଏଠି···ସେ ସେଠାରେ ନୀରବରେ ଲୁହ ଗଡ଼ାଉଥିବ କିନା··· ସେ ତ ସିମିତିକା ଝିଅ ନୁହେଁ ଯେ ଜଣକୁ ଭୁଲିଯାଇ ଆଉ ଜଣକୁ ଜୀବନ ସାଥୀ କରିନେବ···? ସେ ଭାରି ଭାବପ୍ରବଣ···ଥରେ ଯାହାକୁ ଭଲ ପାଇଛି, ତା'ରି ପାଇଁ ସାରା ଜୀବନ ଜଗିରି ଜାଳି ବସିଥିବ········ତାହାହେଲେ ତା'ର ଦୀର୍ଘ ଜୀବନ କ'ଣ ବ୍ୟର୍ଥ ହୋଇଯିବ ? ନା, ନା ସୁପ୍ରିୟା ଅପାକୁ ସେ ବହୁତ କଷ୍ଟ ଦେଇଛି·· ·····ତା'ର ପ୍ରାୟଶ୍ଚିତ୍ତ ବର୍ତ୍ତମାନ କରିବାକୁ ପଡ଼ିବ । ରାଇଟିଙ୍ଗ୍ ପ୍ୟାଡ଼ଟି ଟାଣି ଆଣି ଲେଖିଲି ········

କ୍ୟାମ୍ପ କଲିକତା, ବ୍ୟାପଟିଷ୍ଟ ଚର୍ଚ୍ଚ

ସ୍ନେହର ଅପା;

ହଠାତ୍ ମୋର ହାତଲେଖା ଚିଠିଟି ପାଇ ଆଶ୍ଚର୍ଯ୍ୟ ହେବୁ ନିଶ୍ଚୟ । ମୁଁ ଭାବିଥିଲି ମୋର ସମସ୍ତ ପରିଚୟ ଦେଇ ତୁମମାନଙ୍କ ପାଖରୁ ଚିରଦିନ ପାଇଁ ନିଶ୍ଚିହ୍ନ ହୋଇଯିବି ବୋଲି—ମାତ୍ର ଘଟଣା ଚକ୍ର ତାହା କରାଇ ଦେଲା ନାହିଁ । ମୁଁ ଆଜି ବାଧ୍ୟ ହେଉଛି ତୋ ପାଖକୁ ଏ ଚିଠିଟି ଲେଖିବାକୁ । ତୋ'ର ସାନ ଭଉଣୀଟିକୁ କ୍ଷମା ଦେଇ ଏ ଚିଠିଟି ଆମୂଳଚୂଳ ପଢ଼ିବୁ ।

କିଛି ଲେଖିବା ପୂର୍ବରୁ ମୋ କଥା ପ୍ରଥମେ ଲେଖୁଛି—କାରଣ ମୁଁ ଜାଣେ ମୋ କଥା ଜାଣିବା ପାଇଁ ତୋ' ମନରେ ଶତ ଶତ ପ୍ରଶ୍ନ ଜାଗି ଉଠୁଥିବ·····ତେଣୁ·····

ସେଦିନ ଥିଲା ଅମାବାସ୍ୟା ରାତିର ଗମ୍ଭୀର ଅନ୍ଧକାର । ସେଇ ରାତିରେ ମୋର ସମସ୍ତ ଗ୍ଲାନି ଓ କଳଙ୍କର ବୋଝ ନେଇ ଘରୁ ବାହାରକୁ ଗୋଡ କାଢ଼ିଲି । ବାପା ଶୋଇ ପଡିଥିଲେ, ଭାଉଜ ଶୋଇ ପଡ଼ିଥିଲେ······ମନୋଜ ବାବୁ ଜ୍ଞାନଶୂନ୍ୟ ହୋଇ ପଡ଼ିଯାଇଥିଲେ—ଦାମା ଖାଲି ଥରୁଥିଲା···········ମାତ୍ର ମୁଁ ସାହସରେ ଆଗେଇ ଆସିଥିଲି ବାହାରକୁ······ମେଲ୍ ଲାଗିଥିଲା କଟକ ଷ୍ଟେସନରେ·····ମୁଁ ସିଧା ହାବଡ଼ାକୁ ଟିକେଟ୍ କାଟି ବସିଲି······

ମାତ୍ର ମୋ ଜୀବନରେ କଣ ଲକ୍ଷ୍ୟ ଥିଲା ଜାଣୁ·········ଆତ୍ମହତ୍ୟା······ମାତ୍ର ସେ ତ ଅସମ୍ଭବ······ଅନ୍ତ ମଧ୍ୟରେ ଯେଉଁ ନବଜୀବନର ସନ୍ଧାନ ମୁଁ ପାଇଥିଲି ତା'ର ହତ୍ୟା ମୁଁ କଦାପି କରି ପାରିଲି ନାହିଁ—ତେଣୁ ସେ ଲକ୍ଷ୍ୟରୁ ନିବୃତ୍ତ ହୋଇ ଚାଲିଲି ଆଗକୁ ।

ତା'ପରେ ଦ୍ୱିତୀୟ ଲକ୍ଷ୍ୟ । କଣ ହୋଇପାରେ ଅନୁମାନ କଲୁ ? ମୋ ପରି ଗୋଟାଏ ଚରିତ୍ରହୀନାର ଶେଷ ପନ୍ଥା କଣ ହୋଇପାରେ ? ସତେ ଅପା, ମୋର ଏଇ ଘୃଣିତ ଜୀବନକୁ ଆହୁରି ନରକ ଆଡ଼କୁ ଟାଣି ନେବାକୁ ବସିଥିଲି । ମନେ ମନେ ଭାବିଥିଲି କଲିକତାରେ ରହି ସମସ୍ତଙ୍କ ଅଜଣାରେ କରିବି ରୂପର ବ୍ୟବସାୟ ଓ ମୋର ଭାବି ସନ୍ତାନ ବଢ଼ି ଉଠିବ ଗୋଲାପ କଳିକା ପରି । ତା'ର ପାଇଁ ମୋର ଜୀବନର ବାକି ଅଂଶ ବଞ୍ଚିବି ମାତ୍ର । ଏହିପରି ଭାବୁ ଭାବୁ ହଠାତ୍ ଦେଖିଲି ଗୋଟାଏ ବିଶାଳକାୟ ବ୍ୟକ୍ତି······ମୋ ଆଡ଼କୁ ଲୋଲୁପ ଦୃଷ୍ଟି ପକାଇ ନଖରେ ହାତ ଦେଉଛି । କାମରାରେ ପ୍ରାୟ

ସମସ୍ତେ ଶୋଇ ପଡ଼ିଛନ୍ତି । ସେକେଣ୍ଡ କ୍ଲାସରେ ଆଦୌ ଭିଡ଼ ନାହିଁ । ଏଇ ସୁଯୋଗ ପାଇ ସେ ମୋ ଆଡ଼କୁ ଅଗ୍ରସର ହେଲା—ମୁଁ ବସ୍ତ୍ରା ହରଣୀ ପର ସାହାଯ୍ୟ ଉଦ୍ଦେଶ୍ୟରେ ଏଣେ ତେଣେ ଚାହିଁଲି—ଭଦ୍ରକ ଷ୍ଟେସନ ପାଖ ହୋଇ ଆସୁଥାଏ—ସେ ମତେ ପଚାରିଲା—

—କୁଆଡ଼େ ଯିବ ?

—କଲିକତା ।

—ଆରେ ମୁଁ ବି ତ ଯାଉଛି । ଚାଲ ମୋ ସଙ୍ଗେ । କଲିକତାର ସବୁ ଗଳି କୁଞ୍ଜି ହାମ୍‌କୁ ମାଲୁମ୍ ଅଛି ।

—ମୋର ବନ୍ଧୁ ବାନ୍ଧବ ଅଛନ୍ତି । ମୁଁ ସେମାନଙ୍କ ପାଖରେ ରହିବି ।

—ଝୁଟାବାତ୍ ! ତୁମ୍ ହାମାରା ସାଥ୍ ଚଲୋ ? ବହୁତ ଅଚ୍ଛିସ୍‌ରେ ରହିବ । ଯେତେ ରୋପିୟା ଚାହିଁବ ସେତେ ପାଇବ ।

ସେ ପାପୀର ଇଙ୍ଗିତ ମୁଁ ବୁଝି ପାରିଲି । ମୁଁ କିଛି କହିବା ପୂର୍ବରୁ ଟିକେଟ କଲେକ୍‌ଟର ପହଞ୍ଚିଲେ । ସେ ସଙ୍କୁଚାନ ଟିକେ ଦୁଃଖିଗଲା । କଲେକ୍‌ଟର ଟିକେଟ୍ ପରୀକ୍ଷା କରିବା ପାଇଁ ଯାତ୍ରୀ କେତୋଟିଙ୍କୁ ଉଠାଇ ଦେଲା । ମୁଁ ସ୍ୱସ୍ତିର ନିଶ୍ୱାସ ମାରିଲି । କ୍ରମେ ଭଦ୍ରକ ଷ୍ଟେସନ୍ ଦେଖାଗଲା । ଗାଡ଼ି ଅଟକିଗଲା । ସେହିଠାରେ ଗାଡ଼ି ଭିତରକୁ ଜଣେ ନୂତନ ବିଦେଶୀୟ ଯାତ୍ରୀଙ୍କର ଆଗମନ ହେଲା । ବୋଧହୁଏ ମଙ୍ଗଳମୟ ଭଗବାନଙ୍କର ଏହାହିଁ ଇଚ୍ଛା ଥିଲା । ସେ ଆସି ମୋ ପାଖରେ ଛିଡ଼ା ହେଲେ । ମୁଁ ତାଙ୍କ ପାଇଁ ସ୍ଥାନ କରିଦେଲି । ଲକ୍ଷ୍ୟକଲି ବିଶାଳକାୟ ବ୍ୟକ୍ତିଟି ସେ କାମରାରୁ ଧୀରେ ଧୀରେ ଖସି ଯାଉଛି । ଜାଣି ପାରିଲି ତା'ର ଉଦ୍ଦେଶ୍ୟ ସଫଳ

ହୋଇ ପାରିବ ନାହିଁ ଏଇ ବିଦେଶୀୟ ଭଦ୍ରବ୍ୟକ୍ତିଙ୍କ ପାଖରେ । ଗାଡ଼ି ପୁଣି ଆଗକୁ ଚାଲିଲା । ପଛରେ ପଡ଼ି ରହିଲା ମୋର ଜୀବନର ଅସୁମାରି ଦୁଃଖ ଓ ଆବର୍ଜନା ପୂର୍ଣ୍ଣ ଇତିହାସ । ଭଦ୍ରବ୍ୟକ୍ତିଟି ବୟସ୍କ, ମାତ୍ର ସୁଗଠିତ ସ୍ୱାସ୍ଥ୍ୟ ତାଙ୍କର ସୌନ୍ଦର୍ଯ୍ୟରେ ଗମ୍ଭୀରତା ଆଣୁଥାଏ—ଏହା ପଢ଼ିଲାବେଳେ ତୁ ହୁଏତ ଭାବୁଥିବୁ ଅପା, ମୋର ଯୌବନ ନିକେତନରେ ଏ ହେଉଛନ୍ତି ନମ୍ବର ଟେନ୍ ଅତିଥି । ମାତ୍ର ତୁ ଆଶ୍ଚର୍ଯ୍ୟ ହେବୁ ଯେ ୟାଙ୍କୁ ଦେଖିଲା ବେଳୁ ମୋର ଉପରେ ଏକ ଅସ୍ୱାଭାବିକ ଭାବେ ମନ ପରିବର୍ତ୍ତନ ହୋଇ ଯାଇଛି । ତାଙ୍କର ସରଳ ଶାନ୍ତମୂର୍ତ୍ତିରେ ମୁଗ୍‌ଧ ହୋଇଛି·········ମନେ ହେଉଛି ମୋର ଅନ୍ଧକାରମୟ ଜୀବନରେ ଏ ଯେପରି ନୂତନ ସୂର୍ଯ୍ୟଙ୍କର ପ୍ରଥମ ଆଲୋକ ।

ତା ପରେ ମତେ ହିନ୍ଦୁସ୍ଥାନୀ ଭାଷାରେ ପ୍ରଥମେ ପଚାରିଲେ—ଭଦ୍ରେ, କେଉଁଠାକୁ ଯିବେ ?

—କଲିକତା ।

—ଓଃ, ମୁଁ ବି ଯାଉଛି ।

ରାତିର କ୍ଲାନ୍ତି ଅପନୋଦନ କରି ସେ ମୋ ସାଥିରେ କଥା କହି ଚାଲିଲେ । ମୁଁ ଗୋଟିକ ପରେ ଗୋଟିଏ ଉତ୍ତର ଦେଉଥାଏ । ପୁଣି ପ୍ରାୟ ଯାତ୍ରୀ କେତୋଟି ଶୋଇ ପଡ଼ିଲେଣି । ମୁଁ ଏହି ସୁଯୋଗରେ ମୋର ଜୀବନର ସମସ୍ତ ଭଙ୍ଗା ଇତିହାସ କହି-ଦେଲି । ମନୁଷ୍ୟ ଯେତେବେଳେ ପ୍ରାୟଶ୍ଚିତ୍ତ କରିବାକୁ ଯାଏ ସେ ତା'ର ସମସ୍ତ ପାପକୁ ନିର୍ବିକାର ଚିତ୍ତରେ କହିଯାଏ । ମୁଁ ଠିକ୍ ସେମିତି କହିଗଲି । କେଉଁ ଅଜଣାର ପ୍ରେରଣାରେ

ମୋର ଉକ୍ତ ଭଦ୍ରବ୍ୟକ୍ତିଙ୍କ ପ୍ରତି ଅସୀମ ବିଶ୍ୱାସ ଆସି ଯାଉଥାଏ । ମୋର ସମସ୍ତ କଥା ବର୍ଣ୍ଣନା କରି ମନର ଯନ୍ତ୍ରଣାକୁ ଲଘବ କଲି ।

ସେ ହେଉଛନ୍ତି ରେଭେରେଣ୍ଡ ଜୋନ୍ସ । ଆମେରିକା ମିଶନାରୀର ରିଲିଜିଅନ ପ୍ରିଚର । ଖାଲି ଭାରତ ନୁହେଁ, ପୃଥିବୀର ସବୁ ଦେଶରେ ଭ୍ରମଣ କରି ବିଭିନ୍ନ ଜାତିକୁ ଶାନ୍ତି ଓ ମୈତ୍ରୀର ବାଣୀ ଶୁଣାଇଛନ୍ତି । ତାଙ୍କୁ ଦେଖିଲେ ହିଁ ତାଙ୍କ ପ୍ରତି ଜଣକର ଭକ୍ତି ଅପେ ଆପେ ଆସିବ । ସେ ମତେ କହିଲେ—

—ତୁମର ତ ବହୁତ ସାହସ । ଏପରି ଅବସ୍ଥାରେ ଘରୁ ଗୋଡ଼ କାଢ଼ିବା ଉଚିତ ହୋଇ ନ ।

—କିନ୍ତୁ ଆପଣ କୁହନ୍ତୁ ତ ମୋର ଆଉ କି ଉପାୟ ଥିଲା । ଜନତା ମୋତେ କଳଙ୍କିନୀ, ପତିତା, ଭ୍ରଷ୍ଟା କହିବା ପୂର୍ବରୁ ସେମାନଙ୍କ ପାଖରୁ ଦୂରକୁ ଚାଲିଯିବା ଛଡ଼ା ଆଉ ଅନ୍ୟ ପନ୍ଥା ନ ଥିଲା ।

କେଜାଣି କାହିଁକି ତାଙ୍କର ମୋ ପ୍ରତି ଦୟା ହେଲା । ସେ କହିଲେ ବୋଧହୁଏ ପ୍ରଭୁ ଖ୍ରୀଷ୍ଟଙ୍କ ଇଚ୍ଛା ମୋଦ୍ୱାରା ତୁମର କିଛି ହୋଇ ପାରିବ—ଆଚ୍ଛା ତୁମେ ମୋ ସାଙ୍ଗରେ ଯିବ ?

—କେଉଁଠାକୁ ? କାହିଁକି ? ଏକାବେଳକେ ଦୁଇଟି ପ୍ରଶ୍ନ ମୁଁ ପଚାରିଲି ।

ଦେଖ ମିସ୍ ସୁଜାତା, ଆମ ମିଶନାରୀରେ ତୁମ ପରି ହତଭାଗିନୀ ଭଉଣୀମାନେ ଯଥେଷ୍ଟ ଅଛନ୍ତି । ସେମାନଙ୍କ ଜୀବନକୁ ଆମେ ନୂତନ ଆଲୋକ ଦେଇଛୁ—ନୂତନ ଭାବ, ନୂତନ ପନ୍ଥା ସେମାନେ ଗ୍ରହଣ କରି ଜୀବନକୁ ଅନ୍ୟର ସେବାରେ ନିୟୋଜିତ କରିଛନ୍ତି । ତୁମେ ପାରିବ ସେହି ପଥର ଯାତ୍ରୀ ହୋଇ ?

—ନିଶ୍ଚୟ ପାରିବି । କିନ୍ତୁ ମୋର ଭାବି······

କଥା ଛଡ଼ାଇ ନେଇ ମିଃ ଜୋନ୍‌ସ କହିଲେ— ଚିନ୍ତା କରନା । ସେଇ ଭାବି ସନ୍ତାନ ମଣିଷ ହେବ···ନୂତନ ଧର୍ମ ଗ୍ରହଣ କରି ଭବିଷ୍ୟତରେ ଉଜ୍ଜ୍ୱଳ ଜ୍ୟୋତିଷ୍କ ହୋଇ ପୃଥିବୀକୁ ଆଲୋକ ଦେବ । ଆମେ ତାକୁ ମଣିଷ ଭଳି ମଣିଷ କରିବୁ ।

ମୋର ଆଉ ପ୍ରତିବାଦ କରିବାର କୌଣସି କାରଣ ନ ଥିଲା······

ହାବଡ଼ାରେ ତାଙ୍କର କାର୍ ଆଗରୁ ଆସିଥିଲା । ସେ ନିଜେ ଡ୍ରାଇଭିଂ କରି ମତେ ସାଙ୍ଗରେ ନେଇ ଚାଲିଗଲେ । ବାତ୍ୟା ଆନ୍ଦୋଳିତ ସାଗର ଯେପରି ନିମିଷକରେ ଶାନ୍ତ ପଡ଼ିଗଲା । ଆମେ ପହଞ୍ଚିଲୁ ବ୍ୟାପଟିଷ୍ଟ ଚର୍ଚ୍ଚରେ । ସେଠାରେ ତାଙ୍କର କ୍ୟାମ୍ପ ପଡ଼ିଥାଏ । ସେମାନଙ୍କର ସଙ୍ଘର ଅନ୍ୟାନ୍ୟ ସଭ୍ୟମାନେ ଆମକୁ ପାଛୋଟି ନେଲେ । ଆମ ଦେଶର ଜନତା ପରି କେହି ହେଲେ ଜଣେ ମୋ ପ୍ରତି ତୀକ୍ଷ୍ଣ ଦୃଷ୍ଟି ପକାଇ ନ ଥିଲେ । ମୁଁ ମୁଗ୍ଧ ହେଲି ସେମାନଙ୍କର ବ୍ୟବହାରରେ । ମନେ ମନେ ଭାବିଲି, ଏ ବିଶାଳ ପୃଥିବୀରେ କେତେ କଥା ଶିଖିବାର ଅଛି । ଜୀବନକୁ ଜଗତର ଭାବେ ନିୟନ୍ତ୍ରିତ କରି ତାକୁ ଅନ୍ୟର ସେବାରେ ଲଗାଇବାରେ ଯେଉଁ ଆନନ୍ଦ, ତାହା କ୍ଷଣିକର ଆନନ୍ଦଠାରୁ କେତେ ବେଶୀ । ରେଃ ଜୋନ୍‌ସ ସମସ୍ତଙ୍କ ପାଖରେ ମୋତେ ପରିଚୟ କରାଇ ଦେଲେ । ମୁଁ ସେଇଠାରେ ରହିଲି । ରୁଟିନ୍ ବନ୍ଧା ଜୀବନର ଦିନଗୁଡ଼ିକ ପୁଣି ଗଡ଼ି ଚାଲିଲା ଗୋଟିକ ପରେ ଗୋଟିଏ·········

ତୁ ଜାଣି ପାରିବୁ ନାହିଁ ଅପା, ସେ ଦିନ ମୋର କେତେ ଆନନ୍ଦ ଯେଉଁଦିନ ମୋର କୋଳ ଆବୃତ କରିଥିଲା ଏକ ସ୍ନେହ

ଢଳ ଢଳ ଶିଶୁ······କ ସୁନ୍ଦର ରୂପ । ପଙ୍କରୁ ପଙ୍କଜ ପରି ଫୁଟି ଉଠିଥିଲା ଏହି ନବଜାତ ଶିଶୁର ମୁହଁଟି । ଶିଶୁଟି କନ୍ଦନ ମୋ ପାଖରେ ରହିଲା । ଜୋନ୍ସ ତା'ର ନାମ ଦେଲେ ଗ୍ଲୁସ । ଇଂରାଜୀ ନାମ । ମୁଁ ବି ରହୁଥିଲି ସେଇଆ । ଅନ୍ତରର ସମସ୍ତ ବ୍ୟଥା ନେଇ ମୁଁ ତା'ର ମା' ପରିଚୟ ଦେବାକୁ ପଛେଇ ଯାଇଥିଲି । ମୁଁ ହେଲି ତା'ର ପାଳନ କର୍ତ୍ତୀ ମାତ୍ର । ସେ ବଡ଼ ହେଲେ ଜାଣିବ ତା'ର ଏଇ ବିରାଟ ପୃଥିବୀରେ ବାପ, ମା, ଭାଇ ବନ୍ଧୁ କେହି ନାହାନ୍ତି । ସଂକୀର୍ଣ୍ଣତାର ବେଷ୍ଟନୀ ଓ ପୃଥିବୀର ଆବିଳତାରୁ ବହୁ ଦୂରରେ ଥାଇ ସେ ଜୀବନକୁ କୁତବ୍‌ମୀନାର ପରି ଉଚ୍ଚ କରିବ । ଆଉରି ଉଚ୍ଚ ହେବ । ମାତ୍ର ମତେ କଷ୍ଟ ସେ ଜାଣି ପାରିବ······ଏଇ ଅଭାଗିନୀର ସନ୍ତାନ ବୋଲି । କୌଣସି ମୁହୂର୍ତ୍ତରେ ବି ମୁଁ ତାକୁ ଏହି ନିଷ୍ଠୁର ସତ୍ୟର ପରଦା ଖୋଲି ଦେବି ନାହିଁ । ସମୟର ଖରସ୍ରୋତରେ କେତୋଟି ବର୍ଷ ବିତିଗଲା । ମୁଁ ଏଥି ଭିତରେ ନର୍ସିଂ ଟ୍ରେନିଂ ପାଇ ଯାଇଥାଏ । ଗ୍ଲୁସକୁ ତିନିବର୍ଷ ବେଳରେ ଜୋନ୍ସ ତାକୁ ଡେରାଡୁନ ପ୍ରିନ୍ସ କଲେଜରେ ନାମ ଲେଖାଇ ଦେଲେ । ଏହି ଅନୁଷ୍ଠାନ ପକ୍ଷରୁ ତା'ର ସମସ୍ତ ଖର୍ଚ୍ଚର ସୁବନ୍ଦୋବସ୍ତ ହୋଇ-ଗଲା । ଆଜି ପର୍ଯ୍ୟନ୍ତ ମୁଁ ଆଉ ତାକୁ ଦେଖିନି । ମାତ୍ର ଭଗବାନଙ୍କୁ ପ୍ରାର୍ଥନା କରେ, ସେ କିପରି ଦୀର୍ଘଜୀବୀ ହୋଇ ସଂସାରରେ ମଣିଷ ହେଉ······

ଏଣିକି ମୁଁ ନିଜକୁ ମୋର କର୍ତ୍ତବ୍ୟରେ ନିୟୋଜିତ କଲି । ବର୍ତ୍ତମାନ ମୁଁ ଭାବୁଛି, ପ୍ରତ୍ୟେକ ମନୁଷ୍ୟ ସାମୟିକ ଭାବପ୍ରବଣ ନ ହୋଇ ଜୀବନକୁ ସୁନିୟନ୍ତ୍ରିତ କଲେ, ଜୀବନରେ ଅନେକ

କର୍ତ୍ତବ୍ୟ ପୂରଣ କରିପାରିବ । ଏହି କର୍ତ୍ତବ୍ୟ ପାଳନରେ ଯେଉଁ ଅପରସୀମ ସୁଖ ନିହିତ ଅଛି ତାହା ସ୍ୱର୍ଗୀୟ, ଚିରନ୍ତନ । ସେଥିପାଇଁ ବୋଧହୁଏ ଆମର ମୁନି ଋଷିମାନେ ଏ ନର ଜୀବନକୁ ଦୁର୍ଲ୍ଲଭ ବୋଲି କହି ଯାଇଛନ୍ତି ।

ମୁଁ ଯୁଦ୍ଧ ଭିତରେ ଭାରତର ଅନେକ ସ୍ଥାନ ବୁଲିଲିଣି । ସମୟର ସୁବିଧାବେଳେ ମୁଁ ରେଃ ଜୋନ୍‌ସଙ୍କ ପାଖରୁ ବହୁତ ଦୂରକୁ ଚାଲିଯାଏ । ସେ ପ୍ରିଚ୍ କରିବାକୁ ଅନେକ ସମୟରେ ଦାକ୍ଷିଣାତ୍ୟର ଅନୁନ୍ନତ ଅଞ୍ଚଳକୁ ଯାନ୍ତି ଓ ମୋର ନର୍ସିଂଡ୍ୟୁଟି ପ୍ରାୟ ସହରରେ ପଡ଼େ । ତେଣୁ ଦେଖା ଖୁବ୍ କମ୍ ହୁଏ ।

ବଡ଼ ଆଶ୍ଚର୍ଯ୍ୟ ହେବୁ ଅପା ଏହି ମିଶନାରୀର ସଭ୍ୟଙ୍କ କଥା ଭାବିଲେ । ପୃଥିବୀର ପ୍ରତ୍ୟେକ ପ୍ରତ୍ୟେକଙ୍କ ସହିତ ଏପରି ଯୋଗସୂତ୍ର ରଖିଛନ୍ତି ଯେ, ମତେ ଜଣାପଡ଼େ ଯେପରି ଗୋଟିଏ ପରିବାରରେ ସମସ୍ତେ ଚଳୁଛନ୍ତି, ସମସ୍ତଙ୍କର ଲକ୍ଷ୍ୟ ଏକ...... ତେଣୁ ଏମାନେ ସମସ୍ତେ ଅତି ଆଶ୍ଚର୍ଯ୍ୟ ଭାବେ ସୁଖରେ ଜୀବନ ଯାପନ କରୁଛନ୍ତି ।

...ଏମିତି ମୋର ଘୂର୍ଣ୍ଣିବାୟୁ ଜୀବନ ନେଇ ମୁଁ ବୁଲି ଆସିଛି ବମ୍ବେ, ଲୁଓକାମଣ୍ଡି, ମିରଟ୍, ଜବଲପୁର, କାନପୁର... ମାତ୍ର ଓଡ଼ିଶାର ସୀମା ସ୍ପର୍ଶ କରିନି କି କରିବନି ମଧ୍ୟ । ଚିରଦିନ ପାଇଁ ମୋର ମାତୃଭୂମିର ଅନ୍ତରାଳରେ ରହିଯିବି । ଯେଉଁଦିନ ମରଣର ଶୀତଳ କର ଜୀବନକୁ ସ୍ପର୍ଶ କରିବ ସେଇ ଅନ୍ତିମ ମୁହୂର୍ତ୍ତରେ ମୋର ମାତୃଭୂମି ଓ ତୁମମାନଙ୍କୁ ସ୍ମରଣ କରି ଚିର-ବିଦାୟ ନେବି......ଛୋଟି ବଡ଼ ହୋଇ ଗଲାଣି ଆପା...

ପ୍ରକୃତ କଥା ଏ ପର୍ଯ୍ୟନ୍ତ ଲେଖିନି······ଏଥର ମନ ଦେଇ ପଢ଼ିବୁ·····କାରଣ ଏଣିକି ତୋ କଥା···

ମୁଁ ବର୍ତ୍ତମାନ କଲିକତାରେ ଅଛି···ଜୋନ୍‌ସ ମଧ୍ୟ ଆସିଛନ୍ତି···ବହୁତ ଦିନ ପରେ ଆମେ ପରସ୍ପର ସାକ୍ଷାତ ପାଇ ଭାରି ଖୁସି ହେଉଛୁ । ଶୁଣିବୁ ଗୋଟାଏ କଥା···ଆଜିର ଘଟଣା ମାତ୍ର ···ଜୋନ୍‌ସ ଆଉ ମୁଁ ବାହାରିଥିଲୁ ସାନ୍ଧ୍ୟ ଭ୍ରମଣରେ···ହଠାତ୍ ଦେଖାଗଲା···କିଏ କହିଲୁ, ନିରଞ୍ଜନ ବାବୁଙ୍କ ସହିତ । ତାଙ୍କ ସହିତ ଥିଲେ ରେବା···ଅତ୍ୟାଧୁନିକା କଲିକତି ଓଡ଼ିଆ ଝିଅ··· ତାଙ୍କ ଝଟକାଟି ଗୋଟିଏ ମଟର ସହିତ ଆକ୍‌ସିଡେଣ୍ଟ ହେଲା··· ଆମ୍ଭେମାନେ ଠିକ୍ ସମୟରେ ପହଞ୍ଚି ସେ ଦୁଇଜଣଙ୍କୁ ଆମ କାର୍‌କୁ ନେଇ ଆସିଲୁ । ନିରଞ୍ଜନ ବାବୁ ସାମାନ୍ୟ ଆହତ ହୋଇଥିଲେ । ମୁଁ ତାଙ୍କୁ ପ୍ରାଥମିକ ଚିକିତ୍ସା ସେଠି କାର୍ ମଧ୍ୟରେ କଲାବେଳେ ଯାହା ଜାଣିଲି, ବୁଝିଲି ଯେ ନିରଞ୍ଜନ ବାବୁ ବର୍ତ୍ତମାନ ଜଣେ ଡାକ୍ତର । ଭଲ ପ୍ରାକ୍‌ଟିସ କରୁଛନ୍ତି । ତତେ ସେ ମନେ ରଖିଛନ୍ତି କି ନାହିଁ ମୁଁ ଜାଣେନା, ମାତ୍ର ରେବା ସହିତ ତାଙ୍କର ବିବାହ ପ୍ରାୟ ନିର୍ବନ୍ଧ ହୋଇ ଯାଇଛି । ରେବାର ବିଲ୍‌ଡିଙ୍ଗ୍‌ସ୍ ୩୮ ବି ହାଡ଼କଟା ଲେନ୍‌ରେ । ସେମାନଙ୍କୁ ଛାଡ଼ ଦେଇ ଆମ୍ଭେମାନେ ବିଦାୟ ନେଲୁ ।

ଅପା···ଆଜି ଅନେକ ଦିନ ତଳର କଥା ମନେ ପଡ଼ିଯାଉଛି···ମୁଁ ତୋ ପ୍ରତି ଅନ୍ୟାୟ କରିଥିଲି । ନିରଞ୍ଜନ ବାବୁ ପ୍ରକୃତରେ ତତେ ଭଲ ପାଉଥିଲେ, ତାଙ୍କର କଲିଜାଠାରୁ ଆଉରି ଅଧିକ । କିନ୍ତୁ ତୁ ତାଙ୍କୁ ସର୍ବଦା ଭୁଲ ବୁଝୁଥିଲୁ । କାରଣ ମୁଁ ତୋର ପ୍ରେମ ପଥରେ ସଦାବେଳେ ଅଙ୍କୁଶ ହୋଇ ଲାଗି

ରହିଥିଲି । ଯେଉଁଦିନ ତାଙ୍କ ବସାରୁ ମୋର ଚପଲ ହଳକ ଦେଖି ଅଭିମାନ ଓ ଈର୍ଷାରେ ଚାଲି ଆସିଥିଲୁ, ସେଦିନ କଣ ନିରଞ୍ଜନ ବାବୁ ମତେ ଗୋପନରେ ଡାକିଥିଲେ? ମୋଟେ ନୁହେଁ। ବରଂ ମୁଁ ବଳେ ବଳେ ଯାଇଁ ତାଙ୍କ ପ୍ରେମର ଭିକାରୁଣୀ ହୋଇଥିଲି । ତାଙ୍କର ନିଷ୍ଠୁର ପ୍ରତ୍ୟାଖ୍ୟାନ ମତେ ଆହତ କରିଥିଲା । ତାଙ୍କର ଚରିତ୍ର ଏତେ ବଳିଷ୍ଠ ଥିଲା ଯେ, ଏକ ଯୁବତୀ ନାରୀର ନିର୍ଲଜ୍ଜ ଅନୁନୟ ମଧ୍ୟ ତାଙ୍କୁ ବିଚଳିତ କରି ନ ଥିଲା । ତୁ ଥିଲୁ ତାଙ୍କ ଜୀବନର ଏକମାତ୍ର ସନ୍ଧ୍ୟାତାରା । ମୁଁ ଫେରି ଆସିଥିଲି ସତ୍ୟ ମାତ୍ର ଆହତ ନାଗୁଣୀ ପରି ସବୁବେଳେ ତୋ' ପାଇଁ ମୋର ପ୍ରତିଶୋଧର ବହ୍ନି ଜଳୁଥିଲା । ଗୋରାକବରଠାରେ ତୁ ଯେଉଁ ଭୂତ ଦର୍ଶନ କରିଥିଲୁ, ତାହା ମୋ'ରି କରାମତି । ମୁଁ ଦାମାକୁ ପଠାଇ ତୁମ ଦୁହିଁଙ୍କର ଫଟୋ ଉଠାଇଥିଲି ଓ ତୋର ଦୁର୍ଦ୍ଦିନରେ ତାହା ପ୍ରେସକୁ ପଠାଇ ପ୍ରତିହିଂସାର ତୀବ୍ର ଆନନ୍ଦ ଅନୁଭବ କରୁଥିଲି । ତୁ ଯେଉଁଦିନ ସିନେମା ଫେରି ମୋ କୋଠରୀରେ ନିରଞ୍ଜନ ବାବୁଙ୍କୁ ଦେଖିଲୁ, ସେଦିନ ସେ ବଳେ ବଳେ ଆସି ନ ଥିଲେ । ମୁଁ ତାଙ୍କୁ ଡକାଇ ଆଣି ମୋର ପ୍ରେମ ନିବେଦନ ଜଣାଇଥିଲି । ମାତ୍ର ମୁଁ ଆଜି ବି' କହିବି ସେ ତତେ ଏତେ ଭଲ ପାଉଥିଲେ ଯେ ମୁଁ ସର୍ବଦା ତାଙ୍କ ପାଖରୁ ଆହତ ହୋଇ ଫେରି ଯାଉଥିଲି ।

ତୁ ତାଙ୍କୁ ଭୁଲ୍ ବୁଝିଥିଲୁ । ଆଜି ପର୍ଯ୍ୟନ୍ତ ମଧ୍ୟ ଭୁଲ୍ ବୁଝିଛୁ । ଏଇ ଲାଞ୍ଛନାରେ ସେ କଟକ ଛାଡ଼ି କଲିକତା ପଳାଇ ଆସିଛନ୍ତି । ତୋ'ର ସ୍ମୃତି ତାଙ୍କ ମନ ପଟରେ ବର୍ତ୍ତମାନ ମଧ୍ୟ ଚିର ସଜାଗ ଅଛି···କାରଣ ମୁଁ ତାଙ୍କର ହୃଦୟ ଖୁବ୍ ଭଲ ଭାବରେ ଜାଣିଥିଲି । ଆଜି ସେ ରେବାକୁ ବିବାହ ହେବାକୁ ସମ୍ମତ ହୋଇଛନ୍ତି ସତ୍ୟ ମାତ୍ର

ସବୁଗୁଡ଼ିକ ଅବସ୍ଥାର ଚକ୍ରରେ ପଡ଼ି । ତୁ ସବୁବେଳେ ତାଙ୍କୁ ବାରମ୍ବାର ଭୁଲ ବୁଝି ଅନ୍ତର କରି ଦେଇଛୁ, ସେ ଆଉ କଣ କରିପାରନ୍ତେ କହିଲୁ ?

ମୁଁ ଡତେ ବ' ବୁଝିଛି ଅପା । ମୁଁ ବି' ଜଣେ ନାରୀ—ନାରୀ ମନ କଥା ନାରୀ ଖୁବ୍ ଭଲ ବୁଝିପାରେ । ମୁଁ ଜାଣେ ତୋର ଜୀବନକୁ ତୁ ତାଙ୍କର ପାଇଁ ତିଳେ ତିଳେ ଦଦଗ୍ଧ କରିଛୁ । ତୁ ଯେ ତାଙ୍କର ସ୍ମୃତିନେଇ ଚିରଦିନ ରହିବୁ ଏଥିରେ ମୋର ଅଣୁମାତ୍ର ସନ୍ଦେହ ନାହିଁ । ତୋର ଯୌବନ ସମାଗମରେ ଦିନ ଗୋଟିଏ ଆସିଥିଲା, ଯେଉଁଦିନ ଏ ରୁକ୍ଷ ପୃଥିବୀ ତୋ ଆଗରେ ଶ୍ୟାମଳ ପସରା ମେଲା ଦେଇଥିଲା । ଚନ୍ଦ୍ରମାର ମଦ୍ଦକ ତୋ' ଅନ୍ତରକୁ ଆକୁଳ କରିଥିଲା । ପୃଥିବୀକୁ ତୁ ସ୍ୱର୍ଗର କଳ୍ପନା କରିଥିଲୁ—ନିଜର ଯୌବନପୂର୍ଣ୍ଣ ଦେହକୁ ତୁ ଭାବିଥିଲୁ, ତୋର ପ୍ରିୟ—ଅତିପ୍ରିୟ ନିରଞ୍ଜନର ଆୟତନ ବୋଲି । ଜୀବନଧାରଣକୁ ସୁଧା-ସୌନ୍ଦର୍ଯ୍ୟର ଇତିହାସ ବୋଲି ମନେ କରିଥିଲୁ । ଦୁର୍ଗମ ପଥରେ ଦୁର୍ଲ୍ଲଭ ପ୍ରିୟପାଇଁ ତୁ ଅନନ୍ତ ତୀର୍ଥଯାତ୍ରା କରିଥିଲୁ । ଏହାହିଁ ଥିଲା ତୋ' ଜୀବନର ପ୍ରଥମ ପ୍ରେମ । ଏହି ପ୍ରେମ··ତାହାର ଶୋକ ନାହିଁ, ଗ୍ଲାନି ନାହିଁ, ପିପାସା ନାହିଁ । ଜୀବନରେ ଅନ୍ୟ ପୁରୁଷ ଆସି ପାରନ୍ତି ଅନେକ ଥର, ମାତ୍ର 'ପ୍ରେମ' ଆସେ ମାତ୍ର ଥରକ ପାଇଁ । ତୋର ପବିତ୍ର ଜୀବନରେ ଏଇ ଯେଉଁ 'ପ୍ରଥମ ପ୍ରେମ'ର ପ୍ଲାବନ ହୋଇଥିଲା, ତୁ କଣ ସେଥିରୁ କଦାପି ମୁକ୍ତିଲାଭ କରି ପାରିବୁ ? ଅଭିମାନରେ ଚିରଦିନ ଘାର୍ଣ୍ଣି ହେଉଥିବୁ ସିନା···ନିରଞ୍ଜନକୁ ଯେ ତୁ ଏକାନ୍ତ-ଭାବେ ଚାହୁଁ, ଏହା ମୁଁ ଆଜି ମଧ୍ୟ ପ୍ରାଣେ ପ୍ରାଣେ ଅନୁଭବ କରୁଛି । ତୁ ଥିଲୁ ତାଙ୍କ ପ୍ରୀତିର ପୂଜାରିଣୀ—ଜୀବନର ସହଚରୀ···

ଅପା, ଜୀବନରେ ମୁଁ ତୋ ପ୍ରତି ଯଥେଷ୍ଟ ଅନ୍ୟାୟ କରିଛି··· ଯଥେଷ୍ଟ ଅନ୍ୟାୟ କରିଛି···ମୋର ସେଥିପାଇଁ ପ୍ରାୟଶ୍ଚିତ୍ତ ଲୋଡ଼ା···ମୁଁ ଆଜି ଚିନ୍ତା କରୁଛି ଯଦି କୌଣସି ପ୍ରକାରେ ନିରଞ୍ଜନକୁ ତୋ ପାଖରେ ବାନ୍ଧିଦେଇ ପାରନ୍ତି, ତାହାହେଲେ ମୋର ଉପଯୁକ୍ତ ପ୍ରାୟଶ୍ଚିତ୍ତ ହୁଅନ୍ତା । ସେଥିପାଇଁ ଆଜି ଦିନସାରା ଉପାୟ ଚିନ୍ତା କରୁଛି···ଆଉ ସେଇଥିପାଇଁ ଏ ମୋର ଦୀର୍ଘପତ୍ର । ଶେଷରେ ମୁଁ ଗୋଟିଏ ଉପାୟ ପାଇଛି ଆଉ ଏହି ଉପାୟହିଁ ହେଉଛି ସର୍ବଶ୍ରେଷ୍ଠ ।

ତୁ'ତ ଜାଣିଛୁ, ନିରଞ୍ଜନ ଏଠାରେ ଡାକ୍ତରୀ ପ୍ରାକ୍ଟିସ୍ କରୁଛି । ତା'ର ନାମ ବି ଖୁବ୍ ଅଛି । ତୁ ଏ ଚିଠିପାଇ ମାମୁଁଙ୍କ ସହିତ ଏଠାକୁ ଆ । ମୁଁ ଯେଉଁ ଠିକଣା ଦେଲି ସେହି ଠିକଣାକୁ ଆସି ନିରଞ୍ଜନ ସହିତ ସାକ୍ଷାତ କରିବୁ । ନିରଞ୍ଜନ ସାକ୍ଷାତ ପାଇ ଠିକ୍ ଗୋଟିଏ ଅପରିଚିତା ଭଦ୍ର ମହିଳା ଭାବେ କଥାବାର୍ତ୍ତା କରିବୁ । ତୋର ରୁଦ୍ଧ ଆବେଗକୁ ଭୁଲେ ମାତ୍ର ରେବା ଢଙ୍ଗରେ ପ୍ରକାଶ କରିବୁ ନାହିଁ । ନଚେତ୍ ସବୁ ପଣ୍ଡ ହୋଇଯିବ । ବର୍ତ୍ତମାନ ତାଙ୍କର ସନ୍ନ୍ୟାସ ବେଶ । ମୁହଁରେ ଦାଢ଼ି । ଚିହ୍ନିବା କଷ୍ଟକର ହୋଇପାରେ । ତା'ପରେ ତାଙ୍କୁ କଟକ ଯିବାକୁ 'କଲ' ଦେବୁ । ବାପା ଶକ୍ତ ବେମାର, ଓ ତାଙ୍କର ବ୍ଲଡ୍‌ପ୍ରେସର ବଢ଼ିଛି ବୋଲି କହି ତାଙ୍କୁ କୌଣସି ପ୍ରକାରେ କଟକ ନେଇଯିବୁ । କଟକ ଗଲେ ଆଉ କୌଣସି ଅସୁବିଧା ହେବନି । ମୁଁ ଚାହେଁ ନିରଞ୍ଜନକୁ କୌଣସି ପ୍ରକାରେ ରେବାର କବଳରୁ ମୁକ୍ତ କରିବାକୁ । ରେବା ଏଥିରେ ଆଦୌ ସନ୍ଦେହ କରିପାରିବ ନାହିଁ । ଡାକ୍ତରମାନେ ଦୂର ସ୍ଥାନକୁ 'କଲ୍' ପାଇବା ଅତି ସ୍ୱାଭାବିକ ।

ମୁଁ ଆଉ ବିଶେଷ ଲେଖି ପାରୁନି—ଯଦି ମୋର ପ୍ଲାନ୍ ସଫଳ ହୁଏ ତେବେ ତୋର ବିଭାଘର ଫଟୋଟି 'ଇଲସ୍ଟ୍ରେଟେଡ୍ ଉଇକ୍ଲି'କୁ ପଠାଇ ଦେବୁ । ତାହାହେଲେ ମୁଁ ନିଶ୍ଚିତ ଭାବେ ଏ ସମ୍ବାଦ ପାଇ ପାରିବି । ଅନ୍ୟ କୌଣସି ଜରିଆରେ ଏ ସମ୍ବାଦ ପାଇବା ଆଦୌ ସମ୍ଭବ ନୁହେଁ । ମୁଁ ଆଶା କରୁଛି ଏହା ନିଶ୍ଚୟ ସଫଳ ହେବ······କାରଣ ଭଗବାନ ଏତେ ମଙ୍ଗଳମୟ ଯେ ସେ ମୋର ପ୍ରାୟଶ୍ଚିତ୍ତ ପଥରେ କଣ୍ଟକ ସୃଷ୍ଟି କରିବେ ନାହିଁ—

ଶେଷରେ ମୋ କଥା ପଦେ ଲେଖି ଚିଠିଟି ସମାପ୍ତ କରୁଛି···ମୋର ଜୀବନ······ତତେ ତ କିଛି ଅଛପା ନାହିଁ······ ସେ କଥା ଭାବିଲେ ମନରେ ଲଜ୍ଜାର ଶତଦଂଶନ ଅନୁଭବ କରେ । ଗୋଟିଏ ବୃନ୍ତରେ ଆମେ ଦିଓଟି ଫୁଲ ଥିଲୁ । ଗୋଟିଏ ଫୁଲରେ ଥିଲା ମଧୁର ମାଦକତା—ମାତ୍ର ଅନ୍ୟଟିରେ ଥିଲା ଜାଠର ହଳାହଳ । ମୋ ବିଷାକ୍ତ ଜୀବନରେ ମୁଁ ଗୃହିଁଥିଲି ଜଣକ ପରେ ଜଣେ । ଛି···କେତେ ପଙ୍କିଳ ଥିଲା ସେ ଜୀବନ···ଯୌବନର ସେ ମହୁଆ ନିଶା ଆଜି କେତେ ପଛରେ ପଡ଼ିରହିଛି—ଏ ଶାନ୍ତ ନର୍ସ ଜୀବନ···ସେବାଧର୍ମରେ ନିୟୁତ ଆବଦ୍ଧ । କି ସୁନ୍ଦର । ତୁମମାନଙ୍କ ପାଖରେ ଏ କଳଙ୍କ ବୋଳା ମୁହଁକୁ କଦାପି ଦେଖାଇବି ନାହିଁ । ଏହା ମୋର ଧ୍ରୁବ ସତ୍ୟ । ବିଦାୟ ଅପା·········ଚିର ବିଦାୟ । ଆଉ ଦ୍ୱିତୀୟ ବାର ଚିଠି ମୋଠାରୁ କଦାପି ପାଇବୁ ନାହିଁ । ମତେ ଖୋଜିବା ପାଇଁ ମଧ୍ୟ ଭୁଲ୍‌ରେ ଚେଷ୍ଟା କରିବୁ ନାହିଁ······ମୋର କୌଣସି ଠିକଣା ନାହିଁ······କିଛିଦିନ ପାଇଁ ଆମ୍ଭେମାନେ ନିକଟରେ ସିଙ୍ଗାପୁର ଯାଉଛୁ······ସେଠୁ ହଂକଂ, ଫର୍ମୋଜା, ଟୋକିଓ···ଇମିତି ସୁଦୂର ପ୍ରାଚ୍ୟ ନଗରୀରେ ଆମର

ପରିଚୟ ହେବ କେବଳ ଚର୍ମର ରଙ୍ଗ । ମାତ୍ର ମୋର ହେଡ୍‌ଅଫିସ ସବୁବେଳେ ଭାରତରେ ରହିବ···ମୋର ପ୍ରିୟ ଭାରତ······ ଅତି ପ୍ରିୟ ତାର ତାର ଅଧିବାସୀ······ତାଙ୍କର ସେବାରେ ମୋର ଜୀବନର ହେବ ଶେଷ ନିର୍ବାଣ ।

ମୋର ଚିଠିଟି ବାପାଙ୍କୁ ଦେଖାଇବୁ ନାହିଁ । ମୁଁ ବଞ୍ଚିଛି ବୋଲି ଭୁଲ୍‌ରେ ବି କହିବୁ ନାହିଁ । କାରଣ ମୁଁ ଚାହେଁନା ତାଙ୍କର ବୃଦ୍ଧ ବୟସରେ ମୋ ପାଇଁ କୌଣସି ଲୋତକ ଝରୁ ବୋଲି······ତାଙ୍କର ରାଗ କ୍ଷୀଣ ହୋଇଥିବ·········ତାହାହିଁ ମୋତେ ଚିରଦିନ ପାଇଁ ତାଙ୍କ ମନ ପଟରୁ ଭୁଲାଇ ଦେବ······ ଆଜି ମୁଁ ମଧ୍ୟ ସେଇଆ ଚାହେଁ ।

ଆଜିଥରେ ବିଦାୟ ନେଉଛି······ତୋର ଶୁଭବିବାହରେ କିଛି ଦେଇ ପାରିବି ନି······ମାତ୍ର ଭଗବାନଙ୍କୁ ପ୍ରାର୍ଥନା କରିବି, ତୁମର ମଙ୍ଗଳମୟ ଜୀବନ ପଥରେ ସେ ପୁଷ୍ପ ବୃଷ୍ଟି କରିବେ ।

। ଇତି ।

ତୋର ଅଭାଗିନୀ

ସୁଜାତା

× × × ×

ବାସର ରାତି·········

ନିରଞ୍ଜନ ଆଉ ସୁପ୍ରିୟା ବସିଛନ୍ତି ପଲଙ୍କ ଉପରେ । ସୁପ୍ରିୟା ଲାଜରେ ଅନାଇ ପାରୁନି । ନିରଞ୍ଜନ ତା'ର ଲଜ୍ଜା ପାଟଳ ମୁଖରେ ଅଜସ୍ର ଚୁମ୍ବନ ରେଖା ଆଙ୍କି ଦେଉଛନ୍ତି— ସୁପ୍ରିୟାର ସେଇ ଘର । ଖୋଲା ଝରକା ବାହାରୁ ପରିଚିତ ସୁରଭି ମଳୟର କଲ୍ଲୋଳରେ ଭାସି ଆସୁଛି । ଆଉ ଭାସି ଆସୁଛି ଦୁହିଁଙ୍କ

ପ୍ରାଣରେ ଅସୁମାର ସ୍ବପ୍ନର ମନଫୁଲ୍ଲ ଗାନ । ଦୂର ଆକାଶରେ ପୂର୍ଣ୍ଣିମୀର ଗୁନ୍ଦ·····ଚନ୍ଦ୍ରଙ୍କ କିରଣ ଆଜ ଫୁଲର ଗନ୍ଧ ସୃଷ୍ଟି କରିଛି ମାଦକମୟ ।

ନିରଞ୍ଜନ କହିଲା—ଡାକ୍ତରଙ୍କୁ ଡାକିଲି, ମାଗ କଲ୍ ଫିସ୍···

ସୁପ୍ରିୟା ଏକ ସଲ୍ଲଜ ହସ ହସି ମୁହଁ ତଳକୁ ପୋତିଲା ।

ନିରଞ୍ଜନ ପୁଣି କହିଲା—ସୁନ୍ଦର ବୁଦ୍ଧି ପାଞ୍ଚ ରେବା ପାଖରୁ ତ ନେଇ ଆସିଲ ?

—ମୋର ବୁଦ୍ଧି ନୁହେଁ, ସୁଜାତାର । ଆଚ୍ଛା କହିଲ, ପୁରୁଷମାନେ ପାଖରୁ ଚାଲିଗଲେ ଭୁଲିଯାଆନ୍ତି କପରି ?

—ମୁଁ କଣ ଭୁଲି ଯାଇଥିଲି ?

—ନୁହେଁ ତ ଆଉ କ'ଣ ? ମୁଁ ନ ଯାଇଥିଲେ ତ ତୁମେ ବେଶ୍········

—ଥାଉ ଥାଉ, ସେଇଥିପାଇଁ ପରା ଥରକୁ ଥର ମୋତେ ଫେରାଇ ଦେଇଥିଲ ନିଷ୍ଠୁର ଭାବେ······

—ନାଁ ଗୋ ନାଁ·····ନାରୀକୁ ବୁଝିବାକୁ ତୁମକୁ ଆହୁରି କୋଟିଏ ପୁରୁଷର ଜୀବନ ଦରକାର ।

—ସତେ ? କହି ନିରଞ୍ଜନ ଟାଣି ଆଣିଲା ସୁପ୍ରିୟାକୁ ନିଜର କୋଳକୁ । ସୁପ୍ରିୟା ଥରେ ନିରଞ୍ଜନ ମୁଖକୁ ଚାହିଁଲା··ସୁନ୍ଦର··· ଅତି ସୁନ୍ଦର ପୌରୁଷ ଦୀପ୍ତ ମୁହଁଟି । ତହିଁରେ ଆଉ ସନ୍ନ୍ୟାସର କୌଣସି ଚିହ୍ନ ନାହିଁ । ଦେହରେ ସିଲ୍କ ପଞ୍ଜାବି···ରୂପକୁମାର ସାଜି ଆସିଛି ସୁପ୍ରିୟା ଅଙ୍ଗନକୁ । ସୁପ୍ରିୟା ପୁଣି ନିରଞ୍ଜନର ଛାତିରେ ମୁହଁଟି ଗୁଞ୍ଜି ଦେଲା ।

—ରାତି ବେଶୀ ହେଲାଣି, ଶୁଅ ।

—ସୁନା ପିଲାଟି ପରି ତୁମେ ଆଗେ ଶୋଇଲ !

—ବେଶ୍ ଭଲ କଥା·········ନିରଞ୍ଜନ ଲାଇଟ୍ ଲିଭାଇ ଦେଇ ବିଛଣାରେ ନିଜକୁ ଶାୟିତ କରିଦେଲା······

କିନ୍ତୁ ରାତିର ନିସ୍ତବ୍ଧତା ଭଙ୍ଗକରି ସୁପ୍ରିୟା ଖିଲ୍ ଖିଲ୍ କରି ହସି ଉଠି କହିଲା—"ହେଉ, ବଡ଼ ଦୁଷ୍ଟ ତୁମେ······

× × × ×

ତହିଁଆରଦିନ ରେବା ଡାକରୁ ପାଇଲା ଖଣ୍ଡିଏ ଚିଠି, ନିରଞ୍ଜନ ଓ ସୁପ୍ରିୟାର ବିବାହ ଫଟୋ ସହିତ । ରେବା ଚିଠିଟିକୁ ପଢ଼ିଲା···ଅତି ସଂକ୍ଷିପ୍ତ···ମାତ୍ର ଅତି ବିଚିତ୍ର ··

ସ୍ନେହର ରେବା,

ପକ୍ଷୀ ତାର ନିଜ ନୀଡ଼କୁ ଫେରି ଆସିଛି—ଖୋଜିବାର ବୃଥା ପ୍ରୟାସ କରିବନି । ତୁମର ଋଣ ମୁଁ ସାରା ଜୀବନ ଶୁଝି ପାରିବି ନି, କ୍ଷମା ଦେବ । ଇତି ।

'ନିରଞ୍ଜନ'

ରେବା ବାକ୍‌ରୁଦ୍ଧା ହୋଇ ଅନାଇ ରହିଲା । ଆଖି ତା'ର ଧୀରେ ଧୀରେ ସଜଳ ହୋଇ ଆସୁଥିଲା········ଚିଠି ଖଣ୍ଡିକ ତା'ର ଅଜାଣତାରେ ଉଡ଼ି ଯାଉଥିଲା ମୃଦୁ ମନ୍ଦ ପବନରେ ଦୂରରୁ···········ଦୂରକୁ···········